# ବାଇବଲ ପୁସ୍ତକଗୁଡ଼ିକର
# ଛୋଟ ପରିଚୟ ସମାହାର

**INTENSIVE CARE MININSTRIES - ASIA**
**SEMINAR - WORK SHOP**
**FOR**
**PASTORS AND CHRISTIAN WORKERS**

*Contact*
**ORISSA MISSIONARY MOVEMENT**
**Aurobindo Nagar - Street**
**P.O. : JEYPORE - 764 001 (K)**
**(Orissa) - INDIA**
**Ph : (06854) - 22052**
**Fax : 23151**

# ପୁରାତନ ନିୟମ

## ଆଦିପୁସ୍ତକ

ଲେଖକ : ମୋଶା

ସମୟ : ଖ୍ରୀ.ପୂ. ୧୪୨୦ କିମ୍ବା ୧୨୨୦

**ଆଧେୟ ବା ସୂଚୀପତ୍ର :**

ସମସ୍ତ ବିଷୟ କିପରି ଆରମ୍ଭ ହେଲା ବା ସୃଷ୍ଟି ହେଲା ଏହା ବ୍ୟାଖ୍ୟା କରିବା ନିମିତ୍ତ ଆଦିପୁସ୍ତକ ଲେଖା ହୋଇଥିଲା । ବାସ୍ତବରେ ଏହାର ଅର୍ଥ 'ଉତ୍ପତ୍ତିସ୍ଥଳ' ବା 'ଆରମ୍ଭ' । ଈଶ୍ୱର ସମଗ୍ର ଜଗତକୁ କିପରି ସୃଷ୍ଟି କଲେ, ମନୁଷ୍ୟ କିପରି ସୃଷ୍ଟି ହେଲା ଏବଂ ଏକ ସମ୍ପୂର୍ଣ୍ଣ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ କିପରି ସ୍ଥାନ ଦିଆଗଲା, ପାପର ଆରମ୍ଭ କିପରି ହେଲା ଏବଂ ହଜିଯାଇଥିବା ମନୁଷ୍ୟ ପାଇଁ ଈଶ୍ୱର କିପରି ପରିତ୍ରାଣ ଦାନ କରନ୍ତି, ଏହି ସବୁ ବିଷୟ ଏହା ବ୍ୟାଖ୍ୟା କରେ । ମାନବ ଇତିହାସର ଆରମ୍ଭ, ମାନବ କଳା ଏବଂ ଶିଳ୍ପ ବିଦ୍ୟାର ଆରମ୍ଭ, ମାନବୀୟ ଭାଷା କିପରି ଆରମ୍ଭ ହେଲା ଏବଂ ବିଭିନ୍ନ ଜାତି କେଉଁଠାରୁ ଆସିଲେ ଏହିସବୁ ବିଷୟ ଏହି ପୁସ୍ତକରେ ବର୍ଣ୍ଣିତ । ଇସାହାକ୍, ଯାକୁବ ଏବଂ ସେମାନଙ୍କର ସନ୍ତାନମାନଙ୍କଠାରୁ ଆରମ୍ଭ କରି ଅବ୍ରାହାମଙ୍କ ସହ ହିବ୍ରୁ ଲୋକମାନଙ୍କର ଆରମ୍ଭକୁ କେନ୍ଦ୍ର ସ୍ଥାନାନ୍ତରିତ ହୁଏ ଏବଂ ମିଶରରେ ଯୋସେଫଙ୍କ ସହ ପୁସ୍ତକ ସମାପ୍ତ ହୁଏ ।

**ବିଷୟ ବସ୍ତୁ :**

ଏହି ପୁସ୍ତକର ମୁଖ୍ୟ ବିଷୟ ହେଲା ଯେ ଯଦ୍ୟପି ଈଶ୍ୱର ସମସ୍ତ ଉତ୍ତମ ବିଷୟ ସୃଷ୍ଟି କଲେ ଏବଂ ମନୁଷ୍ୟର ପାପ ତାହାକୁ ନଷ୍ଟ କଲା, ତଥାପି ଈଶ୍ୱର ତାକୁ ପରିତ୍ୟାଗ କରିନାହାନ୍ତି । କିନ୍ତୁ ଆଜିର ମନୁଷ୍ୟକୁ ଉଦ୍ଧାର କରିବା ସନ୍ଧାନରେ ସେ ଅଛନ୍ତି । ଈଶ୍ୱରଙ୍କ ସମସ୍ତ କର୍ତ୍ତୃତ୍ୱ ଶାପଗ୍ରସ୍ତ ହୋଇଛି ଏବଂ ଈଶ୍ୱର ତାଙ୍କର ଲୋକମାନଙ୍କ ମଙ୍ଗଳ ଓ ପରିତ୍ରାଣ ପାଇଁ କିପରି ଇତିହାସ ପରିଚାଳନା କରନ୍ତି, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି । (ଆଦି ୫୦ : ୨୦)

## ଯାତ୍ରାପୁସ୍ତକ

ଲେଖକ : ମୋଶା

ସମୟ : ଖ୍ରୀ . ପୂ . ୧୪୨୦ କିମ୍ବା ୧୨୨୦

**ସୂଚୀପତ୍ର :**

ଗୋଟିଏ ଦେଶ ଭାବେ ଇସ୍ରାଏଲର ସଙ୍କଟ ପରିସ୍ଥିତି ମଧ୍ୟରେ ସାର୍ଥକ ସତ୍ୟ ବିଷୟରେ ଯାତ୍ରା ପୁସ୍ତକରେ ଲିଖିତ । ମୋଶାଙ୍କର ମହାନ୍ ନେତୃତ୍ୱ ଏଠାରେ ବର୍ଣ୍ଣିତ, ଯେହେତୁ ଈଶ୍ୱରଙ୍କ ଲୋକମାନଙ୍କୁ ମୁକ୍ତ କରି ପରିଚାଳନା କରିବା ପାଇଁ ସେ ମିଶରକୁ ଫେରି ଈଶ୍ୱରଙ୍କ ଆହ୍ୱାନ ଗ୍ରହଣ କରିଥିଲେ । ଈଶ୍ୱର ଦଶଟି ଅନିଷ୍ଟକାରୀ ମହାମାରୀ ମିଶର ଉପରେ ପଠାଇଲେ । କାରଣ ଫାରୋ ତାଙ୍କର ଆଦେଶ ବା ଆଜ୍ଞା ମାନିବାକୁ ମନା କଲେ । ସେଇ ଶେଷ ମହାମାରୀ ସମୟରେ ନିସ୍ତାର ପର୍ବ ଉତ୍ସବ ସ୍ଥାପନ କରାଗଲା ଏବଂ ସବୁ ସମୟ ପାଇଁ ଇସ୍ରାଏଲ ଈଶ୍ୱରଙ୍କର ଉଦ୍ଧାରର ଗୋଟିଏ ସ୍ମରଣୀୟ ଘଟଣା ହୋଇ ରହିଲା । ଇସ୍ରାୟେଲୀୟମାନେ ସମୁଦ୍ର ପାର ହେଲେ ଏବଂ ସିନୟ ପର୍ବତରେ ପହଞ୍ଚିଲେ, ଯେଉଁଠାରେ ଈଶ୍ୱର ଦଶ ଆଜ୍ଞା, ଉପାସନା ଗୃହ ପାଇଁ ଯୋଜନା ଦେଲେ ଏବଂ ଜାତି ସହିତ ନିୟମର ନୂତନୀକରଣ କଲେ ।

**ବିଷୟବସ୍ତୁ :** ମନ୍ଦତା ଉପରେ ଈଶ୍ୱରଙ୍କ ଶକ୍ତି ସ୍ପଷ୍ଟ ଦେଖାଯାଏ ଯେତେବେଳେ ଈଶ୍ୱର ତାଙ୍କର ଲୋକମାନଙ୍କର ଶତ୍ରୁମାନଙ୍କୁ ପରାସ୍ତ କଲେ । ସେମାନଙ୍କୁ ଦାସତ୍ୱ ବନ୍ଧନରୁ ଉଦ୍ଧାର କରିବା ଦ୍ୱାରା, କିନ୍ତୁ ଆମେ ଯେପରି ତାଙ୍କଠାରେ ବିଶ୍ୱାସ କରିବୁ ଏବଂ ତାଙ୍କର ଆଜ୍ଞା ମାନିବୁ , ସେ ଏହି ଆଶା କରନ୍ତି । ଇସ୍ରାଏଲର ଆଜ୍ଞାବହତାର ଦୁଇଟି ଆଭିମୁଖ୍ୟ ଥିଲା ଉପାସନା ଗୃହରେ ଉପାସନା କରିବା ଏବଂ ନିୟମ ପ୍ରତି ଦୃଢ଼ ଅନୁରାଗ ପ୍ରଦର୍ଶନ କରିବା । ନୂତନ ନିୟମରେ ନିସ୍ତାର ପର୍ବ ମେଷ ଖ୍ରୀଷ୍ଟ ରୂପରେ ଦେଖିବାକୁ ମିଳେ ଈଶ୍ୱରଙ୍କ ମେଷଶାବକ । (୧ମ କରନ୍ଥୀ ୫ : ୭)

## ଲେବୀୟ ପୁସ୍ତକ

ଲେଖକ : ମୋଶା

ସମୟ : ଖ୍ରୀ.ପୂ. ୧୪୨୦ କିମ୍ବା ୧୨୨୦

**ଆଧେୟ :**

ଲେବୀୟ ପୁସ୍ତକ ଯାଜକ ତଥା ଲେବୀୟମାନଙ୍କ ପାଇଁ ଗୋଟିଏ ହାତ ବହି ଭଳି ବ୍ୟବହାର କରାଯାଉଥିଲା । ଏହି କାରଣରୁ ଏହାର ନାମ ଲେବୀୟ ପୁସ୍ତକ ହୋଇଛି । ସାଧାରଣରେ ଇସ୍ରାୟେଲର ଜୀବନ ଶାସନ କରିବାକୁ ଏବଂ ବିଶେଷରେ ଉତ୍ସର୍ଗ ଉପାସନା ସମ୍ପୃକ୍ତ ନିୟମ ଦେବାକୁ ଏହା କେତେକ ନିୟମ ସ୍ଥାପନ କରେ । ସେମାନେ କେଉଁ ମାଧ୍ୟମରେ ଉତ୍ସର୍ଗ କରୁଥିଲେ ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରଧାନ ଉତ୍ସର୍ଗୀକରଣ ମଧ୍ୟ ବର୍ଣ୍ଣିତ । ସମସ୍ତ ପ୍ରଧାନ ଉତ୍ସବ ଦିନ ଏବଂ ସବୁ ଛୁଟି ଦିନ ଆଲୋଚନା କରାଯାଇଛି । ସେଠାରେ କେତେକ ବିଶେଷ ଭାଗ ମଧ୍ୟ ଥିଲା, ଯାଜକଙ୍କୁ ଭକ୍ତି ତଥା ଉତ୍ସବୀୟ ବିଷୟ ସଂପୃକ୍ତ ଥିବା ନିୟମ ।

**ବିଷୟବସ୍ତୁ :**

ଏହି ପୁସ୍ତକର କେନ୍ଦ୍ରୀୟ ବିଷୟବସ୍ତୁ ଏହି ଯେ ଈଶ୍ୱର ଉତ୍ସର୍ଗୀକୃତ ରକ୍ତ ଦ୍ୱାର ପ୍ରାୟଶ୍ଚିତ ପାଇଁ ଗୋଟିଏ ପଥ ବା ଉପାୟ ଦେଇଛନ୍ତି । ଏହି ସମସ୍ତ ନିୟମ ଜଗତର ପାପ ପାଇଁ ଗୋଟିଏ ମହାନ ଉତ୍ସର୍ଗ ଭାବେ ଖ୍ରୀଷ୍ଟଙ୍କର ରକ୍ତ ବୁହାଇବାରେ ଏହାର ପୂର୍ଣ୍ଣତା ପ୍ରାପ୍ତ ହେଲା । ଲେବୀୟ ପୁସ୍ତକ ଆହୁରି ପ୍ରକାଶ କରେ ଯେ ଉପାସନା ଶୃଙ୍ଖଳିତ ଭାବରେ କରିବା ଉଚିତ ଏବଂ ଗୋଟିଏ ନିୟମିତ ଆଦର୍ଶ ଅନୁସରଣ କରିବା ଉଚିତ ।

## ଗଣନା ପୁସ୍ତକ

ଲେଖକ : ମୋଶା

ସମୟ : ଖ୍ରୀ.ପୂ. ୧୪୨୦ କିମ୍ବା ୧୨୨୦

**ଆଧେୟ :**

ଏହି ପୁସ୍ତକ ଇସ୍ରାୟେଲର ସିନୟ ପର୍ବତଠାରୁ କିଣାନର ପ୍ରାନ୍ତ ପର୍ଯ୍ୟନ୍ତ ଯାତ୍ରା ଏବଂ ସେହି ଦେଶରେ ପ୍ରବେଶ କରିବାକୁ ଇସ୍ରାୟେଲୀୟମାନଙ୍କର ପ୍ରସ୍ତୁତିକରଣ ବିଷୟରେ ଲେଖେ । ସେ ଯାହାହେଉ, ପାପ ଓ ଅବିଶ୍ୱାସ ହେତୁ ସେମାନେ ସେମାନଙ୍କର ଉତ୍ତରାଧିକାର ଦାବୀ କରିବାକୁ ଈଶ୍ୱରଙ୍କ ଦ୍ୱାରା ଅନୁମତି ପାଇଲେ ନାହିଁ । କିନ୍ତୁ ପ୍ରାନ୍ତରରେ ଚାଳିଶ ବର୍ଷ ବିଚରଣ କରିବା ପାଇଁ ଦଣ୍ଡର କାରଣ ହେଲେ । ଚାଳିଶ ବର୍ଷ ପରେ ସେମାନେ ଆସ୍ତେ ଆସ୍ତେ କିଣାନକୁ ଫେରିବାକୁ ପଥ ପ୍ରସ୍ତୁତ କଲେ । ଏହି ସମୟ ଈଶ୍ୱରଙ୍କ ଆଦେଶ ମାନିବାର ସମୟ ଥିଲା । କେତେକ ପ୍ରଧାନ ଯୁଦ୍ଧରେ ଜୟୀ ହେବା ପରେ ଯର୍ଦ୍ଦନ ନଦୀର ପଶ୍ଚିମକୁ ଇସ୍ରାୟେଲୀୟମାନେ ଦେଶ ଭିତରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଲେ ।

**ବିଷୟବସ୍ତୁ :**

ଏହି ପୁସ୍ତକ ଈଶ୍ୱରଙ୍କର ଅବିରତ ବିଶ୍ୱସ୍ତତା ଏବଂ ମନୁଷ୍ୟର ଅବିଶ୍ୱସନୀୟ ପାପ ପ୍ରକାଶ କରେ । ଇସ୍ରାୟେଲ ଈଶ୍ୱରଙ୍କୁ ଅଗ୍ରାହ୍ୟ କଲା । କିନ୍ତୁ ଈଶ୍ୱର ଲୋକମାନଙ୍କୁ ପ୍ରାନ୍ତରରେ ପରିଚାଳନା କରିବାରେ ଓ ସେମାନଙ୍କର ଆବଶ୍ୟକୀୟ ବିଷୟ ଯୋଗାଇବାରେ ତାଙ୍କର ବାକ୍ୟ ପ୍ରତି ସତ୍ୟ ରହିଲେ । ନୂତନ ନିୟମରେ ସ୍ୱର୍ଗୀୟ କିଣାନର ପ୍ରତିଜ୍ଞା ସହ ପ୍ରାନ୍ତରରେ ଭ୍ରମଣକୁ ଖ୍ରୀଷ୍ଟିୟ ଜୀବନ ସହ ସମ ତୁଳନା କରାଯାଇଛି । (ଏବ୍ରୁ ୩ : ୭ ; ୪ : ୮ - ୧୧)

## ଦ୍ୱିତୀୟ ବିବରଣ

ଲେଖକ : ମୋଶା

ସମୟ : ଖ୍ରୀ.ପୂ. ୧୪୨୦ କିମ୍ବା ୧୨୨୦

**ଆଧେୟ :**

ଏହି ପୁସ୍ତକ ମୋୟାବର ସମତଳ ଅଞ୍ଚଳରେ କିଣାନ ମଧ୍ୟରେ ପ୍ରବେଶ କରିବା ପାଇଁ ମୋଶାଙ୍କ ଦ୍ୱାରା ଦତ୍ତ ପତ୍ରପ୍ରାପକର ଅନୁକ୍ରମର ଅନ୍ତର୍ଭୁକ୍ତ । ତା' ସଙ୍ଗେ ସଙ୍ଗେ କେତେକ ବିଶେଷ ନିୟମ ଏବଂ ମୋଶାଙ୍କ ଉତ୍ତରାଧିକାରୀ ଯିହୋଶୂୟଙ୍କର ନିଯୁକ୍ତି ସଂପର୍କରେ ଲିଖିତ । ସେହି ଘଟଣାଗୁଡ଼ିକ ଯାହା ସେହିଦିନ ପର୍ଯ୍ୟନ୍ତ ପରିଚାଳନା କଲା, ଲୋକମାନଙ୍କୁ ବିଶ୍ୱାସ ଓ ଆଜ୍ଞାବହ ହେବା ପାଇଁ ଉତ୍ସାହିତ କଲା, ଈଶ୍ୱର ଯେଉଁ କର୍ତ୍ତବ୍ୟ ସେମାନଙ୍କୁ ଦେଇଥିଲେ ସେଥିରେ ନିଜ ନିଜକୁ ପୁନଃ ଉତ୍ସର୍ଗ କରିବାକୁ ଇସ୍ରାୟେଲୀୟମାନଙ୍କୁ ଆହ୍ୱାନ କଲେ

ଏବଂ ଉପାସନା ଓ ଗୀତରେ ପରିଚାଳନା କଲେ । ଯିହୋଶୂୟଙ୍କର ନିଯୁକ୍ତି ପରେ ମୋଶା ଲୋକମାନଙ୍କୁ ପରିତ୍ୟାଗ କଲେ ଏବଂ ଶେଷଥର ପାଇଁ ଦୂରରୁ ସେହି ପବିତ୍ର ଦେଶକୁ ଦର୍ଶନ କରି ପ୍ରାଣତ୍ୟାଗ କଲେ । ପୁରାତନ ଆଦେଶ ଶେଷ ହେଲା ଏବଂ ଇସ୍ରାୟେଲର ଭବିଷ୍ୟତ ପରବର୍ତ୍ତୀ ବଂଶଧରମାନଙ୍କ ହସ୍ତରେ ସମର୍ପିତ ହେଲା ।

**ବିଷୟବସ୍ତୁ :**

ଏହି ପୁସ୍ତକରେ ଉଦ୍ଧାର କରିବାକୁ ଈଶ୍ୱରଙ୍କର ବିଶ୍ୱସ୍ତତା ଏବଂ ସାମର୍ଥ୍ୟ ବା ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଇସ୍ରାୟେଲର ଅତୀତକୁ ଦେଖିଲେ ଜାଣିବା ଯେ ଈଶ୍ୱର ଅନ୍ଧକାର ପୂର୍ଣ୍ଣ ଦିନରେ ତାଙ୍କର ଲୋକମାନଙ୍କୁ ପରିଚାଳନା କରି ଭବିଷ୍ୟତ ପାଇଁ ଆଶା ଦେଇଛନ୍ତି । ଯାହା ଈଶ୍ୱର ଅତୀତରେ କଲେ ତାହା ଏବେ ମଧ୍ୟ ଆଉ ଥରେ କରିପାରନ୍ତି । ଅନ୍ୟ ପକ୍ଷରେ ବିଶ୍ୱାସ ଓ ଆଜ୍ଞାବହତା ଈଶ୍ୱରଙ୍କର ଲୋକମାନଙ୍କ ପାଇଁ ଆବଶ୍ୟକ ଏହା ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଯେଉଁମାନେ ଈଶ୍ୱରଙ୍କର ଗୌରବ ପାଇଁ ନିଜକୁ ବ୍ୟବହାର କରନ୍ତି ସେମାନେ ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି ।

## ଯିହୋଶୂୟ

ଲେଖକ : ସମ୍ଭବତଃ ଯିହୋଶୂୟ

ସମୟ : ଖ୍ରୀ.ପୂ. ୧୪ ଶତାବ୍ଦୀ କିମ୍ବା ୧୨ ଶତାବ୍ଦୀ

**ଆଧେୟ :**

ମୋଶାଙ୍କର ମୃତ୍ୟୁ ପରେ, ଦେଶର ନେତୃତ୍ୱ ଯିହୋଶୂୟଙ୍କ ହସ୍ତଗତ ହେଲା ଏବଂ ସେ ଇସ୍ରାୟେଲର ବିଜୟ ସମୟରେ ଯେତେବେଳେ ଇସ୍ରାୟେଲ ଦେଶକୁ ନିଜ ଅଧୀନରେ ଆଣୁଥିଲେ ସେତେବେଳେ ସେମାନଙ୍କର ପ୍ରଧାନ ସେନାପତି ଥିଲେ । ମୋୟାବର ସମତଳ ଅଞ୍ଚଳରେ ଥିଲେ ମଧ୍ୟ ଯିହୋଶୂୟ ନିଜର ସୈନ୍ୟମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ କଲେ । ଏହା ପରେ ସେମାନେ ଯର୍ଦ୍ଦନ ନଦୀ ଅତିକ୍ରମ କଲେ ଏବଂ ଯୁଦ୍ଧ ଆରମ୍ଭ ହେଲା । ସେମାନେ ତିନୋଟି ଯୁଦ୍ଧ କଲେ, ଗୋଟିଏ ଉତ୍ତରରେ, ଗୋଟିଏ କେନ୍ଦ୍ରୀୟ ଅଞ୍ଚଳରେ ଏବଂ ଗୋଟିଏ ଦକ୍ଷିଣରେ । ଏହି ସବୁ ବିଷୟ ବର୍ଣ୍ଣିତ ହୋଇଛି, ଯଦିଚ୍ଚ ସମ୍ପୂର୍ଣ୍ଣ ଭାବରେ ନୁହେଁ । ପ୍ରାରମ୍ଭିକ ବିଜୟ ପରେ, ଇସ୍ରାୟେଲର ଅନେକ ଗୋଷ୍ଠୀ ମଧ୍ୟରେ ସେହି ଦେଶ ବିଭକ୍ତ କରାଗଲା । ତା'ପରେ ଯିହୋଶୂୟ ଲୋକମାନଙ୍କୁ ଉତ୍ସାହିତ କଲେ ଏବଂ ଶାନ୍ତିରେ ମଲେ ।

**ବିଷୟବସ୍ତୁ :**

ଯିହୋଶୂୟ ପୁସ୍ତକ ଏହା ଦର୍ଶାଏ ଯେ ଈଶ୍ୱର ତାଙ୍କର ପ୍ରତିଜ୍ଞା ପ୍ରତି ସତ୍ୟ ଅଟନ୍ତି । ସେ ତାଙ୍କର ଲୋକଙ୍କ ପାଇଁ ଗୋଟିଏ ଦେଶ ଦେବାକୁ ପ୍ରତିଜ୍ଞା କରିଥିଲେ ଏବଂ ସେମାନେ ବର୍ତ୍ତମାନ ଦେଶରେ ପ୍ରବେଶ କରିଅଛନ୍ତି ତାହାକୁ ଅଧିକାର କରିବାକୁ । ଯାହା ହେଉ, ଏହା ଆପେ ଆପେ ହୋଇ ନ ଥିଲା ; ଈଶ୍ୱର ସେମାନଙ୍କର ଆବଶ୍ୟକ ମଣିଲେ ସେମାନଙ୍କୁ ଉନ୍ନତ କରିବା ପାଇଁ ପୁଣି ଯୁଦ୍ଧରେ ମଧ୍ୟ ବ୍ୟବହାର କଲେ । ଇସ୍ରାୟେଲର ସୈନ୍ୟମାନଙ୍କର ରୀତିରେ କିଣାନୀୟମାନଙ୍କର ପାପ ଉପରେ ଈଶ୍ୱରଙ୍କର ବିଚାର ମଧ୍ୟ ଏକ ସୁସ୍ପଷ୍ଟ ବୈଶିଷ୍ଟ୍ୟ ।

## ବିଚାରକର୍ତ୍ତା

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୧୧ ଶତାବ୍ଦୀ

**ଆଧେୟ :**

କିଣାନର ବିଜୟକୁ ନେଇ ଅନେକ ବର୍ଷର ସମୟ ଏହି ପୁସ୍ତକରେ ଅନ୍ତର୍ଭୁକ୍ତ, ଯେଉଁ ସମୟରେ ଲୋକମାନେ ବ୍ୟକ୍ତିଗତ ନେତାମାନଙ୍କଦ୍ୱାରା ଶାସିତ ହେଉଥିଲେ, ସେହି ନେତାମାନଙ୍କୁ ବିଚାରକର୍ତ୍ତା ବା ଉଦ୍ଧାରକର୍ତ୍ତା କୁହାଯାଉଥିଲା । ପ୍ରଥମରେ ସେମାନଙ୍କର ଲକ୍ଷ୍ୟ ଥିଲା ଶତ୍ରୁମାନଙ୍କୁ ଦେଶରୁ ବହିଷ୍କୃତ କରିବା । ଇସ୍ରାୟେଲ ଇତିହାସର ଏହି ତମାମ ସମୟ ମଧ୍ୟରେ ଶୋକ ସମୟ ପାଳନ କରାଯାଉଥିଲା । ସାଧାରଣତଃ ବିଦେଶୀୟ ରୀତିରେ ଆକ୍ରମଣ କରିବା, ଈଶ୍ୱରଙ୍କର ବିରୁଦ୍ଧରେ ବିଦ୍ରୋହୀମାନଙ୍କୁ ଈଶ୍ୱରଙ୍କ ଦ୍ୱାରା ବିଚାରିତ କରିବା ଏହିସବୁ ବିଷୟରେ । ଇସ୍ରାୟେଲର ସନ୍ତାନମାନେ ସାହାଯ୍ୟ ପାଇଁ ଈଶ୍ୱରଙ୍କୁ ଡାକିଲେ ଏବଂ ସେମାନଙ୍କ ଉଦ୍ଧାର ପାଇଁ ଗୋଟିଏ ବିଚାରକର୍ତ୍ତା ପଠାଗଲା । ଏହି ପୁସ୍ତକରେ ଏହି ଘଟଣା ଚକ୍ର ଅନେକ ଥର ଲେଖାଯାଇଛି । ଦୁଃଖର ବିଷୟ, ଲୋକମାନେ ଜାଣିପାରିଲେ ନାହିଁ ଯେ ଈଶ୍ୱରଙ୍କ ବିଦ୍ରୋହ କରିବା ଅର୍ଥ ଗୋଟାଏ ବିପତ୍ତିର ପଥ ଖୋଲିବା ।

**ବିଷୟବସ୍ତୁ :**

ବିଚାରକର୍ତ୍ତାଙ୍କର କଠୋର ଶିକ୍ଷା ଏହି ଯେ "ପାପର ବେତନ ମୃତ୍ୟୁ" (ରୋମୀୟ ୬ : ୨୩) । ପାପ ଅନେକ ରୂପ ଧାରଣ କରେ, ରାଜାମାନଙ୍କର ବିଜ୍ଞତା ପାପଠାରୁ ଅସଭ୍ୟ ଘଟଣା ପର୍ଯ୍ୟନ୍ତ ଘଟଣାରେ ପୁସ୍ତକ ସମାପ୍ତ ହୋଇଯିବ । କିନ୍ତୁ ମୂଳ ଫଳ ସେହି ସମାନ ଅଟେ । ଯେତେବେଳେ ଜଣେ ତାହାର ନିଜ କାମ କରେ, ପରିଣାମ ବିଶୃଙ୍ଖଳା ଓ ବିନଷ୍ଟ ହେବା ଅବଶ୍ୟମ୍ଭାବୀ (ବିଚାରକର୍ତ୍ତା ୨୧ : ୨୫)। ଏହା ହେବା ସତ୍ତ୍ୱେ, ଯେତେବେଳେ ସେମାନେ ପ୍ରକୃତରେ ଅନୁତାପ କରି ତାଙ୍କ ନିକଟକୁ ଫେରନ୍ତି ଈଶ୍ୱର ତାଙ୍କର ବିଶ୍ୱସ୍ତତାରେ ସେମାନଙ୍କୁ ଉଦ୍ଧାର କରନ୍ତି ।

## ରତ

ଲେଖକ : ଅଜ୍ଞାତ

ସମୟ : ବିଚାରକର୍ତ୍ତାମାନଙ୍କ ସମୟରେ

**ଆଧେୟ :**

ଅନ୍ୟ ପକ୍ଷରେ ରତ ପୁସ୍ତକ ବିଚାରକର୍ତ୍ତାମାନଙ୍କର ଶୋକ ସମୟ ଚିତ୍ରଣ କରେ । ଏଠାରେ ରକ୍ତପାତଠାରୁ ଉଦ୍ଧାର ପାଇବା ଏବଂ ଇସ୍ରାୟେଲର ପାପ ଯୋଗୁଁ ଦେଶକୁ ଗ୍ରାସ କରିବା ବା ଧ୍ୱଂସ କରିବା ଦେଖାଯାଏ । ଏହା ସେହି ଅଭାଗା ସ୍ତ୍ରୀ ରତର କାହାଣୀ, ଯିଏକି ଦୁଃଖର ଆଘାତ ପାଇଲା ପରେ ତାର ଶାଶୁ ନୟମୀ ସହିତ ରହିବା ପାଇଁ ସ୍ଥିର କଲା । ଈଶ୍ୱର ବଦଳେ ଉତ୍ତମ ବିଷୟ ରତକୁ ଦେଲେ ତାହା ହେଉଛି, ଗୋଟିଏ ସ୍ୱାମୀ ଏବଂ ଗୋଟିଏ ପୁତ୍ର ସନ୍ତାନ ଏବଂ ନୟମୀକୁ ମଧ୍ୟ ଗୋଟିଏ ନାତି ଦେଲେ । ଏହି ପରିବାରରୁ ହିଁ ଶେଷରେ ରାଜା ଦାଉଦ ଆସିଥିଲେ ।

**ବିଷୟବସ୍ତୁ :**

ଏହି ପୁସ୍ତକର କେନ୍ଦ୍ରୀୟ ବିଷୟ ହେଲା ଯେ ସଙ୍କଟ ଓ ନୈରାଶ୍ୟପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଈଶ୍ୱରଙ୍କ ଉପଦେଶ ବା ନୀତିବାକ୍ୟ ଅନୁସାରେ ଜୀବନ ବିତାଯାଇପାରେ ଏବଂ ଈଶ୍ୱର ମଧ୍ୟ ଏହିପରି ଜୀବନ କାଟିବା ଲୋକଙ୍କୁ ପ୍ରଚୁର ଭାବରେ ଆଶୀର୍ବାଦ କରନ୍ତି । ଘୃଣା ଓ ମନୁଷ୍ୟର ହିଂସାଠାରୁ ଅଧିକ ପରିଣାମରେ ପ୍ରେମ, ବିଶ୍ୱାସ, ଭରସା ଏବଂ ମଙ୍ଗଳର ମୌଳିକ ମାନବୀୟ ମୂଲ୍ୟ ରହିଛି ଏବଂ ଯେଉଁମାନେ ଜୀବନର ପ୍ରକୃତ ଅର୍ଥ ଅନୁସନ୍ଧାନ କରନ୍ତି । ସେମାନଙ୍କ ପାଇଁ ଏହା ଏକ ଜ୍ୟୋତି ସ୍ୱରୂପ ପୁରୁଷାନୁକ୍ରମେ ପରିଚାଳନା କରିବ ।

## ୧ମ ଶାମୁୟେଲ

ଲେଖକ : ଅଜ୍ଞାତ

ସମୟ : ସମ୍ଭବତଃ ୧୦ ଶତାବ୍ଦୀ

**ଆଧେୟ :**

୧ମ ଏ ୨ୟ ଶାମୁୟେଲ ପୁସ୍ତକ ହିବ୍ରୁ ବାଇବେଲରେ ଗୋଟିଏ ପୁସ୍ତକ ଅନ୍ତର୍ଭୁକ୍ତ କାରଣ ଶାମୁୟେଲ, ଶାଉଲ ଓ ଦାଉଦଙ୍କର ଜୀବନ ଇତିହାସରେ ଏହା ପୂର୍ଣ୍ଣ । ପଢ଼ିବାରେ ସୁବିଧା ଲାଗି ସେମାନେ ଦୁଇଟି ଅଲଗା ପୁସ୍ତକ କଲେ । ଶତ୍ରୁମାନଙ୍କ ସହ ବ୍ୟବହାର ପାଇଁ ପାଲେଷ୍ଟିନୀୟ ଯୁଦ୍ଧ ଓ ଶାଉଲଙ୍କର ଅନ୍ତିମ ଅସଫଳତା ବିଷୟରେ ୧ମ ଶାମୁୟେଲରେ ଲେଖାଯାଇଛି । ଇସ୍ରାୟେଲ ପାଲେଷ୍ଟିନୀୟ ମାନଙ୍କ ଦ୍ୱାରା ଅତ୍ୟାଚାରିତ ହେବା ଏବଂ ଶାମୁୟେଲ ଓ ଶାଉଲ ଦୁହିଁଙ୍କର ଉତ୍‌ଥାନ ସହ ଏହି ପୁସ୍ତକ ଆରମ୍ଭ ହୋଇଛି । ଶାମୁୟେଲ ଜଣେ ଧର୍ମ ନେତା ଥିଲେ ଏବଂ ଶାଉଲ ଶେଷରେ ରାଜା ହେଲେ । ଶାଉଲଙ୍କର ବିଜୟ, ଅବନତି ଏବଂ ଶୋକାନ୍ତ ବର୍ଣ୍ଣିତ ହୋଇଛି । ଏହାକୁ ତୁଳନାରେ ରଖି ଶାଉଲଙ୍କର ପତନରେ ତରୁଣ ଦାଉଦଙ୍କର ଉତ୍‌ଥାନ ହୋଇଛି, ଯିଏକି ଶାଉଲଙ୍କର ମୃତ୍ୟୁ ପରେ ନେତୃତ୍ୱ ଗ୍ରହଣ କରିଛନ୍ତି ।

**ବିଷୟବସ୍ତୁ :**

ଏହି ବହିର ମୌଳିକ ତତ୍ତ୍ୱ ଏହି ଯେ ମାନବ ଜୀବନର ପରିବର୍ତ୍ତନକୁ ଈଶ୍ୱର ତାଙ୍କର ଲୋକମାନଙ୍କୁ ପ୍ରସ୍ତୁତ କରନ୍ତି, କିନ୍ତୁ ଗୋଟିଏ ସନ୍ତୋଷ ତା ଶେଷ ଦେଖିବାକୁ ସେମାନଙ୍କୁ ଅନୁଗ୍ରହ ଦିଅନ୍ତି । ରାଜାଙ୍କର ଉତ୍‌ଥାନ ଓ ପତନ, ଶାନ୍ତି ଓ ଯୁଦ୍ଧର ସମୟରେ ସାରା ପୃଥିବୀରେ ଏହିପରି କହିବାର ସମାନ ଏପରି ମାନବ ଘଟଣାରେ କେତେ ଆସିବେ, ଈଶ୍ୱର ସମ୍ପୂର୍ଣ୍ଣ ଭାବରେ ରହିଥିଲି । କୌଣସି ଏକ ପଥ ହିଉଏନ୍ ମାନବ ଚୁପ୍ ରହିଗଲେ । ଯେହେତୁ ଯେ କେହି ନୀଚ୍ ଏବଂ ସୁବିଧା କହୁଥିବେ । ସାହାସ ବାନ୍ଧିଲେ ସୁବିଧା ହେବ ଏବଂ ସାହାସ ବିଶ୍ୱାସ ସହ ମରୁଛନ୍ତି ।

## ୨ୟ ଶାମୁୟେଲ

ଲେଖକ : ଅଜ୍ଞାତ

ସମୟ : ସମ୍ଭବତଃ ଖ୍ରୀ.ପୂ. ୧୦ ଶତାବ୍ଦୀ

**ଆଧେୟ :**

୨ୟ ଶାମୁୟେଲ ପ୍ରାୟ ୪୦ ବର୍ଷ ଧାରଣ କରେ, ଯାହା ଦାଉଦଙ୍କର ରାଜା ଭାବରେ ଶାସନର ଅଧିକାଂଶ ସମୟ ଅଟେ । ଦାଉଦଙ୍କର ରାଜା ହେବାର ଦାବୀ ସହ ଏହା ଆରମ୍ଭ ହୁଏ ଓ ଯେଉଁମାନେ ସିଂହାସନ ପାଇଁ ଦାବୀ କରୁଥିଲେ ସେମାନଙ୍କ ବିରୁଦ୍ଧରେ ତାଙ୍କର ସ୍ଥାନ ଦୃଢ଼ କରିଥିଲେ । ଦାଉଦ ଜେରୁଜେଲମକୁ ରାଜଧାନୀ କଲେ, ନିୟମର ପବିତ୍ର ଜାହାଜକୁ ସେଠାରେ ଆଣିଲେ ଏବଂ ଶେଷରେ ସବୁଦିନ ପାଇଁ ପାଲେଷ୍ଟାଇନକୁ ପରାସ୍ତ କଲେ । ତାଙ୍କର ପାରିବାରିକ ସମସ୍ୟା ସହ ତାଙ୍କର ଦୁଃଖଜନିତ କାର୍ଯ୍ୟଧାରା ମଧ୍ୟ କିଛି ପରିମାଣରେ ବର୍ଣ୍ଣିତ ଏବଂ ତାଙ୍କର ପରବର୍ତ୍ତୀ ବର୍ଷଗୁଡ଼ିକ ମଧ୍ୟ ଏଥିରେ ସଂପୃକ୍ତ ।

**ବିଷୟବସ୍ତୁ :**

ଦାଉଦଙ୍କର ଜୀବନ ଏଠାରେ ଲିଖିତ ହୋଇଛି ଯେପରିକି ଜଣେ ଯିଏ ଈଶ୍ୱରଙ୍କ ଠାରେ ବିଶ୍ୱାସ କରେ, ଈଶ୍ୱର ତା' ପାଇଁ କଣ କରିପାରନ୍ତି ଏହା ଜଣାଯିବ । ତାଙ୍କର ମନ୍ଦତା ସତ୍ତ୍ୱେ ଈଶ୍ୱର ଦାଉଦଙ୍କୁ ବ୍ୟବହାର କରୁଥିଲେ କାରଣ ଦାଉଦଙ୍କଠାରେ ଅନୁତାପ କରିବାର ଗୋଟାଏ ଇଚ୍ଛା ପାଇଲେ ଏବଂ ପୁନର୍ବାର ଆରମ୍ଭ କଲେ, ସେ କେତେ ଥର ପତିତ ହେଲେ ସେଥିରେ କିଛି ନାହିଁ ।

## ୧ମ ରାଜାବଳୀ

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୬ ଶତାବ୍ଦୀ

**ଆଧେୟ :**

୧ମ ଓ ୨ୟ ରାଜାବଳୀ ହିବ୍ରୁ ବାଇବେଲରେ ଗୋଟିଏ ବହି ଭାବେ ଗଠିତ ଏବଂ ଭାବବାଣୀ ପୂର୍ଣ୍ଣ ସାହିତ୍ୟ ଭାବେ ବିବେଚିତ । କାରଣ ଗୋଟିଏ ଭବିଷ୍ୟଦ ବକ୍ତା ଏହି ବହି ଦୁଇଟିକୁ ରଖିଥିଲେ । ମୂଳତଃ ୩୫୦ ବର୍ଷ ସମୟ ଏହି ଦୁଇଟି ବହିରେ ଅନ୍ତର୍ଭୁକ୍ତ । ଯେତେବେଳେ ରାଜାମାନେ ଦେଶ ଶାସନ କରୁଥିଲେ, ସେଥିପାଇଁ ବହିର ନାମକରଣ ଏହିପରି ହୋଇଛି । ୧ମ ରାଜାବଳୀ ଦାଉଦଙ୍କର ମୃତ୍ୟୁ ସହ ଆରମ୍ଭ ହୁଏ, ତାପରେ ଶଲୋମନଙ୍କର ଶାସନ ଏବଂ ଜେରୁଜେଲମରେ ପ୍ରଥମ ମନ୍ଦିର ଘର ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି । ଇସ୍ରାୟେଲ (ଉତ୍ତର) ଓ ଯିହୁଦା (ଦକ୍ଷିଣ) ରେ ରାଜ୍ୟର ଭାଙ୍ଗିବା ମଧ୍ୟ ବର୍ଣ୍ଣନା କରାଯାଇଛି । ଭବିଷ୍ୟଦବକ୍ତା ଏଲୀଶାୟ ଇସ୍ରାୟେଲର ରାଜା ଆହାବଙ୍କ ମଧ୍ୟରେ ମହାଯୁଦ୍ଧ ସହ ସମାପ୍ତ ହୋଇଛି ।

**ବିଷୟବସ୍ତୁ :**

ସତ୍ୟ ଏହି ଯେ ଇତିହାସ ପୁସ୍ତକ ଭବିଷ୍ୟଦବକ୍ତା ଅନୁପ୍ରାଣିତ ହେବା ମୁଖ୍ୟ ବିଷୟ ବୋଲି ବିବେଚିତ । ଈଶ୍ୱର ଅତୀତରୁ ଆମକୁ କଥା କହନ୍ତି, ପୁଣି ତା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ବର୍ତ୍ତମାନ ଅନୁଭୂତିରୁ ମଧ୍ୟ କଥା କହନ୍ତି ବୋଲି ଏହା ଦର୍ଶାଏ । ଆମ୍ଭେମାନେ ଯେପରି ଏପରି ଭୂଲ ବା ପାପ ପୁନର୍ବାର ନ କରୁ ସେଥିପାଇଁ ଏହି ଘଟଣାଗୁଡ଼ିକ ଲିପିବଦ୍ଧ ହୋଇଛି । ମାନବ ଜୀବନରେ ଈଶ୍ୱରଙ୍କର ଜରୁରୀ ଜଟିଳ ବ୍ୟାପର ଓ ମାନବୀୟ ବିଷୟ ପାଇଁ ତାଙ୍କର ସମ୍ପୃକ୍ତତା ଏଲୀଶାୟ ଓ ଆହାବଙ୍କର ବିବାଦ ଦର୍ଶାଏ । ବିଶେଷରେ ୧ମ ରାଜାବଳୀ ଗୋଟିଏ ଦେଶର ଆତ୍ମିକ ଜୀବନରେ ସାମାଜିକ ମନ୍ଦଗୁଣର ବିପଦପୂର୍ଣ୍ଣ ପ୍ରଭାବ ପ୍ରକାଶ କରେ ।

## ୨ୟ ରାଜାବଳୀ

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ

**ଆଧେୟ :**

୨ୟ ରାଜାବଳୀ ପ୍ରାୟତଃ ୨୫୦ ବର୍ଷର ସମୟରେ ପୂର୍ଣ୍ଣ ଯେଉଁ ସମୟରେ ଦୁଇଟି ଜାତୀୟ ଶୋକ ବା ଦୁଃଖର ଘଟଣା ଘଟିଥିଲା । ଖ୍ରୀ.ପୂ. ୭୨୨ରେ ଆଶେରୀୟମାନଙ୍କ ଦ୍ୱାରା ଇସ୍ରାୟେଲର ଉତ୍ତରୀୟ ରାଜ୍ୟ ଧ୍ୱଂସ ହୋଇଥିଲା ଏବଂ ଖ୍ରୀ.ପୂ. ୫୮୬ରେ ବାବୀଲୋନୀୟମାନଙ୍କ ଦ୍ୱାରା ଯିହୁଦାର ଦକ୍ଷିଣାଞ୍ଚଳ ରାଜ୍ୟ ବିନିଷ୍ଟ ହୋଇଥିଲା । ସେମାନଙ୍କର କେତେ ପରିମାଣରେ ଆତ୍ମିକ ସାର୍ଥକତା ଥିଲା ତାହା ଦେଖାଇବାକୁ ଯାଇ କିଛି ପରିମାଣରେ କେତେକ ରାଜାମାନଙ୍କର ଶାସନ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି । ଯୁଦ୍ଧ ଓ ଶାନ୍ତି, ବିକାଶ ଓ ନଷ୍ଟ, ଭଲ ଓ ମନ୍ଦ ରାଜାମାନଙ୍କର ଏହି ତମାମ ସମୟ ମଧ୍ୟରେ

ଈଶ୍ୱର ଯେ କାମ କରି ଆସୁଛନ୍ତି, ପୁଣି ବିଶେଷ ଭାବରେ କେତେ ଭବିଷ୍ୟଦ୍ ବକ୍ତାମାନଙ୍କୁ ବାକ୍ୟ ପ୍ରଚାର ପାଇଁ ଓ ଶେଷ ବିଚାରରେ ସତର୍କ ପାଇଁ ପଠାଇଛନ୍ତି, ଏହିସବୁ ବିଷୟ ଏଠାରେ ବର୍ଣ୍ଣନା କରାଯାଇଛି ।

**ବିଷୟବସ୍ତୁ :**

ମନୁଷ୍ୟ ଓ ଜାତିମାନଙ୍କ ବିଷୟ ଉପରେ ଈଶ୍ୱରଙ୍କ ଶାସନ ବା କର୍ତ୍ତୃତ୍ୱ କ୍ରମାଗତ ଭାବରେ ଏହି ବହିରେ ଦେଖିବାକୁ ପାଉ । ମନୁଷ୍ୟମାନଙ୍କ ଶାସକମାନେ ଭାବିପାରନ୍ତି ଯେ ସେମାନେ ନିୟନ୍ତ୍ରିତ, କିନ୍ତୁ ଇସ୍ରାୟେଲ ଓ ଯିହୁଦା ଜାତିର ପଥରେ ନିର୍ଯ୍ୟାତନା ବିଚାର ଦ୍ୱାରା ଈଶ୍ୱରଙ୍କ ଯୋଜନାରେ ଈଶ୍ୱରଙ୍କ ଲୋକମାନଙ୍କର ଶତ୍ରୁମାନେ ମଧ୍ୟ ଠିକ୍ ଭାବେ ଅଛନ୍ତି । ଏହା ବିଶେଷ ଗୁରୁତ୍ୱ ନେବା ଉଚିତ ଯେ ପାପ ନିୟମିତ ଭାବରେ ଲୋକମାନଙ୍କ ଉପରେ ବିଚାର ଆଣେ ଏବଂ ଧାର୍ମିକତା ଈଶ୍ୱରଙ୍କ ଆଶିଷ ଘେନିଆସେ । ୨ୟ ରାଜାବଳୀ ଏହା ମଧ୍ୟ ପ୍ରକାଶ କରେ ଯେ ଈଶ୍ୱର ପ୍ରଥମେ ସତର୍କ କରାନ୍ତି, ତା'ପରେ ହିଁ ବିଚାର ପଠାନ୍ତି । ଉଦାହରଣ ସ୍ୱରୂପ, ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧମରେ ସତର୍କକରଣ ବା ଚେତାବନୀ ଦିଆଗଲା ।

# ୧ମ ବଂଶାବଳୀ

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୫ମ ଶତାବ୍ଦୀ

**ଆଧେୟ :**

ହିବ୍ରୁ ବାଇବେଲରେ ଏହି ୧ମ ଓ ୨ୟ ବଂଶାବଳୀ ଗୋଟିଏ ପୁସ୍ତକରେ ଅଛି ଏବଂ ଯାଜକ ସମ୍ବନ୍ଧରେ ଏଥିରେ ଲେଖାଅଛି । ଏହିଭଳି ଭାବେ ରାଜାବଳୀ ପୁସ୍ତକ ସେମାନେ ଯୋଗ କରିଛନ୍ତି, ଯାହାକି ଗୋଟିଏ ଭବିଷ୍ୟଦ୍‌ବକ୍ତାଙ୍କ ସମ୍ବନ୍ଧରେ ଲେଖାଯାଇଛି । ୧ମ ବଂଶାବଳୀ ବଂଶ ବୃତ୍ତାନ୍ତର ଅନୁକ୍ରମ ସହ ଆରମ୍ଭ ହୁଏ ଯାହା ରାଜା ଦାଉଦଙ୍କର ପରିବାର ଇତିହାସ ନଥି ଏବଂ ଲେବୀୟ ଯାଜକମାନଙ୍କର ମଧ୍ୟ ସେହିପରି ପରିବାର ଇତିହାସ ଲିପିବଦ୍ଧ ହୋଇଛି । ବିଶେଷ ଭାବରେ ଦେଶର ଧର୍ମ ସମ୍ବନ୍ଧୀୟ ବିଷୟ ଉପରେ ଗୁରୁତ୍ୱ ଦେଇ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଶାଉଲଙ୍କ ମୃତ୍ୟୁ ଓ ଦାଉଦଙ୍କ ଶାସନ ବିଷୟ ମଧ୍ୟ ବର୍ଣ୍ଣନା କରାଯାଇଛି । ଶଲୋମନ ରାଜା ହେବା ସହ ଏହା ସମାପ୍ତ ହେଇଛି ।

**ବିଷୟବସ୍ତୁ :**

୧ମ ବଂଶାବଳୀ ଯାଜକମାନଙ୍କ ସମ୍ବନ୍ଧକୁ ନେଇ ଲେଖା ହୋଇଥିବାରୁ ରାଜାବଳୀ ପୁସ୍ତକରେ ଥିବା ଇତିହାସ ସହ ଯିହୁଦାର ଧର୍ମ ସମ୍ବନ୍ଧୀୟ ବିଷୟରେ ଅଳ୍ପ ବହୁତେ ଲେଖାଯାଇଛି । ଈଶ୍ୱରଙ୍କର ଉପାସନା କରିବାର ପ୍ରାଧାନ୍ୟତା ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଗୋଟିଏ ଜାତିର ଜୀବନ ଉପରେ କିଭଳି ପ୍ରକୃତ ପ୍ରଭାବ ପଡ଼ିଛି ସେ ବିଷୟରେ ମଧ ଗୁରୁତ୍ୱ ଦିଆଯାଇଛି । ଯେଉଁ ଦେଶ ବା ଜାତି ତାଙ୍କ ଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି । ଅପରିଚିତ ନାମଗୁଡ଼ିକ ଯେତେବେଳେ ଭକ୍ତିହୀନ ଭାବେ ପ୍ରଦତ୍ତ, ପ୍ରକୃତରେ ସେତେବେଳେ ଦେଖାଯାଏ ଯେ ଈଶ୍ୱର କୌଣସି ବ୍ୟକ୍ତିଙ୍କୁ ପାଶୋରନ୍ତି ନାହିଁ । ଯେଉଁମାନେ ସେମାନଙ୍କର କବରକୁ ଅଜ୍ଞାତରେ ଯାଆନ୍ତି, ସେମାନଙ୍କୁ ମଧ ଈଶ୍ୱର ମନେ ରଖିଛନ୍ତି ।

# ୨ୟ ବଂଶାବଳୀ

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୫ମ ଶତାବ୍ଦୀ

**ଆଧେୟ :**

ଯିହୁଦାର ଇତିହାସ ୨ୟ ବଂଶାବଳୀରେ ଅନ୍ତର୍ଭୁକ୍ତ ଯାହା ୧ମ ବଂଶାବଳୀରେ ଆରମ୍ଭ ହୋଇଥିଲା । ଶଲୋମନଙ୍କର ଶାସନ ଗୌରବ ସହ ବିଶେଷରେ ମନ୍ଦିରର ଗୌରବତାରେ ଏହା ସଂପୃକ୍ତ । ଏପରି ବର୍ଣ୍ଣନା ହୋଇଛି କାରଣ ପୁସ୍ତକଟି ଯାଜକୀୟ ସମ୍ବନ୍ଧରେ ପରିପୂର୍ଣ୍ଣ ହୋଇଛି । ଜାତିର ଧର୍ମ ସମ୍ବନ୍ଧୀୟ ବିଷୟ କିପରି ଥିଲା ଏଥିପ୍ରତି ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଯିହୁଦାର ଅବଶିଷ୍ଟ ରାଜାମାନଙ୍କ ବିଷୟରେ ବର୍ଣ୍ଣନା ହୋଇଛି । ହିଜିକୀୟ ବିଶେଷ ଭାବେ ପ୍ରଦତ୍ତ ହୋଇଛି କାରଣ ତାଙ୍କର ଶାସନ ସମୟରେ ଉଦ୍ଦୀପନା ଆସିଥିଲା । ଯିରୂଶାଲମର ଧ୍ୱଂସ ଓ ବାବିଲୋନକୁ ଲୋକମାନଙ୍କର ନିର୍ବାସନ ମଧ୍ୟ ବର୍ଣ୍ଣନା କରାଯାଇଛି ଏବଂ ପାର୍ଶୀ ରାଜାଙ୍କର ରାଜାଜ୍ଞା ସହ ପୁସ୍ତକ ଲେଖା ସମାପ୍ତ ହୋଇଛି ।

**ବିଷୟବସ୍ତୁ :**

ଏହି ପୁସ୍ତକରେ ଯିହୁଦାର ଇତିହାସ ଗୋଟିଏ ଧର୍ମ ସମ୍ବନ୍ଧୀୟ ଦୃଷ୍ଟିରୁ ବର୍ଣ୍ଣନା ହୋଇଛି । ଧାର୍ମିକ ରାଜାଙ୍କୁ ଦଣ୍ଡିତ ଓ ମନ୍ଦ ରାଜାମାନଙ୍କୁ ନାମିତ ହୋଇଛି ଯେପରିକି ସମସ୍ତେ ଦେଖି ପାରିବେ ଯେ କିଏ ପ୍ରକୃତରେ ଦେଶର ବା ଜାତିର ଉତ୍ଥାନ ଓ ପତନ ପାଇଁ ଦାୟୀ । ଈଶ୍ୱର ଯେତେ ଦିନ ପର୍ଯ୍ୟନ୍ତ ତାଙ୍କର ନିଜର ମନୋନୀତ ଲୋକମାନଙ୍କୁ ଧ୍ୱଂସତାରେ ଛାଡ଼ି ଦେଇ ନାହାନ୍ତି, ଯିହୁଦାର ପାପ ଧାର୍ମିକ ନେତା ଓ ଶେଷରେ ସେମାନଙ୍କ ସଫଳତା ସହ ଯୋଗ କରନ୍ତି ଗୋଟିଏ ଉଦାହରଣ ସ୍ୱରୂପ ଯେ ଈଶ୍ୱର ପାପ ସହ୍ୟ କରିପାରନ୍ତି ନାହିଁ ।

# ଏଜ୍ରା

ଲେଖକ : ଏଜ୍ରା

ସମୟ : ଖ୍ରୀ.ପୂ. ୫ମ ଶତାବ୍ଦୀ

**ଆଧେୟ :**

ବେବିଲୋନରେ ବନ୍ଦିତ୍ୱ ପରେ ଇସ୍ରାୟେଲୀୟମାନେ ପାଲେଷ୍ଟାଇନ ଦେଶକୁ ଫେରିଆସିବା ବିଷୟରେ ଏହି ପୁସ୍ତକରେ ଲେଖାଯାଇଛି । ପ୍ରଥମେ କିପରି ଫେରିଲେ ଏବଂ ମନ୍ଦିର କାମ କିପରି ଆରମ୍ଭ ହେଲା ବର୍ଣ୍ଣନା କରିବା ପରେ ଲେଖକ ସମସ୍ୟା ବିଷୟ ଆମକୁ କହନ୍ତି ଯାହା ଉପୁଜିଥିଲା । ଏକ ମହାକଷ୍ଟ ବା କ୍ଳେଶ ଓ ଅସଫଳତା ପରେ, ମନ୍ଦିର କାର୍ଯ୍ୟ ସମାପ୍ତ ହେଲା ଏବଂ ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟ ପୁନଃ ଉତ୍ସର୍ଗୀକୃତ ହେଲା । ପୁନଃଉଦ୍ଧାରିତ ଗୋଷ୍ଠୀର ଲୋକମାନଙ୍କ ପାଇଁ ସେ ଯାହା କରିଥିଲେ ସେହି ପ୍ରାର୍ଥନା ମଧ୍ୟ ସବୁ ତାର ଗୁରୁତ୍ୱ ଦେଇ ଏଜ୍ରାଙ୍କର ମିଶନ୍ କାର୍ଯ୍ୟ ବିଷୟ ବର୍ଣ୍ଣନା କରାଯାଇଛି ।

**ବିଷୟବସ୍ତୁ :**

ଯେତେବେଳେ ଇସ୍ରାୟେଲୀୟମାନେ ନିଜ ଘରକୁ ଫେରିଲେ ସେମାନେ ଈଶ୍ୱରଙ୍କ ପ୍ରତିଜ୍ଞା ସଫଳ ହୋଇଥିବାର ଦେଖିଲେ । ଈଶ୍ୱର କହିଥିଲେ ଯେ ସେ କେବେ ହେଁ ତାଙ୍କର ଲୋକମାନଙ୍କୁ ପରିତ୍ୟାଗ କରିବେ ନାହିଁ ଏବଂ ଯଦିଚ ସେମାନଙ୍କ ପାଇଁ ସେମାନେ ବିଚାରିତ ହୋଇଥିଲେ ଈଶ୍ୱର ସେମାନଙ୍କୁ କେବେ ହେଲେ ପ୍ରେମ କରିବାରେ ହେଳା କରିନଥିଲେ । ଏଥିରୁ ଆମେ ଜାଣୁ ଯେ ଈଶ୍ୱର ଏହି ଜଗତ ପାଇଁ ଯତ୍ନ ନିଅନ୍ତି । ଏହା ହେଉଛି ତାଙ୍କର ଏକ ଗଭୀର ରହସ୍ୟ । ସେ ଯାହାହେଉ, ତାଙ୍କର ପ୍ରେମ, ବଦଳେ ଆମେ ଯେପରି ତାଙ୍କର ଉପାସନା କରିବୁ ଈଶ୍ୱର ଏହା ଚାହାନ୍ତି । ଏହା ଦେଖାଯାଇପାରେ ଯେ ସେ ଭବିଷ୍ୟଦ୍ ବକ୍ତା ହଗୟ ଓ ଯିଶରୀୟଙ୍କୁ ସେ ପଠାଇଲେ ସେହି ମନ୍ଦିରର କାର୍ଯ୍ୟ ଦେଖିବାକୁ ।

# ନିହିମିୟା

ଲେଖକ : ନିହିମିୟା

ସମୟ : ଖ୍ରୀ.ପୂ. ୫ମ ଶତାବ୍ଦୀ

**ଆଧେୟ :**

ଏଜ୍ରା ଦ୍ୱାରା ଆରମ୍ଭ ହୋଇଥିବା ଗଳ୍ପ ନିହିମିୟା ପୁସ୍ତକରେ କ୍ରମାଗତ ଭାବେ ଲେଖାଅଛି ଏବଂ ପୁନଃସ୍ଥାପିତ ଗୋଷ୍ଠୀର ଜୀବନ ବିଷୟରେ ଲେଖାଅଛି । ଏଜ୍ରାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଉଛି ମନ୍ଦିରର ପୁନଃଉତ୍ସର୍ଗୀକରଣ । କିନ୍ତୁ ନିହିମିୟାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯିରୂଶାଲମର ନଗର ପ୍ରାଚୀରଗୁଡ଼ିକର ପୁନିଃନିର୍ମାଣ କରିବା । ଯିରୂଶାଲମର ରକ୍ଷା ପାଇଁ ଯେଉଁ ଆବଶ୍ୟକତା ଥିଲା ସେହି ବିଷୟ ବର୍ଣ୍ଣନା ସହ ଏହି ପୁସ୍ତକ ଆରମ୍ଭ ହୋଇଛି । ଅନେକ ସମସ୍ୟା ସତ୍ତ୍ୱେ ଗୋଷ୍ଠୀ ମଧ୍ୟରେ ପୁଣି ବାହାରେ ମଧ୍ୟ କିପରି ସେହି ପ୍ରାଚୀରଗୁଡ଼ିକ ନିର୍ମାଣ କରାଯାଇଛି ସେ ବିଷୟ ଆଲୋଚନା କରାଯାଇଛି । ଜାତୀୟ ଅନୁତାପ ଦିବସ ଆହ୍ୱାନ କରାଯାଉଥିଲା ଏବଂ ଯୋଜନା ଶେଷ ହେଉଥିଲା ।

**ବିଷୟବସ୍ତୁ :**

ଏହି ପୁସ୍ତକର ମୁଖ୍ୟ ବିଷୟବସ୍ତୁ ପ୍ରକୃତରେ ଦୁଃଖ ଅଟେ ଯେ ଈଶ୍ୱର ଯାହା ସେମାନଙ୍କୁ ଶିକ୍ଷା ଦେବାକୁ ଚାହାନ୍ତି, ଧୀର ଗତିରେ ସେମାନେ ସେହି ସବୁ ଶିକ୍ଷା କରନ୍ତି । ଇସ୍ରାୟେଲୀୟମାନେ ସେମାନଙ୍କର ପାପ ହେତୁରୁ ବନ୍ଦୀତ୍ୱ ବରଣ କରିଥିଲେ, କିନ୍ତୁ ବର୍ତ୍ତମାନ ଠିକ୍ ସେହି ସମସ୍ୟା ଆଉଥରେ ଦେଖାଯାଏ । ବାଇବେଲ ଅଧ୍ୟୟନ ଓ ଉପାସନାରେ ଓ ପ୍ରାର୍ଥନାରେ ଲୋକମାନେ ଅବହେଳା କରୁଥିଲେ । ପୁଣି ସେମାନେ ଯେ ଅନ୍ୟାୟରେ ପରସ୍ପରକୁ ବ୍ୟବହାର କରୁଥିଲେ ଏହି ସତ୍ୟତା ଜଣାଉ ନଥିଲେ । କିନ୍ତୁ ଈଶ୍ୱର ଧୈର୍ଯ୍ୟରେ ସେମାନଙ୍କର ପରିତ୍ରାଣ ଓ ପାପକ୍ଷମା ପାଇଁ କ୍ରମାଗତ ଭାବେ ତାଙ୍କର ଦୂତମାନଙ୍କୁ ପଠାଇଛନ୍ତି ।

# ଏଷ୍ଟର

ଲେଖକ : ଅଜ୍ଞାତ

ସମୟ : ଖ୍ରୀ.ପୂ. ୫ମ ଶତାବ୍ଦୀ

**ଆଧେୟ :**

ପାର୍ଶୀମାନେ ବାବିଲୋନ୍ ଧ୍ୱଂସ କଲା ପରେ ଓ ଯେତେବେଳେ ଯିହୁଦୀମାନେ ବନ୍ଦୀତ୍ୱରେ ସେହି ଦେଶରେ ଯେତେବେଳେ ଯିହୁଦୀମାନେ ବନ୍ଦିତ୍ୱରେ ସେହି ଦେଶରେ ବାସ କରୁଥିଲେ ସେହି ଘଟଣା ଏହି ଏଷ୍ଟର ପୁସ୍ତକରେ ଲିଖିତ । ଏଷ୍ଟର ନାମିକା ଏକ ଯିହୁଦୀୟ ନାରୀର ଗଳ୍ପ ସହ ଏହା ସମ୍ପୃକ୍ତ ଯିଏ କି ପରେ ପାର୍ଶୀ ରାଜା ଆହାସୁୟେରଶଙ୍କର ଭାର୍ଯ୍ୟା ହେଲେ । ହାମାନ୍ ନାମରେ ରାଜାଙ୍କର ଜଣେ ଜଣେ ଦୁଷ୍ଟ ଉପଦେଶକ ସେମାନଙ୍କର ସଂପତ୍ତିର ନିୟନ୍ତ୍ରଣ ବୃଦ୍ଧି ପାଇଁ ଯିହୁଦୀମାନଙ୍କର ବିନଷ୍ଟ କରିବାକୁ ଚାହିଁଥିଲେ । କିନ୍ତୁ ଏଷ୍ଟର ଅତି ଚତୁରତାର ସହ ଲୋକମାନଙ୍କୁ ଉଦ୍ଧାର କଲେ । ହାମାନ ଦଣ୍ଡିତ ହେଲେ ଏବଂ ପରେ କେତେକ ସାମାଜିକ ବିବାଦ ବିଷୟ ସବୁ ଆଉଥରେ ଶିଥିଳ ହୋଇପଡ଼ିଲା । ଯିହୁଦୀମାନଙ୍କର ଏହି ସ୍ମରଣୀୟ ଉଦ୍ଧାରର ଦିନକୁ ପୁରମ ବୋଲି ଗୋଟିଏ ପର୍ବ ପାଳନ କରାଯାଉଥିଲା ।

**ବିଷୟବସ୍ତୁ :**

ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ ହେଲା ଈଶ୍ୱରଙ୍କ ଅନୁଗ୍ରହ ଓ ଶକ୍ତି । ବନ୍ଦିତ୍ୱରେ ମଧ୍ୟ ଈଶ୍ୱର ତାଙ୍କର ଲୋକମାନଙ୍କୁ ରକ୍ଷା କରିଛନ୍ତି ଏବଂ ସେମାନଙ୍କ ମଙ୍ଗଳ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ଇସ୍ରାୟେଲର ଶତ୍ରୁମାନଙ୍କୁ ତଡ଼ିବାରେ ଈଶ୍ୱରଙ୍କର ଶକ୍ତି ବା ସାମର୍ଥ୍ୟ ଦେଖାଯାଏ । ଏହା ଦେଖିବା ବଡ଼ ବିଷୟ ଯେ ଈଶ୍ୱର ତାଙ୍କର କର୍ତ୍ତବ୍ୟ ସମାପ୍ତ କରିବା ପାଇଁ ମଣିଷକୁ ବ୍ୟବହାର କରିଛନ୍ତି ଯଦିଚ୍ଚ ଏହା ସେ ସିଧା ଭାବେ ନିଜେ କରିଛନ୍ତି । ଈଶ୍ୱର ଯେତେବେଳେ ଆମକୁ ପଥ ଦେଖାନ୍ତି ସେହି ତାଙ୍କରି ଇଚ୍ଛାରେ ଆମେ ସର୍ବଦା କାମ କରିବାକୁ ଆମେ ସର୍ବଦା ପ୍ରସ୍ତୁତ ରହିବା ଦରକାର ।

# ଆୟୁବ ପୁସ୍ତକ

ଲେଖକ : ଅଜ୍ଞାତ

ସମୟ : ଖ୍ରୀ : ପୂ. ୧୦ମ ଶତାବ୍ଦୀ

**ଆଧେୟ :**

ମଣିଷର ବଡ଼ ସମସ୍ୟାକୁ ନେଇ ଏହି ଦୀର୍ଘ ପଦ୍ୟ ଲିଖିତ । ଯଦି ଈଶ୍ୱର ସେମାନଙ୍କ ପ୍ରତି କିଛି କରିବାକୁ ଉପସ୍ଥିତ ହୁଅନ୍ତି ତେବେ ଆମେ କିମିତି ପାପ ଓ ଯନ୍ତ୍ରଣା ବର୍ଣ୍ଣନା କରିବା ? ପୁସ୍ତକଟି ଦୁଃଖର ସହ ଆରମ୍ଭ ହୋଇଛି । ଯାହା ଆୟୁବ ତାଙ୍କର କେତେକ ବନ୍ଧୁଙ୍କ ଦ୍ୱାରା ତିନୋଟି ବାକ୍ୟ ଦେଇଛନ୍ତି । ଏଲିଫାଜ, ବିଲଦାଜ ଓ ଜୋଫାର । ଏଇମାନେ ଅନ୍ୟ ଏକ ଭାବରେ ଆୟୁବଙ୍କ ଦୁଃଖ ବର୍ଣ୍ଣନା କରନ୍ତି । ଚତୁର୍ଥ ବନ୍ଧୁ ଏଲୀହୁ କାହିଁକି ଆୟୁବର କଷ୍ଟ ଅଛି ତାହାର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ପରିସ୍ଥିତିର ବର୍ଣ୍ଣନା କରିବାକୁ ଚେଷ୍ଟା କରନ୍ତି । ଶେଷରେ, ଈଶ୍ୱର ନିଜେ ଆୟୁବଙ୍କୁ କହନ୍ତି ଏବଂ ପରିଚୟ ଦିଅନ୍ତି ଯେ ଜୀବନର ସମସ୍ୟାଗୁଡ଼ିକର ଉତ୍ତର ଆମ୍ଭେମାନେ ଲୋଡ଼ିବା ଉଚିତ ନୁହଁ, ଯେମିତି ଆମେ ଈଶ୍ୱରଙ୍କୁ ଚାହୁଁ । ଆୟୁବ ତାପରେ ସୁସ୍ଥ ହୋଇଛନ୍ତି ଏବଂ ତାଙ୍କର ପୁରାତନ ରାଜ୍ୟକୁ କେତେକ ଉପକରଣ ଓ ଆତ୍ମିକ ଆଶୀର୍ବାଦ ଦେଇଛନ୍ତି ।

**ବିଷୟବସ୍ତୁ :**

ରହସ୍ୟ ଯାହା ମଣିଷର ସ୍ଥିତ୍ୱ ବେଷ୍ଟନ କରେ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାର ଆବଶ୍ୟକତା ଏହି ପୁସ୍ତକରେ ସଂପୂର୍ଣ୍ଣ ଭାବେ ଲିଖିତ ହୋଇଛି । ମଣିଷର ବର୍ଣ୍ଣନା କରିବାକୁ ଜ୍ଞାନ ନାହିଁ ଯେ କାହିଁକି ଏପରି ଘଟଣା ସେମାନଙ୍କ ପ୍ରତି ହୋଇଥାଏ । ଈଶ୍ୱରଙ୍କଠାରେ ବିଶ୍ୱାସ ଦ୍ୱାରା ଆମର ଅକ୍ଷମତାକୁ ସକ୍ଷମ କରିବା ସମ୍ଭବ ଅଟେ । କାରଣ ଈଶ୍ୱର ଏସବୁ କାହିଁକି ହୁଏ ତାହା ଜାଣନ୍ତି ଏବଂ ଯେଉଁମାନେ ତାଙ୍କୁ ପ୍ରେମ କରନ୍ତି ସେମାନଙ୍କ ପ୍ରତି ସେ ମଙ୍ଗଳ କାମନା କରନ୍ତି । ତେଣୁ ଆମେ ଜାଣିପାରୁ ଯେ ଗଭୀର ସତ୍ୟ ଯାହା କି ଯେତେବେଳେ ଆମଠାରେ କିଛି ନ ଥାଏ କିନ୍ତୁ ଈଶ୍ୱର ଥାନ୍ତି, ଈଶ୍ୱର ହିଁ ଯଥେଷ୍ଟ ।

# ଗୀତ ସଂହିତା

ଲେଖକ : ପ୍ରଧାନତଃ ଦାଉଦ ; ପୁଣି ଅନ୍ୟ ସମସ୍ତେ
ସମୟ : ଖ୍ରୀ.ପୂ. ୧୦ମ ଶତାବ୍ଦୀ

**ଆଧେୟ :**

ଆଜିର ଏହି ପ୍ରିୟ ପୁସ୍ତକ ସେତେବେଳେ ଅପ୍ରଚଳିତ ସମୟ ମଧ୍ୟରେ ମଧ୍ୟ ପ୍ରିୟ ଥିଲା । ଅନେକ ବର୍ଷରୁ ଯେ ଈଶ୍ୱରଙ୍କ ସହ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ସଂପର୍କ ଅଛି, ଏହି ବିଷୟ ଏହି ପୁସ୍ତକରେ ଦେଖିବାକୁ ମିଳେ । ପ୍ରତ୍ୟେକ ମାନବୀୟ ଭାବ ଓ ଅନୁଭବ ଈଶ୍ୱରଙ୍କଠାରୁ ଅଣାଯାଇପାରେ ସେମାନଙ୍କୁ ଆଶୀର୍ବାଦ କରିବା ପାଇଁ । ଅନେକ ବିଷୟ ଅଛି ସେଗୁଡ଼ିକ ହେଲା ଦୁଃଖ ଓ ସୁଖ, କ୍ରୋଧ ଓ ସ୍ଥିର, ସନ୍ଦେହ ଓ ବିଶ୍ୱାସ, ଅନୁତାପ ଓ ପ୍ରଶଂସା । ଅତୀତର ସଂଗ୍ରହ ମଧ୍ୟ ଅଛି । ସେଗୁଡ଼ିକ ହେଲା ବର୍ତ୍ତମାନ ସ୍ଥିତିର ସଂଗ୍ରାମ ଓ ଗୋଟିଏ ଗୌରବ ଭବିଷ୍ୟତର ଦର୍ଶନ । ଅନେକ ସ୍ଥାନରେ ଈଶ୍ୱରଙ୍କ ମଶୀହ ଯୀଶୁଖ୍ରୀଷ୍ଟ ତାଙ୍କର ଦୁଃଖ ଭୋଗ ଓ ଗୌରବ ଚିତ୍ରିତ ହୁଅନ୍ତି । ଜନସାଧାରଣଙ୍କ ଉପାସନା ପାଇଁ ଆଜି ଗୀତ ବହି ବ୍ୟବହାର କରାଯାଏ ଯେଉଁଥିରେ ଅଧିକ ଭାବେ ଗୀତସଂହିତା ପୁସ୍ତକ ବ୍ୟବହାର କରାଯାଉଥିଲା ।

**ବିଷୟବସ୍ତୁ :**

ଗୀତସଂହିତା ପୁସ୍ତକ ପ୍ରଧାନତଃ ଶିକ୍ଷା ଦିଏ ଯେ ଈଶ୍ୱରଙ୍କର ଗୋଟିଏ ବ୍ୟକ୍ତିଗତ ସଂପର୍କ ଅଛି ତାଙ୍କର ଲୋକମାନଙ୍କ ପାଇଁ ଏବଂ ଆମ୍ଭେମାନେ ଯେପରି ତାଙ୍କ ପାଖକୁ ଯାଇପାରୁ ଏହା ସେ ଚାହାନ୍ତି । ଆମେ ତାଙ୍କ ପାଖକୁ ଯିବା ପୂର୍ବରୁ କୌଣସି ସମସ୍ୟା ସମାଧାନ କରିବା ଆବଶ୍ୟକ ନୁହଁ । ଆମେ ତାଙ୍କ ପାଖକୁ ସମାଧାନ ପାଇଁ ଯାଉ । ଆମେ କେଉଁଠି ଅଛୁ, ଆମେ କେମିତି ଅନୁଭବ କରୁ, ଯାହା କିଛି ଆମେ କରିଛୁ - ଯଦି ଆମେ ଆପଣାକୁ ଈଶ୍ୱରଙ୍କଠାରେ ଉତ୍ସର୍ଗ କରୁ ସେ ଆମକୁ ସାହାଯ୍ୟ କରିବାକୁ ଇଚ୍ଛା କରନ୍ତି ଏବଂ ଆଉଥରେ ଶକ୍ତି ଦିଅନ୍ତି ବଞ୍ଚିବାକୁ । ସମସ୍ତ ବିଷୟ ଉପରେ ଈଶ୍ୱରଙ୍କ ଶକ୍ତି ଓ ନିୟନ୍ତ୍ରଣ ଦେଖାଯାଏ । କାରଣ ସମସ୍ତ ବିଷୟର ନିୟନ୍ତ୍ରଣରେ ସେ ଅଛନ୍ତି ଏବଂ ଉଦ୍ଧାର ପାଇଁ ଯେତେବେଳେ ଆମେ ତାଙ୍କ ଆଡ଼କୁ ଫେରୁ ସେ ଆମକୁ ସାହାଯ୍ୟ କରନ୍ତି ।

# ହିତୋପଦେଶ

ଲେଖକ : ପ୍ରଧାନତଃ ଶଲୋମନ ; ପୁଣି ଅନ୍ୟମାନେ ମଧ୍ୟ
ସମୟ : ଖ୍ରୀ.ପୂ. ୧୦ମ ଶତାବ୍ଦୀ ଏବଂ ପରେ

**ଆଧେୟ :**

ଭବିଷ୍ୟଦ୍‌ବକ୍ତାମାନଙ୍କର ଶିକ୍ଷା ବା ଉପଦେଶ ଯାହା ଅନୁତାପ କରିବା ପାଇଁ ମନୁଷ୍ୟମାନଙ୍କୁ ଆହ୍ୱାନ କରିବା ଏବଂ ଯାଜକମାନଙ୍କ କାର୍ଯ୍ୟ ଲୋକମାନଙ୍କୁ ଉପାସନା ପରିଚାଳନା କରିବା ଏହି ଦୁଇଟି ବିଷୟ ଈଶ୍ୱରଙ୍କ ଦ୍ୱାରା ଯୋଗ କରିବାକୁ ଦିଆଯାଇ ସଫଳତାପୂର୍ଣ୍ଣ ଜୀବନ କାଟିବା ପାଇଁ ବ୍ୟବହାରିକ ଶିକ୍ଷା ବା ଉପଦେଶରେ ଏହି ପୁସ୍ତକଟି ପୂର୍ଣ୍ଣ । ଏହି ହିତୋପଦେଶ ପୁସ୍ତକ ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ଦ୍ୱାରା ଗୋଟିଏ ଆତ୍ମିକ ଜ୍ଞାନ ମନୁଷ୍ୟକୁ ଦିଆଯାଇଛି, କିନ୍ତୁ ପ୍ରଭୁଙ୍କ ଦତ୍ତ ମାନବୀୟ ଜ୍ଞାନ ବା ସାଧାରଣ ଜ୍ଞାନ ଏବଂ ଏହି ଦୁଇଟି ବିଷୟ ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ଉଚିତ । ପ୍ରକୃତରେ କହିବାକୁ ଗଲେ, ଏହି ବହିରେ ଅନେକ ବର୍ଷ ବା ଶତାବ୍ଦୀରୁ ବ୍ୟବହାରିକ କଥା ସଂଗ୍ରହ କରାଯାଇଛି ଏବଂ ଏହା ସଂପୂର୍ଣ୍ଣ ଭିନ୍ନ ପ୍ରକାରର ବିଷୟ ସଂପର୍କ ରଖେ ଯେମିତିକି, ପିଲାମାନଙ୍କର ଶୃଙ୍ଖଳିତା, ସାମାଜିକ ନ୍ୟାୟ, ବୋକାମୀ କଥା ଓ ଟଙ୍କା । ଏହା ଗୋଟିଏ ପ୍ରକୃତ ଉତ୍ତମ ଭାର୍ଯ୍ୟାର ବର୍ଣ୍ଣନା ସହିତ ସାର୍ଥକ ଭାବେ ଶେଷ ହୋଇଛି ।

**ବିଷୟବସ୍ତୁ :**

ହିତୋପଦେଶ ୧ମ ପର୍ବ ୭ମ ପଦରେ ଏହି ପୁସ୍ତକର ଉଦ୍ଦେଶ୍ୟ ଦର୍ଶାଯାଇଛି । ଜ୍ଞାନ ପାଇଁ ପ୍ରଥମ ପଦକ୍ଷେପ ହେଉଛି ଈଶ୍ୱରଙ୍କୁ ବିଶ୍ୱାସ ଓ ଭକ୍ତି କରିବା । ସେଥିପାଇଁ କୁହାଯାଏ ଯେ ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ପ୍ରକୃତରେ ବିଶ୍ୱାସ କରେ ସେତେବେଳେ ହିଁ ସେ ଜ୍ଞାନୀ ହୁଏ । ମଣିଷର ଜ୍ଞାନ ଉତ୍ତମ ଅଟେ ଏବଂ ଆବଶ୍ୟକ କିନ୍ତୁ ଜଣେ ଯେତେ ଦକ୍ଷ ହୋଇଥାଉ ପଛକେ, ଈଶ୍ୱରଙ୍କ ଉପସ୍ଥିତିରେ ନମ୍ରତା ଓ ତାଙ୍କଠାରୁ କିଛି ଶିକ୍ଷା କରିବାର ଉତ୍ସୁକତା ବିନା ସେ କୁପଥରେ ଚାଲିବା ଅସମ୍ଭାବୀ । ଏହି ପୁସ୍ତକ ମାନବ ଜୀବନର ପବିତ୍ରୀକରଣ ସମ୍ପର୍କରେ ମଧ୍ୟ ଶିକ୍ଷା ଦିଏ । ସମସ୍ତ ବିଷୟ ଯାହା ସଫଳତା ପୂର୍ଣ୍ଣ ଜୀବନଯାପନକୁ ସଂପର୍କ କରେ ତାହା ଈଶ୍ୱରଙ୍କୁ ମଧ୍ୟ ସଂପୃକ୍ତ କରେ ଏବଂ ସେ ଏଥିପାଇଁ ନିୟମ ପ୍ରସ୍ତୁତ କରିଛନ୍ତି ।

# ଉପଦେଶକ

ଲେଖକ : ସମ୍ଭବତଃ ଶଲୋମନ

ସମୟ : ସମ୍ଭବତଃ ଖ୍ରୀ.ପୂ. ୧୦ମ ଶତାବ୍ଦୀ

**ଆଧେୟ :**

ଏହି ପୁସ୍ତକ ଜଣଙ୍କର ଗଭୀର ଦାର୍ଶନିକତା ପ୍ରଦର୍ଶନ କରେ, ଯିଏ କି ଈଶ୍ୱରଙ୍କଠାରୁ ଶାନ୍ତି ପାଇବା ପାଇଁ ଆତୁର ଥିଲେ, କିନ୍ତୁ ଶେଷରେ ଅନୁତାପ କଲେ ଯେ ସେଥିରେ କେବଳ ନିଷ୍ଫଳତାର ସନ୍ଧାନ ମିଳେ । କେବଳ ଜୀବନର ଦ୍ୱନ୍ଦରେ ସାମ୍ଭାବ୍ୟ ସମାଧାନରେ ଏହି ପୁସ୍ତକ ଶେଷ ହୋଇଛି । "ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞା ସବୁ ପାଳନ କର ; କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ" (୧୨ : ୧୩) । ଏ ପର୍ଯ୍ୟନ୍ତ ଏହି ସତ୍ୟ ଉକ୍ତି ଗୋଟିଏ ଛବିର ପ୍ରତୀକ ଅଟେ । ପ୍ରତ୍ୟେକଟି ଈଶ୍ୱରଙ୍କ ବିନା ଜୀବନର ବିଫଳତା ଚିତ୍ରଣ କରେ । ଧନ ସଂପତ୍ତି, ଜ୍ଞାନ, ଯଶ ଏବଂ ବିଳାସବ୍ୟସନ ସବୁ କିଛି ତଳକୁ ଖସିଯାଏ କାରଣ ଏସବୁ ଅସାର ଅଟେ । କେବଳ ଈଶ୍ୱରଙ୍କ ଆଡ଼େ ଯେତେବେଳେ ମଣିଷ ଏହି ଜଗତରୁ ଫେରେ, ସେ ସେତେବେଳେ ପ୍ରକୃତ ଆନନ୍ଦ ପାଏ ।

**ବିଷୟବସ୍ତୁ :**

ଏହି ପୁସ୍ତକରୁ ଗୋଟିଏ ନାସ୍ତିକାରକ ଶିକ୍ଷା ଆମେ ଶିକ୍ଷା କରିବାକୁ ହେବ । ଏହା ବିଷୟ ଗୁଡ଼ିକର ଗୋଟିଏ ପର୍ଯ୍ୟାୟ ନ କରିବାକୁ । ଏହା ଦେଖାଏ ଯେ ଜଣକ ପାଇଁ ବଞ୍ଚିବାକୁ ଚେଷ୍ଟା କରିବାର ଅସଫଳତା ଏବଂ ଅନ୍ୟମାନଙ୍କର ଆବଶ୍ୟକତା ବିବେଚନା ନ କରି ଜଣକୁ ଖୁସି କରିବା କିମ୍ବା ଈଶ୍ୱର ଯେ ଆମର ସୃଷ୍ଟିକର୍ତ୍ତା ଏହା ବିବେଚନା କରିବା । ସେ ଯାହା ହେଉ, ସପକ୍ଷ ବିଷୟ ମଧ୍ୟ ଅଛି । ଯଦି ଜଣେ ଦେଖିପାରେ ଯେ କିମିତି ନ ବଞ୍ଚିବାକୁ ହେବ, ବୋଧହୁଏ ତାପରେ ସେ ଦେଖିବ କଣ ସେ କରିବାକୁ ଚାହେଁ ଏବଂ ଗୋଟିଏ ଶୂନ୍ୟ ଜୀବନ କାଟିବାର ହୃଦୟ ବେଦନାରୁ ରକ୍ଷା ପାଇବ ।

# ପରମଗୀତ

ଲେଖକ : ଶଲୋମନ

ସମୟ : ଖ୍ରୀ.ପୂ. ୧୦ମ ଶତାବ୍ଦୀ

**ଆଧେୟ :**

ଏହି ପୁସ୍ତକ ଗୀତଗୁଡ଼ିକର ରଚନା ପର୍ଯ୍ୟାୟର ନିହିତ ବିଶେଷ ଭାବେ ଶଲମନ ଓ ଜଣେ ଶୂଲମୀୟା ସ୍ତ୍ରୀଙ୍କର ପ୍ରେମ ବିଷୟରେ ଲିଖିତ ହୋଇଛି, ତା'ପରେ ଏହି ପୁସ୍ତକର ଉଦ୍ଦେଶ୍ୟ ହେଲା ଗୀତଗୁଡ଼ିକର ଗୀତ । ଏହା ଅତି ସରଳ, କିନ୍ତୁ ପରସ୍ପର ପାଇଁ ଦୁଇ ପ୍ରେମିକଙ୍କର ବର୍ଣ୍ଣନାର ଛୋଟ ଅଂଶ, ସଂଗ୍ରାମର ଯାହା ଜୟ କରିବା ଦରକାର, କୋମଳ ଅନୁଭବର ଯାହା ଜାଗରିତ ହୁଏ ଏବଂ ଆନନ୍ଦର ଯାହା ଦୁଇ ପ୍ରେମିକ ସନ୍ଧାନ କରନ୍ତି ଏକତ୍ରିତ ହେବାକୁ । "ଯିରୂଶାଲମର ତରୁଣୀ ନାରୀ", ଯିଏ ଶଲୋମନଙ୍କୁ ସାକ୍ଷାତ କରନ୍ତି ଏବଂ ତାଙ୍କର ପ୍ରିୟ ସେମାନଙ୍କ ନିଜର ଅବଲୋକନ ଯୋଗ କରିବା ଦ୍ୱାରା ଗଭୀର ନାଟକୀୟ ପ୍ରଭାବ ଯୋଗ କରନ୍ତି ।

**ବିଷୟବସ୍ତୁ :**

ଏହି ବର୍ଣ୍ଣନାର ସ୍ପଷ୍ଟ ଅର୍ଥ ଏହି ଯେ ସେହି ମାନବୀୟ ପ୍ରେମ, ଯାହାକି ଈଶ୍ୱରଙ୍କ ଦ୍ୱାରା ନିଯୋଗ ହୋଇଥିଲା ତାହା ଉତ୍ତମ ଓ ପବିତ୍ର ଯେତେବେଳେ ଈଶ୍ୱରଙ୍କ ଆଦେଶକୁ ମାନିବାରେ ଆନନ୍ଦିତ ହେଲେ । ଅନେକ ଅନୁବାଦକ ଏହି ପୁସ୍ତକରେ ଗୋଟିଏ ସାଙ୍କେତିକ ଅର୍ଥ ପାଇଛନ୍ତି ଏବଂ ଇସ୍ରାୟେଲ ପାଇଁ ଈଶ୍ୱରଙ୍କ ପ୍ରେମ ଦେଖାଇଛନ୍ତି କିମ୍ବା ତାଙ୍କର ପ୍ରାର୍ଥନା ଗୃହପାଇଁ ଖ୍ରୀଷ୍ଟଙ୍କର ପ୍ରେମ ଦେଖାଇଛନ୍ତି । ଈଶ୍ୱର ପ୍ରେମ ଅଟନ୍ତି ନୂତନ ନିୟମର ଏହି ଶିକ୍ଷାକୁ ଦେଖାଇଛନ୍ତି । (୧ମ ଯୋହନ ୪ : ୮)

# ଯିଶାଇୟ

ଲେଖକ : ଯିଶାଇୟ

ସମୟ : ଖ୍ରୀ.ପୂ. ୮ମ ଶତାବ୍ଦୀ

**ଆଧେୟ :**

ଯିଶାଇୟଙ୍କର ଦୀର୍ଘ ପ୍ରଚାରକାର୍ଯ୍ୟ ୬୦ ବର୍ଷ ପର୍ଯ୍ୟନ୍ତ ହେଲା ଏବଂ ଏହା ଚାରୋଟି ରାଜାଙ୍କର ଶାସନରେ ମଧ୍ୟ ସଂପୃକ୍ତ ଶେଷ ରାଜା ସଂସ୍କାରକ ହିଜକିୟ ଥିଲେ । ଯଦିଚ୍ ଯିଶାଇୟଙ୍କ ଉପଦେଶ ଇସ୍ରାୟେଲର ଉତ୍ତରାଞ୍ଚଳ ଅନ୍ତର୍ଭୁକ୍ତ ଯିଶାଇୟ ଯିହୁଦାକୁ ପ୍ରେରିତ ହେଲେ । ଖ୍ରୀ.ପୂ. ୭୩୪-୭୩୨ରେ ଇସ୍ରାୟେଲ ଓ ଯିହୁଦା ମଧ୍ୟରେ ସାମରିକ ଯୁଦ୍ଧର ଭୟାନକ ଦିନଗୁଡ଼ିକ ଦ୍ୱାରା ସେ ବାସ କଲେ ଏବଂ ଖ୍ରୀ.ପୂ. ୭୨୨ ରେ ଆଶୀରୀୟ ଦ୍ୱାରା ଇସ୍ରାୟେଲର ଧ୍ୱଂସ ଦେଖିଲେ । ଇସ୍ରାୟେଲର ପତନ ଦ୍ୱାରା କୁତ୍ସିତ ଶିକ୍ଷା ଯିଶାଇୟଙ୍କ

ଠାରେ ହଜିଯାଇ ନଥିଲା ଏବଂ ଈଶ୍ୱରଙ୍କଠାରେ ବିଶ୍ୱାସ କରିବାକୁ ହିଜିକିୟଙ୍କୁ ଉତ୍ସାହିତ କରିବାକୁ ସେ ଏହା ବ୍ୟବହାର କରିଥିଲେ । ସୈନ୍ୟଛାଉଣୀ ଧ୍ୱଂସ କରିବାକୁ ଗୋଟିଏ ମାରୀ ପଠାଇ ଆଶୀରୀୟ ସୈନ୍ୟମାନଙ୍କଠାରୁ ଈଶ୍ୱର ଯିହୁଦାକୁ ଉଦ୍ଧାର କଲେ । ଯିହୁଦାର ଜନ୍ମଭୂମି ବିତାଡ଼ନ ଓ ସେଥିରୁ ଉଦ୍ଧାର ଯାହା ଈଶ୍ୱର ଯୋଗାଇଲେ ଯିଶାଇୟ ସେହି ସମୟର ଅପେକ୍ଷା କରିଥିଲେ ।

**ବିଷୟବସ୍ତୁ :**

ଯିଶାଇୟ ପୁସ୍ତକ ଯୀଶୁଙ୍କର ଗୋଟିଏ ପ୍ରିୟ ବହି ଥିଲା ଏବଂ ସେ ଏହାକୁ ସବୁବେଳେ ବ୍ୟବହାର କରୁଥିଲେ, କାରଣ କେନ୍ଦ୍ରୀୟ ବିଷୟ ପରିତ୍ରାଣ ଅଟେ । ଈଶ୍ୱର ତାଙ୍କର ଲୋକମାନଙ୍କର ପରିତ୍ରାଣ କର୍ତ୍ତା ଭାବେ ଦେଖାଯାଇଛନ୍ତି, ଯିଏ ମିଶରରୁ ସେମାନଙ୍କୁ ଉଦ୍ଧାର କଲେ, ଯିଏ ତାଙ୍କର ପ୍ରିୟ ଦାସକୁ ଆମ୍ଭମାନଙ୍କର ପାପ ବହନ ପାଇଁ ପଠାଇବେ (୫୩:୬), ଯିଏ ଅନୁତାପ ଓ ବିଶ୍ୱାସରେ ତାଙ୍କ ପାଖକୁ ଆସେ ଈଶ୍ୱର ତାହାକୁ ମୁକ୍ତ ହସ୍ତରେ କ୍ଷମା ଦିଅନ୍ତି । ଯେତେବେଳେ ମଣିଷମାନେ ସେମାନଙ୍କର ତରବାରୀ ସବୁ ତଳେ ଥୋଇବେ ସେହି ସମୟ ପୃଥିବୀରେ ଈଶ୍ୱରଙ୍କର ଭବିଷ୍ୟତ ରାଜ୍ୟ ସଂପର୍କରେ ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି ଏବଂ ସେମାନେ ଶାନ୍ତିରେ ରାଜା ଈଶ୍ୱରଙ୍କର ପ୍ରଶଂସା ଗାନ କରିବେ ।

# ଯିରିମିୟ

ଲେଖକ : ଯିରିମିୟ

ସମୟ : ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ

**ଆଧେୟ :**

ଯିହୁଦାର ସ୍ଥିତିର ଶେଷ ଚାଳିଶ ବର୍ଷ ଯିରିମିୟଙ୍କ ଜୀବନରେ ପୂର୍ଣ୍ଣ ହୋଇଛି । ତାଙ୍କର ଉପଦେଶର ଭାର ଈଶ୍ୱରଙ୍କ ବିଚାର ଗ୍ରହଣ କଲା ଯେପରିକି ଏକ ନୂତନ ଆରମ୍ଭ ପ୍ରସ୍ତୁତ ହୋଇପାରିବ । ବାବିଲୋନୀୟ ସୈନ୍ୟମାନଙ୍କ ଦ୍ୱାରା ଆକ୍ରମଣ, ଯିରୂଶାଲମର ଅଧିବାସୀମାନଙ୍କ ହତ୍ୟା, ଶତ୍ରୁମାନଙ୍କ ଦ୍ୱାରା ତାଙ୍କର ଲୋକମାନଙ୍କର ସ୍ଥାନାନ୍ତରକରଣ ଏବଂ ଈଶ୍ୱରଙ୍କ ମନ୍ଦିରର ଧ୍ୱଂସ ସମୟରେ ସେ ବାସ କରୁଥିଲେ । ସେ ଏହିସବୁ ଘଟଣା ବିଷୟରେ ଲୋକମାନଙ୍କୁ ସତର୍କ କଲେ, ପୁଣି ପାପରୁ ଫେରିବା ପାଇଁ ବିପକ୍ଷରେ ଓ ସପକ୍ଷରେ କାରଣ ଦର୍ଶାଇଲେ କିନ୍ତୁ କୌଣସି ଫଳ ହେଲା ନାହିଁ । ସେ କେବଳ ଘୃଣା ଓ ନିର୍ଯ୍ୟାତନା ପାଇଲେ । ଏହି ପୁସ୍ତକରେ ଅଳ୍ପ ବହୁତେ ଯିରିମିୟଙ୍କ ଜୀବନୀ ବିଷୟରେ ଲିଖିତ । ତେଣୁ ପୁରାତନ ନିୟମର ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ସେ ଅତି ପରିଚିତ ।

**ବିଷୟବସ୍ତୁ :**

ସଙ୍କଟ ସମୟରେ ଯେଉଁ ସମୟରେ ଯିରିମିୟ ବାସ କରୁଥିଲେ, ସେ ଲୋକମାନଙ୍କ ପାଇଁ ଗୋଟିଏ ଉପଦେଶ ରଖିଥିଲେ । ଅନୁତାପ କରି ଈଶ୍ୱରଙ୍କ ଆଡ଼କୁ ଫେର । ସବୁ ମିଥ୍ୟା ଆଶା ଏକାବେଳେ ତ୍ୟାଗ କରିପାରେ ଏବଂ ଦେଶରେ ତାଙ୍କର ଉଚିତ ସ୍ଥାନ ଈଶ୍ୱର ହୋଇପାରନ୍ତି । ସେମାନଙ୍କର ଧନ, କି ସୈନ୍ୟ କିମ୍ବା କୂଟନୀତି କିମ୍ବା ଧର୍ମ କିଛି ହିଁ ସେମାନଙ୍କୁ ଉଦ୍ଧାର କରିପାରିବ ନାହିଁ, କେବଳ ଈଶ୍ୱର ହିଁ ଉଦ୍ଧାର କରିପାରିବେ । ସବୁ ସମୟ ପାଇଁ ଯିରୂଶାଲମର ବିନଷ୍ଟ ସ୍ମରଣୀୟ ହୋଇରହିବ । ଯେତେବେଳେ ଦେଶ ଈଶ୍ୱରଙ୍କୁ ପ୍ରତ୍ୟାଖାନ କରିବ, ସେତେବେଳେ ଅନିବାର୍ଯ୍ୟ ଫଳ ତାହାକୁ ବିନିଷ୍ଟ କରିବ । ଯିରିମିୟଙ୍କର ମଧ୍ୟ ଆଶାର ଗୋଟିଏ ଉପଦେଶ ଥିଲା । ଯଦିଚ୍ଚ ଯିହୁଦା ଈଶ୍ୱରଙ୍କୁ ଏକାବେଳେ ତ୍ୟାଗ କଲା । ଈଶ୍ୱର ସେମାନଙ୍କୁ ଛାଡ଼ି ନ ଥିଲେ ଏବଂ ସେ ଯେ ଶକ୍ତିମାନ ଅଟନ୍ତି ଏହା ସେମାନଙ୍କୁ ପୁନର୍ବାର ଦେଖାନ୍ତି ।

# ଯିରିମିୟଙ୍କ ବିଳାପ

ଲେଖକ : ଯିରିମିୟ

ସମୟ : ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ

**ଆଧେୟ :**

ଯିରିମିୟଙ୍କ ବିଳାପ ପୁସ୍ତକ ଗୋଟିଏ ସମାଧିଦାନ ସମ୍ବନ୍ଧୀୟ ଗୀତ, ଯିରୂଶାଲମ ନଗରର ପତନ ପାଇଁ ଲିଖିତ । ଏହା ଯିରିମିୟଙ୍କ ଦ୍ୱାରା ରଚିତ, ଯିଏ କି ଜଣେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଥିଲେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରନ୍ତି । ଆତଙ୍କ ମଧ୍ୟରେ ଧ୍ୱଂସ ସେ ଦେଖାଇଛନ୍ତି ଯେପରିକି ଆଉ କେବେ ଏହି ବିଷୟ ପଚରା ନଯାଏ । କାହିଁକି ଆମକୁ କେହି କେବେ କହିଲେନି ଯେ ଈଶ୍ୱରଙ୍କୁ ନ ମାନିବା ହେତୁ ଆମକୁ ଦୁଃଖପୂର୍ଣ୍ଣ ମୂଲ୍ୟ ବା ଭୀଷଣ ମୂଲ୍ୟ ଦେବାକୁ ପଡୁଛି ? ସୁବିଧା ବହୁତ କମ୍ ଅଛି, କିନ୍ତୁ ୫ମ ପର୍ବରେ ଯିରିମିୟଙ୍କର ପ୍ରାର୍ଥନା ଈଶ୍ୱରଙ୍କୁ ଗୌରବଭୂଷିତ ଯିରୂଶାଲମର ଜନଶୂନ୍ୟତା ଦେଖାଯାଏ ଯାହାଙ୍କର ସିଂହାସନ ଚିରଦିନ ପାଇଁ ରହିବ । ତା'ପରେ ଯାଇ ଯିରିମିୟ କୌଣସି ପ୍ରବୋଧ ବା ସାନ୍ତ୍ୱନା ପାଆନ୍ତି ।

**ବିଷୟବସ୍ତୁ :**

ଯିରିମିୟଙ୍କ ବିଳାପ ପୁସ୍ତକ ଈଶ୍ୱରଙ୍କ କ୍ରୋଧ ଘୋଷଣା କରେ । ଏହା ତିକ୍ତ ସତ୍ୟ ଚିତ୍ରଣ କରେ ଯାହା ଈଶ୍ୱର ପାପ ଉପରେ ବିଚାର ପ୍ରତିଜ୍ଞା କରିଥିଲେ ଏବଂ ଯିହୁଦା ଈଶ୍ୱରଙ୍କୁ ପରୀକ୍ଷାରେ ପକାଇବାକୁ ମୂର୍ଖଭଳି ଚେଷ୍ଟା କରିଥିଲା । ଈଶ୍ୱରଙ୍କ ବିଶ୍ୱସ୍ତତା ମହତ ଅଟେ, ତାହା ପ୍ରତି ପ୍ରଭାତରେ ନୂତନ ଏବଂ ତାହାଙ୍କର କରୁଣା କେବେ ଶେଷ ହୁଏ ନାହିଁ (୩ : ୨୨ - ୩୩) । ଏହି ପୁସ୍ତକରେ ଥିବା ସତର୍କବାଣୀ ଓ ପ୍ରତିଜ୍ଞା ଉର୍ଦ୍ଧରେ ରଖାଯିବା ଉଚିତ ଯେପରି ସମସ୍ତେ ତାହା ଦେଖିପାରିବେ ।

# ଯିହିଜିକଲ

ଲେଖକ : ଯିହିଜିକଲ

ସମୟ : ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ

**ଆଧେୟ :**

ଯିହିଜିକଲ, ଯିଏ ଜଣେ ଯାଜକ ଭାବରେ ବଢ଼ିଲେ, ଖ୍ରୀ.ପୂ. ୫୯୭ରେ ଯିହୁଦୀମାନଙ୍କ ସହ ନିର୍ବାସିତ ହୋଇ ବାବିଲୋନ୍‌କୁ ଅଣାଗଲେ ଏବଂ ଈଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ହେଲେ ତାଙ୍କର ଉପଦେଶ ଯିରୁଶାଲମରେ ଥିବା ଲୋକମାନଙ୍କ ପାଇଁ ଆଗାମୀ ବିଚାର ଥିଲା, କିନ୍ତୁ ଯିହୁଦୀମାନଙ୍କ ଦ୍ୱାରା ତାଙ୍କର ପ୍ରଚାର ଗ୍ରହଣ ହେଲା ନାହିଁ ଯେଉଁମାନେ କି ତାଙ୍କ ସହିତ ବନ୍ଦୀତ୍ୱରେ ଥିଲେ । ଯେତେବେଳେ ଯିରୁଶାଲମର ଧ୍ୱଂସ ସହ ଖ୍ରୀ.ପୂ. ୫୮୬ ରେ ତାଙ୍କର ଭୟଙ୍କର ଭବିଷ୍ୟତବାଣୀ ସତ୍ୟ ହେଲା, ସେତେବେଳେ ଲୋକମାନେ ଆଗ୍ରହର ସହିତ ଶୁଣିବାକୁ ଆରମ୍ଭ କଲେ । ତାଙ୍କର ଉପଦେଶ ଅତୁଟ ବିଚାର ଭାବେ ଏହି ବିଷୟରେ ସୁଖ ଓ ଭବିଷ୍ୟତ ପାଇଁ ଆଶାରେ ପରିଣତ ହେଲା । ସବୁଠାରୁ ମନ୍ଦ ବିଷୟ ଆସିଥିଲା ; ସେଇଟା ଆଉଥରେ ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସମୟ ଥିଲା । ଯିହିଜିକଲ ନିଜକୁ ଜଣେ ମେଷପାଳକ ଓ ଇସ୍ରାୟେଲର ପ୍ରହରୀ ରୂପେ ଦେଖୁଥିଲେ । ମେଷପାଳକ ହିସାବରେ, ସେ ଲୋକମାନଙ୍କୁ ରକ୍ଷା କରିବାର ଥିଲା, କିନ୍ତୁ ପ୍ରହରୀ ହିସାବରେ ସେ ଆଗରେ ଥିବା ବିପଦର ସତର୍କ ଦେବାର ଥିଲା ।

**ବିଷୟବସ୍ତୁ :**

ଯିହିଜିକଲଙ୍କର ଉପଦେଶ ଈଶ୍ୱର ଅପରିବର୍ତ୍ତନୀୟ ପବିତ୍ରତା ଉପରେ ଆଧାରିତ । ଏହି ଦୁଇଟିରୁ ଗୋଟିଏ ହେଉଛି ପ୍ରତିଜ୍ଞା ଏବଂ ଅନ୍ୟଟି ହେଉଛି ସତର୍କ । ଏହା ଏକ ସତର୍କବାଣୀ କାରଣ ଈଶ୍ୱର ପାପର ବିଚାର କରିବାକୁ ପ୍ରତିଜ୍ଞା କରିଥିଲେ ଏବଂ ଏହା କେବେ ପରିବର୍ତ୍ତନ ହେବ ନାହିଁ । ଏହା ଏକ ପ୍ରତିଜ୍ଞା କାରଣ ଈଶ୍ୱର ତାଙ୍କ ଲୋକମାନଙ୍କ ପ୍ରତି ବିଶ୍ୱସ୍ତ ରହିବା ପାଇଁ ପ୍ରତିଜ୍ଞା କରିଥିଲେ ଏବଂ ଏହା ପରିବର୍ତ୍ତନ ହେବ ନାହିଁ । ଯିହିଜିକଲ ପୁସ୍ତକ ଦୁଇଟି ବିଷୟରେ ସଫଳ ହୋଇଥିବା ଈଶ୍ୱରଙ୍କ ଅତୁଟ ପ୍ରତିଜ୍ଞା ଦର୍ଶାଏ । ଯିହୁଦାଙ୍କ ପାପ ଯୋଗୁଁ ପ୍ରତିଜ୍ଞା ଅନୁସାରେ ନଗର ପତନ ଘଟିଲା । ଈଶ୍ୱରଙ୍କ ବିଶ୍ୱସ୍ତତା ଯୋଗୁଁ ତାଙ୍କର ପ୍ରତିଜ୍ଞାନୁସାରେ ନଗର ଉଦ୍ଧାର ହେବ । ଈଶ୍ୱରଙ୍କ ଲୋକମାନଙ୍କର ଜୀବନ କିପରି ଈଶ୍ୱର ବ୍ୟବହାର କରିଛନ୍ତି ତାହା ସଙ୍କଳ୍ପବଦ୍ଧ ।

# ଦାନିୟେଲ

ଲେଖକ : ଦାନିୟେଲ

ସମୟ : ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ

**ଆଧେୟ :**

ଦାନିୟେଲ ଜଣେ ତରୁଣ ଭାବରେ ବାବିଲୋନ୍‌ରେ ବନ୍ଦୀ କରି ନିଆଗଲେ - ଯେଉଁଠାରେ ଯଦିଚ ସେ ଜଣେ ବନ୍ଦୀ ଥିଲେ, ତଥାପି ସେ ସେଠାରେ ଶିକ୍ଷା ପାଇଲେ ଓ ପରେ ବାବିଲୋନ୍‌ରେ ଗୋଟିଏ ଉଚ୍ଚ ପଦ ପାଇଲେ ଓ ପରେ ପାର୍ଶୀ ସରକାର ଅଧୀନରେ ରହିଲେ । ଈଶ୍ୱରଙ୍କଠାରେ ବିଶ୍ୱାସ ଯୋଗୁଁ ତାଙ୍କୁ ନିଷ୍ଠୁର ନିର୍ଯ୍ୟାତନା ଦିଆଗଲା, ଥରେ ତାଙ୍କୁ ସିଂହମାନଙ୍କ ଗର୍ତ୍ତରେ ମଧ୍ୟ ପକାଯାଇଥିଲା । ତାଙ୍କର ତିନୋଟି ବନ୍ଧୁଙ୍କୁ ମଧ୍ୟ ଅଗ୍ନିକୁଣ୍ଡରେ ପକାଗଲା, କିନ୍ତୁ ସେମାନେ ମଧ୍ୟ ଈଶ୍ୱରଙ୍କ ଶକ୍ତିରେ ଜୀବିତ ହୋଇଲେ । ଦାନିୟେଲଙ୍କ ସମୟର ଅନେକ ଐତିହାସିକ ଘଟଣା ସହ ଏହି ପୁସ୍ତକ ସଂପୃକ୍ତ । କିନ୍ତୁ ଏହା ଭବିଷ୍ୟତର ଭବିଷ୍ୟତବାଣୀ ବିଷୟରେ ଅନ୍ତର୍ଭୁକ୍ତ । ଦାନିୟେଲ ଯେଉଁ ମହାପୃଥିବୀ ରାଜ୍ୟ ଆସିବାର ଥିଲା ତାହା ଦେଖୁଥିଲେ, କିନ୍ତୁ ତାହାଠାରୁ ଅଧିକ ସେ ଦେଖିଲେ । ସେ ଈଶ୍ୱରଙ୍କ ଶକ୍ତି ଓ ମଶୀହ ଯୀଶୁ ଖ୍ରୀଷ୍ଟଙ୍କୁ ମଧ୍ୟ ଦେଖିଲେ, ଯିଏକି ଜଗତର ମନ୍ଦତା ଦୂର କରିବା ପାଇଁ ଆସିବାର ଥିଲା, ଶେଷରେ ଧାର୍ମିକତାର ରାଜ୍ୟ ପ୍ରତିଷ୍ଠା କରିବାକୁ ଯାହା କେବେ ହେଁ ମଳିନ ହୁଏ ନାହିଁ ।

**ବିଷୟବସ୍ତୁ :**

ଈଶ୍ୱରଙ୍କ ସାର୍ବଭୌମତ୍ୱ ଦାନିୟେଲଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଈଶ୍ୱର ମଣିଷର କାର୍ଯ୍ୟ ଦ୍ୱାରା ଏବଂ କାର୍ଯ୍ୟ ଭିତରେ କାର୍ଯ୍ୟ କରି ତାଙ୍କ ନିଜ ଇଚ୍ଛାରେ ଇତିହାସର ପଥ ଦେଖାଇ ମଣିଷର କାର୍ଯ୍ୟ ଉପରେ ଶାସନ କରନ୍ତି । ମଣିଷର ରାଜ୍ୟର ଉତ୍‌ଥାନ ବା ପତନ ହୋଇପାରେ, କିନ୍ତୁ ଈଶ୍ୱର ଚିରଦିନ ରାଜ୍ୟ କରନ୍ତି । ଈଶ୍ୱରଙ୍କ ଇଚ୍ଛା ସଦାକାଳ ପାଇଁ ରହେ ଏବଂ ଏହାର ମନୋବଳ ମଶୀହଙ୍କ ଦ୍ୱାରା ମଣିଷମାନଙ୍କୁ ପରିତ୍ରାଣ ଦେବାକୁ ଯାହାଙ୍କୁ ସେ ପଠାଇବେ । ଶେଷରେ ମନ୍ଦର ପରାଜୟ ଓ ଉତ୍ତମର ବିଜୟ ହେବ । କାରଣ ଈଶ୍ୱର ସେପରି ଇଚ୍ଛା କରିଅଛନ୍ତି ।

# ହୋଶେୟ

ଲେଖକ : ହୋଶେୟ

ସମୟ : ଖ୍ରୀ.ପୂ. ୮ମ ଶତାବ୍ଦୀ

**ଆଧେୟ :**

ହୋଶେୟ ପୁସ୍ତକରେ ଦୁଇଟି ଅସମାନ୍ୟ ଅଂଶ ଅନ୍ତର୍ଭୁକ୍ତ, ପ୍ରଥମ ହୋଶେୟଙ୍କ ଜୀବନ (୧-୩) ଏବଂ ଦ୍ୱିତୀୟ ହୋଶେୟଙ୍କ ଉପଦେଶରେ ଅନ୍ତର୍ଭୁକ୍ତ (୪-୧୪) । ହୋଶେୟଙ୍କର ଅସୁଖ ପାରିବାରିକ ଜୀବନ ତାଙ୍କ ଦେଶରେ ରାଜ୍ୟର ବିଷୟ ସାଙ୍କେତିକ ଭାବରେ ବର୍ଣ୍ଣନା କରାଯାଇଛି । ଯେତେବେଳେ ତାଙ୍କର ଭାର୍ଯ୍ୟା ବେଶ୍ୟାର ଜୀବନ କାଟିବା ପାଇଁ ଘର ପରିତ୍ୟାଗ କଲେ ସେତେବେଳେ ଇସ୍ରାୟେଲ ଈଶ୍ୱର ଛାଡ଼ି ମିଥ୍ୟା ଦେବତାଙ୍କ ପଛରେ ଚାଲିଗଲେ । କିନ୍ତୁ ହୋଶେୟ ତାଙ୍କର ଭାର୍ଯ୍ୟାଙ୍କୁ ପ୍ରେମ କରିବାକୁ ଲାଗିଲେ ଏବଂ ଶେଷରେ ଭାର୍ଯ୍ୟାଙ୍କୁ ଘରକୁ ଆଣିଲେ । ତେଣୁ ଈଶ୍ୱର ଇସ୍ରାୟେଲକୁ ପ୍ରେମ କରିବାକୁ ଲାଗିଲେ ଏବଂ ଦିନେ ନା ଦିନେ ତାକୁ ଉଦ୍ଧାର କରିବାକୁ ପ୍ରତିଜ୍ଞା କଲେ ।

**ବିଷୟବସ୍ତୁ :**

ହୋଶେୟ ପୁସ୍ତକରେ ଦୁଇଟି ବିପରୀତ ବିଷୟ ଦେଖିବାକୁ ମିଳେ । ଈଶ୍ୱରଙ୍କ ପ୍ରେମ ଓ ଇସ୍ରାୟେଲର ପଥ ଈଶ୍ୱର ବିଶ୍ୱସ୍ତ, ଯତ୍ନକାରୀ, ପାପ କ୍ଷମାକାରୀ, ଦୟାଳୁ ଓ ପ୍ରେମୀ ଭାବରେ ବର୍ଣ୍ଣିତ ହୋଇଛନ୍ତି । ଈଶ୍ୱରଙ୍କ ଅସରନ୍ତି ପ୍ରେମ ବିଦ୍ରୋହୀ ଓ କୌତୁକପୂର୍ଣ୍ଣ ଉଦ୍ଦେଶ୍ୟ ଅଟେ । ଈଶ୍ୱର କଣ ଚାହାନ୍ତି ତାହାର ଅଜ୍ଞତା ଦ୍ୱାରା ସେ ଚରିତ୍ରିତ ହୋଇଛି ଏବଂ ଈଶ୍ୱରଙ୍କୁ ଖୁସି କରିବାର କୌଣସି ଅଭିଳାଷ ନାହିଁ । ଯାହାହେଉ, ହୋଶେୟଙ୍କ ପ୍ରେମ ଯେପରି ଶେଷରେ ବିଜୟ ହେଲା, ସେପରି ଈଶ୍ୱରଙ୍କ ପ୍ରେମ ଇସ୍ରାୟେଲରେ ସ୍ଥାନାନ୍ତରକରଣର ଆଶ୍ଚର୍ଯ୍ୟ କର୍ମ କରିବ ।

# ଯୋୟେଲ

ଲେଖକ : ଯୋୟେଲ

ସମୟ : ଖ୍ରୀ.ପୂ. ୯ମ ଶତାବ୍ଦୀ

**ଆଧେୟ :**

ଏହି ସୁନ୍ଦର ଭାବେ ଲିଖିତ ପୁସ୍ତକ ସାଙ୍କେତିକ ଭାବେ ଯିରୁଶାଲମ ଉପରେ ଈଶ୍ୱରଙ୍କ ବିଚାର ବର୍ଣ୍ଣନା କରିବାକୁ ପଙ୍ଗପାଳ ମାନଙ୍କର ମାରୀ ବ୍ୟବହାର କରେ । ପଙ୍ଗପାଳ ଯେପରି ଜମି ନଷ୍ଟ କରେ, ପାପ ପାଇଁ ଦେଶ ଅନୁତାପ ନକଲେ ଶତ୍ରୁମାନଙ୍କ ଦ୍ୱାରା ଜମି ମଧ୍ୟ ସେପରି ନଷ୍ଟ ହେବ । ଯଦି ଲୋକମାନେ ଏହିସବୁ କଥା ଶୁଣନ୍ତି, ଯେତେବେଳେ ଈଶ୍ୱର ସମୁଦାୟ ପ୍ରାଣୀ ଉପରେ ତାଙ୍କର ପବିତ୍ର ଆତ୍ମା ଢାଳିବେ, ଈଶ୍ୱରଙ୍କ ଅନୁଗ୍ରହର ଫେରଣ ଦେଖାଯାଉଛି । ପୁଣି ସମୃଦ୍ଧିର ସମୟ ମଧ୍ୟ ଆସିବ (୨:୨୮-୩୨) । ନୂତନ ନିୟମ ପେଣ୍ଟିକଷ୍ଟ ଦିନରେ ଏହା ସଫଳ ହେବାର ଦେଖେ (ପ୍ରେରିତ ୨:୧୬-୨୧) ।

**ବିଷୟବସ୍ତୁ :**

ଯୋୟେଲଙ୍କ ଉପଦେଶ ଆଗାମୀ ବିଚାର ସଂପର୍କୀୟ, ଯଦି ଯିରୁଶାଲମ ଅନୁତାପ ନ କରେ । ପଙ୍ଗପାଳଗୁଡ଼ିକ ଯେପରି ଗଛଗୁଡ଼ିକ ବିବସନ କରି ଖାଲି କରିଦିଅନ୍ତି, ଈଶ୍ୱର ମଧ୍ୟ ସେହିପରି ଭୂମି ବିବସନ କରି ଖାଲି କରି ଦିଅନ୍ତି । ଯୋୟେଲ ମଧ୍ୟ ଶେଷ ଆଶୀର୍ବାଦ ଓ ଆଗାମୀ ସମୃଦ୍ଧିତା ବିଷୟରେ କହନ୍ତି, ଯଦି ଲୋକମାନେ ବିଶ୍ୱାସରେ ଉତ୍ତର ଦିଅନ୍ତି ।

# ଆମୋଷ

ଲେଖକ : ଆମୋଷ
ସମୟ : ଖ୍ରୀ.ପୂ. ୮ମ ଶତାବ୍ଦୀ
**ଆଧେୟ :**

ଆମୋଷ ହୋଶେୟ, ଯିଶାଇୟ ଓ ମୀଖାଙ୍କର ସମକାଳୀନ ଥିଲେ ଏବଂ ହୋଶେୟଙ୍କ ପରି ତାଙ୍କ ଉପଦେଶ ମଧ୍ୟ ଇସ୍ରାୟେଲର ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକୁ ଲକ୍ଷ୍ୟ କରୁଥିଲା । ଯଦିଚ୍ଚ ସେ ନିଜେ ଦକ୍ଷିଣାଞ୍ଚଳର ଥିଲେ । ସେ ଦେଶର ପାରିପାର୍ଶ୍ୱିକ ଉପରେ ବିଚ୍ଚାର ଘୋଷାଣା କରି ଆରମ୍ଭ କରନ୍ତି ଏବଂ ଶେଷରେ ଇସ୍ରାୟେଲ ଉପରେ କେନ୍ଦ୍ର ସ୍ଥାପନ କରନ୍ତି । ଇସ୍ରାୟେଲର ପାପର କଠୋର ନିନ୍ଦାବାଦର ପର୍ଯ୍ୟାୟ ଅଛି । ବିଶେଷ କରି ସେହି ଦିନର ସାମାଜିକ ପାପଗୁଡ଼ିକ ; ଅନ୍ୟାୟ, କାର୍ଯ୍ୟାଳୟ ସମ୍ବନ୍ଧୀୟ ଦୁର୍ନୀତି, ଲୋଭ ଏବଂ ମିଥ୍ୟା ଉପାସନା । ଅପରିବର୍ତ୍ତନୀୟ ଉପଦେଶଗୁଡ଼ିକୁ ଦର୍ଶନ ପର୍ଯ୍ୟାୟ ବିସ୍ତାର କରେ ଏବଂ ପୁସ୍ତକଟି ସାମାନ୍ୟ ଆଶା ସହିତ ସମାପ୍ତ ହୁଏ ଯେ ଇସ୍ରାୟେଲ ଶୁଣିବ ।

**ବିଷୟବସ୍ତୁ :**

ଆମୋଷଙ୍କ ଉପଦେଶ ଈଶ୍ୱରଙ୍କ ଅନନ୍ତ ଧାର୍ମିକତାର ତତ୍ତ୍ୱ ଉପରେ ଆଧାରିତ । କାରଣ ଈଶ୍ୱର ଧାର୍ମିକ ଅଟନ୍ତି, ସେ ତାଙ୍କର ଲୋକମାନଙ୍କର ଧାର୍ମିକତା ଦାବୀ କରନ୍ତି । ଯଦି ସେମାନେ ଜୀବନରେ ସେମାନଙ୍କର ବିଶ୍ୱାସ ସ୍ପଷ୍ଟ କରନ୍ତି ନାହିଁ, ସେମାନେ ଈଶ୍ୱରଙ୍କୁ ଉତ୍ତର ଦେବା ଆବଶ୍ୟକ । ପାପ କ୍ଷମାର ଦାନ ପ୍ରସ୍ତୁତ ଅଛି (୫ : ୬) ଏବଂ ଇସ୍ରାୟେଲ ଈଶ୍ୱରଙ୍କ ଶକ୍ତି ଓ ଅନୁଗ୍ରହ ଦ୍ୱାରା ପୂର୍ବଭଳି ଦିନେ ନା ଦିନେ ଉଦ୍ଧାର କରାଯିବ । (୧୫ : ୧୧)

# ଓବଦିୟ

ଲେଖକ : ଓବଦିୟ
ସମୟ : ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀ
**ଆଧେୟ :**

ଇଦୋମ ଦେଶ ଯାହା ଖ୍ରୀ.ପୂ. ୫୮୬ ରେ ଯିରୁଶାଲମର ଧ୍ୱଂସରେ ବିଶ୍ୱାସଘାତକତା କରି ଭାଗ ନେଇଥିଲା ତାହାର ଧ୍ୱଂସ ସଂପର୍କରେ ଗୋଟିଏ ଭବିଷ୍ୟଦ୍‌ବାଣୀ ଏହି ପୁସ୍ତକରେ ଲେଖାଅଛି । ଇଦୋମୀୟମାନେ ଏଶୌର ବଂଶଧର, ଯେବେ ଇସ୍ରାୟେଲୀୟମାନେ ଯାକୁବଙ୍କ ବଂଶଧର । ଯାକୁବ ଓ ଏଶୌ ଦୁଇ ଭାଇ । ଏହା ଭାଇ (ଇସ୍ରାୟେଲ) ବିରୁଦ୍ଧରେ ଭାଇ (ଇଦୋମ)ର ପ୍ରଚଣ୍ଡତା ପାଇଁ ଇଦୋମ ଦଣ୍ଡିତ ହେଲା । କିଛି ସାହାଯ୍ୟ କରିବା ପରିବର୍ତ୍ତେ ଯେତେବେଳେ ଶତ୍ରୁ ଇସ୍ରାୟେଲ ବିରୁଦ୍ଧରେ ଥିଲା, ଇଦୋମ ଧ୍ୱଂସ କରିବାରେ ସାହାଯ୍ୟ କଲା ଏବଂ ନଗରର ଲୁଣ୍ଠନ କରିବାରେ ଅଂଶ ଗ୍ରହଣ କଲା ।

**ବିଷୟବସ୍ତୁ :**

ଓବଦିୟ ଆମକୁ ଦେଖାଇବାକୁ ଚ୍ଚାହାନ୍ତି ଯେ ଈଶ୍ୱରଙ୍କ ପାପ ପ୍ରତି ଘୃଣା ଅଛି । ଏହା ଅକଳ୍ପନୀୟ ବା ଅସମ୍ଭବ ଯେ ଈଶ୍ୱର ନିଷ୍କ୍ରିୟ ଭାବରେ ଠିଆ ହୋଇ ରହିବେ ଯେତେବେଳେ କି ଭାଇର ବିନଷ୍ଟତା ଦେଖି ଭାଇ କିଛି ନ କରିବ ଏବଂ ଏମିତିକି ସେହି ହତ୍ୟାରେ ଅଂଶଗ୍ରହଣ କରିବ । ଈଶ୍ୱର ଇଦୋମ ଜାତିକୁ ବା ଗୋଷ୍ଠୀକୁ ବିଚ୍ଚାର କରିବା ପାଇଁ ଆଗେଇ ଆସିଲେ ଏବଂ ତାହା ଶେଷରେ ଧ୍ୱଂସ ହେଲା ।

# ଯୁନସ

ଲେଖକ : ଯୁନସ
ସମୟ : ଖ୍ରୀ.ପୂ. ୮ମ ଶତାବ୍ଦୀ
**ଆଧେୟ :**

ଯୁନସ ଜଣେ ଭବିଷ୍ୟଦ ବକ୍ତା ଥିଲେ ଯିଏ କି ଇସ୍ରାୟେଲରେ ରହୁଥିଲେ (୨ ରାଜାବଳୀ ୧୪ : ୨୫) ଏବଂ ଆଶେରୀୟ ଜାତି ବା ଗୋଷ୍ଠୀକୁ (ରାଜଧାନୀ ନଗର ଥିଲା ନିନିବି) ଅନୁତାପ ପାଇଁ ପ୍ରଚ୍ଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ଆହୂତ ହୋଇଥିଲେ । ଖ୍ରୀ. ପୂ. ୭୨୨ରେ ଇସ୍ରାୟେଲ ଧ୍ୱଂସ ହେବାକୁ ଯାଉଥିଲା । ଆହ୍ୱାନ ପାଇବା ପରେ, ଯୁନସଙ୍କ ଜାତୀୟତା ମନୋଭାବ ମୂର୍ତ୍ତିପୂଜକମାନଙ୍କୁ ପରିତ୍ରାଣ ଦେବା ପାଇଁ ଅନୁମତି ହେଲା ନାହିଁ । ତେଣୁ ସେ ଈଶ୍ୱରଙ୍କଠାରୁ ଜାହାଜରେ ପଳାଇଯିବାକୁ ଚ୍ଚେଷ୍ଟା କଲେ । ସେ ଜାହାଜରେ ଅନେକ ଦୂରକୁ ଚ୍ଚାଲିଗଲେ ଏବଂ ଗୋଟିଏ ବଡ଼ ମାଛ ତାଙ୍କୁ ଗିଳିଦେଲା । ପୁଣି ସମୁଦ୍ର କୂଳରେ ଆଣି ଉଦ୍‌ଗୀରଣ କଲା ଏବଂ ଶେଷରେ ଈଶ୍ୱରଙ୍କ ଆଦେଶ ମାନି ନିନିବି ନଗରକୁ ପ୍ରଚ୍ଚାର କରିବା ପାଇଁ ଗଲେ । ସେଠାରେ ତାଙ୍କର ସଫଳତା ପାଇଁ ସେ କ୍ରୋଧ ପ୍ରକାଶ କଲେ ଏବଂ ଈଶ୍ୱର ତାଙ୍କୁ ଗୋଟିଏ କଖାରୁ ଲତା ଉଦାହରଣ ନେଇ ଗୋଟିଏ ଶିକ୍ଷା ଦେଲେ ।

ନୂତନ ନିୟମରେ ମାଛର ପେଟରେ ଥିବା ଯୁନସଙ୍କର ଅନୁଭୂତି ବ୍ୟବହୃତ ହୋଇଛି । (ମାଥିଉ ୧୨ : ୩୮ - ୪୧) ଯୀଶୁଙ୍କର ସମାଧିର ଉଦାହରଣ ସ୍ୱରୂପ ।

**ବିଷୟବସ୍ତୁ :**

୪ : ୧୧ ରେ ଯୁନସଙ୍କର ମୌଳିକ ଉଦ୍ଦେଶ୍ୟ ଲିଖିତ । ଯେଉଁଠାରେ ଈଶ୍ୱର ଲୋକମାନଙ୍କ ପାଇଁ ତାଙ୍କର ପ୍ରେମ ପ୍ରକାଶ କରନ୍ତି, ସେ ଇସ୍ରାୟେଲୀୟ ହେଉ ବା ନ ହେଉ । ଯୁନସ ଆଶେରୀୟମାନଙ୍କୁ ସଠିକ୍ ଭାବରେ ପ୍ରେମ କରିବାକୁ ଅକ୍ଷମ ଥିଲେ, କିନ୍ତୁ ଈଶ୍ୱର ସେମାନଙ୍କ ପାଇଁ କିଛି ପ୍ରୟାସ କଲେ ନାହିଁ । କିନ୍ତୁ ସେମାନଙ୍କର ମଙ୍ଗଳ ଓ ପରିତ୍ରାଣ ଇଚ୍ଛା କଲେ ଏବଂ ସେ ଜୀବନରେ ଅନୁତାପ ଦାନ କରିବା ପାଇଁ ଜଣେ ଭବିଷ୍ୟଦବକ୍ତାଙ୍କୁ ପଠାଇଲେ । ପୁସ୍ତକଟି ଈଶ୍ୱରଙ୍କ ଶକ୍ତି ମଧ୍ୟ ପ୍ରକାଶ କରେ ଏବଂ ପ୍ରକୃତିର ଶକ୍ତିକୁ ନିୟନ୍ତ୍ରଣ କରେ ।

## ମୀଖା

**ଲେଖକ :** ମୀଖା

**ସମୟ :** ଖ୍ରୀ. ପୂ. ୮ମ ଶତାବ୍ଦୀ

**ଆଧେୟ :**

ମୀଖା ଯିଶାଇୟଙ୍କର ସମସାମୟିକ ଥିଲେ ଯିଏ ଖ୍ରୀ.ପୂ. ୮ମ ଶତାବ୍ଦୀରେ ଇସ୍ରାୟେଲ ଓ ଯିହୁଦା ଦୁଇ ସ୍ଥାନରେ ପ୍ରଚାର କରିଥିଲେ । ସେ ଯିରୂଶାଲମ ଓ ଶମରିୟାର ଦକ୍ଷିଣରେ ଥିବା ଗୋଟିଏ ଛୋଟ ସହର (ଗୋରେଶେଥ୍)ରେ ବାସ କରୁଥିଲେ । ସେ ସେମାନଙ୍କର ଅତ୍ୟାଚାର, ଗର୍ବ, ଲୋଭ, ଦୁର୍ନୀତି, ମିଥ୍ୟା, ଧର୍ମ ପରାୟଣତା ଓ ଦାମ୍ଭିକତା ବିରୁଦ୍ଧରେ କହିଲେ । ଦେଶର ନେତା ଭାବରେ ରାଜଧାନୀ ନଗରଗୁଡ଼ିକ ପାପର ଦେଶ ନୁହଁ, କିନ୍ତୁ ଦାର୍ମିକତାର ଦେଶରେ ପରିଣତ କରିବା ଆବଶ୍ୟକ ଏବଂ ଧାର୍ମିକ ଈଶ୍ୱର ସେମାନଙ୍କ କାର୍ଯ୍ୟ ପାଇଁ ସେମାନଙ୍କୁ ଦାୟୀ କରି ରଖିବେ ।

**ବିଷୟବସ୍ତୁ :**

ଏହି ପୁସ୍ତକର ବଡ଼ ଲକ୍ଷ୍ୟ ହେଲା ମନୁଷ୍ୟମାନଙ୍କ ମଧ୍ୟରେ ଧାର୍ମିକତା ପାଇଁ ଈଶ୍ୱରଙ୍କ ଧାର୍ମିକତା ଓ ଆବଶ୍ୟକତା ଈଶ୍ୱର ତାଙ୍କ ଲୋକମାନଙ୍କ ଠାରୁ ନ୍ୟାୟ, ନମ୍ରତା ଓ ପ୍ରେମ ଚାହାନ୍ତି ବାହ୍ୟରୂପ ନୁହଁ (୬ : ୮) । ଯେଉଁମାନେ ବିଦ୍ରୋହରେ, ଅତ୍ୟାଚାରରେ ଓ ଗର୍ବରେ ସ୍ଥାୟୀ ହୋଇ ରହିବେ ସେମାନେ ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ହେବେ । ମୀଖା ମଧ୍ୟ ଖ୍ରୀଷ୍ଟଙ୍କର ଆଗମନ ବିଷୟ ଭବିଷ୍ୟତ ବାଣୀ କହିବା ସଙ୍ଗେ ସଙ୍ଗେ ତାଙ୍କର ଜନ୍ମସ୍ଥାନ ମଧ୍ୟ କହିଥିଲେ (୫ : ୨) । ଏହି ଭବିଷ୍ୟତ ବାଣୀ ହେରୋଦଙ୍କ ପରାମର୍ଶଦାତାମାନଙ୍କ ଦ୍ୱାରା ସ୍ମରଣ କରାଯାଇଥିଲା । ଯେତେବେଳେ ମାଗୀ ଶିଶୁ ଯୀଶୁଙ୍କୁ ଅନ୍ୱେଷଣ କରୁଥିଲେ (ମାଥିଉ ୨ : ୪ - ୬)

## ନାହୂମ

**ଲେଖକ :** ନାହୂମ

**ସମୟ :** ଖ୍ରୀ.ପୂ. ୭ମ ଶତାବ୍ଦୀ

**ଆଧେୟ :**

ନାହୂମଙ୍କ ପୁସ୍ତକ ଆଶେରୀୟର ରାଜଧାନୀ ନଗର ନିନିବିର ଧ୍ୱଂସ ବିଷୟରେ ଭବିଷ୍ୟତବାଣୀ ଅଟେ । ଆଶେରୀୟମାନେ ଖ୍ରୀ. ପୂ. ୭୨୨ରେ ଶମେରିଆ ଧ୍ୱଂସ କଲେ । ନାହୂମ ନିନିବିର ଧ୍ୱଂସର କାରଣ ଅତି ସୁନ୍ଦର ଶବ୍ଦରେ ବର୍ଣ୍ଣନା କରନ୍ତି ; ଏହାର ମୂର୍ତ୍ତିପୂଜା, ନିଷ୍ଠୁରତା, ହତ୍ୟା, ମିଥ୍ୟା, ବିଶ୍ୱାସଘାତକତା, ଅନ୍ଧବିଶ୍ୱାସ ଏବଂ ଅନ୍ୟାୟ । ଏହି ନଗର ରକ୍ତରେ ପୂର୍ଣ୍ଣ (୩ : ୧) ଏବଂ ଏହିପରି ଏକ ନଗର ସ୍ଥାୟୀ ରହିବ ।

**ବିଷୟବସ୍ତୁ :**

ପୁସ୍ତକର ଉପଦେଶ ଈଶ୍ୱରଙ୍କ ପବିତ୍ରତା, ନ୍ୟାୟ ଓ ଶକ୍ତି ରେଖାଙ୍କିତ କରେ । ଈଶ୍ୱର ସମସ୍ତ ଜଗତ ଉପରେ ଶାସନ କରନ୍ତି । ଏପରିକି ଯେଉଁମାନେ ତାଙ୍କୁ ସ୍ୱୀକାର କରନ୍ତି ନାହିଁ ସେମାନଙ୍କ ଉପରେ ମଧ୍ୟ । ସେ ଦେଶଗୁଡ଼ିକର ସୀମା ସ୍ଥାପନ କରନ୍ତି ଏବଂ ଯେଉଁ ଦେଶଗୁଡ଼ିକ ବିନାନୁମତିରେ ପ୍ରବେଶ କରନ୍ତି ସେଗୁଡ଼ିକ ଦଣ୍ଡିତ ହୁଅନ୍ତି । ଏହିସବୁ ବିଷୟ ପାଇଁ ଆଶାର କିରଣ ଉପଦେଶ ଉଜ୍ଜ୍ୱଳିତ କରେ । ଈଶ୍ୱର କ୍ରୋଧରେ ଧୀର (୧ : ୩) ଓ ମଙ୍ଗଳମୟ (୧ : ୭) ଏବଂ ଯେଉଁମାନେ ଈଶ୍ୱରଙ୍କ ବିଚାର ପରିବର୍ତ୍ତେ ଆଶୀର୍ବାଦ ଚାହାନ୍ତି, ସେମାନଙ୍କୁ ସେ ଉତ୍ତମ ବିଷୟସବୁ ଦାନ କରନ୍ତି (୧ : ୧୫) ।

# ହବକ୍‌କ୍ୱକ୍

ଲେଖକ : ହବକ୍‌କ୍ୱକ୍
ସମୟ : ଖ୍ରୀ.ପୂ. ୭ମ ଶତାବ୍ଦୀ

**ଆଧେୟ :**

ହବକ୍‌କ୍ୱକ୍ ଖ୍ରୀ. ପୂ. ୫୮୬ରେ ଯିହୁଦାର ପତନ ପୂର୍ବରୁ ତାହାର ଶେଷ ଦିନ ଗୁଡ଼ିକରେ ପ୍ରଚାର କରିଥିଲେ । ସେ ଆସନ୍ନ ବିନାଶ ଦେଖିଲେ ଏବଂ ଦୁଇଟି ବିଷୟ ନେଇ ଅସୁବିଧାରେ ପଡ଼ିଲେ - ଯିହୁଦା ଦେଶରେ ଈଶ୍ୱର କାହିଁକି ମନ୍ଦତାକୁ ରହିବା ପାଇଁ ଛାଡ଼ି ଦେଲେ ଏବଂ ବାବିଲୋନ୍ ପରି ଯିହୁଦାଙ୍କୁ ତାହାର ପାପ ପାଇଁ ଶାସ୍ତି ଦେବାକୁ ଈଶ୍ୱର କିପରି ଗୋଟିଏ ପାପରେ ପୂର୍ଣ୍ଣଦେଶ ବ୍ୟବହାର କଲେ । ହବକ୍‌କ୍ୱକ୍‌ଙ୍କର ବିଭ୍ରାନ୍ତ ଅବସ୍ଥାରେ ଈଶ୍ୱର ଉତ୍ତର ଦେଲେ ଏବଂ ସେ ଯାହା ପ୍ରଶ୍ନ କରିଥିଲେ ତାହାଠାରୁ ଅଧିକ ପରିମାଣରେ ଦେଲେ ଏବଂ ତାହା ହେଉଛି ସ୍ୱୟଂ ଈଶ୍ୱରଙ୍କ ଦର୍ଶନ । ଈଶ୍ୱରଙ୍କଠାରେ ଏହି ନୂତନ ଅନ୍ତର୍ଦୃଷ୍ଟି ଏବଂ ତାଙ୍କର ନିଜ ସ୍ୱଚ୍ଛତା ସେହି ଅନ୍ଧକାରପୂର୍ଣ୍ଣ ଦିନଗୁଡ଼ିକରେ ଦୃଢ଼ ମନୋବଳ ଓ ଶକ୍ତିର ସହିତ ବଞ୍ଚିବାକୁ ହବକ୍‌କ୍ୱକ୍‌ଙ୍କୁ ସାହାସ ଦେଲେ ।

**ବିଷୟବସ୍ତୁ :**

ଏହି ଆଶ୍ଚର୍ଯ୍ୟଜନକ ପୁସ୍ତକର ମୌଳିକ ଉପଦେଶ ହେଉଛି ଈଶ୍ୱରଙ୍କ କର୍ତ୍ତୃତ୍ୱ ଓ ତାଙ୍କୁ ବିଶ୍ୱାସ କରିବାକୁ ମନୁଷ୍ୟ ପାଇଁ ଆବଶ୍ୟକତା । ଈଶ୍ୱର ସମସ୍ତ ଦେଶ ଓ ଜାତିର ନିୟନ୍ତ୍ରଣରେ ଅଛନ୍ତି ଏବଂ ଯାହା ସତ ବା ଉଚିତ ତାହା ସେ କରିବେ । ମଣିଷର ଯଥାର୍ଥ ଦୃଷ୍ଟିକୋଣ ବା ମନୋଭାବ ସନ୍ଦେହ ନୁହଁ ବିଶ୍ୱାସ ଅଟେ (୨ : ୪) । ଯେତେବେଳେ ଜଣେ ମଣିଷ ଏହା କରେ ସେ ଈଶ୍ୱରଙ୍କର ଗଭୀର ଅର୍ଥରେ ବାହ୍ୟିକ ଅସୁଖ ବିଷୟର ଭିତରେ ଦେଖିପାରେ ଏବଂ ଯାହା ଘଟୁ ପଛେ ବଞ୍ଚିବାକୁ ଶକ୍ତି ପାଏ । ଆମେ ଭବିଷ୍ୟତ ଜାଣୁ ନା, କିନ୍ତୁ ଈଶ୍ୱର ଜାଣନ୍ତି ଓ ସେ ସଂପୂର୍ଣ୍ଣ ବିଶ୍ୱାସଯୋଗ୍ୟ ଅଟନ୍ତି ।

# ସିଫନିୟ

ଲେଖକ : ସିଫନିୟ
ସମୟ : ଖ୍ରୀ. ପୂ. ୬୨୧ ପୂର୍ବରୁ

**ଆଧେୟ :**

ସିଫନିୟ ଖ୍ରୀ.ପୂ. ୫୮୬ରେ ଯିହୁଦା ଧ୍ୱଂସ ହେବା ପୂର୍ବରୁ, ତାହାର ସ୍ଥିତିର ଶେଷ ଦଶନ୍ଧିରେ ଯିହୁଦାର ଜଣେ ଭବିଷ୍ୟଦ୍ ବକ୍ତା ଥିଲେ । ଯେତେବେଳେ ସିଫନିୟ ବିଚାର କଲେ ସେତେବେଳେ ଯୋଶିୟ ଜଣେ ରାଜା ଥିଲେ ଏବଂ କିଛିକାଂଶରେ ସିଫନିୟଙ୍କ ଉପଦେଶ ଦ୍ୱାରା ଉଦ୍ଦୀପିତ ହେଲେ, ଖ୍ରୀ.ପୂ. ୬୨୧ରେ ସେ କେତେକ ସାଧାରଣ ସଂସ୍କାର ଆରମ୍ଭ କଲେ । କିନ୍ତୁ ଏହିସବୁ ସଂସ୍କାର ଅତି କମ୍‌ରେ ପୁଣି ଅତି ବିଳମ୍ବରେ ବାସ୍ତବତାକୁ ଆସିଲା । ଲୋକମାନେ ସେମାନଙ୍କର ମନ୍ଦପଥରେ ପୁନର୍ବାର ଚାଲିଲେ ଏବଂ ବାବିଲୋନୀୟ ଆକ୍ରମଣକାରୀମାନଙ୍କ ଉପରେ ନଗର ପଡ଼ିଗଲା । ସିଫନିୟଙ୍କ ଉପଦେଶ ଈଶ୍ୱରଙ୍କ ଧାର୍ମିକ ବିଚାର ଉପରେ ଆଧାରିତ ଏକ ଅପରିବର୍ତ୍ତନୀୟ ଉପଦେଶ । କେବଳ ଯିହୁଦା ନୁହଁ, କିନ୍ତୁ ସମସ୍ତ ପଡ଼ୋଶୀ ଦେଶଗୁଡ଼ିକ ସେମାନଙ୍କ ପାପ ପାଇଁ ଈଶ୍ୱରଙ୍କ ଦୃଢ଼ ହସ୍ତରେ ଆସି ପଡ଼ିବେ ।

**ବିଷୟବସ୍ତୁ :**

ଯିହୁଦାର ଲୋକମାନଙ୍କର ଆଶା ଥିଲା ଯେ ସେମାନଙ୍କ ପାପ ସତ୍ତ୍ୱେ ଯେତେବେଳେ "ଈଶ୍ୱରଙ୍କ ଦିନ" (ବିଚାର ଦିନ) ଆସିବ, ଈଶ୍ୱର ସେମାନଙ୍କ ଶତ୍ରୁମାନଙ୍କୁ ବିଚାର କରିବେ । ସିଫନିୟ ସେମାନଙ୍କୁ କହନ୍ତି ଯେ ଯେତେବେଳେ ଈଶ୍ୱର ପାପର ବିଚାର କରନ୍ତି, ଯେଉଁମାନେ ଅଧିକ ଜାଣନ୍ତି, ସେମାନେ ଅଧିକ କଷ୍ଟ ପାଇବେ । ବିଚାର ଯିହୁଦାରୁ ଆରମ୍ଭ ହୁଏ ଏବଂ ଅନ୍ୟ ଜାଣିବା ଦେଶଗୁଡ଼ିକରେ ଶେଷ ହୁଏ । ସେ ଯାହାହେଉ, ଯଦି ହୃଦୟ ସହ ଯିହୁଦା ଅନୁତାପ କରେ, ଈଶ୍ୱର ସେହି ବିଚାର ପରିବର୍ତ୍ତନ କରିବେ ଏବଂ ସେମାନଙ୍କୁ ଜୀବନ ଓ ଆଶୀର୍ବାଦ ଦେବେ ।

# ହାଗୟ

ଲେଖକ : ହାଗୟ
ସମୟ : ଖ୍ରୀ.ପୂ. ୫୨୦

**ଆଧେୟ :**

ହାଗୟ ମିଖରୀୟଙ୍କ ସମସାମୟିକ ଥିଲେ ଯିଏ କି ଉଦ୍ଧାର ପ୍ରାପ୍ତ ଗୋଷ୍ଠୀଙ୍କୁ ପ୍ରଚାର କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ ଏବଂ ମନ୍ଦିରର ପୁନଃନିର୍ମାଣର ଯୋଜନା ଶେଷ କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆହୂତ ହୋଇଥିଲେ । ଲୋକମାନଙ୍କର ଦୁଇଟି ନେତା ରାଜ୍ୟପାଳ ଯିରୁବାବିଲ ଓ ଯାଜକ ହୋଶେୟଙ୍କୁ ତାଙ୍କର ଉପଦେଶ ପରିଚାଳିତ କରିଛି । ପୁସ୍ତକଟି ପାଞ୍ଚଟି ଭବିଷ୍ୟ ବାଣୀରେ ସଂପୃକ୍ତ । ଏହି ଉପଦେଶର ପ୍ରଭାବ ସେତେବେଳେ ପଡ଼ିଥିଲା ଏବଂ ଖ୍ରୀ. ପୂ. ୫୧୬ ରେ ମନ୍ଦିର ପୁନଃ ଉତ୍ସର୍ଗୀକୃତ ହୋଇଥିଲା ।

**ବିଷୟବସ୍ତୁ :**

ଏହି ପୁସ୍ତକର ମୌଳିକ ଉଦ୍ଦେଶ୍ୟ ହେଉଛି ଈଶ୍ୱର ତାଙ୍କର ଲୋକମାନଙ୍କ ଜୀବନରେ ଜଡ଼ିତ ହେବା ଓ ତାଙ୍କର ଆତ୍ମିକ ବିଷୟରେ ପ୍ରୟାସୀ ହେବା । ଲୋକମାନେ ନିଜ ନିଜ ବିଷୟରେ ଆକୃଷ୍ଟ ହୋଇ ଈଶ୍ୱରଙ୍କ ମନ୍ଦିରରେ କାର୍ଯ୍ୟ କରିବା ବନ୍ଦ କରି ଦେଇଥିଲେ । କିନ୍ତୁ ପରମେଶ୍ୱର ସେମାନଙ୍କୁ ଏପରି ଦେଖିବାକୁ ଚାହିଁଥିଲେ ଯେ ମନ୍ଦିର ବା ଉପାସନା ସ୍ଥାନ ତାଙ୍କର ଗୌରବରେ ପରିପୂର୍ଣ୍ଣ ହେବ (୨:୭) ।

# ଯିଖରିୟ

ଲେଖକ : ଯିଖରିୟ

ସମୟ : ଖ୍ରୀ.ପୂ. ୫୦୦ ରେ ଆରମ୍ଭ

**ଆଧେୟ :**

ଯିଖରିୟ ହାଗୟଙ୍କ ସମସାମୟିକ ଥିଲେ ଏବଂ ନିର୍ଭୟରେ ଈଶ୍ୱରଙ୍କ ସେବା କରିବାକୁ ଲୋକମାନଙ୍କୁ ଉତ୍ସାହିତ କରିବାକୁ ଉଦ୍ଧାରପ୍ରାପ୍ତ ଗୋଷ୍ଠୀମାନଙ୍କ ନିକଟକୁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଆଠଗୋଟି ଦର୍ଶନର ପର୍ଯ୍ୟାୟ ସହ ପୁସ୍ତକଟି ଆରମ୍ଭ ହୁଏ ଯାହା ଅତି ସୁନ୍ଦର ଭାବରେ ଈଶ୍ୱରଙ୍କ ଶକ୍ତି, ମଣିଷମାନଙ୍କ ଉପରେ ତାଙ୍କର ନିୟନ୍ତ୍ରଣ ବା ଶାସନ, ଆତ୍ମିକ ଶକ୍ତିର ପ୍ରାଧାନ୍ୟତା, ପାପ ପାଇଁ ଈଶ୍ୱରଙ୍କ ବିଚାର ଏବଂ ଆସିବାକୁ ଥିବା ବିଷୟଗୁଡ଼ିକର ପ୍ରତିଜ୍ଞା ବର୍ଣ୍ଣନା ହୋଇଛି । ଏହି ଦର୍ଶନଗୁଡ଼ିକ ଅସମୟ ଉପଦେଶ ପର୍ଯ୍ୟାୟ ଦ୍ୱାରା ଅନୁସରିତ ଯାହା ସାଧାରଣ ଉତ୍ସାହନ ଓ ଆଗାମୀ ବିଚାରର ଅନ୍ତର୍ଭୁକ୍ତ । ଏହି ବିଷୟର ସବୁଠାରୁ ମୁଖ୍ୟ ଅଂଶ ହେଉଛି ଯୀଶୁଖ୍ରୀଷ୍ଟଙ୍କ ଆଗମନ ସମ୍ବନ୍ଧୀୟ ଭବିଷ୍ୟତ ବାକ୍ୟ ।

**ବିଷୟବସ୍ତୁ :**

ଏହି ପୁସ୍ତକରେ କେନ୍ଦ୍ରୀୟ ଲକ୍ଷ୍ୟ ଏହି ଯେ ଈଶ୍ୱରଙ୍କ ଲୋକମାନଙ୍କ ଆବଶ୍ୟକତା ପାଇଁ ତାଙ୍କର ନିୟମ ବା ବ୍ୟବସ୍ଥା ଯେଉଁ ଈଶ୍ୱର କି ସକଳ ମାନଙ୍କର ପଭୁ ଅଟନ୍ତି । ଈଶ୍ୱର ତାଙ୍କ ଲୋକମାନଙ୍କୁ ସୁରକ୍ଷା, ସମୃଦ୍ଧି, ଶକ୍ତି ଓ ଅନୁଗ୍ରହ ଦାନ କରନ୍ତି । ସେମାନଙ୍କର ପ୍ରଧାନ ଆବଶ୍ୟକତା, ଈଶ୍ୱରଙ୍କୁ ଭଲ ଭାବେ ଜାଣିବା, ମଶୀହ, ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରଣ କରିବା ଦ୍ୱାରା ସଂପୂର୍ଣ୍ଣ ହେବ ।

# ମଲାଖୀ

ଲେଖକ : ମଲାଖୀ

ସମୟ : ଖ୍ରୀ.ପୂ. ୪୫୦ - ୪୨୫

**ଆଧେୟ :**

ଯେତେବେଳେ ଲୋକମାନଙ୍କର ଆତ୍ମିକ ଅଭିଳାଷର ଅବନତି ଘଟିଲା, ସେତେବେଳେ ମଲାଖୀ ଉଦ୍ଧାରପ୍ରାପ୍ତ ଗୋଷ୍ଠୀମାନଙ୍କ ପାଇଁ ଜଣେ ଭବିଷ୍ୟଦବକ୍ତା ଭାବେ ପ୍ରେରିତ ହେଲେ । ନିହିମିୟା ଓ ଏଜ୍ରା କେତେକ ଆବଶ୍ୟକୀୟ ବିଧିବିଧାନ ଓ ରାଜନୈତିକ ସଂସ୍କାର ଆରମ୍ଭ କରିଥିଲେ ଏବଂ ମଲାଖୀ ସେମାନଙ୍କର ଆତ୍ମିକ ସମସ୍ୟା ପ୍ରତି କଡ଼ା ଦୃଷ୍ଟି ଦେବା ପାଇଁ ଲୋକମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । କେତେକ ମୌଳିକ ସମସ୍ୟା ଯାହା ମଲାଖୀ ଆଲୋଚନା କରନ୍ତି, ସେଗୁଡ଼ିକ ହେଲା ; ଯାଜକମାନଙ୍କର ଦୁର୍ନୀତି, ଈଶ୍ୱରଙ୍କ ମନ୍ଦିର ବିଶୃଙ୍ଖଳା ବା ଅବହେଳା ଏବଂ ଗୃହରେ ବ୍ୟକ୍ତିଗତ ପାପ । ମଶୀହଙ୍କ ଆଗମନ ଓ ତାଙ୍କ ଅଗ୍ରଦୂତ, ବାପ୍ତିଜକ ଯୋହନ (ଏଠାରେ ଏଲୀୟ କୁହାଯାଇଛି) ଙ୍କ ସମ୍ବନ୍ଧୀୟ ଭବିଷ୍ୟଦ ବାକ୍ୟ ସହିତ ତାଙ୍କ ପୁସ୍ତକ ଶେଷ ହୁଏ । ସେଥିପାଇଁ ପୁରାତନ ନିୟମ ଭବିଷ୍ୟତ ଦେଖି ଈଶ୍ୱର ନୂତନ ନିୟମରେ କଣ କରିବେ ସେହି ବିଷୟରେ ସମାପ୍ତ ହୁଏ ।

**ବିଷୟବସ୍ତୁ :**

ଲୋକମାନେ ନିର୍ବାସନର ଶିକ୍ଷା ଶିକ୍ଷା କରିନାହାନ୍ତି । ସେମାନଙ୍କର ପାପ ଯୋଗୁଁ ସେମାନେ ବନ୍ଦୀତ୍ୱରେ ଥିଲେ ଏବଂ ବର୍ତ୍ତମାନ ସେମାନେ ସେହି ବିଷୟ ପୁନର୍ବାର କରୁଥିଲେ । ତ୍ୟାଗପତ୍ର ଦେବା ସାଧାରଣ ଥିଲା, ଲୋକମାନେ ସ୍ୱାର୍ଥପର ଓ ଅସାଧୁ ଥିଲେ, ମନ୍ଦିର ଅବହେଳିତ ଥିଲା ଏବଂ ସବୁ ସ୍ଥାନରେ ଆତ୍ମିକତା ହ୍ରାସ ଦେଖା ଯାଉଥିଲା । ମଲାଖୀ ଧର୍ମନେତାମାନଙ୍କୁ ନିନ୍ଦା କରନ୍ତି । କାରଣ ସେମାନେ ଜାଣିବା ଉଚିତ ଯେ ଈଶ୍ୱର କଣ ଚାହାନ୍ତି । ମଶୀହ ଯିଏ କି ଆସୁଛନ୍ତି ସିଏ ସବୁ ବିଷୟ ଠିକ୍ କରିବେ ଏହି ଭବିଷ୍ୟତ ଆଶା ମଲାଖୀଙ୍କର ଅଛି କାରଣ ମଶୀହ ଈଶ୍ୱରଙ୍କ ଶକ୍ତି ସହିତ ଆସୁଛନ୍ତି ।

# ନୂତନ ନିୟମ

## ମାଥିଉ

ଲେଖକ : ମାଥିଉ
ସ୍ଥାନ : ବୋଧହୁଏ ଆଣ୍ଟିୟୋଖ
ସମୟ : ୬୦ - ୭୦ ଖ୍ରୀଷ୍ଟାବ୍ଦ

**ଆଧେୟ :**

ମାଥିଉ ଜଣେ କର ଆଦାୟକାରୀ ଥିଲେ । ଯୀଶୁଙ୍କର ଜନସାଧାରଣ ପ୍ରଚାର କାର୍ଯ୍ୟ ଯୀଶୁଙ୍କୁ ଅନୁସରଣ କରିବା ପାଇଁ ସେ ତାଙ୍କ ଦ୍ୱାରା ଆହୂତ ହେଲେ ଏବଂ ତାପରେ ସେ ଅନେକ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ । ସେ କୁମାରୀ ମରିୟମଙ୍କ ଠାରୁ ଯୀଶୁଙ୍କ ଜନ୍ମର ତାଙ୍କର ବାପ୍ତିସ୍ମ ଏବଂ ମରୁପ୍ରାନ୍ତରରେ ତାଙ୍କ ପରୀକ୍ଷା ବିଷୟରେ ସବିବରଣୀ ସହ ଆରମ୍ଭ କରିଛନ୍ତି । ଯୀଶୁ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କରିବାକୁ ଆସିଲେ ପୁଣି ଅନନ୍ତ ଜୀବନ ଦେବାକୁ ମଧ୍ୟ ଆସିଥିଲେ । ଅନୁତାପ ଓ ବିଶ୍ୱାସ ଦ୍ୱାରା ଜଣେ ପ୍ରବେଶ କଲେ । ମାଥିଉ ଯୀଶୁଙ୍କର ଶିକ୍ଷା ସହିତ ମିଶାଇ ପାଞ୍ଚୋଟି ଆଲୋଚ୍ନା ରୂପ ଦିଅନ୍ତି ଯେଉଁଥିରେ ଆମେ ଦେଖିବାକୁ ପାଉ ନୀତିଶାସ୍ତ୍ର, ଘୋଷଣାପତ୍ର, ନୀତିଗଳ୍ପ, ସହଭଗିତା ଏବଂ ରାଜ୍ୟ ସମ୍ପନ୍ନକରଣ । ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ଯୀଶୁଙ୍କର ସୁସମାଚାର ସହ ସମଗ୍ର ଜଗତରେ ଯିବାକୁ ଆଦେଶ ସହ ସୁସମାଚାର ଶେଷ ହୁଏ ।

**ବିଷୟବସ୍ତୁ :**

ଏହି ସୁସମାଚାର ଲେଖିବାରେ ମାଥିଉଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୁରାତନ ନିୟମରେ ଈଶ୍ୱରଙ୍କ ପ୍ରତିଜ୍ଞାରେ ସଫଳତା ଦେଖାଇବା । ଏହି କାରଣରୁ ଯୀଶୁଙ୍କୁ ରାଜା ଦାଉଦ ଓ ଅବ୍ରାହାମଙ୍କର ବଂଶଧର ଭାବେ ପରିଚିତ ହୋଇଛି (୧ : ୧) ଏବଂ ମାଥିଉ ଯୀଶୁଙ୍କ ଜୀବନୀ ବର୍ଣ୍ଣନା କରିବାକୁ ପୁରାତନ ନିୟମର ଅନେକ ଭବିଷ୍ୟତବାଣୀ ଓ ଉଦ୍ଧୃତାଂଶ ବ୍ୟବହାର କରନ୍ତି । ଯୀଶୁ ଯିହୁଦୀମାନଙ୍କର ଉଦ୍ଧାରକର୍ତ୍ତା ହେବାକୁ ଆସିଥିଲେ (୧ : ୨୧), ପୁଣି ବିଜାତିମାନଙ୍କର (୪ : ୧୩ - ୧୬) ଏବଂ ଶେଷରେ ଜଗତର (୨୮ : ୧୯) ଉଦ୍ଧାରକର୍ତ୍ତା ହେବାକୁ ଆସିଥିଲେ । ଈଶ୍ୱରଙ୍କ ରାଜ୍ୟର ସନ୍ତାନମାନଙ୍କ ଦ୍ୱାରା ନୀତିଶାସ୍ତ୍ର ଆବଶ୍ୟକତା ପର୍ବତ ଉପରେ ଉପଦେଶରେ ଜଣାଯାଏ (୫ - ୭) । ଯେଉଁଠାରେ ଜଗତର ମୂଲ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ଈଶ୍ୱରଙ୍କ ରାଜ୍ୟ ଓ ତାଙ୍କର ଧାର୍ମିକତା ଶ୍ରେଷ୍ଠ ହୋଇଛି (୬ : ୩୩) ।

## ମାର୍କ

ଲେଖକ : ମାର୍କ
ସ୍ଥାନ : ରୋମ
ସମୟ : ୬୦ - ୬୫ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଯୋହନ ମାର୍କ ପ୍ରେରିତ ପାଉଲଙ୍କର ଜଣେ ସହଯୋଗୀ ବା ସାଥୀ ଥିଲେ । ସେ ଶେଷରେ ରୋମରେ ବାସ କଲେ ଯେଉଁଠାରେ ସେ ପ୍ରେରିତ ପିତରଙ୍କର ସ୍ମରଣ ଉଦ୍ଦେଶ୍ୟରେ ଏହି ପୁସ୍ତକ ଲେଖିଲେ । ତେଣୁ ମାର୍କଙ୍କ ଲିଖିତ ସୁସମାଚାର ଘଟଣାଗୁଡ଼ିକର ପ୍ରତ୍ୟକ୍ଷଦର୍ଶୀତାର ବାକ୍ୟ ପ୍ରତିଫଳନ କରେ । ମାର୍କଙ୍କ ଉଦ୍ଦେଶ୍ୟ ଥିଲା ସୁସମାଚାର ଉପଦେଶ ବଢ଼ାଇ କରି ଲେଖିବା । ତେଣୁ ଏହା ଯୀଶୁଙ୍କର ବାକ୍ୟ ଅପେକ୍ଷା ଯୀଶୁଙ୍କର କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଏ ଏବଂ ଯୀଶୁଙ୍କର ଜୀବନର ଶେଷ ସପ୍ତାହକୁ ବିଷୟସବୁର ପରିମାଣ ଉତ୍ସର୍ଗ କରେ । ମାର୍କ ସୁସମାଚାର ଯୀଶୁଙ୍କର ସାଧାରଣ ପ୍ରଚାରକାର୍ଯ୍ୟ ସହ ଆରମ୍ଭ ହୁଏ ଏବଂ ଈଶ୍ୱରଙ୍କ ରାଜ୍ୟର ମଙ୍ଗଳ ସମାଚାର ପ୍ରଚାର ସହ ମଧ୍ୟ ଆରମ୍ଭ ହୁଏ । ତାଙ୍କର ଆଗାମୀ ମୃତ୍ୟୁର ଅନେକ ସୁସ୍ପଷ୍ଟ ଭବିଷ୍ୟତବାଣୀ ହୋଇଛି (୮ : ୩୧ : ୯ : ୩୧ ; ୧୦ : ୩୩, ୩୪, ୩୫) ଏବଂ ତାପରେ ଯୀଶୁ ଜଗତର ପାପ ପାଇଁ କ୍ରୁଶରେ ମୃତ୍ୟୁବରଣ କରିବାକୁ ଯାଆନ୍ତି ।

**ବିଷୟବସ୍ତୁ :**

ମାର୍କ ଯୀଶୁଙ୍କୁ ଈଶ୍ୱରଙ୍କ ଦାସ ଭାବରେ ବର୍ଣ୍ଣନା କରନ୍ତି ଯିଏ କି ଈଶ୍ୱରଙ୍କ ଇଚ୍ଛାରେ କାମ କରିବା ପାଇଁ ଏହି ଜଗତକୁ ଆସିଥିଲେ । ତାଙ୍କର ଆଶ୍ଚର୍ଯ୍ୟକର୍ମ, ସୁସ୍ଥତା, ମନ୍ଦାତ୍ମା ଉପରେ ବିଜୟ ଓ ବ୍ୟକ୍ତିଗତ ଶକ୍ତି ଜଗତକୁ ଦେଖାଇ ଦିଏ ଯେ ସେ ସାଧାରଣ ଦାସ ନ ଥିଲେ କିନ୍ତୁ ବାସ୍ତବରେ ସେ ଥିଲେ ଈଶ୍ୱରଙ୍କ ପୁତ୍ର (୧୫ : ୩୯) । ଯୀଶୁଙ୍କର ପୁନରୁତ୍ଥାନ ସବୁ ସତ୍ୟ ପ୍ରତିପନ୍ନ କଲା ଏବଂ ବର୍ତ୍ତମାନ ସ୍ୱର୍ଗରୁ ଗୌରବରେ ତାଙ୍କର ଫେରିବା ପଥ ଆମେ ଅପେକ୍ଷା କରୁ । ମାର୍କ ମଧ୍ୟ ନିର୍ଯ୍ୟାତନା ସମୟରେ ରୋମୀୟ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବାକୁ ଏହା ଲେଖିଛନ୍ତି ।

# ଲୂକ

**ଲେଖକ :** ଲୂକ
**ସ୍ଥାନ :** ସମ୍ଭବତଃ କାଇସରିଆ
**ସମୟ :** ୬୦ - ୬୫ ଖ୍ରୀଷ୍ଟାବ୍ଦ
**ଆଧେୟ :**

ଲୂକ ଜଣେ ଚିକିତ୍ସକ ଥିଲେ ଏବଂ ପ୍ରେରିତ ପାଉଲଙ୍କର ଜଣେ ସହଯାତ୍ରୀ ଥିଲେ । ଯୀଶୁଙ୍କର ସତ୍ୟ ମାନବିକତା ଓ ଇତିହାସରେ ତାଙ୍କର ସ୍ଥାନ ଦେଖାଇବା ପାଇଁ ଥିଓଫିଲସ୍ (୧ : ୩) ନାମକ ଗୋଟିଏ ସଭ୍ୟତାପୂର୍ଣ୍ଣ ଗ୍ରୀକ୍ ପାଇଁ ତାଙ୍କର ସୁସମାଚାର ଲେଖିଲେ । ଏହି କାରଣରୁ ଲୂକ ଯତ୍ନ ସହକାରେ ସମସ୍ତ ତଥ୍ୟ ବା ସାକ୍ଷ୍ୟ ପରୀକ୍ଷା କରିବାକୁ ଯତ୍ନଶୀଳ ଥିଲେ ଏବଂ ଯେଉଁ ଘଟଣାଗୁଡ଼ିକ ଘଟିଯାଇଥିଲା ତାହାର ନିର୍ଦ୍ଦିଷ୍ଟ ବା ଠିକ୍ ସମୟ ଦିଅନ୍ତି । ସେ ଅନେକ ବିଷୟରେ ସଂପୂର୍ଣ୍ଣ ବିବରଣୀ ଦେଇ କୁମାରୀଙ୍କ ଗର୍ଭରେ ଯୀଶୁଙ୍କ ଜନ୍ମ ବିଷୟ ସହିତ ଆରମ୍ଭ କରନ୍ତି ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ । ଯୀଶୁଙ୍କ ଯିରୂଶାଲମ ଯାତ୍ରାର ଦୀର୍ଘ ବର୍ଣ୍ଣନା ସହିତ ତାଙ୍କର ଗାଲିଲିଓ ପ୍ରଚାର କାର୍ଯ୍ୟ ମଧ୍ୟ ବର୍ଣ୍ଣନା କରାଯାଇଛି । ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ପରେ ଶିଷ୍ୟମାନେ ଆନନ୍ଦରେ ଅଛନ୍ତି, ପୁଣି ଅପେକ୍ଷା କରିଛନ୍ତି ସ୍ୱର୍ଗରୁ ଈଶ୍ୱରଙ୍କ ପ୍ରତିଜ୍ଞାତ ଶକ୍ତିରେ ପୂର୍ଣ୍ଣ ହେବା ପାଇଁ ।

**ବିଷୟବସ୍ତୁ :**

ମାଥିଉ ଯୀଶୁଙ୍କୁ ଯିହୁଦୀୟ ମଶୀହ ଭାବେ ଦର୍ଶାଇଛନ୍ତି ଏବଂ ମାର୍କ ଯୀଶୁଙ୍କୁ ଈଶ୍ୱରଙ୍କ ଦାସ ଭାବେ ଦେଖାଇଛନ୍ତି, କିନ୍ତୁ ଲୂକ ଯୀଶୁଙ୍କୁ ସଂପୂର୍ଣ୍ଣ ମନୁଷ୍ୟ - ଈଶ୍ୱର ଭାବେ ବର୍ଣ୍ଣନା କରନ୍ତି, ଯାହାଙ୍କର ବଂଶାବଳୀ ଆଦମଙ୍କ ଅନୁରେଖଣ କରେ (୩ : ୨୩ - ୩୮) । ଯୀଶୁ ଇତିହାସରେ ଜଣେ ମହାନ ବ୍ୟକ୍ତି ଅଟନ୍ତି ଏବଂ ଲୂକଙ୍କ ଦ୍ୱାରା ଜଗତର ଘଟଣାଗୁଡ଼ିକର ସ୍ରୋତ ବ୍ୟତୀତ ଉଚ୍ଚ ସ୍ଥାନ ପାଇଛନ୍ତି । ସେ କଣ ଶିକ୍ଷା ଦେଲେ, କଣ କଲେ ଏବଂ କାହିଁକି ମୃତ୍ୟୁ ଭୋଗକଲେ ଏହିସବୁ କାରଣରୁ ସେ ମହାନ ବ୍ୟକ୍ତି ହୋଇଛନ୍ତି ଏବଂ ସେ ମୃତ୍ୟୁରୁ ପୁନରୁତ୍ଥାନ କରିଥିବାରୁ ମହାନ ବ୍ୟକ୍ତି ହୋଇପାରିଛନ୍ତି । ଏହି କାରଣରୁ ଆମ୍ଭେମାନେ ତାଙ୍କୁ ଆମର ପ୍ରଭୁ ଭାବରେ ଗ୍ରହଣ କରିବା ଉଚିତ ।

# ଯୋହନ

**ଲେଖକ :** ପ୍ରେରିତ ଯୋହନ
**ସ୍ଥାନ :** ଏଫିସସ୍
**ସମୟ :** ୯୦-୯୬ ଖ୍ରୀଷ୍ଟାବ୍ଦ
**ଆଧେୟ :**

ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନର ଅନେକ ବର୍ଷ ପରେ ପ୍ରେରିତ ଯୋହନଙ୍କ ଦ୍ୱାରା ଯୀଶୁଙ୍କ ନାମ ପାଇଁ ଯୋହନ ସୁସମାଚାର ଲେଖାଯାଇଅଛି (୨୦ : ୩୧) । ଯୋହନ ଗୋଟିଏ ବିଶିଷ୍ଟ ସାରବସ୍ତୁ ସହ ଏହି ସୁସମାଚାର ଆରମ୍ଭ କରନ୍ତି ଯେଉଁଠାରେ ଯୀଶୁ ଜଣେ ସାଧାରଣ ମନୁଷ୍ୟ ନ ଥିଲେ କିନ୍ତୁ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଥିଲେ ଏହି ବିଷୟ ବର୍ଣ୍ଣନା କରାଯାଇଛି । ଏହି ସୁସମାଚାରରେ ଯେପରି ଯୀଶୁଙ୍କର ଶିକ୍ଷା ତା' ସଙ୍ଗେ ସଙ୍ଗେ ତାଙ୍କର ଆଶ୍ଚର୍ଯ୍ୟ କର୍ମ ସବୁ ଆମେ ଦେଖୁ ଅନ୍ୟ କୌଣସି ସୁସମାଚାରରେ ନାହିଁ । ଯୀଶୁଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ପ୍ରେରିତମାନଙ୍କୁ ତାଙ୍କର ଶିକ୍ଷା ବା ଉପଦେଶ ଗୋଟିଏ ଦୀର୍ଘ ଭାଗରେ ବର୍ଣ୍ଣନା କରନ୍ତି (୧୪ - ୧୭) । ଯୀଶୁଙ୍କର ମୃତ୍ୟୁ ଓ ପୁନରୁତ୍ଥାନ ପରେ, ଯୀଶୁଙ୍କର ପ୍ରେରିତମାନଙ୍କରେ ତାଙ୍କର ଆବିର୍ଭାବକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ।

**ବିଷୟବସ୍ତୁ :**

ଅନ୍ୟ ସୁସମାଚାର ଗୁଡ଼ିକଠାରୁ ଯୋହନଙ୍କ ସୁସମାଚାର ଖ୍ରୀଷ୍ଟଙ୍କର ଈଶ୍ୱରତ୍ୱକୁ ଅଧିକ ଗୁରୁତ୍ୱ ଦିଏ ଏବଂ ତାଙ୍କର ଜୀବନର ଅର୍ଥ ଆମକୁ ଯୋଗାଏ । ସେ ଜ୍ୟୋତି, ସତ୍ୟ, ପ୍ରେମ, ଉତ୍ତମ, ମେଷପାଳକ, ଦ୍ୱାର, ପୁନରୁତ୍ଥାନ ଓ ଜୀବନ, ଜୀବନ୍ତ ଜଳ, ପ୍ରକୃତ ରୋଟୀ ଏବଂ ଏହିପରି ଭାବରେ ଅନେକ ସାଙ୍କେତିକ ଶବ୍ଦରେ ବର୍ଣ୍ଣିତ ହୋଇଛନ୍ତି । ୧୪-୧୭ ପଦରେ ସୁନ୍ଦର ବିଷୟବସ୍ତୁ ଅଛି ଯାହା ବିଶ୍ୱାସୀମାନଙ୍କ ପ୍ରତି ଯୀଶୁଙ୍କର ପ୍ରେମ ପ୍ରକାଶ କରେ ଏବଂ ଶାନ୍ତି ଯାହା ଖ୍ରୀଷ୍ଟରେ ବିଶ୍ୱାସ କରିବା ଦ୍ୱାରା ଆସେ ।

# ପ୍ରେରିତ

ଲେଖକ : ଲୂକ
ସ୍ଥାନ : ଅନିର୍ଦ୍ଦିଷ୍ଟ
ସମୟ : ୬୫ - ୭୦ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପ୍ରେରିତ ପୁସ୍ତକ ଲୂକଙ୍କ ସୁସମାଚାରର ଗୋଟିଏ ଅବିଚ୍ଛିନ୍ନ ଅନୁକ୍ରମ ଯେଉଁଥିରେ ଲୂକ ଦେଖାଇବାକୁ ଇଚ୍ଛା କରନ୍ତି ଯେ ଯୀଶୁ ଏହି ଜଗତରେ କଣ ଆରମ୍ଭ କଲେ, ସେ ପ୍ରାର୍ଥନା ଗୃହର ଜୀବନରେ ବର୍ତ୍ତମାନ କଣ ସବୁ କରନ୍ତି । ଈଶ୍ୱରଙ୍କ ଶକ୍ତିରେ ପ୍ରେରିତଙ୍କ ପୂର୍ଣ୍ଣତା ଏବଂ ଗୋଟିଏ ଦିନରେ ୩,୦୦୦ ଲୋକଙ୍କ ଉଦ୍ଧାର ହେବା ପ୍ରଭାବର ପ୍ରଚାର ସହ ପୁସ୍ତକ ଆରମ୍ଭ ହୁଏ (୨ : ୪୧) । ଯିରୂଶାଲମରେ ଈଶ୍ୱରଙ୍କ ମନ୍ଦିରର ଜୀବନ, ସମରିୟାକୁ ସୁସମାଚାରର ପ୍ରସାର, ପ୍ରେରିତ ପିତରଙ୍କ କାର୍ଯ୍ୟକଳାପ ଏବଂ ବିଶ୍ୱାସୀମାନଙ୍କର ପ୍ରଥମ ନିର୍ଯ୍ୟାତନା ମଧ୍ୟ ବର୍ଣ୍ଣନା କରାଯାଇଛି । ପ୍ରେରିତ ପାଉଲ ଓ ବିଜାତିମାନଙ୍କ ରାଜ୍ୟରେ ତାଙ୍କର ପ୍ରଚାର କାର୍ଯ୍ୟକୁ କେନ୍ଦ୍ର ଘୁଞ୍ଚିଯାଇଛି । ରୋମକୁ ପାଉଲଙ୍କର ଯାତ୍ରା ଯେଉଁଠାରେ ପୁସ୍ତକ ଶେଷ ହୁଏ ସେଇଠାରେ ତାଙ୍କର ତିନୋଟି ପ୍ରଚାର ଯାତ୍ରା କିଛି ପରିମାଣରେ ବର୍ଣ୍ଣନା ହୋଇଛି । କେତେକ ପଣ୍ଡିତମାନେ ମତ ଦିଅନ୍ତି ଯେ ଲୂକ ପାଉଲଙ୍କର ମୁକ୍ତି, ଅନ୍ୟ ଯାତ୍ରା, ବନ୍ଦୀ ହେବା ଏବଂ ମୃତ୍ୟୁବରଣ କରିବା ଏହିସବୁ ତୃତୀୟ ଭାଗ ବା ପୁସ୍ତକ ଲେଖିବାକୁ ଇଚ୍ଛା କରିଥିଲେ ।

**ବିଷୟବସ୍ତୁ :**

ପ୍ରେରିତ ଯିହୁଦୀଙ୍କଠାରୁ ବିଜାତି ରାଜ୍ୟକୁ ସୁସମାଚାର ପ୍ରସାର ଦେଖାଇବା ପାଇଁ ଲେଖିଥଲେ (୧ : ୮) । ଯୀଶୁ ଯେ ମଲେ ଏବଂ ପୁନର୍ବାର ଉଠିଲେ ଏହି ସୁସମାଚାର ପୃଥିବୀର କୌଣସି କୋଣରେ ଆବଦ୍ଧ ହୋଇ ନ ପାରେ । କିନ୍ତୁ ଈଶ୍ୱରଙ୍କ ଦ୍ୱାରା ସମସ୍ତଙ୍କ ପାଇଁ ଜଣାଇବା ଆବଶ୍ୟକ ଥିଲା । ଶେଷରେ ଈଶ୍ୱର ତାଙ୍କ ଲୋକମାନଙ୍କୁ କ୍ଷମତା ଦେଇଛନ୍ତି ଯେପରିକି ସେମାନେ ସେମାନଙ୍କ ଉଦ୍ଦେଶ୍ୟ ସମାପ୍ତ କରିପାରିବେ । ପବିତ୍ର ଆତ୍ମା ହେଉଛନ୍ତି ସେହି କ୍ଷମତାପ୍ରାପ୍ତ ବ୍ୟକ୍ତି ବା ପ୍ରତିନିଧି । ସମସ୍ତ ବିଷୟ ଉପରେ ଈଶ୍ୱରଙ୍କ ପ୍ରଭୁତ୍ୱ ନିୟନ୍ତ୍ରଣ ପୌରହିକତା ଓ ନିର୍ଯ୍ୟାତନା ଉପରେ ସୁସମାଚାରର ବିଜୟରେ ଦେଖାଯାଇଛି ଏବଂ ଯଦିଓ ସେମାନଙ୍କ ଜୀବନର ମୂଲ୍ୟ ଅଧିକ ହୋଇପାରେ (ପିତର ଓ ପାଉଲ ମଧ୍ୟ, ଯେଉଁମାନଙ୍କର ଜୀବନୀ ପ୍ରେରିତରେ ବର୍ଣ୍ଣିତ); ଶେଷରେ ଆମଙ୍କ ପ୍ରଭୁ ଯୀଶୁଙ୍କ ଦ୍ୱାରା ବିଜୟ ସୁନିଶ୍ଚିତ ।

# ରୋମୀୟ

ଲେଖକ : ପ୍ରେରିତ ପାଉଲ
ସ୍ଥାନ : କରିନ୍ଥୀ
ସମୟ : ୫୮ କିମ୍ବା ୫୯ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲ ତାଙ୍କର ତୃତୀୟ ପ୍ରଚାର ଯାତ୍ରାରେ କରନ୍ଥୀରେ ଥିଲେ ଏବଂ ରୋମକୁ ଯିବା ପାଇଁ ଯୋଜନା କରୁଥିଲେ, କିନ୍ତୁ ସେଠାରେ କେବେ ନ ଥିଲେ । ଏହି ପତ୍ର ଗୀର୍ଜାକୁ ତାଙ୍କର ନିଜର ପରିଚୟ ଦେବାକୁ ଓ ତାଙ୍କର ଧର୍ମ ସମ୍ବନ୍ଧୀୟ ଶିକ୍ଷାଗୁଡ଼ିକ ବର୍ଣ୍ଣନା କରିବାକୁ ଲିଖିତ ହୋଇଥିଲା । ପରେ ରୀତି ସଙ୍ଗତ ଅନୁସାରେ ପାଉଲଙ୍କ ପତ୍ରରେ ମିଶାଇ ଦିଆଗଲା । ସେ ମନୁଷ୍ୟର ପାପ ଦେଖାଇ ଆରମ୍ଭ କରନ୍ତି । ଈଶ୍ୱରଙ୍କଠାରେ ଯିହୁଦୀ ନୁହଁ କି ବିଜାତି ନୁହଁ କାହାର ମଧ୍ୟ କୌଣସି ଯୁକ୍ତି ସଙ୍ଗତ ଦାବୀ ନାହିଁ କାରଣ ପାପ ପ୍ରତ୍ୟେକ ଦାବୀକୁ ବ୍ୟର୍ଥ କରିଛି । କିନ୍ତୁ ଯେତେବେଳେ ଆମ୍ଭେମାନେ ପାପୀ ଥିଲୁ ଏବଂ ନିଜ ପାଇଁ ପଥ ଖୋଲିଲୁ ସେତେବେଳେ ଈଶ୍ୱର ଦୟାରେ ଆଗେଇ ଆସିଲେ (୫ : ୮) । ଏଇଥିରୁ ଆମେ ଏକ ବିଜୟୀ ଖ୍ରୀଷ୍ଟିୟ ଜୀବନ ପାଇପାରୁ । ଈଶ୍ୱରଙ୍କ ଯୋଜନାରେ ଯିହୁଦୀମାନଙ୍କର ସ୍ଥାନ ସହ ପାଉଲ ସମ୍ପୃକ୍ତ ଏବଂ ପୂର୍ବ ଉପଦେଶ ପର୍ଯ୍ୟାୟ ସହ ଶେଷ ହୋଇଛି ।

**ବିଷୟବସ୍ତୁ :**

ଏହି ପୁସ୍ତକର କେନ୍ଦ୍ର ବିଷୟ ହେଉଛି ଈଶ୍ୱରଙ୍କ ଧାର୍ମିକତା, ଜଗତ ସହିତ ତାଙ୍କର କାର୍ଯ୍ୟ ଓ ପରିତ୍ରାଣର ଧାର୍ମିକ ଯୋଜନା । ଈଶ୍ୱର ଏହି ବିଶାଳ ଜଗତର ପବିତ୍ର ଈଶ୍ୱର ଓ ମହାନ ଭାବେ ଦେଖା ଦେଇଛନ୍ତି ଯିଏ ତାଙ୍କର ନିୟମ ବା ବ୍ୟବସ୍ଥା କୋହଳ କରିପାରନ୍ତି ନାହିଁ । କାରଣ ସେମାନେ ତାଙ୍କର ପ୍ରକୃତି ଉପରେ ଆଧାରିତ । କିନ୍ତୁ ବ୍ୟବସ୍ଥାରେ ଦୃଢ଼ ରହି, ସେ ଯିହୁଦୀ ଓ ଅଣ ଯିହୁଦୀମାନଙ୍କ ପାଇଁ ପରିତ୍ରାଣର ଯୋଜନା କଲେ ଯେ ଜଗତର ପାପ ପାଇଁ ମୃତ୍ୟୁଭୋଗ କରିବାକୁ ସ୍ୱର୍ଗରୁ ତାଙ୍କର ପୁତ୍ରକୁ ପଠାଇଲେ । ବର୍ତ୍ତମାନ ଯେ କେହି ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ଉଦ୍ଧାରପ୍ରାପ୍ତ ହେବେ (୧୦ : ୯) ଏବଂ ତାଙ୍କ ଜୀବନରେ ପାପ ଉପରେ ଶକ୍ତି ଦିଆଯିବ । ଈଶ୍ୱର ଓ ତାଙ୍କ ପ୍ରେମରୁ କୌଣସି ବିଷୟ ବିଶ୍ୱାସୀକୁ ଅଲଗା କରିପାରେ ନାହିଁ (୮ : ୩୮, ୩୯) ।

# ୧ମ କରନ୍ଥୀୟ

**ଲେଖକ :** ପ୍ରେରିତ ପାଉଲ
**ସ୍ଥାନ :** ଏଫିସୀୟ
**ସମୟ :** ୫୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲ ତାଙ୍କର ଦ୍ୱିତୀୟ ପ୍ରଚାର ଯାତ୍ରାରେ କରିନ୍ଥୀର ଗ୍ରୀକ୍ ନଗରରେ ଗୋଟିଏ ଗୀର୍ଜାଗୃହ ପ୍ରତିଷ୍ଠା କରିଥିଲେ, (ପ୍ରେରିତ ୧୮ : ୧ - ୮), କିନ୍ତୁ ସେ ଚାଲିଯିବା ପରେ ବହୁତ ମନ୍ଦ ବିଷୟ ଘଟିଲା । ଯେଉଁ ସବୁ ସମସ୍ୟା ଉପୁଜିଥିଲା ସେହି ସବୁ ବିଷୟ ସଂପର୍କରେ ସେମାନଙ୍କୁ ଲେଖିବା ସେ ଆବଶ୍ୟକ ମନେ କଲେ । ସେମାନେ ତାଙ୍କର ଧର୍ମ ପ୍ରଚାର କାର୍ଯ୍ୟ ଆପତ୍ତି କରୁଥିଲେ, ପ୍ରଭୁ ଭୋଜର ଅସଦ୍‌ବ୍ୟବହାର କରୁଥଲେ, ମୂର୍ତ୍ତିଗୁଡ଼ିକୁ ଉତ୍ସର୍ଗୀକୃତ ମାଂସ ଖାଇବା ବିଷୟରେ ଆଶ୍ଚର୍ଯ୍ୟାକରମ କରୁଥିଲେ, ପୁନରୁତ୍‌ଥାନ ଅସ୍ୱୀକାର କରୁଥିଲେ, ବିବାହ ବିଷୟରେ ବାଦାନୁବାଦ କରୁଥିଲେ । ପରସ୍ପର ବିରୁଦ୍ଧରେ ଅଦାଲତକୁ ଯାଉଥିଲେ, ଅନୈତିକ କାର୍ଯ୍ୟ କ୍ଷମା ଦେଉଥିଲେ - ଏହିସବୁ ଥିଲା କେତେକ ସମସ୍ୟା । ପାଉଲ ଅନୁଭବ କଲେ ଯେ ସେହିସବୁ ପରିସ୍ଥିତି ପାଇଁ କିଛି କରିବାକୁ ହେବ, ତା' ନ ହେଲେ କରିନ୍ଥୀରେ ଥିବା ସବୁ ବିଷୟ ଖଣ୍ଡ ଖଣ୍ଡ ହୋଇଯିବ । ଯେମିତି ପାଉଲ ସେହିସବୁ ସମସ୍ୟାଗୁଡ଼ିକ ଦେଇ ଅଧିକ ବା କମ୍ ବିଧିସଙ୍ଗତ ଭାବରେ ଯାଆନ୍ତି ; ସେ ବିଶ୍ୱାସର ମୌଳିକ ଶିକ୍ଷାଗୁଡ଼ିକର ଉପରେ ସ୍ପର୍ଶ କରନ୍ତି ।

**ବିଷୟବସ୍ତୁ :**

ଆମେ କିପରି ବଞ୍ଚିବା ଏହାର ପ୍ରାଧାନ୍ୟତା ଦେଖାଇ କରିନ୍ଥୀରେ ଗୀର୍ଜାଗୃହରେ ଥିବା ତୀବ୍ର ଆସାଧୁତା ଠିକ୍ କରିବା ଥିଲା ପାଉଲଙ୍କର ଏହି ପତ୍ର ଲେଖିବାର ମୁଖ୍ୟ ଉଦ୍ଦେଶ୍ୟ । ଏହା କହିବା ଯଥେଷ୍ଟ ନୁହେଁ ଯେ ଆମେ ସବୁ ଖ୍ରୀଷ୍ଟିୟାନ, ଆମ୍ଭେ ଖ୍ରୀଷ୍ଟିୟାନ ଭଳି ବ୍ୟବହାର କରିବାକୁ ପଡ଼ିବ । ସେପରି ନ କରିବା ଅର୍ଥ ଏହି ଯେ ଯୀଶୁଖ୍ରୀଷ୍ଟଙ୍କ ନାମରେ ଅସମ୍ମାନ ଆଣିବା । ପାଉଲ ମଧ୍ୟ ବିଶ୍ୱାସୀମାନଙ୍କ ପାଇଁ ଖ୍ରୀଷ୍ଟଙ୍କର ସବୁ ସନ୍ତୋଷତାର ଗୁରୁତ୍ୱ ଦିଅନ୍ତି । ଖ୍ରୀଷ୍ଟରେ ଆମ୍ଭେମାନେ ପବିତ୍ର, ନିର୍ମଳ ଓ ଈଶ୍ୱରଙ୍କ ଗ୍ରହଣ ଯୋଗ୍ୟ ହୋଇଛୁ (୧ : ୩୦) ।

# ୨ୟ କରନ୍ଥୀୟ

**ଲେଖକ :** ପ୍ରେରିତ ପାଉଲ
**ସ୍ଥାନ :** ଏଫିସୀସ୍
**ସମୟ :** ୫୭ ଖ୍ରୀଷ୍ଟାବ୍ଦ

**ଆଧେୟ :**

କରିନ୍ଥୀମାନଙ୍କୁ ପାଉଲଙ୍କର ପ୍ରଥମ କେତେକ ପତ୍ର ସବୁ ସମସ୍ୟାର ସମାଧାନ କରି ନଥିଲା । ସେମାନଙ୍କ ଉପରେ ଏହାର କିଛି ଭଲ ପ୍ରଭାବ ପଡ଼ିଥିଲା । କିନ୍ତୁ ଅନେକ ବିଷୟ ହେବା ପାଇଁ ରହିଗଲା । ବିଶେଷରେ ନିଜର କ୍ଷମତା ବିଷୟରେ ପାଉଲଙ୍କର ସେହି ସମସ୍ୟାଗୁଡ଼ିକ ସମାଧାନ କରିବାର ଥିଲା । ତାଙ୍କ ସଂପର୍କରେ ଗଭୀର ଅବିଶ୍ୱାସ ଜାଗରିତ ହେଲା, କିନ୍ତୁ ବଡ଼ ଦୁଃଖରେ ପାଉଲ ତାଙ୍କ ନିଜର ପ୍ରେରିତ କ୍ଷମତାକୁ ପୁନଃ ପ୍ରତିଷ୍ଠା କରିବାକୁ ଲେଖନ୍ତି । ଅନ୍ୟସ୍ଥାନରେ ଥିବା ଗରିବ ବିଶ୍ୱାସୀମାନଙ୍କୁ ସାହାଯ୍ୟ କରିବା ଭଳି ଅନେକ ବ୍ୟବହାରିକ ବିଷୟରେ ସେ ଉଦ୍ୟମ କରନ୍ତି ।

**ବିଷୟବସ୍ତୁ :**

ଦୁଃଖ ଦୁର୍ଦ୍ଦଶା ଉପରେ ବିଜୟୀ ହେବା ବିଷୟ ଏହି ପତ୍ରରେ ଲିଖିତ । ନିଜ ଲୋକମାନଙ୍କୁ ପ୍ରେମ କରୁଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଏହା ଏକ ବ୍ୟକ୍ତିଗତ ବିଷୟ ଅଟେ, କିନ୍ତୁ ସେମାନଙ୍କ ଦ୍ୱାରା ଗଭୀର ଭାବରେ ଭୁଲ ହୋଇଗଲା । ଯେପରି ପାଉଲ ତାଙ୍କର ଜୀବନର ଅନୁଭୂତି ଓ ଖ୍ରୀଷ୍ଟିୟ ପ୍ରଚାର କାର୍ଯ୍ୟର ପ୍ରକୃତି ବିବରଣ ପ୍ରସ୍ତୁତ କରନ୍ତି, ମନ୍ଦଠାରୁ ଭଲକୁ ଆଣିବାରେ ଈଶ୍ୱରଙ୍କ ଅନୁଗ୍ରହର କାମ ଦେଖିବା ଅତି ସମ୍ଭବ । ଈଶ୍ୱରଙ୍କ କାର୍ଯ୍ୟ ନଷ୍ଟ କରିବାକୁ ସନ୍ଧାନ ଖୋଜି ଶୟତାନ ବଡ଼ ଚଞ୍ଚଳ, କିନ୍ତୁ ଯେଉଁମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ଈଶ୍ୱର ଏବେ ମଧ୍ୟ ମହାନ ଅଟନ୍ତି ।

# ଗାଲାତୀୟ

ଲେଖକ : ପ୍ରେରିତ ପାଉଲ
ସ୍ଥାନ : ଅଜ୍ଞାତ
ସମୟ : ୪୮ କିମ୍ବା ୪୯ ଖ୍ରୀଷ୍ଟାବ୍ଦ
**ଆଧେୟ :**

ପାଉଲ ତାଙ୍କର ପ୍ରଥମ ପ୍ରଚାର ଯାତ୍ରାରେ ଗାଲାତୀୟର ଅଧିବାସୀମାନଙ୍କ ନିକଟରେ ପ୍ରଚାର କରିଥିଲେ (ପ୍ରେରିତ ୧୩-୧୪ : ୨୩) । ତାଙ୍କର ଚାଲିଯିବାର କିଛିଦିନ ପରେ, ଯିହୁଦୀ ବିଶ୍ୱାସୀମାନଙ୍କ ଗୋଟିଏ ଦଳ ଆଦେଶାତ୍ମକ ଭାବେ କହିବା ପାଇଁ ଆସି ପହଞ୍ଚିଲେ ଯେ ଉଦ୍ଧାର ପାଇବା ପାଇଁ ମୋଶାଙ୍କର ବ୍ୟବସ୍ଥାକୁ ଅଣଯିହୁଦୀ ଖ୍ରୀଷ୍ଟିୟାନମାନେ ଉପସ୍ଥାପିତ କଲେ । ଅବ୍ରାହାମ ଯିଏ କି ୪୦୦ ବର୍ଷ ପୂର୍ବରୁ ବାସ କରୁଥିଲେ ସେ ବ୍ୟବସ୍ଥା ଦେବା ପୂର୍ବରୁ ସୁସମାଚାରରେ ବିଶ୍ୱାସ କରିବା ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଥିଲେ ଏହା ଦର୍ଶାଇ ପାଉଲ ଏହି ଭୁଲର ପ୍ରତିବାଦ କରି ଲେଖନ୍ତି । ତେଣୁ କିପରି ଏହା ପ୍ରତିବାଦ କରାଯିବ ଯେ ବ୍ୟବସ୍ଥା ମନୁଷ୍ୟକୁ ଉଦ୍ଧାର ନା ଖ୍ରୀଷ୍ଟଙ୍କଠାରେ ଖ୍ରୀଷ୍ଟ ବିଶ୍ୱାସୀଙ୍କୁ ଅଧିକ ଉପଯୁକ୍ତ କରାଏ ? ପାଉଲ ଜଣେ ପ୍ରେରିତ ଭାବରେ ନିଜର କର୍ମଶକ୍ତି ରକ୍ଷା କରିବା ଓ ଖ୍ରୀଷ୍ଟିୟାନ କିପରି ଜୀବନଯାପନ କରିବା ଉଚିତ ତାହାର ଆଲୋଚନା ସହ ଏହା ଯୋଗ କରନ୍ତି ।

**ବିଷୟବସ୍ତୁ :**

ପାଉଲ ଅତି ଶକ୍ତି ପୂର୍ବକ ସୁସମାଚାରର ସତ୍ୟରକ୍ଷା କରନ୍ତି, ତାହା ଏହି ଯେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପୁଣି ଈଶ୍ୱରଙ୍କ ଅନୁଗ୍ରହରେ ମଣିଷ ଉଦ୍ଧାରପ୍ରାପ୍ତ ହୋଇଛି ବା ହୁଏ ଆଉ ତା'ଛଡ଼ା କିଛି ନାହିଁ । ଅନ୍ୟ କୌଣସି ଶିକ୍ଷା ଈଶ୍ୱରଙ୍କ ସତ୍ୟର ବିପଥଗମନ ଅଟେ (୧ : ୭) । ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଉପଯୁକ୍ତ ହୋଇଛୁ (୨ : ୧୬) ଏବଂ ସେହି ପଥରେ ଈଶ୍ୱରଙ୍କ ଲୋକ (ଅବ୍ରାହାମଙ୍କ ସନ୍ତାନ) ହୋଇଛୁ, ଆମ୍ଭମାନଙ୍କର ପରିତ୍ରାଣ ପାଇଁ କାମ କରିବାର ଉପାୟକୁ କେହି ଜଣେ ପଛକୁ ଟାଣି ନିଏ, କିନ୍ତୁ ସୁସମାଚାରର ବାହାରେ ବଞ୍ଚିବା ଦରକାର । ଏହା ଈଶ୍ୱର ଆତ୍ମାରେ ସମର୍ପଣର ଅନ୍ତର୍ଭୁକ୍ତ (୫ : ୧୬) ଏବଂ ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବାର ଅନ୍ତର୍ଭୁକ୍ତ (୫ : ୧୪) ।

# ଏଫିସିୟ

ଲେଖକ : ପ୍ରେରିତ ପାଉଲ
ସ୍ଥାନ : ରୋମ
ସମୟ : ୬୦ କିମ୍ବା ୬୧ ଖ୍ରୀଷ୍ଟାବ୍ଦ
**ଆଧେୟ :**

ପାଉଲ ରୋମରେ ବନ୍ଦୀ ଥିବା ସମୟରେ ଏହି ପତ୍ର ଲେଖିଥିଲେ, ତାଙ୍କର ଉଦ୍ଦେଶ୍ୟ ଥିଲା ଏସିଆ ମହାଦେଶରେ ଥିବା ବିଶ୍ୱାସୀମାନଙ୍କୁ ସାନ୍ତ୍ୱନା ଓ ଉତ୍ସାହ ଦେବା । ସେ ଇତିହାସର ସଂକ୍ଷିପ୍ତ ବିବରଣ ସହ ଉପସ୍ଥାପନା କରନ୍ତି, ଅନନ୍ତକାଳ ଅତୀତରୁ ଆରମ୍ଭ କରି ଯେଉଁଥିରେ ଜଗତ ପାଇଁ ଈଶ୍ୱର ତାଙ୍କର ଯୋଜନା କାର୍ଯ୍ୟକାରୀ କଲେ, ବର୍ତ୍ତମାନକୁ ଆସନ୍ତି ଯେଉଁଠାରେ ଈଶ୍ୱର ଉଦ୍ଧାର କରୁଛନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କର ବିଶ୍ୱାସ କରନ୍ତି, ସେମାନଙ୍କୁ ଏବଂ ଶେଷରେ ଭବିଷ୍ୟତ ଯେଉଁଠାରେ ସମସ୍ତ ମନ୍ଦତାର ବିଜୟ ହେବ । ସେ ଆମକୁ ଦର୍ଶାନ୍ତି ଯେ ବର୍ତ୍ତମାନ କାଳରେ ବିବାଦ ବା ଯୁଦ୍ଧ ହେବ କାରଣ ମନ୍ଦଶକ୍ତି ସହିତ ଆମର ଯୁଦ୍ଧ ହେବ (୬ : ୧୨), କିନ୍ତୁ ଯେହେତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କର ଶରୀରର ସଭ୍ୟ ଅଟୁ, ଆମର ଶକ୍ତି ଅଛି ତା' ସମ୍ମୁଖରେ ଠିଆ ହେବା ପାଇଁ । ତାପରେ ପାଉଲ ଖ୍ରୀଷ୍ଟିୟାନ ଜୀବନ କାଟିବା ସମ୍ବନ୍ଧୀୟ କେତେକ ବ୍ୟବହାରିକ ବିଷୟ ଦର୍ଶାଇଛନ୍ତି ; ସେଗୁଡ଼ିକ ହେଉଛି ; ବିବାହ, ଆଚାର ବ୍ୟବହାର, ପିତାମାତା ଓ ସନ୍ତାନସନ୍ତତି ଏବଂ ଦାସମାନଙ୍କ ସଂପର୍କରେ ।

**ବିଷୟବସ୍ତୁ :**

ଏଫିସିୟ ମୌଳିକ ବିଷୟବସ୍ତୁ ଏହି ଯେ ଈଶ୍ୱରଙ୍କ ଅନନ୍ତକାଳୀ ଯୋଜନା ଖ୍ରୀଷ୍ଟ ଓ ତାଙ୍କ ଶରୀର ବା ଗୀର୍ଜା ଦ୍ୱାରା କାର୍ଯ୍ୟକାରୀ ହୁଏ । ଯେତେବେଳେ ଜଣେ ବିଶ୍ୱାସ କରେ, ସେ ଖ୍ରୀଷ୍ଟଙ୍କଠାରେ ଅଛି ଏବଂ ପରିତ୍ରାଣ ଓ ସୁରକ୍ଷା ପାଏ । ପୂର୍ବରୁ ଏଥିପାଇଁ ଈଶ୍ୱରଙ୍କ ଯୋଜନା ଥିଲା ଏବଂ ଖ୍ରୀଷ୍ଟିୟ ଜୀବନ ପାଇଁ ଯାହା ଆବଶ୍ୟକ ସେସବୁ ଈଶ୍ୱର ବିଶ୍ୱାସୀମାନଙ୍କୁ ଦେଇଛନ୍ତି, ଏହା ତାଙ୍କର ଉପଦେଶ ଅନୁସାରେ ସଂପତ୍ତିର କାମ ନିଜେ କରିବା ଆବଶ୍ୟକ । ପାଉଲ ବିଶ୍ୱାସୀମାନଙ୍କ ପାଇଁ ଈଶ୍ୱରଙ୍କ ବ୍ୟବସ୍ଥା ବା ନିୟମ ବର୍ଣ୍ଣନା କରି ପୁସ୍ତକ ଶେଷ କରିଛନ୍ତି ଯେପରିକି ଶୟତାନର ଆକ୍ରମଣର ମନ୍ଦ ବିଷୟରେ ସେ ଠିଆ ହୋଇପାରିବ ଏବଂ ଯେବେ ଯୁଦ୍ଧ ଶେଷ ହେବ, ସେ ବିଜୟୀ ହେବ ।

# ଫିଲିପୀୟ

ଲେଖକ : ପ୍ରେରିତ ପାଉଲ

ସ୍ଥାନ : ରୋମ

ସମୟ : ୬୦ କିମ୍ବା ୬୧ ଖ୍ରୀଷ୍ଟାବ୍ଦ

**ବିଷୟବସ୍ତୁ :**

ପାଉଲ ରୋମରେ ଥିବା ସମୟରେ, ଜେଲରୁ ଏହିପତ୍ର ଫିଲିପୀରେ ଥିବା ପ୍ରିୟ ବନ୍ଧୁମାନଙ୍କୁ ଲେଖୁଛନ୍ତି, ତାଙ୍କ ଆବଶ୍ୟକତା ପୂରଣ ପାଇଁ ସେମାନେ ଯେଉଁ ଟଙ୍କା ତାଙ୍କ ପାଖକୁ ପଠାଇଥିଲେ ତାହାର ଉତ୍ତର ସ୍ୱରୂପ । ସେମାନଙ୍କଠାରେ ତାଙ୍କର ବିଶ୍ୱାସ ପ୍ରକାଶ କରି ସେ ଆରମ୍ଭ କରନ୍ତି ଏବଂ ତାପରେ ରୋମରେ ଯେଉଁ ସମସ୍ୟା ସବୁର ସମ୍ମୁଖୀନ ହୋଇଥିଲେ ସେସବୁ ବର୍ଣ୍ଣନା କରନ୍ତି । ସେ ମରିବେ କି ନାହିଁ ସେ ଜାଣନ୍ତି ନାହିଁ, କିନ୍ତୁ ଯଦି ମୃତ୍ୟୁ ଆସେ ତେବେ ଖ୍ରୀଷ୍ଟଙ୍କଠାରେ ସେ ଆନନ୍ଦିତ ହେବେ । ଯଦି ସେ ବଞ୍ଚି ରହିବେ, ତେବେ ପାରୁପର୍ଯ୍ୟନ୍ତ ସେ ଈଶ୍ୱରଙ୍କ ସେବାରେ ଲିପ୍ତ ରହିବେ । ଖ୍ରୀଷ୍ଟଙ୍କର ନମ୍ରତାର ଉଦାହରଣ ଅନୁସରଣ କରିବା ପାଇଁ ଫିଲିପୀୟମାନଙ୍କଠାରେ ଉପସ୍ଥାପନ କରନ୍ତି । ମିଥ୍ୟା ଶିକ୍ଷା ସବୁ ବଳପୂର୍ବକ ବା ଦୃଢ଼ ଭାବେ ଅସ୍ୱୀକାର କରାଯାଇଛି । ଦୁଇଟି କଳହପୂର୍ଣ୍ଣ ଭଉଣୀଙ୍କୁ ଭଲକାର୍ଯ୍ୟ ପାଇଁ ଉପଦେଶ ଦିଆଯାଇଛି ଏବଂ ସମସ୍ତ ବିଶ୍ୱାସୀମାନଙ୍କୁ ଉଚ୍ଚ ଆଦର୍ଶ ସ୍ଥାପନ ପାଇଁ ଉପଦେଶ ଦିଆଯାଇଛି କାରଣ ଜଣେ ଜୀବନରେ ଯାହା ଆବଶ୍ୟକ କରେ ଈଶ୍ୱର ତାଙ୍କୁ ସବୁ କିଛି ଯୋଗାଇବେ ।

**ବିଷୟବସ୍ତୁ :**

ପାଉଲଙ୍କର ଏହି ବ୍ୟକ୍ତିଗତ ପତ୍ରରେ ଆନନ୍ଦିତ ହେବାର ଉଦ୍ଦେଶ୍ୟ ଅଛି । ଯଦି ଜଣେ ବଞ୍ଚେ, ସେ ଆନନ୍ଦ କରିପାରେ କାରଣ ଈଶ୍ୱର ତାଙ୍କୁ ସ୍ନେହ କରନ୍ତି, ଖ୍ରୀଷ୍ଟ ତାଙ୍କ ପାଇଁ ମଲେ ଏବଂ ଈଶ୍ୱରଙ୍କଦ୍ୱାରା ତାଙ୍କ ଜୀବନ ପାଇଁ ତାଙ୍କୁ ସବୁ ବିଷୟ ଦିଆଯାଇଛି । ଯଦି ଜଣେ ମରେ, ତେବେ ସେ ସଦାକାଳ ପାଇଁ ଖ୍ରୀଷ୍ଟଙ୍କ ଠାରେ ଥାଇ ତାଙ୍କ ଉପସ୍ଥିତିରେ ଆନନ୍ଦ କରିପାରେ । ଏହାର ଅର୍ଥ ଏହା ନୁହେଁ ଯେ ଖ୍ରୀଷ୍ଟିୟାନ ମାନଙ୍କର କୌଣସି ସମସ୍ୟା ନ ଥିବ । ଏପରିକି ଯୀଶୁଙ୍କୁ ମଧ୍ୟ କ୍ରୁଶ ବହନ କରିବାକୁ ପଡ଼ିଥିଲା, ତେଣୁ ଆମେ ମଧ୍ୟ ଈଶ୍ୱରଙ୍କୁ ସମର୍ପଣର ଉଦାହରଣ ଅନୁସରଣ କରିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ । କିନ୍ତୁ ସ୍ୱର୍ଗର ନାଗରିକ (୩: ୨୦) ଓ ଆମେ ସେହି ଭାବ ନେଇ ବଞ୍ଚିବା ଆବଶ୍ୟକ ।

# କଲସୀୟ

ଲେଖକ : ପ୍ରେରିତ ପାଉଲ

ସ୍ଥାନ : ରୋମ

ସମୟ : ୬୦ କିମ୍ବା ୬୧ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲ କେବେ ପରିଦର୍ଶନ ନ କରିଥିବା ଗୋଟିଏ ନଗରକୁ ରୋମରେ ବନ୍ଦୀ ହୋଇଥିବା ସମୟରେ ଏହି ପତ୍ର ଲେଖିଥିଲେ । ସେ ତାଙ୍କର ଦ୍ୱିତୀୟ ପ୍ରଚାର ଯାତ୍ରାରେ ଏଫିସସ୍‌ରେ ବାସ କରିବା ସମୟରେ ସେହି ବିଶ୍ୱାସୀମାନଙ୍କୁ ଜାଣିବା ବା ଚିହ୍ନିବା ପାଇଁ ଆସିଥିଲେ । ସେ ବର୍ତ୍ତମାନ ସେଥିରେ ସଂପୃକ୍ତ କାରଣ କେତେକ ଅଦ୍ଭୁତ ମୂର୍ତ୍ତିପୂଜା ମତବାଦ ସେ ଶୁଣିଥିଲେ ଯାହା ସବୁ ଧିରେ ଧିରେ ଗିର୍ଜାରେ ପ୍ରବେଶ କରୁଥିଲା । ଜ୍ୟୋତିଷ ଶାସ୍ତ୍ର, ଯାଦୁ ବିଦ୍ୟା ଓ ଯିହୁଦୀ ନିୟମର ସମ୍ମିଶ୍ରଣ କଲସୀୟମାନଙ୍କୁ ଅସୁବିଧାରେ ପକାଉଥିଲା, ଯାହା ଖ୍ରୀଷ୍ଟଙ୍କୁ ଦୂତର ଶ୍ରେଣୀରୁ ମଧ୍ୟ ତଳ ଶ୍ରେଣୀରେ ସ୍ଥାନ ଦେଉଥିଲା । ଖ୍ରୀଷ୍ଟ ହିଁ ଈଶ୍ୱର ଅଟନ୍ତି ଏହି ବିଷୟ ଦର୍ଶାଇ ପାଉଲ ସେହି ଭୁଲ ଠିକ୍ କରିବା ପାଇଁ ଲେଖିଲେ ଏବଂ ଅନନ୍ତ ଈଶ୍ୱରଙ୍କ ପୂର୍ଣ୍ଣତା ଧାରଣ କଲେ (୨ : ୯) । ଖ୍ରୀଷ୍ଟିୟ ଜୀବନଯାପନ ସଂପର୍କରେ ଶିକ୍ଷା ଅନୁସରଣ କରେ ।

**ବିଷୟବସ୍ତୁ :**

ପାଉଲଙ୍କ ଏହି ପ୍ରଧାନ ପତ୍ରରେ ଖ୍ରୀଷ୍ଟଙ୍କର ପ୍ରଭୁତ୍ୱ ଓ ଗୌରବର ରକ୍ଷା କାର୍ଯ୍ୟ ପାଇଁ ଯତ୍ନ ସହକାରେ ଆମ୍ଭେମାନେ ଉପସ୍ଥାପିତ ହୋଇଛୁ । ସେ ସବୁରେ ସବୁ ଅଟନ୍ତି ଏବଂ ଖ୍ରୀଷ୍ଟରେ ବିଶ୍ୱାସୀର ସବୁ କିଛି ଅଛି । ପାଉଲ ସତର୍କ କରନ୍ତି ଯେ ବିଶ୍ୱାସୀମାନେ ମୂର୍ଖତା ଓ ମନୁଷ୍ୟମାନଙ୍କ ନିରର୍ଥକ ଜ୍ଞାନ ଦ୍ୱାରା କୁପଥରେ ଯିବା ଉଚିତ ନୁହଁ (୨ : ୮) । ଖ୍ରୀଷ୍ଟିୟ ଜୀବନଯାପନ ପାଇଁ ଶିକ୍ଷା ଦିଆଯାଇଛି ଯାହା ମନୁଷ୍ୟମାନଙ୍କ ପାଇଁ ଈଶ୍ୱରଙ୍କ ଶକ୍ତିର ଗୁରୁତ୍ୱ ଦିଏ ଏବଂ ଆନନ୍ଦ ଯାହା ବିଶ୍ୱାସୀମାନେ ସମ୍ପତ୍ତି ବ୍ୟବହାର କରନ୍ତି ଯାହା ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ଅଟେ ।

# ୧ମ ଥେସଲନୀକୀୟ

ଲେଖକ : ପ୍ରେରିତ ପାଉଲ

ସ୍ଥାନ : କରନ୍ଥୀ

ସମୟ : ୫୦ କିମ୍ବା ୫୧ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲ ତାଙ୍କର ଦ୍ୱିତୀୟ ପ୍ରଚାର ଯାତ୍ରାରେ ଥେସଲନୀକା ପରିଦର୍ଶନ କଲେ କିନ୍ତୁ ସେ ସେଠାରୁ ଚାଲିଯିବାକୁ ବାଧ୍ୟ ହେଲେ କାରଣ ସେଠାରେ ପ୍ରବଳ ନିର୍ଯ୍ୟାତନା ଉପୁଜିଥିଲା (ପ୍ରେରିତ ୧୭ : ୧ - ୯) । ଏଥେନ୍ସ୍ ଓ କରିନ୍ଥୀକୁ ଯିବା ପରେ, ପାଉଲ ତିମଥିଙ୍କଠାରୁ ଶୁଣିଲେ ଯାହାଙ୍କୁ ଥେସଲନୀୟମାନଙ୍କ ବିଷୟରେ ବୁଝିବା ପାଇଁ ପାଉଲ ପଠାଇଥିଲେ । ସେମାନେ ଦୁଃଖ ଦୁର୍ଦ୍ଦଶାରେ ମଧ୍ୟ ପ୍ରଭୁଙ୍କ ପାଇଁ ପାଉଲ ପଠାଇଥିଲେ । ସେମାନେ ଦୁଃଖ ଦୁର୍ଦ୍ଦଶାରେ ମଧ ପ୍ରଭୁଙ୍କଠାରେ ବିଶ୍ୱାସକାରୀ ଯୁବାମାନଙ୍କୁ ସାନ୍ତ୍ୱନା ଓ ଉତ୍ସାହ ଦେବାକୁ ଏହି ପତ୍ର ଲେଖିଥିଲେ । ସେ ମଧ୍ୟ ଈଶ୍ୱର, ପବିତ୍ର ଆତ୍ମା, ଖ୍ରୀଷ୍ଟ, ଖ୍ରୀଷ୍ଟୟାନ ଜୀବନଯାପନ ସମ୍ପର୍କୀୟ ଗୀର୍ଜାର ମୌଳିକ ତତ୍ତ୍ୱରେ ସେମାନଙ୍କ ବିଶ୍ୱାସ ଦୃଢ଼ କରିବାକୁ ଲେଖିଥିଲେ । କିନ୍ତୁ ବିଶେଷରେ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ବିଷୟରେ ଲେଖିଥିଲେ । ଆପତତଃ କେତେକ ବିଶ୍ୱାସ ମରିଯାଇଥିଲେ । ଅବଶିଷ୍ଟ ଖ୍ରୀଷ୍ଟୟାନମାନେ ସଂପୃକ୍ତ ଥିଲେ କାଳେ ପୁନରୁତ୍ଥାନରେ ବିଶ୍ୱାସ ହଜିଯିବ । ପାଉଲ ସେମାନଙ୍କୁ ବିଶ୍ୱାସ ଦେଲେ ଯେ ଖ୍ରୀଷ୍ଟରେ ମୃତ ପ୍ରଥମେ ଉଠିବେ (୪ : ୧୬) ।

**ବିଷୟବସ୍ତୁ :**

ଈଶ୍ୱର ଆମ ସହିତ ଅଛନ୍ତି ଏହି ନିଶ୍ଚିତତା ସହ ନିର୍ଯ୍ୟାତିତ ବିଶ୍ୱାସୀମାନଙ୍କୁ ପାଉଲ ସାନ୍ତ୍ୱନା ଦିଅନ୍ତି ଏବଂ ଶେଷରେ ଆମର ବିଜୟ ଅଛି ଏହି ନିଶ୍ଚିତତା ଦିଅନ୍ତି । ଖ୍ରୀଷ୍ଟଙ୍କ ଆଗମନରେ ଅନ୍ତିମ ବିଜୟ ଘଟିବ, ଯେତେବେଳେ ପ୍ରଭୁ ନିଜେ ସ୍ୱର୍ଗରୁ ଆସି ଆମକୁ ତାଙ୍କଠାରେ ଏକତ୍ରିତ କରବେ (୪ : ୧୭) । ଏହାର ଜ୍ୟୋତିଃରେ ଆମ୍ଭେମାନେ ନିର୍ଯ୍ୟାତନା ସହ୍ୟ କରିବା ଉଚିତ ଏବଂ ପବିତ୍ର ଓ ଅନିନ୍ଦନୀୟ ଜୀବନଯାପନ କରିବା ଉଚିତ ।

# ୨ୟ ଥେସଲୀନୀକୀୟ

ଲେଖକ : ପ୍ରେରିତ ପାଉଲ

ସ୍ଥାନ : କରିନ୍ଥୀ

ସମୟ : ୫୧ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲଙ୍କ ପ୍ରଥମ ପତ୍ର କି ଗୋଟିଏ ମିଥ୍ୟାରଚନା ପତ୍ର ତାଙ୍କଠାରୁ ଛଳନା କରିବାରେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମ୍ପର୍କୀୟ ରଚନା ଥେସଲନୀୟମାନଙ୍କୁ ଗୋଳମାଳରେ କରିଦେଲା । ସମ୍ଭବତଃ ଦ୍ୱନ୍ଦରେ ଯୋଗ ଦେବା ଦ୍ୱାରା ନିର୍ଯ୍ୟାତନା ଚାଲିରହିଲା ଯାହା ସେମାନେ ସହ୍ୟ କରୁଥିଲେ । ବିଶ୍ୱାସୀମାନଙ୍କୁ ନିଷ୍ଚୟତା ଦେଇ ପାଉଲ ଲେଖନ୍ତି ଯେ ବିଶ୍ୱାସୀମାନଙ୍କୁ ସାନ୍ତ୍ୱନା ଦେବାକୁ ଖ୍ରୀଷ୍ଟ ନିଶ୍ଚୟ ଫେରିଆସିବେ ଏବଂ ଯେଉଁମାନେ ଅତ୍ୟାଚାର କରୁଥିଲେ ସେମାନଙ୍କୁ ଦଣ୍ଡ ବା ଶାସ୍ତି ଦେବେ (୧ : ୭, ୮) । ସେ ଆହୁରି ମଧ୍ୟ କହନ୍ତି ଯେ ଆଶ୍ଚର୍ଯ୍ୟଜନକ ଭାବେ ବିଚାରର ସେହି ମହାନ ଦିନ (ପ୍ରଭୁଙ୍କ ଦିନ) ସେମାନଙ୍କୁ ନେବ ନାହିଁ କିନ୍ତୁ ଘଟଣା ପର୍ଯ୍ୟାୟ କ୍ରମେ ଆଗକୁ ବଢ଼ିବ (୨ : ୩) ଖ୍ରଷ୍ଟଙ୍କର ଆଗମନର ଜ୍ୟୋଃତିରେ ଖ୍ରୀଷ୍ଟିୟାନମାନେ ଅନିନ୍ଦନୀୟ ଭାବେ ଜୀବନ କାଟିବା ଉଚିତ ।

**ବିଷୟବସ୍ତୁ :**

ଏହି କ୍ଷୁଦ୍ର ପତ୍ରରେ ମନ୍ଦତା ଉପରେ ଈଶ୍ୱରଙ୍କ ବିଜୟର ପ୍ରତିଜ୍ଞାକୁ ଗୁରୁତ୍ୱ ଦିଆଯାଇଛି । ବିଶ୍ୱାସୀମାନେ ବର୍ତ୍ତମାନ କଷ୍ଟପାଇ ପାରନ୍ତି, କିନ୍ତୁ ସେମାନଙ୍କର ପାଇଁ ସାନ୍ତ୍ୱନା ଓ ପୁରସ୍କାରର ଯୋଜନା ଅଛି । ଯେଉଁମାନେ ଈଶ୍ୱରଙ୍କୁ ଅସ୍ୱୀକାର କରନ୍ତି, ସେମାନଙ୍କ ପାଇଁ କ୍ଳେଶ ବା ଯନ୍ତ୍ରଣା ଓ ବିଚାର ଅଛି । ପାଉଲ ମଧ୍ୟ ଏପରି ଜୀବନଯାପନ ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି ଯେପରି ଈଶ୍ୱର ସମ୍ମାନିତ ହେବେ ବା ଗୌରବାନ୍ୱିତ ହେବେ । ଥେସଲନୀକାରେ କେତେକ ଲୋକମାନେ କାମ କରିବା ବନ୍ଦ କଲେ କାରଣ ଖ୍ରୀଷ୍ଟ ଶୀଘ୍ର ଆସିବେ ବୋଲି ସେମାନେ ବିଶ୍ୱାସ କଲେ । ଏହା ଈଶ୍ୱରଙ୍କ ଗୌରବାନ୍ୱିତ କରେ ନାହିଁ ଏବଂ ପାଉଲ ଏହି ବିଷୟରେ କହିଲେ "ଯିଏ କାମ କରେ ନାହିଁ ସିଏ ଭୋଜନ ନ କରୁ" (୩ : ୧୦) ।

# ୧ମ ତିମଥି

ଲେଖକ : ପ୍ରେରିତ ପାଉଲ

ସ୍ଥାନ : ଅଜ୍ଞାତ

ସମୟ : ୬୪ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲଙ୍କ ଶେଷ ଜୀବନ କାଳରେ ଏହି ପତ୍ର ତାଙ୍କ ଦ୍ୱାରା ଲିଖିତ ଏବଂ ସେ ତାଙ୍କର ସହକର୍ମୀ ତିମୋଥିଙ୍କ ପାଖକୁ ଏହା ଲେଖିଥିଲେ, ଯାହାଙ୍କୁ ସେ ଏଫିସସ୍‌ରେ ଛାଡ଼ି ଦେଇଥିଲେ ଗୀର୍ଜାରେ କେତେକ ସମସ୍ୟା ସମାଧାନ କରିବା ପାଇଁ । ଧର୍ମତତ୍ତ୍ୱ, ଗୀର୍ଜା ପ୍ରତିଷ୍ଠିତ ପଦ୍ଧତି, ଗୀର୍ଜା ଶାସନ ପ୍ରଣାଳୀ ଏବଂ ଖ୍ରୀଷ୍ଟିୟ ଜୀବନର ଅନେକ ବିଷୟ ସମ୍ବନ୍ଧୀୟ ସମସ୍ୟା ସେହି ସମୟରେ ଉପୁଜିଥିଲା । ଏହିସବୁ ବିଷୟରେ ତିମଥିଙ୍କୁ ଉପଦେଶ ଦେଇ ପାଉଲ ଲେଖିଥିଲେ ଯେପରି ଗୀର୍ଜା ସଠିକ୍ ଭାବରେ ଚାଳିତ ହେବ । ତିମଥି ଯେପରି ତାଙ୍କ ଖ୍ରୀଷ୍ଟିୟ ଜୀବନରେ ଭାଙ୍ଗି ନ ପଡ଼ନ୍ତି ସେଥିପାଇଁ ପାଉଲ ତାଙ୍କୁ ଉତ୍ସାହିତ କରି ଲେଖିଥିଲେ, କିନ୍ତୁ ପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଗୌରବ ପାଇଁ ବଞ୍ଚିବେ ସେଥିପାଇଁ ଲେଖିଥିଲେ । ଗୀର୍ଜା କର୍ମକର୍ତ୍ତାମାନଙ୍କ ପାଇଁ କେତେକ ବିଶେଷ ନିୟମ ଏହି ପତ୍ରରେ ଦିଆଯାଇଛି ।

**ବିଷୟବସ୍ତୁ :**

ସଦ୍‌ବିଶ୍ୱାସ ଓ ସଦ୍‌ବ୍ୟବହାରର ପ୍ରାଧାନ୍ୟତା ଏହି ପୁସ୍ତକର ବିଷୟବସ୍ତୁ ଗଠନ କରେ । ପାଉଲ ଗୁରୁତ୍ୱ ଦିଅନ୍ତି ଯେ ଆମେ ସତ୍ୟ ଜାଣିବା ଉଚିତ ଏବଂ ଯେଉଁ ମିଥ୍ୟା ତତ୍ତ୍ୱ ସବୁ ଉଠିଥାଏ ତାହାର ପ୍ରତିରୋଧ କରିବା ଉଚିତ୍ । ଆମର ଜୀବନ ଯାହା ସେହି ତତ୍ତ୍ୱ ସହ ସଂପୃକ୍ତ ଆମେ ଯତ୍ନ ସହକାରେ ବଞ୍ଚିବା ଆବଶ୍ୟକ । ତେବେ ଯାଇ ଈଶ୍ୱରଙ୍କର ଲୋକମାନଙ୍କ ଉପରେ ଶୟତାନ କୌଣସି ସୁବିଧା ପାଇବ ନାହିଁ ଗୀର୍ଜା ପରିଚାଳନା କରିବାକୁ ଉତ୍ସର୍ଗୀକୃତ ଓ ପବିତ୍ର - ହୃଦୟପ୍ରାପ୍ତ ଲୋକଙ୍କର ପ୍ରାଧାନ୍ୟତା ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

# ୨ୟ ତିମଥି

ଲେଖକ : ପ୍ରେରିତ ପାଉଲ

ସ୍ଥାନ : ଅଜ୍ଞାତ

ସମୟ : ୬୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ସମ୍ଭବତଃ ପାଉଲ ଏହି ପତ୍ର ଶେଷ ପତ୍ର ଥିଲା ଏବଂ ତାଙ୍କର ସହକର୍ମୀ ତିମଥିଙ୍କ ପାଖକୁ ସେ ସମ୍ବୋଧନ କରି ଲେଖିଥିଲେ । ଏହା ପାଉଲଙ୍କର ବ୍ୟକ୍ତିଗତ ପତ୍ର ଅଟେ । ଯାହା ତାଙ୍କର ଗଭୀର ଅନୁଭବ ଓ ବିଶ୍ୱାସ ପ୍ରକାଶ କରେ ଯେ ଯଦିଚ୍ ତାଙ୍କର ସାଂସାରିକ ଜୀବନ ଶେଷ ହେବ, ସ୍ୱର୍ଗରେ ଈଶ୍ୱରଙ୍କ ଅନନ୍ତ ଜୀବନ ତାଙ୍କ ପାଇଁ ଅପେକ୍ଷା କରିଛି (୧ : ୧୦ - ୧୨) । ଈଶ୍ୱରଙ୍କ ବିଶ୍ୱସ୍ତତା ଉପରେ ପାଉଲ ପ୍ରତିଫଳନ କରନ୍ତି ଯିଏ ତାଙ୍କର ସାରା ଜୀବନ ପରିଚାଳନା କଲେ ଏବଂ ଈଶ୍ୱରଙ୍କୁ ପ୍ରଭୁ ଭାବରେ ଅସ୍ୱୀକାର କରି ଯେତେବେଳେ ସତ୍ୟରୁ ଦୂରରେ ରହିଲେ ସେତେବେଳେ ସେହି ଦୁର୍ଦ୍ଦଶାରେ ମଧ୍ୟ ପ୍ରଭୁ ପରିଚାଳନା କଲେ । ସେ ଆଗାମୀ ନିର୍ଯ୍ୟାତନାର ସମ୍ମୁଖୀନ ହୋଇ ଦୃଢ଼ ଭାବେ ଠିଆ ହେବା ପାଇଁ ତିମଥିଙ୍କୁ ଉତ୍ସାହିତ କରନ୍ତି ।

**ବିଷୟବସ୍ତୁ :**

ସକଳ ବିଷୟ ଉପରେ ଈଶ୍ୱରଙ୍କ ପ୍ରଭୁତ୍ୱ ନିୟନ୍ତ୍ରଣ ହେଉଛି ଏହି ପୁସ୍ତକର ମୂଳ ବା ସାରବସ୍ତୁ । ଯଦିବା ଦୁଃଖ ଦୁର୍ଦ୍ଦଶା ଆସିଛି ଏବଂ କ୍ରମାଗତ ଭାବେ ବଢ଼ିବ, ଈଶ୍ୱର ନିୟନ୍ତ୍ରଣ ବା ଶାସନରେ ଅଛନ୍ତି ଏବଂ ଯେଉଁମାନେ ତାଙ୍କୁ ବିଶ୍ୱାସ କରନ୍ତି, ସେମାନଙ୍କର ଭୟ କରିବା ଆବଶ୍ୟକ ନାହିଁ । ପାଉଲ ସତ୍ୟ ପାଇଁ କିପରି ଯୁଦ୍ଧ କଲେ ତାହା ବର୍ଣ୍ଣନା କରି ତାଙ୍କ ନିଜର ବିଶ୍ୱାସର ସାକ୍ଷ୍ୟ ଲେଖିଛନ୍ତି ଏବଂ ଶେଷରେ ସେ ଈଶ୍ୱରଙ୍କ ଦ୍ୱାରା ପୁରସ୍କୃତ ହେବେ (୪ : ୬ - ୮) ।

# ତିତସ

ଲେଖକ : ପ୍ରେରିତ ପାଉଲ

ସ୍ଥାନ : ଅଜ୍ଞାତ

ସମୟ : ୬୫ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପାଉଲ ତାଙ୍କର ଜଣେ ସହକର୍ମୀଙ୍କ ପାଖକୁ ସମ୍ବୋଧନ କରି ଏହିପତ୍ର ଲେଖିଛନ୍ତି, ଯାହାଙ୍କୁ ପାଉଲ କ୍ରୀତୀ ଦ୍ୱୀପରେ ଗୀର୍ଜାଗୁଡ଼ିକର ସାହାଯ୍ୟ ଓ ଦୃଢ଼ କରିବା ପାଇଁ ଛାଡ଼ି ଦେଇଥିଲେ । ତିତସଙ୍କ ଉଦ୍ଦେଶ୍ୟ ଥିଲା ବିଶ୍ୱାସର ମୌଳିକ ତତ୍ତ୍ୱରେ ପ୍ରାଚୀନମାନଙ୍କୁ ଉତ୍ସର୍ଗ କରିବା ଓ ବିଶ୍ୱାସୀମାନଙ୍କୁ ଉପଦେଶ ଦେବ । ପ୍ରାଚୀନମାନଙ୍କର କାର୍ଯ୍ୟାଳୟ ପାଇଁ ଯୋଗ୍ୟତା ସମ୍ବନ୍ଧରେ ଜାଣିବା ପାଉଲଙ୍କ ପାଇଁ ଆବଶ୍ୟକ ଥିଲା । କିନ୍ତୁ ଗୀର୍ଜାରେ ଅନ୍ୟମାନଙ୍କ ପାଇଁ ଶିକ୍ଷାଦେବା ବା ଉପଦେଶ ଦେବା ଜରୁରୀ ଥିଲା । ଏହି ଶିକ୍ଷାର ସମୟରେ ଈଶ୍ୱରଙ୍କ ଦାସମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଓ ଏହି ସମସ୍ୟାଗୁଡ଼ିକ କିପରି ସମାଧାନ କରିବାକୁ ହେବ ସେହି ବିଷୟରେ ପାଉଲ ଲେଖନ୍ତି ।

**ବିଷୟବସ୍ତୁ :**

ଜଗତର ମନ୍ଦତାର ମଧ୍ୟରେ ଉପଯୁକ୍ତ ଖ୍ରୀଷ୍ଟିୟ ଜୀବନ ପାଇଁ ଆବଶ୍ୟକ ଉପରେ ଗୁରୁତ୍ୱ ଦିଆଯାଇଛି । ଜଗତର ବୈରତା ଓ ଦୁର୍ନୀତି ଆମ ଚାରିପଖେ ଆମେ ଦେଖୁ । କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ କଣ କରିପାରେ ଆମ ଜୀବନରେ ଆମେ ତାହା ଦେଖାଇବା ଉଚିତ । ଏହିପରି ଜୀବନରେ ସଂଘର୍ଷ ଆସିବ, ଯେହେତୁ ଅଧିକ ବାକ୍ୟ ଅଳ୍ପ କାମ କରିବ ବା କିଛି କରିବ ନାହିଁ ।

# ଫିଲିମୋନ

ଲେଖକ : ପ୍ରେରିତ ପାଉଲ
ସ୍ଥାନ : ରୋମ
ସମୟ : ୬୦ କିମ୍ବା ୬୧ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଅନୀଶିମ ନାମରେ ଜଣେ କ୍ରୀତଦାସ, ଯିଏ ଜଣେ କଲୋସୀର ଖ୍ରୀଷ୍ଟିୟାନ ଫିଲିମୋନ୍‌ଙ୍କ ଦ୍ୱାରା ଗ୍ରହଣ କରାଗଲେ, ସେ ଶେଷରେ ରୋମକୁ ଚାଲିଗଲେ । ସେ ଏଠାରେ ପାଉଲଙ୍କଠାରୁ ସୁସମାଚାର ଶୁଣିଲେ ଏବଂ ଜଣେ ବିଶ୍ୱାସୀ ହେଲେ । ପାଉଲଙ୍କ ଦ୍ୱାରା ଲିଖିତ ଏହି ପତ୍ର ଅନୀଶିମ୍‌ଙ୍କୁ ଫେରାଇ ଆଣିବା ପାଇଁ ଫିଲିମୋନଙ୍କୁ ଉତ୍ସାହିତ କରିଛନ୍ତି । ଏହି ସମୟରେ ଜଣେ ଖ୍ରୀଷ୍ଟିୟାନ ଭାଇ ଭାବରେ ବ୍ୟବହାର କରିଛନ୍ତି । ୧୧ ପଦରେ ଗୋଟିଏ ନାଟକ ଅଛି, ଯେଉଁଠାରେ ପାଉଲ କହନ୍ତି ଯେ ବର୍ତ୍ତମାନ ଅନୀଶିମ (ଏହାର ଅର୍ଥ 'ଆବଶ୍ୟକ') ପ୍ରକୃତରେ ଅନୀଶିମ ହେବ -- ଆବଶ୍ୟକ ଫିଲିମୋନଙ୍କ ପାଇଁ ପୁଣି ପ୍ରଚାର କାର୍ଯ୍ୟ ପାଇଁ ।

**ବିଷୟବସ୍ତୁ :**

ଏହି କ୍ଷୁଦ୍ର ପୁସ୍ତକ ଅନେକ ବିଷୟରେ ପ୍ରଧାନ ଅଟେ । ଦୁଇଟି ବିଷୟ ଠିଆ ହୁଏ । ପ୍ରଥମେ ଆମେ ଦେଖୁ ଯେ କିପରି ସୁସମାଚାର କାର୍ଯ୍ୟକାରୀ ହୁଏ । କେହି ଜଣେ ନାହିଁ, ଏପରିକି କ୍ରୀତଦାସ ମଧ୍ୟ ଈଶ୍ୱରଙ୍କ କାର୍ଯ୍ୟର ବହିର୍ଭୂତ ନୁହିଁ । ଯଦି ଜଣେ ଖ୍ରୀଷ୍ଟଠାରେ ବିଶ୍ୱାସ କରେ, ସେ ଜଣେ ନୂତନ ବ୍ୟକ୍ତି ହେବ । ଦ୍ୱିତୀୟରେ, ସୁସମାଚାର ଦ୍ୱାରା ପୂର୍ବର ଘୃଣା ଶ୍ରେଣୀର ପ୍ରତିବନ୍ଧକ ଭାଗି ଯାଇଛି - ଫିଲିମୋନ ଓ ଅନୀଶିମ ଦୁହେଁ ବର୍ତ୍ତମାନ ଭାଇ ଭାଇ । ସମୟ ଆସିବ ଖ୍ରୀଷ୍ଟିୟ ଶିକ୍ଷାର ଓଜନରେ କ୍ରୀତଦାସତ୍ୱର ସମସ୍ତ ମନ୍ଦ ପ୍ରଥା ଭାଙ୍ଗି ପଡ଼ିଯିବ ।

# ଏବ୍ରୀ

ଲେଖକ : ଅଜ୍ଞାତ
ସ୍ଥାନ : ଅଜ୍ଞାତ
ସମୟ : ୬୦-୭୦ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଏହି ଗୁରୁତ୍ୱପୂର୍ଣ୍ଣ ପତ୍ର ଯିହୁଦୀୟ ଖ୍ରୀଷ୍ଟିୟାନମାନଙ୍କ ପାଖକୁ ଲେଖା ଯାଇଥିଲା । ଯେଉଁମାନେ ଯିହୁଦୀୟ ରୀତିନୀତିରେ ପୁନର୍ବାର ଫେରିଆସିବାର ବିଷୟ ଚିନ୍ତା କରୁଥିଲେ । ଏହା ଅତି ସୁନ୍ଦର ଭାବରେ ଦର୍ଶାଯାଇଛି ଯେ ବିଶ୍ୱାସୀମାନଙ୍କ ପାଇଁ ଯିହୁଦୀୟ ପ୍ରଥାରେ ଆଉ ଆବଶ୍ୟକ ନାହିଁ କାରଣ ଖ୍ରୀଷ୍ଟ ଆସିଲେଣି । ସଫଳତାର ସମୟ ଆସିଛି ଏବଂ ଅତୀତ ଜୀବନକୁ ଫେରିବା ବିଫଳ ହୋଇପାରେ ଯାହା ସୁସମାଚାରରେ ମିଳିଥିବା ନୂତନ ଜୀବନକୁ ନିକୃଷ୍ଟ କରି ଦେଇଥିଲା ଅବିଚ୍ଛେଦ୍ୟ ଭାବରେ । ଏହା ପ୍ରମାଣିତ କରେ ଯେ ସବୁକ୍ଷେତ୍ରରେ ଖ୍ରୀଷ୍ଟ ଉତ୍ତମ ଅଟନ୍ତି -- ସେ ଦୂତମାନଙ୍କ ଠାରୁ ଶ୍ରେଷ୍ଠ ଅଟନ୍ତି । ମୋଶାଙ୍କଠାରୁ ଏବଂ ପୁରାତନ ନିୟମର ଯାଜକମାନଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ସେ ଗୋଟିଏ ଉତ୍ତମ ନିୟମ ମଧ୍ୟସ୍ଥତା ଦ୍ୱାରା ସମ୍ପାଦନ କରନ୍ତି ଏବଂ ଗୋଟିଏ ଉତ୍ତମ ଉତ୍ସର୍ଗ ଦାନ କରନ୍ତି । ବିଶ୍ୱାସର ଜୀବନ ଯାହା ଖ୍ରୀଷ୍ଟିୟାନମାନେ ଜୀବନଯାପନ କରନ୍ତି ତାହା ପୁରାତନ ନିୟମର ସାଧୁମାନଙ୍କ ଜୀବନରୁ ଆସେ ଯେଉଁମାନେ କି ବିଶ୍ୱାସର ଜୀବନରେ ପଥ ଦେଖାଇଲେ ।

**ବିଷୟବସ୍ତୁ :**

ଖ୍ରୀଷ୍ଟ ଓ ଖ୍ରୀଷ୍ଟିୟାନ ଜୀବନର ସଂପୂର୍ଣ୍ଣ ଶ୍ରେଷ୍ଠତା ହେଉଛି ଏହି ପୁସ୍ତକର ମୂଳ ବିଷୟ । ଏଥିରେ ସନ୍ଦେହ ନାହିଁ ଯେ ଅନ୍ୟ ଧର୍ମ ସମ୍ବନ୍ଧୀୟ ପ୍ରଥାଗୁଡ଼ିକର ମୂଲ୍ୟ ଅଛି, କିନ୍ତୁ ସେ ସବୁ ଖ୍ରୀଷ୍ଟଙ୍କ ଠାରେ ଈଶ୍ୱର ଯାହା କରିଛନ୍ତି ତାହା ସହିତ ତୁଳନା କରାଯାଇ ନ ପାରେ । ଖ୍ରୀଷ୍ଟ ହେଉଛନ୍ତି ଈଶ୍ୱରଙ୍କ ସାର, ଯିଏ ଆମର ପାପ ପାଇଁ ମରିବା ଦ୍ୱାରା ଈଶ୍ୱରଙ୍କ କାର୍ଯ୍ୟ କଲେ । ଈଶ୍ୱର ଆମର କଣ ଚାହାନ୍ତି କେବଳ ତାଙ୍କଠାରେ ଆମେ ଯେପରି ବିଶ୍ୱାସ କରୁ । ଯଦି ଆମର ବିଶ୍ୱାସ ଅଛି ତେବେ ଆମ୍ଭେମାନେ ଈଶ୍ୱରଙ୍କ ପ୍ରତିଜ୍ଞାରେ, ଜୀବନର ପୂର୍ଣ୍ଣତାରେ ଏବଂ ଆଗାମୀ ଅନନ୍ତ ଜୀବନରେ ପ୍ରବେଶ କରିଛୁ ।

# ଯାକୁବ

ଲେଖକ : ଯାକୁବ
ସ୍ଥାନ : ଅଜ୍ଞାତ
ସମୟ : ୪୫ - ୪୮ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଏହି ଯାକୁବ ପୁସ୍ତକ ଯିହୁଦୀୟ ଖ୍ରୀଷ୍ଟିୟାନମାନଙ୍କ ପାଖକୁ ଲେଖାଯାଇଥିଲା ସେମାନଙ୍କ ଖ୍ରୀଷ୍ଟିୟ ଜୀବନରେ କେତେକ ବ୍ୟବହାରିକ ଶିକ୍ଷା ଦେବା ପାଇଁ । ଏହା ଅନେକ ପ୍ରବାଦ ସଂକ୍ରାନ୍ତ ଲୋକ କଥାରେ ସଂପୃକ୍ତ ଏବଂ ଯୀଶୁଙ୍କର ଶିକ୍ଷା ଓ ପର୍ବତ ଉପରେ ଉପଦେଶର ସ୍ମରଣୀୟ ବିଷୟ ପ୍ରତିଫଳନ କରେ । ଗୀର୍ଜାଗୁଡ଼ିକରେ ଯେଉଁ ସମସ୍ୟା ସବୁ ଥିଲା ସେସବୁ ବର୍ଣ୍ଣନା କରାଯାଇଛି । ଗର୍ବ, ବିଭେଦ, ଲୋଭ, ଶାରୀରିକ ଅଭିଳାଷ, କପଟତା, ସାଂସାରିକତା ଏବଂ ପରନିନ୍ଦା ବିଷୟରେ ଆମେ ପଢୁ । କର୍ମ ବିନା ବିଶ୍ୱାସ ମୃତ (୨ : ୨୬) ଏହି ବିଷୟ ଦେଖାଇ ମନ୍ଦତାକୁ ଭଲ କରିବାକୁ ଯାକୁବ ଲେଖନ୍ତି ; ତେଣୁ କେବଳ ବିଶ୍ୱାସର ସ୍ୱୀକରଣ ଯଥେଷ୍ଟ ନୁହେଁ । ଉତ୍ତମ ବୃକ୍ଷ ଯେପରି ଉତ୍ତମ ଫଳ ଉତ୍ପନ୍ନ କରେ, ଉତ୍ତମ ଜୀବନରେ ସେହିପରି ସତ୍ୟ ବିଶ୍ୱାସ ଅଧିକ ଫଳ ଉତ୍ପନ୍ନ କରିବ ।

**ବିଷୟବସ୍ତୁ :**

ଜଣେ ବିଶ୍ୱାସୀର ଅନ୍ତର୍ବିଶ୍ୱାସର ବାସ୍ତବତା ଓ ସୁସମାଚାର ଯେ ଜୀବନ ପରିବର୍ତ୍ତନ କରେ ଏହା ଦେଖାଇ ଯାକୁବ ଖ୍ରୀଷ୍ଟିୟାନ ଜୀବନ ପାଇଁ ଏ ଦୁଇଟି ବିଷୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି । ଯଦି ଜଣେ ଲୋକ କହେ ଯେ ସେ ଜଣେ ଖ୍ରୀଷ୍ଟିୟାନ, କିନ୍ତୁ ସେ ଯେବେ ଅବିଶ୍ୱାସୀ ଥିଲା ତାହାର କୌଣସି ପରିବର୍ତ୍ତନ ନାହିଁ, ତେବେ ଏହି ଜଗତରେ ତା'ପାଇଁ କି ଲାଭ ଅଛି ? କିନ୍ତୁ ପ୍ରକୃତରେ ସୁସମାଚାର ହିଁ ଜୀବନର ପରିବର୍ତ୍ତନ କରେ ଏବଂ ଯଦି ଆମେ ଖ୍ରୀଷ୍ଟଙ୍କ ଠାରେ ନିଜ ନିଜକୁ ସମର୍ପଣ କରିବୁ, ଆମର ଜୀବନ୍ତ ବିଶ୍ୱାସରୁ ପ୍ରେମ ଓ ଦୟାର ସ୍ରୋତ ବହିବା ଆମେ ଦେଖିବୁ ।

# ୧ମ ପିତର

ଲେଖକ : ପ୍ରେରିତ ପିତର
ସ୍ଥାନ : ଅଜ୍ଞାତ, ସମ୍ଭବତଃ ରୋମ
ସମୟ : ୬୩ କିମ୍ବା ୬୪ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଏସିଆ ମହାଦେଶରେ ବାସ କରୁଥିବା ଯିହୁଦୀୟ ଖ୍ରୀଷ୍ଟିୟାନଙ୍କୁ ଆଶ୍ୱାସନା ଓ ଉତ୍ସାହ ଦେବାକୁ ପ୍ରେରିତ ପିତର ତାଙ୍କର ଜୀବନର ଶେଷ କାଳରେ ଏହି ପତ୍ର ଲେଖିଥିଲେ । ସେ ଦର୍ଶାନ୍ତି ଯେ ଯେଉଁମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ଈଶ୍ୱରଙ୍କଠାରେ ଗୋଟିଏ ଅକ୍ଷୟ ପୁରସ୍କାର ରଖାଯାଇଛି । ନିର୍ଯ୍ୟାତନାରୁ ରକ୍ଷା ପାଇବା ପାଇଁ ଯିହୁଦୀ ପ୍ରଥାରେ ପୁନର୍ବାର ଫେରିଯିବାର ବିଷୟରେ ଯେଉଁମାନେ ଭାବୁଥିଲେ, ସେମାନଙ୍କୁ ପିତର ନିର୍ଦ୍ଦେଶ ଦିଅନ୍ତି ଯେ ଗୀର୍ଜା ହେଉଛି ଈଶ୍ୱରଙ୍କ ମନୋନୀତ ଜାତି ଓ ଯାଜକ ସମ୍ପ୍ରଦାୟ (୨ : ୯) ତେବେ ଯିହୁଦୀ ସଂପ୍ରଦାୟକୁ ଫେରିବାର କଳ୍ପନା ବିଫଳ ହେଲା । ପିତର ଖ୍ରୀଷ୍ଟଙ୍କ ଉଦାହରଣ ଉପସ୍ଥାପନା କରନ୍ତି ଯିଏ ଦୁଃଖଭୋଗ କଲେ ଏବଂ ସେହି ଅନୁଭୂତି ପାଇଁ ପ୍ରସ୍ତୁତ ହେବାକୁ ବିଶ୍ୱାସୀମାନଙ୍କୁ ଉପଦେଶ ଦିଅନ୍ତି । ଖ୍ରୀଷ୍ଟିୟାନମାନଙ୍କ ଅନେକ ଦଳକୁ ଶିକ୍ଷା ବା ଉପଦେଶ ଦେଇ ପତ୍ର ଲେଖା ସଂପନ୍ନ କରନ୍ତି ।

**ବିଷୟବସ୍ତୁ :**

ଦୁଃଖକଷ୍ଟ ଉପରେ ବିଜୟୀ ହେବା ଏହି ପତ୍ରର ମୂଳ ଉଦ୍ଦେଶ୍ୟ । ଆରମ୍ଭକାଳୀନ ଖ୍ରୀଷ୍ଟିୟାନମାନେ ସେମାନଙ୍କ ବିଶ୍ୱାସ ପରେ ମଧ୍ୟ ବହୁତ ଦୁଃଖ କଷ୍ଟର ଜୀବନ କାଟୁଥିଲେ, କିନ୍ତୁ ଏହି ପତ୍ର ଆମକୁ ଦର୍ଶାଏ ଯେ ତାହାର ମୂଲ୍ୟ ଯାହାହେଉ ନା କାହିଁକି ମୂଲ୍ୟ ଅଛି । ଯାହାସବୁ ଘଟିଯାଉଛି ଈଶ୍ୱର ସେସବୁ ଜାଣନ୍ତି ଏବଂ ତାଙ୍କର ଅନନ୍ତ ଯୋଜନା ସମସ୍ତ ମଙ୍ଗଳ ପାଇଁ ସବୁ କିଛି କାର୍ଯ୍ୟକାରୀ ହେବ । ଆମ୍ଭେମାନେ କେବଳ ତାଙ୍କଠାରେ ବିଶ୍ୱାସ କରିବାକୁ ପଡ଼ିବ ଓ ଆମର ଘର ପୃଥିବୀରେ ନାହିଁ କିନ୍ତୁ ସ୍ୱର୍ଗରେ ଅଛି ଏହି ବିଷୟ ଭାବି ସ୍ୱର୍ଗ ଆଡ଼େ ଦୃଷ୍ଟି ରଖି ଜୀବନଯାପନ କରିବାକୁ ହେବ ।

# ୨ୟ ପିତର

ଲେଖକ : ପ୍ରେରିତ ପିତର
ସ୍ଥାନ : ଅଜ୍ଞାତ, ସମ୍ଭବତଃ ରୋମ
ସମୟ : ୬୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ପିତର ମୃତ୍ୟୁଭୋଗ କରିବାର କିଛିଦିନ ପୂର୍ବରୁ ଏହି ପତ୍ର ଲେଖିଥିଲେ ଏବଂ ସେ ଯେଉଁ ସମସ୍ୟାଗୁଡ଼ିକ ଅନୁଭବ କରିଥିଲେ ସେହି ବିଷୟରେ ଲେଖନ୍ତି । ଖ୍ରୀଷ୍ଟିୟ ସୁସମାଚାରର ସତ୍ୟତା ଜାଣି ବିଶ୍ୱାସୀମାନେ ଯେପରି ସେମାନଙ୍କର ଆତ୍ମିକ ବିକାଶରେ ଚାଲିପାରିବେ ସେଥିପାଇଁ ସେ ବିଶ୍ୱାସୀମାନଙ୍କୁ ଉତ୍ସାହିତ କରନ୍ତି । ଏହା କୌଣସି ମିଥ୍ୟାଗଳ୍ପର ଅନ୍ତର୍ଭୁକ୍ତ ନୁହଁ କିନ୍ତୁ ଏହା ସତ୍ୟ ଅଟେ । ଗୀର୍ଜାର ବିଷୟଗୁଡ଼ିକ ଉପରେ ନିଜର ଇଚ୍ଛା ଅନୁସାରେ ଯେଉଁ ମିଥ୍ୟା ଶିକ୍ଷକମାନେ ସତ୍ୟ ଭାଙ୍ଗିବା ପାଇଁ ଚେଷ୍ଟା କରୁଥିଲେ ସେମାନଙ୍କ ଠାରୁ ସତର୍କରେ ରହିବା ପାଇଁ ସେ ପରାମର୍ଶ ଦିଅନ୍ତି । ଶେଷରେ, ଏହି ଜଗତର ସମସ୍ତ ମନ୍ଦ ବିଷୟ ନଷ୍ଟ କରିବାକୁ ଦିନେ ଖ୍ରୀଷ୍ଟ ଆସିବେ ଏହା ସେ ନିର୍ଦ୍ଦେଶ ଦିଅନ୍ତି ଏବଂ ଫଳରେ ଆମ୍ଭେମାନେ ସେହି ସବୁ ବିଷୟରେ ଅଧିକ ଲାଗିରହିବୁ ।

**ବିଷୟବସ୍ତୁ :**

ସାଂଘାତିକ ଚାପର ମଧ୍ୟରେ ସତ୍ୟ ଠାରୁ ସ୍ଥିରତାକୁ ଭସାଇ ନେଇଯିବା ବେଳେ ୨ୟ ପିତରଙ୍କ ଏହା ହେଉଛି ଏକନିଷ୍ଠ ପାଇଁ ଆହ୍ୱାନ । ଜଗତ ଚାହେଁ ଈଶ୍ୱରଙ୍କ କାର୍ଯ୍ୟ ଅକାମୀ କରିବାକୁ, କିନ୍ତୁ ପବିତ୍ର ଜୀବନ ଯାପନ କରିବା, ସତ୍ୟତାକୁ ବିଶ୍ୱାସ କରିବା, ନିର୍ଯ୍ୟାତନା ସହ୍ୟ କରିବା, ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଏବଂ ଓ ଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷା କରିବା ଦ୍ୱାରା ଏହିସବୁ ଚାପର ପ୍ରତିରୋଧ କରିବାକୁ ପଡ଼ିବ ।

# ୧ମ ଯୋହନ

ଲେଖକ : ପ୍ରେରିତ ଯୋହନ
ସ୍ଥାନ : ଅଜ୍ଞାତ, ସମ୍ଭବତଃ ଏଫିସସ୍
ସମୟ : ୮୫ - ୯୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଅତି ସଂପର୍କୀୟ ବିଶ୍ୱାସୀମାନଙ୍କ ପାଖକୁ ବୃଦ୍ଧ ବୟସରେ ପ୍ରେରିତ ଯୋହନ ଏହି ବ୍ୟକ୍ତିଗତ ପତ୍ର ଲେଖିଥିଲେ । ସେ ତାଙ୍କର ସନ୍ତାନ ଭାବରେ ସେମାନଙ୍କୁ ସମ୍ବୋଧନ କରନ୍ତି ଏବଂ ଖ୍ରୀଷ୍ଟିୟ ଜୀବନଯାପନ ପାଇଁ ସେମାନଙ୍କୁ ଉପଦେଶ ଦେଇ ଲେଖନ୍ତି । ଯୀଶୁଙ୍କର ମନୁଷ୍ୟ ଶରୀର ଧାରଣର ସତ୍ୟତା ଗୁରୁତ୍ୱ ସେ ତାଙ୍କର ପତ୍ର ଆରମ୍ଭ କରନ୍ତି ଏବଂ ଯେଉଁମାନେ ଯୀଶୁଙ୍କୁ ଜାଣନ୍ତି ସେମାନେ ପିତାଙ୍କୁ ମଧ୍ୟ ଜାଣନ୍ତି, ଏହି ସତ୍ୟତା ଉପରେ ତାଙ୍କର ଶିକ୍ଷା ବା ଉପଦେଶ ପ୍ରତିଷ୍ଠିତ କରନ୍ତି । ଯେଉଁମାନେ ଯୀଶୁଙ୍କୁ ଜାଣନ୍ତି ନାହିଁ ସେମାନେ ପିତାଙ୍କୁ କିମ୍ବା ପିତାଙ୍କର ପ୍ରେମକୁ ଜାଣନ୍ତି ନାହିଁ । ଖ୍ରୀଷ୍ଟିୟାନମାନେ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ପ୍ରେମର ଅନୁଭୂତି ପାଇଛନ୍ତି, କାରଣ ଈଶ୍ୱର ପ୍ରେମ ଅଟନ୍ତି ଏବଂ ଜୀବନରେ କିଅବା ମରଣରେ ଭୟ କରିବାର ଆବଶ୍ୟକ ନାହିଁ ।

**ବିଷୟବସ୍ତୁ :**

ବିଶ୍ୱାସରେ ତାଙ୍କର ସନ୍ତାନମାନଙ୍କୁ ଆଶ୍ୱାସନା ଓ ଉତ୍ସାହ ଦେବା ପାଇଁ ଏହି ପତ୍ରରେ ଖ୍ରୀଷ୍ଟିୟାନ ବିଶ୍ୱାସର ସତ୍ୟତାକୁ ଯୋହନ ଗୁରୁତ୍ୱ ଦିଅନ୍ତି । ପ୍ରେମ, କ୍ଷମା, ସହଭାଗିତା, ପାପ ଉପରେ ଜୟ, ବିଶ୍ୱାସ, ପବିତ୍ରତା ଓ ଅନନ୍ତ ଜୀବନ ବିଷୟ ସବୁ ଗୋଟିଏ ଚମତ୍କାର ବା ଅଦ୍ଭୁତ ପ୍ରମାଣ ପତ୍ରରେ ଏକତ୍ରଭାବେ ରଖାଯାଇଛି ଯାହା ଜଗତର ଅନ୍ଧକାର ସମୟରେ ଈଶ୍ୱରଙ୍କ ଜ୍ୟୋତିରେ ଉଜ୍ଜ୍ୱଳ କରେ ।

# ୨ୟ ଯୋହନ

ଲେଖକ : ପ୍ରେରିତ ଯୋହନ
ସ୍ଥାନ : ଅଜ୍ଞାତ, ସମ୍ଭବତଃ ଏଫିସସ୍
ସମୟ : ୮୫ - ୯୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଏହି କ୍ଷୁଦ୍ର ପତ୍ରଟି ଜଣେ ଖ୍ରୀଷ୍ଟିୟାନ ସ୍ତ୍ରୀ ବା ନାରୀ ପାଖକୁ କିମ୍ବା ଗୀର୍ଜାକୁ ସ୍ତ୍ରୀ ଲୋକ ବା ନାରୀ ସହ ତୁଳନା କରି ଲେଖା ଯାଇଥିଲା । ସେ ଯାହାହେଉ, ସତ୍ୟ ଖ୍ରୀଷ୍ଟିୟାନ ପ୍ରେମ ଉତ୍ସାହ କରିବାକୁ ଓ ଯେଉଁ ପ୍ରତାରକ ବା ଭଣ୍ଡମାନେ ଜଗତକୁ ଆସୁଥିଲେ ସେମାନଙ୍କୁ ସତର୍କ କରିବାକୁ ଏହା ଲେଖାଯାଇଥିଲା । ଯୋହନ ସେମାନଙ୍କର ସେହି ମନ୍ଦତାରେ ସହଯୋଗ ନ କରିବାକୁ ବିଶ୍ୱାସୀମାନଙ୍କୁ ଆଦେଶ ଦିଅନ୍ତି, କିନ୍ତୁ ଯାହା ଘଟୁ ପଛେ ସତ୍ୟର ଅଟଳ ରହିବାକୁ ପରାମର୍ଶ ଦିଅନ୍ତି ।

**ବିଷୟବସ୍ତୁ :**

ଏହି ପତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେତେବେଳେ ମିଥ୍ୟା ତତ୍ତ୍ୱ ସବୁ ଆସେ ଖ୍ରୀଷ୍ଟିୟାନମାନେ ସତର୍କ ଓ ପରିଶ୍ରମୀ ହେବା ଦରକାର । ଆମ୍ଭେମାନେ ସାବଧାନ ରହିବା ଆବଶ୍ୟକ, ମିଥ୍ୟା ତତ୍ତ୍ୱ ଥାଏ କିନ୍ତୁ ତାହାର ମୁକାବିଲା କରିବା ପାଇଁ ଆମେ ପ୍ରସ୍ତୁତ ରହିବା ଦରକାର । ଶେଷରେ ଆମେ ସମସ୍ତେ ଆମର ଜୀବନରେ ଈଶ୍ୱରଙ୍କ ପ୍ରେମରେ ଚାଲିବା ଉଚିତ ।

# ୩ୟ ଯୋହନ

ଲେଖକ : ପ୍ରେରିତ ଯୋହନ

ସ୍ଥାନ : ଅଜ୍ଞାତ, ସମ୍ଭବତଃ ଏଫିସସ୍

ସମୟ : ୮୫ - ୯୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଯେଉଁ ପ୍ରଚାରକମାନେ ସତ୍ୟପ୍ରଚାର କରୁଥିଲେ ସେମାନଙ୍କୁ ସାହାଯ୍ୟ କରିବାକୁ ଉତ୍ସାହିତ କରି ଯୋହନ ତାଙ୍କର ବନ୍ଧୁ ଗାୟଙ୍କ ପାଖକୁ ଏହି କ୍ଷୁଦ୍ର ପତ୍ର ଲେଖନ୍ତି । ସେ ଗାୟଙ୍କୁ ସତର୍କ କରନ୍ତି ଯେ ଦିୟତ୍ରିଫୀ ଭଳି ଲୋକଙ୍କ ପାଇଁ ସତର୍କ ରହିବାକୁ ଯିଏ କି ସୁସମାଚାର ପ୍ରସାରରେ ସାହାଯ୍ୟ କରିବାକୁ ମନା କରୁଥିଲେ ଏବଂ ଅନ୍ୟମାନଙ୍କୁ ଆଦେଶ ଦିଅନ୍ତି ଦିୟତ୍ରିଫୀଙ୍କ ଭଳି ସାହାଯ୍ୟ କରିବାକୁ ।

**ବିଷୟବସ୍ତୁ :**

ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ କାମରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ । ସେପରି ନ କରିବା ଶୟତାନର କାର୍ଯ୍ୟ ଅଟେ, ଯିଏ ବିଶ୍ୱାସୀମାନଙ୍କୁ ନଷ୍ଟ କରିବାକୁ ଖୋଜୁଥାଏ । ଯୋହନ ଗୁରୁତ୍ୱ ଦିଅନ୍ତି ଯେ ଖ୍ରୀଷ୍ଟିୟାନ ଭାବେ ସମସ୍ତ ବିଶ୍ୱାସୀମାନେ ଏକତ୍ର ବନ୍ଧାଯାଇଛନ୍ତି ଏବଂ ସମସ୍ତଙ୍କର ମଙ୍ଗଳ ପାଇଁ କାମ କରିବା ଉଚିତ ।

# ଯିହୁଦା

ଲେଖକ : ଯିହୁଦା, ଯୀଶୁଙ୍କର ଜଣେ ଭାଇ

ସ୍ଥାନ : ଅଜ୍ଞାତ

ସମୟ : ୬୫ - ୭୦ ଖ୍ରୀଷ୍ଟାବ୍ଦ

**ଆଧେୟ :**

କାହା ପାଖକୁ ଏହି ପତ୍ର ଲେଖା ଯାଇଥିଲା ତାହା ଅଜ୍ଞାତ, କିନ୍ତୁ ସମସ୍ୟା ଯାହା ଯିହୁଦା ପ୍ରତିରୋଧ କରନ୍ତି ତାହା ସ୍ପଷ୍ଟ ହୋଇଛି । ଭଣ୍ଡ ଶିକ୍ଷକ ଓ ସେମାନଙ୍କ ମିଥ୍ୟା ଧର୍ମ ତତ୍ତ୍ୱ ସବୁ ବିରୁଦ୍ଧରେ ଦୃଢ଼ ଭାବେ ଠିଆହେବା ପାଇଁ ବିଶ୍ୱାସୀମାନଙ୍କୁ ଯିହୁଦା ପ୍ରତିବାଦ କରନ୍ତି । ଅତୀତରେ ଈଶ୍ୱର ପାପ ପାଇଁ ଯେଉଁ ବିଚାର କରିଥିଲେ ତାହାର ଉଦାହରଣ ଦେବା ସଙ୍ଗେ ସଙ୍ଗେ ଭଣ୍ଡ ଶିକ୍ଷକମାନଙ୍କର ମନ୍ଦ ଜୀବନର ଅନିଷ୍ଟକାରୀ ବର୍ଣ୍ଣନା କରି ଯିହୁଦା ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିଛନ୍ତି । ଯେଉଁ ଈଶ୍ୱର ପତନରୁ ଆମ୍ଭମାନଙ୍କୁ ରକ୍ଷା କରିବେ ତାହାଙ୍କର ଶକ୍ତିରେ ଦୃଢ଼ ଭାବରେ ଠିଆ ହେବାକୁ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରି ଏହି ପତ୍ର ଲେଖିବା ଶେଷ କରନ୍ତି ।

**ବିଷୟବସ୍ତୁ :**

ମିଥ୍ୟା ତତ୍ତ୍ୱର ଅନିଷ୍ଟତା ଓ ଗୀର୍ଜାଦ୍ୱାରା ଅବିରତ ଜାଗରଣ ପାଇଁ ଆବଶ୍ୟକତା ହେଉଛି ଏହି ପୁସ୍ତକର ଉଦ୍ଦେଶ୍ୟ । ଲୋକମାନେ କଣ କହନ୍ତି ଓ କିପରି ଜୀବନଯାପନ କରନ୍ତି ସେ ବିଷୟ ପରୀକ୍ଷା କରିବାକୁ ଯିହୁଦା ଆମ୍ଭମାନଙ୍କୁ ଆଦେଶ ଦିଅନ୍ତି ଯେପରିକି ଈଶ୍ୱରଙ୍କ ଦୃଷ୍ଟିରେ ଯାହା ଉତ୍ତମ ତାହା ଆମେ କହିପାରୁ ପୂର୍ଣ୍ଣ ବିଶ୍ୱାସ ସହ ସାହାଯ୍ୟ ପାଇଁ ଆମେ ଈଶ୍ୱରଙ୍କୁ ଡ଼ାକିପାରୁ ଯେ ସେ ନିଶ୍ଚୟ ଆମର ପ୍ରାର୍ଥନା ଶୁଣିବେ ଏବଂ ଉତ୍ତର ଦେବେ ।

# ପ୍ରକାଶିତ ବାକ୍ୟ

**ଲେଖକ :** ପ୍ରେରିତ ଯୋହନ

**ସ୍ଥାନ :** ପାଟ୍‌ମସ୍

**ସମୟ :** ୯୦ - ୯୬ ଖ୍ରୀଷ୍ଟାବ୍ଦ

**ଆଧେୟ :**

ଏହି ମିଶ୍ରିତ ପୁସ୍ତକରେ ଦୁଇଟି ଭାଗ ଅଛି । ପ୍ରଥମ କେତୋଟି ପତ୍ର ଏସିଆ ମହାଦେଶରେ ଗୀର୍ଜାଗଡ଼ିକ ସଂପୃକ୍ତ (୧-୩) ଏବଂ ଦ୍ୱିତୀୟଟି ଈଶ୍ୱରଙ୍କ ଲୋକମାନଙ୍କ ଜୀବନ ଓ ନିର୍ଯ୍ୟାତନା, ମନ୍ଦର ପରାଜୟ, ଖ୍ରୀଷ୍ଟଙ୍କ ଆଗମନ, ଶେଷ ବିଚାର, ସହସ୍ର ବର୍ଷୀୟ ରାଜ୍ୟ ଏବଂ ସ୍ୱର୍ଗ ସଂପର୍କୀୟ ଦର୍ଶନର ପର୍ଯ୍ୟାୟର ସଂପୃକ୍ତ (୪ - ୨୨) । ଦର୍ଶନର ମୁଖ୍ୟ ଅଂଶ ପୃଥିବୀରେ ହୋଇଥିବା ଧ୍ୱଂସର ପର୍ଯ୍ୟାୟର ସଂପୃକ୍ତ ଯେଉଁଥିରେ ମେଷ ଶାବକ (ଯୀଶୁ)ଙ୍କର କ୍ରୋଧ ପ୍ରକାଶ ପାଇଛି । ସ୍ୱର୍ଗରେ ଈଶ୍ୱରଙ୍କ ଶହୀଦ ଲୋକମାନଙ୍କର ଏବଂ ମର୍ତ୍ତ୍ୟରେ ନିର୍ଯ୍ୟାତିତ ସାଧୁମାନଙ୍କର ଦର୍ଶନସବୁ ସେହି ଦର୍ଶନଗୁଡ଼ିକ ସହିତ ମିଳିତ କରାଯାଇଛି । ବେଶ୍ୟା ଓ ବେବିଲନ (ମନ୍ଦ) ମଧ୍ୟରେ ଗୋଟିଏ ଶେଷ ବାଧାକୁ ଏହି ଦର୍ଶନଗୁଡ଼ିକ ତରଙ୍ଗାୟିତ କରେ ଏବଂ ଈଶ୍ୱରଙ୍କ ବିଜୟ ବାକ୍ୟ, ଯିଏ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ଅଟନ୍ତି (୧୯ : ୧୬), ମନ୍ଦ ବା ପାପ ବିନିଷ୍ଟ କରିବାକୁ ଆସନ୍ତି ଏବଂ ବିଶ୍ୱାସୀମାନଙ୍କ ପାଇଁ ଭୋଜ ପ୍ରସ୍ତୁତ କରନ୍ତି । ବିଚାର ଓ ଗୌରବର ଦୃଶ୍ୟ ଅନୁସରଣ କରି ଶେଷ ପ୍ରାର୍ଥନା ସହ ସମାପ୍ତ କରନ୍ତି । "ଆମେନ୍ ! ଆସନ୍ତୁ ପ୍ରଭୁ ଯୀଶୁ !" (୨୦ - ୨୨) ।

**ବିଷୟବସ୍ତୁ :**

ଏହି ମହାନ୍ ପୁସ୍ତକ ଦର୍ଶାଏ ଯେ ଥରେ ନମ୍ରତାରେ ଭୂଷିତ ଯୀଶୁ ଈଶ୍ୱରଙ୍କ ମେଷ ଶାବକ ଶେଷ ସମୟରେ ଇତିହାସର ନିୟନ୍ତ୍ରଣ କରି ଓ ପାପ ବା ମନ୍ଦତା ଲୋପ କରିବା ଦ୍ୱାରା ଅନନ୍ତ ମଙ୍ଗଳ ବା ହିତ ଆଣି ଦେଇ ଏବଂ ଯୁଗ ଯୁଗ ପାଇଁ ଧାର୍ମିକତା ପ୍ରତିଷ୍ଠା କରି ଜଗତର ପାପ ପାଇଁ ବଧ କରାଗଲେ । ଏହା ସତ୍ୟ ଯେ ଖ୍ରୀଷ୍ଟିୟାନ ଆଶା କରେ, ଦିନେ ସମସ୍ତେ ଭଲ ହେବେ ଓ ଈଶ୍ୱର ସର୍ବେ ସର୍ବା ହେବେ । ଅଶ୍ରୁଜଳ ପୋଛାଯିବ ଏବଂ ମୃତ୍ୟୁ ବି ଶୋକ କି କ୍ରନ୍ଦନ କି ବ୍ୟଥା ସବୁଦିନ ପାଇଁ ଚାଲିଯିବ (୨୧ : ୪) । ଏହି ଆଶ୍ୱାସନାଭରା ଉପଦେଶ ସବୁ ସମୟର ସମସ୍ତ ବିଶ୍ୱାସୀମାନଙ୍କ ପାଇଁ ପ୍ରଯୁଜ୍ୟ ।

# ଗୀତ ସଂହିତା

## (ସମାଧାନ ବା ଉପଯୋଗୀ ପତ୍ର)

**ସାରାଂଶ :** ଏହା କେବଳ ବାହ୍ୟରେଖା ଓ ବିବରଣର ଉଦାହରଣ ଏହା ଏକ ସମ୍ପୂର୍ଣ୍ଣ କାର୍ଯ୍ୟ ନୁହଁ ।

I. ବିଷୟବସ୍ତୁ : ସୁଖୀ ମାନବ ବା କିପରି ଆଶୀର୍ବାଦପ୍ରାପ୍ତ ହେବ ବା ଦୁଇଟି ପଥ ।

II. ରୂପରେଖ :

୧. ୧ ପଦରୁ ୩ ପଦ — ଆଶୀର୍ବାଦପ୍ରାପ୍ତ ମନୁଷ୍ୟ

୨. ୪ ପଦରୁ ୬ ପଦ — ଦୁଷ୍ଟ ଲୋକ ବା ଅଧାର୍ମିକ

III. ତାଲିକା

| ଅବଲୋକନ | ବିଶଦ ବ୍ୟଖ୍ୟା | ପ୍ରୟୋଗ |
|---|---|---|
| ୧. ପଦ ୧ - ୩ ଆର୍ଶୀର୍ବାଦ ପାଇବାର ଉପାୟ ବିଷୟରେ କହେ । ୧ମ ପଦ ଆଶୀର୍ବାଦପ୍ରାପ୍ତ ସେ କଣ ତ୍ୟାଗ କରିବା । ଆବଶ୍ୟକ ତାହାର ତିନୋଟି ନାସ୍ତିସୂଚକ ବିବୃତିର ତାଲିକା କରନ୍ତୁ । | ଏହାର ଅର୍ଥ ଆନନ୍ଦିତ । | ମୁଁ ଧନ୍ୟ ହେବି ବା ସୁଖୀ ହେବି । |
| କ) ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ । | କ) ଏହାର ଅର୍ଥ ଖ୍ରୀଷ୍ଟିୟାନମାନେ ଜଗତର ମନ୍ତ୍ରଣା ଶୁଣିବା ଉଚିତ ନୁହଁ । ଈଶ୍ୱରଙ୍କ ମନ୍ତ୍ରଣା ଅନୁସରଣ କରିବା ଉଚିତ । ଜଗତ ତାହାର ମନ୍ତ୍ରଣାକାରୀମାନଙ୍କରେ ପରିପୂର୍ଣ୍ଣ ଏବଂ ଏହା ଖ୍ରୀଷ୍ଟିୟାନମାନଙ୍କୁ କୁପଥରେ ନେଇପାରେ । | ମୁଁ ଯେଉଁ ମନ୍ତ୍ରଣା ପାଏ, ତା'ପ୍ରତି ସତର୍କ ହେବା ଉଚିତ, ତେବେ ଯାଇ ସର୍ବଦା ମୁଁ ଈଶ୍ୱରଙ୍କ ଇଚ୍ଛାରେ କାମ କରିପାରିବି । |
| ଖ) ପାପୀମାନଙ୍କ ପଥରେ ଠିଆ ହୁଏ ନାହିଁ । | ଖ) ଗୋଟିଏ ପାପର ପଥ ଅଛି, ଯାହାକୁ ଖ୍ରୀଷ୍ଟିୟାନମାନେ ତ୍ୟାଗ କରିବା ଉଚିତ । ପାପ ଅତି ପ୍ରଲୋଭିତ ହୋଇପାରେ ଏବଂ ସେହି ପଥରେ ଠିଆ ହେବାର କାରଣ ହୋଇପାରେ, ଜଗତର ମନ୍ତ୍ରଣା ଧ୍ୱଂସ ଆଡ଼କୁ ନିଏ । | ମୁଁ ଯେପରି ପାପର ଫାନ୍ଦରେ ଧରା ନ ପଡ଼େ, ସେଥିପାଇଁ ସତର୍କ ହେବା ଉଚିତ । |
| ଗ) ନିନ୍ଦକମାନଙ୍କ ସ୍ଥାନରେ ବା ସଭାରେ ବସେ ନାହିଁ । | | ଯଦି ମୁଁ ଅନ୍ୟର ଉପହାସ କରେ ବା ଥଟ୍ଟା କରେ ତେବେ ମୁଁ କେବେ ସୁଖୀ ବା ଧନ୍ୟ ହୋଇପାରିବି ନାହିଁ । |
| ତାକୁ କଣ ସୁଖୀ କରାଏ ? ୨ୟ ପଦ ପ୍ରଭୁଙ୍କ ବ୍ୟବସ୍ଥାରେ ଆମୋଦ ଥାଏ । ଦିବାରାତ୍ର ଧ୍ୟାନ କରେ | ଜଗତ ପରିହାସକ ମାନଙ୍କରେ ପୂର୍ଣ୍ଣ - ସେମାନେ ବିଶ୍ୱାସର ପରିହାସ କରନ୍ତି । (ଚାଲିବାଠାରୁ ବସିବାର ପ୍ରଗତିର ସାରାଂଶ ଲେଖନ୍ତୁ ) | ଈଶ୍ୱରଙ୍କ ବାକ୍ୟରେ ଅଧିକରୁ ଅଧିକ ଭାବେ ମୁଁ ବିଶ୍ୱାସ କରିବାକୁ ଇଚ୍ଛା କରେ । |
| ସେ କାହା ସଦୃଶ ? | ଏହା ଈଶ୍ୱରଙ୍କ ବାକ୍ୟକୁ ବୁଝାଏ, ଏହା ତାଙ୍କ ପାଇଁ ମହା ଆନନ୍ଦ ଆଣେ । | ଈଶ୍ୱରଙ୍କ ବାକ୍ୟ ଯେପରି ମୋ ଜୀବନକୁ ଭେଦ କରିବ, ସେଥିପାଇଁ ମୁଁ ଅଧ୍ୟୟନରେ ଓ ଧ୍ୟାନରେ ଅଧିକ ସମୟ କାଟିବାକୁ ଚାହେଁ । |

| ଅବଲୋକନ | ବିଶଦ ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| ୩ୟ ପଦ ଜଳସ୍ରୋତ ନିକଟରେ ରୋପିତ ବୃକ୍ଷ ସଦୃଶ । | ଏହାର ଅର୍ଥ ସେ ଈଶ୍ୱରଙ୍କ ବାକ୍ୟ ପଢ଼ିବାରେ ଓ ଅଧ୍ୟୟନ କରିବାରେ ସମୟ ବିତାଏ ଏବଂ ରାତି ଦିନ ସେ ବିଷୟରେ ଭାବେ । ବାକ୍ୟ ତାଙ୍କର ଜୀବନକୁ ସ୍ପର୍ଶ କରେ । | ମୁଁ ଏହିପରି ମଣିଷ ହେବାକୁ ଇଚ୍ଛା କରେ ।<br>ମୋର ମୂଳ ଗଭୀର ହେଉ ଏହି ଇଚ୍ଛା କରେ । କିପରି ?<br>୧. ପଢ଼ନ୍ତୁ ଏବଂ ଅଧ୍ୟୟନ କରନ୍ତୁ । |
| ସ୍ୱସମୟରେ ଫଳ ଉତ୍ପନ୍ନ କରେ, ପତ୍ର ମଳିନ ହୁଏ ନାହିଁ ସେ ଯାହା କରେ, ତାହା ସଫଳ ହୁଏ । | ଯେଉଁ ଜନ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରେ, ସେ ଜଳ ନିକଟରେ ରୋପିତ ବୃକ୍ଷତୁଲ୍ୟ । ଏହା ସର୍ବଦା ସଜୀବ, ପୁଷ୍ଟିକର ଏବଂ କେବେ କମ୍ ହୁଏ ନାହିଁ । ଫଳ ପାଇଁ ଗୋଟିଏ ସମୟ ଅଛି । ଏହା ସଦା ସର୍ବଦା ଫଳ ଧାରଣ କରେ ନାହିଁ, କିନ୍ତୁ ଫଳ ଧାରଣ ପାଇଁ ସମୟ ଅଛି ସବୁଥର ପାଇଁ ସମୟ ଅଛି । ଗଛର ଅଂଶ ବା ଡ଼ାଳପତ୍ର ଛାଟିବା ସମୟ ମଧ୍ୟ ଅଛି ଇତ୍ୟାଦି ସେଥିରେ ଜୀବନ ଥାଏ, ତାହା ମରେ ନାହିଁ, ତାହା ସର୍ବଦା ସତେଜ ଥାଏ - ମୃତ୍ୟୁ ମଧ୍ୟରେ ସୁନ୍ଦର ଥାଏ । | ୨. ଏହା କରିବା ପାଇଁ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ ।<br>ମୋର ସମୟରେ ଈଶ୍ୱର ମୋତେ ଫଳବାନ୍ କରନ୍ତୁ ।<br>ମୁଁ ଯୀଶୁଙ୍କଠାରେ ଜୀବିତ ।<br>ମୁଁ ସଫଳ ହେବାକୁ ଇଚ୍ଛା କରେ । |
| ୨. ପଦ ୪ - ୬<br>ଦୁଷ୍ଟମାନଙ୍କ ବିଷୟରେ କହେ ।<br>୪ର୍ଥ ପଦ - ଦୁଷ୍ଟମାନେ ନୁହଁନ୍ତି ।<br>ତୁଷ ତୁଲ୍ୟ | ଜଗତ ମୃତ୍ୟୁରେ ପୂର୍ଣ୍ଣ ଏବଂ ଖ୍ରୀଷ୍ଟିୟାନ ଜୀବିତ ଅଟେ ।<br>ଈଶ୍ୱର ଖ୍ରୀଷ୍ଟିୟାନମାନଙ୍କୁ ଫଳବାନ କରିବାକୁ ଚାହାନ୍ତି, କିନ୍ତୁ ସେମାନେ ତାଙ୍କର ବାକ୍ୟରେ ରହିବାକୁ ହେବ ।<br>ଦୁଷ୍ଟମାନଙ୍କର ଆଶା ନାହିଁ ।<br>ବୀଜ ଚୋପା ବା ତ୍ୱକ ଥରେ ବାହାରିଲେ - ତାହା ଉଡ଼ିଯାଏ । କୌଣସି ବସ୍ତୁ ରହେ ନାହିଁ । | ମୁଁ ଦୁଷ୍ଟମାନଙ୍କ ପାଇଁ ଦୁଃଖିତ ଏବଂ ସେମାନଙ୍କ ପ୍ରସାରଣ ଚାହେଁ ।<br>ଜଗତର ଆଶା ନାହିଁ, ଖ୍ରୀଷ୍ଟଙ୍କ ବ୍ୟତୀତ ସବୁକିଛି ଅଳିକ । |
| ୫ମ ପଦ<br>ଦୁଷ୍ଟମାନେ ବିଚାର ସ୍ଥାନରେ ଠିଆ ହେବେ ନାହିଁ ।<br>ପାପୀମାନେ ଧାର୍ମିକମାନଙ୍କ ମଣ୍ଡଳୀରେ ଠିଆ ହେବେ ନାହିଁ । | ଶେଷ ଦିନରେ ଜଗତର କ୍ଷମା ନାହିଁ, ବିଚାରରେ ଏହା ଠିଆ ହେବ ନାହିଁ, କିନ୍ତୁ ବିନଷ୍ଟ ହେବ । | ବିଚାରରେ ଜଗତ ଆଶା କରିବା ଏକ ଭୟଙ୍କର ବିଷୟ ଅଟେ । ମୁଁ ହଜା ମନୁଷ୍ୟମାନଙ୍କ ପାଖକୁ ଯିବାକୁ ଚାହେଁ, ଯେପରି ସେମାନେ ଉଦ୍ଧାର ପାଇବେ । |
| ୬ଷ୍ଠ ପଦ<br>ଧାର୍ମିକମାନଙ୍କମାନଙ୍କ ପଥ<br>ଏବଂ<br>ଦୁଷ୍ଟମାନଙ୍କ ପଥ । | ଜଗତ ପାଇଁ କୌଣସି ସ୍ଥାନ ନାହିଁ (ଏହା ଆମର ଗୀର୍ଜା ବିଷୟରେ କହେ ନାହିଁ, କିନ୍ତୁ ସ୍ୱର୍ଗ ବିଷୟରେ କୁହେ) ।<br>ଈଶ୍ୱର ତାଙ୍କର ଲୋକମାନଙ୍କର ସହ ଅଛନ୍ତି ।<br>ସେମାନେ ବିନଷ୍ଟ ହେବେ । | ଈଶ୍ୱର ତାଙ୍କର ସନ୍ତାନମାନଙ୍କ ପାଇଁ ଗୋଟିଏ ସ୍ଥାନ ପ୍ରସ୍ତୁତ କରୁଛନ୍ତି, କିନ୍ତୁ ଦୁଷ୍ଟମାନଙ୍କର ନିଜ ସ୍ଥାନ ଅଛି ଏବଂ ତାହା ସୁନ୍ଦର ବା ମନୋହର ନୁହଁ, ଈଶ୍ୱର ମୋ' ସହିତ ଅଛନ୍ତି ।<br>ହଜା ଓ ମୁମୂର୍ଷୁମାନଙ୍କ ନିକଟରେ ପହଞ୍ଚିବା ପାଇଁ ସାହାଯ୍ୟ କରିବାକୁ ମୁଁ ଅଛି । |

# ଯିହୁଦା

## (ଉପଯୋଗୀ ପତ୍ର)

**ସାରାଂଶ :** ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବାକୁ ଏହା କେବଳ ତାଲିକା ଓ ରୂପରେଖର ଉଦାହରଣ । ଏହା ସମ୍ପୂର୍ଣ୍ଣ ବା ବହୁଳଭାବେ ଆଲୋଚିତ କାର୍ଯ୍ୟ ନୁହଁ ।

**୧. ରୂପରେଖ :**

| | |
|---|---|
| କ) ଭୂମିକା | ୧ମ ଓ ୨ୟ ପଦ |
| ଖ) ସଂକ୍ଷିପ୍ତ ବିବରଣ | ୩ୟ ଓ ୪ର୍ଥ ପଦ (ପତ୍ରର ଉଦ୍ଦେଶ୍ୟ ; ଭଣ୍ଡ ଶିକ୍ଷକମାନଙ୍କର ଗୀର୍ଜା ବିଷୟରେ ସତର୍କବାଣୀ) । |
| ଗ) ମୁଖ୍ୟ ଶିକ୍ଷା | ୫ମ ପଦରୁ ୨୩ ପଦ |
| ୧. ଭଣ୍ଡ ଶିକ୍ଷକ | ୫ମ ପଦରୁ ୧୬ ପଦ |
| ୨. ଗୀର୍ଜାକୁ ପରାମର୍ଶ | ୧୭ ପଦରୁ ୨୩ ପଦ |
| ଘ) ଉପସଂହାର | ୨୪ ପଦରୁ ୨୫ ପଦ |

**୨. ତାଲିକା ରୂପରେଖ :**

| ଅବଲୋକନ | ବିଶଦ ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| (ଭାବନା ଓ କଷ୍ଟି ପଦ ଏବଂ ବାକ୍ୟ ଅନ୍ୱେଷଣ) | (ଏହି ଭାବନା ତଥା କଷ୍ଟିପଦର ଅର୍ଥ କଣ ? ଏପରି କାହିଁକି କୁହାଗଲା ?) | (ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ପ୍ରୟୋଗ କରନ୍ତୁ ।) |
| ୧. ଭୂମିକା : ୧ - ୨ ପଦ<br>ଏହି ଦୁଇଟି ପଦ ଆମକୁ ଶୁଭେଚ୍ଛା ପ୍ରତିପାଦନ କରେ ।<br>ଯିହୁଦା<br>୧ମ ପଦ -<br>ଯୀଶୁଖ୍ରୀଷ୍ଟଙ୍କର ସେବକ ।<br>୧ମ ପଦ - ଯେଉଁମାନେ ଆହ୍ୱାନ ପ୍ରାପ୍ତ ସେମାନଙ୍କୁ | ଅନେକ ପତ୍ର ଏହା ଉପାୟ ଅବଲମ୍ବନ କରନ୍ତି ।<br>ନିଜକୁ ଏହି ପତ୍ରର ଲେଖକର ପରିଚୟ ଦେଇ ସେ ନିଜକୁ ଯୀଶୁଖ୍ରୀଷ୍ଟଙ୍କର ସେବକ ବୋଲି ଡ଼ାକନ୍ତି ।<br>ସେ ମଧ୍ୟ ଯାକୁବର ଭ୍ରାତା ଯିଏ କି ଯୀଶୁଙ୍କର ଭ୍ରାତା ହେବେ । | |
| | ମୂଳ ଶବ୍ଦ ଅନୁଯାୟୀ ଏହି ପଦର ଅର୍ଥ ସେ ଯୀଶୁଖ୍ରୀଷ୍ଟଙ୍କର କ୍ରୀତଦାସ । ସେ ତାଙ୍କର ସ୍ୱାଧୀନତା ପାଇଛନ୍ତି, କିନ୍ତୁ ସେ ବାଛି ନେଇଛନ୍ତି ତାଙ୍କର ଗୁରୁଙ୍କର ଗୋଟିଏ କ୍ରୀତଦାସ ହେବାକୁ - ଯିହୁଦା ଅନୁଭବ କରନ୍ତି ସେ ଯୀଶୁଖ୍ରୀଷ୍ଟଙ୍କର ସେବକ, ଯାହା ସେ ଇଚ୍ଛା କରନ୍ତି ତାହା କରିବାକୁ ଏହା ମୋତେ କହେ ଯେ ଏହି ପତ୍ର ବିଶ୍ୱାସୀମାନଙ୍କ ପାଖକୁ ଲେଖାଯାଇଛି - ଯେଉଁମାନେ ଆହୂତ । | ମୁଁ ଯୀଶୁଖ୍ରୀଷ୍ଟଙ୍କର ସେବକ ହେବା ରୂପେ ହେବା ଦରକାର । ସମ୍ପୂର୍ଣ୍ଣ ମୁଁ ବିକ୍ରିତ ହେବାକୁ ଚାହେଁ ଯୀଶୁଙ୍କ ପାଖରେ ଯେପରି ସେ ଆଦେଶ ଦିଅନ୍ତି ମୁଁ ସେପରି କରିବି କିପରି ?<br>୧. ଯେ କୌଣସି ଆବଶ୍ୟକ ସମୟରେ ପାଳକଙ୍କ ପାଖରେ ନିଜକୁ ଉପସ୍ଥିତ ରଖି ତାଙ୍କୁ ସାହାଯ୍ୟ କରନ୍ତୁ ।<br>୨. ଶନିବାର ଦିନ ଗୀର୍ଜା ଘର ସଫା କରନ୍ତୁ । |
| ୧ମ ପଦ - ଈଶ୍ୱରଙ୍କ ପ୍ରେମ | ଈଶ୍ୱର ତାଙ୍କର ସନ୍ତାନମାନଙ୍କୁ ପ୍ରେମ ଏବଂ ଆମେ ଯେପରି ବଞ୍ଚି ରହୁ ସେଥିପାଇଁ ତାଙ୍କର ଏକମାତ୍ର ପୁତ୍ରଙ୍କୁ ଦେଲେ । | ଆମ୍ଭେମାନେ ଈଶ୍ୱରଙ୍କ ଦ୍ୱାରା ଆହୂତ । |

| ଅବଲୋକନ | ବିଶଦ ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| ୧ମ ପଦ - ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଧରାପଡ଼ିଲେ। | ଈଶ୍ୱରଙ୍କ ଉଦ୍ଦେଶ୍ୟ ପାଇଁ ଖ୍ରୀଷ୍ଟିୟାନମାନେ ସର୍ବଦା ସୁରକ୍ଷିତ ତାଙ୍କର ସନ୍ତାନମାନଙ୍କୁ କୌଣସି ଘଟଣା ଘଟିବ ନାହିଁ । | ଆମ୍ଭେମାନେ ଈଶ୍ୱରଙ୍କ ଦ୍ୱାରା ପ୍ରେମ ପାଇଅଛୁ । କେଡ଼େ ମହାନ୍ ସୁଯୋଗ ତାହାଙ୍କର ଦ୍ୱାରା ପ୍ରେମ ପାଇବା |
| ୨ୟ ପଦ - ଦୟା, ଶାନ୍ତି, ପ୍ରଚୁରତାରେ ପ୍ରେମ | ଯେଉଁ ବିଶ୍ୱାସୀମାନେ ଅଯୋଗ୍ୟ, ସେହିମାନଙ୍କୁ ଉଚ୍ଚପଦ ଦିଆଯାଇଛି । କିନ୍ତୁ ପ୍ରଚୁର ପରିମାଣରେ ଦିଆଯାଇଛି । | ଆମ୍ଭେମାନେ ରକ୍ଷିତ ଏବଂ ସୁରକ୍ଷିତ । ଈଶ୍ୱରଙ୍କ ହସ୍ତରେ ସୁରକ୍ଷା ଉପଲବ୍ଧି କରିବା ବିଷୟ ଅଟେ । |
| | ଏହି ସବୁ ବିଷୟରେ ଓ ଅନେକ ବିଷୟରେ ଈଶ୍ୱରଙ୍କ ଦ୍ୱାରା ପ୍ରତ୍ୟେକ ବିଶ୍ୱାସୀ ଚିହ୍ନିତ ହୋଇଛନ୍ତି । | ଈଶ୍ୱର ଯାହା ସବୁ ଦେଇଛନ୍ତି, ସେଥିରେ ଆମ୍ଭେମାନେ ବଞ୍ଚିବା ଦରକାର । ମୁଁ ବହୁଳ ଭାବେ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ । |
| ୨. ସଂକ୍ଷିପ୍ତ ବିବରଣ ବାକ୍ୟ | | |
| ୩ୟ ଓ ୪ର୍ଥ ପଦ ଗୁପ୍ତରେ ଗୀର୍ଜାଘର ମଧ୍ୟରେ ଖସିଆସୁଥିବା ମିଥ୍ୟା ଶିକ୍ଷକମାନଙ୍କର ଗୀର୍ଜାକୁ ସତର୍କ କରିବା ଏହି ପତ୍ରର ଉଦ୍ଦେଶ୍ୟ । | ଏହା ଗୀର୍ଜା ପାଇଁ ଏକ ମହାନ ବିପଦ ଅଟେ । | ଆମ୍ଭେମାନେ ମିଥ୍ୟା ଶିକ୍ଷକମାନଙ୍କ ବିରୁଦ୍ଧରେ ସତର୍କ ହେବା ଉଚିତ । |
| ପ୍ରିୟ ବନ୍ଧୁଗଣ | ଏହି ବିଶ୍ୱାସୀମାନଙ୍କୁ ଗୀର୍ଜାରେ ଯିହୁଦା ଲେଖୁଛନ୍ତି । | ଆମ୍ଭେମାନେ ପରସ୍ପର ଆଦାନପ୍ରଦାନ ପାଇଁ ତତ୍ପର ହେବା ଉଚିତ, ବିଶେଷ କରି ପରିତ୍ରାଣ ସଂପର୍କରେ । |
| ପରିତ୍ରାଣ ବିଷୟରେ ଲେଖିବାକୁ ସେ ତତ୍ପର । | ଯିହୁଦା ପରିତ୍ରାଣ ବିଷୟରେ ଅଧିକ ଲେଖିବାକୁ ଚାହୁଁଥିଲେ, କିନ୍ତୁ ବିଶ୍ୱାସୀମାନଙ୍କୁ ଆଘାତ ଦେଇଥିବା ମହା ବିପଦ ଲାଗି ଅନୁତାପ କରିଥିଲେ । | ଆମ୍ଭେମାନେ ଆମର ବିଶ୍ୱାସକୁ ଦୃଢ଼ ଭାବେ ଧରି ରଖିବା ଦରକାର । |
| ୩ୟ ପଦ ବିଶ୍ୱାସ ପାଇଁ ସଂଗ୍ରାମ କରିବା | ଏହାର ଅର୍ଥ ଧରିରଖିବା, ଶୀଘ୍ର ଠିଆ ହେବା । | |

# ସୂଚୀପତ୍ର


ବିଶ୍ୱାସର ଉକ୍ତି ବା ଶପଥ

ସଭା ପ୍ରଦର୍ଶକ କେତୋଟି ଧାଡ଼ି

ବ୍ୟକ୍ତିଗତ ବାଇବଲ ଅଧ୍ୟୟନ୍ ତାଲିକା :

ଇଂରାଜୀ

ସିବୁଆନୋ

ଅଧ୍ୟୟନ ପାଠ୍ୟକ୍ରମ :

ଯିହୁଦା (ଇଂରାଜୀ ଓ ସିବୁଆନୋ)

ମାର୍କ ୨ : ୧ - ୧୨

ଗୀତସଂହିତା ୧ (ଇଂରାଜୀ ଓ ସିବୁଆନୋ)

ଉପଦେଶ ଟିପ୍ପଣୀ :

ମାର୍କ ୪ : ୩୫ - ୪୧

ଯୋହନ ୧୩ : ୧ - ୨୦

ସହ ସଂପର୍କ କରନ୍ତୁ । ପ୍ରତିନିଧି ସଣ୍ଢେ ସ୍କୁଲର ଉପକରଣ ସବୁ ସ୍ଥାପନ କରନ୍ତି । ଆମେ ସମସ୍ତ ସମ୍ବୟସ୍କମାନଙ୍କ ସଂଯୁକ୍ତ ରାଷ୍ଟ୍ର ଓ ମାନିଲା ଉପରୁ ପ୍ରାର୍ଥନା କରିବାକୁ ଚେଷ୍ଟା କରୁ । ଏହା ବିଶେଷ କରି ଆମ ଉପରେ ନିର୍ଭର କରେ । ରହିବା ପାଇଁ ସାହାଯ୍ୟ ଆପଣଙ୍କ ଅତିଥି ସେବକ ବା ଗୀର୍ଜା ଆପଣଙ୍କର ରହିବା ପାଇଁ ବନ୍ଦୋବସ୍ତ କରିବାକୁ ଚେଷ୍ଟା କରିବେ ; ଯାହାହେଉ, ଆମେ ପ୍ରସ୍ତାବ କରୁ କି ଆପଣ ନିଜର ବନ୍ଦୋବସ୍ତ କରନ୍ତୁ, ପୁଣି ଆମେ ନିକଟସ୍ଥ ଗୀର୍ଜାରେ ବା ଖ୍ରୀଷ୍ଟିୟ ଗୃହରେ ଆପଣମାନଙ୍କୁ ରହିବାର ବନ୍ଦୋବସ୍ତ କରିବା ସକ୍ଷମ ହୋଇ ନ ପାରୁ । ଗୋଟିଏ ପାର୍ଶ୍ୱ ନିୟମିତ ଭଡ଼ା ପରିଶୋଧ । ସହର ବାହାର ଅଂଶୀଦାରମାନେ ସର୍ବାଧିକ ୩୦ ଟଙ୍କା ପାଇବେ ସମସ୍ତ ସ୍ୱତ୍ୱ ସମର୍ପଣ କରିବା ଆବଶ୍ୟକ ।

**ଆପଣ କଣ ଆଣିବା ଆବଶ୍ୟକ :**

ବାଇବେଲ, ଚାମୁଚା, ପରକନା, ଗିଲାସ, ଥାଳୀ, ବିଛଣା ଏବଂ ପ୍ରସାଧନ । ରେଜିଷ୍ଟ୍ରେସନ ଫିସ୍ କିଛି ନାହିଁ (ଆମେ ଦୃଢ଼ ଭାବେ କୌଣସି ପ୍ରକାର ରେଜିଷ୍ଟ୍ରେସନ୍ ଫିସ୍ ନେବା ପାଇଁ ଅତିଥି ସେବକ ପାଳକମାନଙ୍କ ଏବଂ ଗୀର୍ଜା ଗୃହକୁ ମନା କରୁ ।) କିନ୍ତୁ ଆପଣଙ୍କର ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଅତିରିକ୍ତ ଟଙ୍କା ଲୋଡ଼ା ହୋଇପାରେ ।

## ବ୍ୟକ୍ତିଗତ ବାଇବଲ ଅଧ୍ୟୟନ ତାଲିକା

| ଧାରା | ଗଳ୍ପ ଧାରା (ବର୍ଣ୍ଣନାତ୍ମକ) | ଶିକ୍ଷାଦାନ ଓ ପରାମର୍ଶ ଦେବା ଧାରା (ପତ୍ରଗୁଡ଼ିକ) | ପଦ୍ୟ, ନୀତିକଥା, ଭବିଷ୍ୟତବାଣୀ ପ୍ରକାଶିତ ଧାରା |
|---|---|---|---|
| ଉଦାହରଣ | ଐତିହାସିକ ଘଟଣାଗୁଡ଼ିକର ଗଣନା : ଯେପରିକି, ସୁସମାଚାର, ପ୍ରେରିତ, ଆଦିପୁସ୍ତକ, ଯାତ୍ରାପୁସ୍ତକ ଲେବୀୟ ପୁସ୍ତକ, ଗଣନା ପୁସ୍ତକ ଏବଂ ପୁରାତନ ନିୟମର ରାଜାମାନଙ୍କର ଅଭିଲେଖ । | ଗୋଟିଏ ବିଷୟବସ୍ତୁର ତର୍କ ସମ୍ବନ୍ଧୀୟ ଉନ୍ନତି ପାଉଲଙ୍କ ପତ୍ର - ଗାଲାତୀଓ. ରୋମିୟ, ତୀତସ, ପିତର, ଯୋହନ, ଯାକୁବଙ୍କ ଲେଖା ଏବଂ ଯୀଶୁଙ୍କ ଶିକ୍ଷାର କେତେକ ଘଟଣାବଳୀ । | ପ୍ରତିରୂପ ମତବିନ୍ୟାସ । ସେମାନେ ଭାବନା ବା ମତ ପ୍ରକାଶ କରିବାକୁ ସଙ୍କେତ ଓ ଅନୁରୂପ ବ୍ୟବହାର କରୁଥିଲେ ଯଥା :- ଗୀତ ସଂହିତା, ପରମଗୀତ, ଯିଶାଇୟ, ଯିରିମିୟ ଏବଂ ଯୀଶୁଙ୍କର ଉପଦେଶପୂର୍ଣ୍ଣ ଗଳ୍ପଗୁଡ଼ିକ ଇତ୍ୟାଦି । |
| ଧାରାର ମୁଖ୍ୟ ନିର୍ଦ୍ଦେଶ | ଜାତି, ସ୍ଥାନ, ଘଟଣା ଏବଂ ମନୋଭାବ | ମତ, ବାକ୍ୟ, କ୍ରିୟା, ବିଷୟବସ୍ତୁ, ଉଦ୍ଦେଶ୍ୟ, ଏବଂ ଲେଖା ବିନ୍ୟାସ | ସାଙ୍କେତିକତା, ସମାନ୍ତର, ତୁଲ୍ୟତା ପାଇଁ ଦେଖନ୍ତୁ ଛବିଳ ଭାଷା |
| ମୌଳିକ ପଥ : ଦେଖା, ନିରୀକ୍ଷଣ କରିବା । | ପଚାରନ୍ତୁ : କିଏ ? କଣ ? କେବେ ? କେଉଁଠାରେ ? କିପରି ? ଘଟଣା ଆଉଥରେ କହନ୍ତୁ । ଚିରତ୍ର ମଧ୍ୟରେ ସମ୍ବନ୍ଧତା ସନ୍ଧାନ କରନ୍ତୁ । ମନୋଭାବକୁ ଅନୁଭବ କରିବା ପାଇଁ ଚେଷ୍ଟା କରନ୍ତୁ । ପ୍ରତ୍ୟେକ ଚରିତ୍ରର ନିମ୍ନରେ ନିଜକୁ ରଖନ୍ତୁ । ଆପଣ କଣ ଦେଖନ୍ତି ? କଣ ଅନୁଭବ କରନ୍ତି ? କଣ ଚିନ୍ତା କରନ୍ତି ? | ଲେଖାଂଶରେ ମତଗୁଡ଼ିକର ବିକାଶ ରୂପରେଖ କରନ୍ତୁ । ପୁନରାବୃତ୍ତି ବାକ୍ୟଗୁଡ଼ିକ ଟିପିରଖନ୍ତୁ ଏସବୁ ଦେଖନ୍ତୁ : ତୁଳନା ବୈଷମ୍ୟ ପ୍ରଦର୍ଶନ ପରିବର୍ତ୍ତନ ବାକ୍ୟ ଯେପରିକି : ଅତଏବ କାରଣ ପାଇଁ ଯେହେତୁ ପୂର୍ଣ୍ଣଭାବେ ବୁଝିବା ପାଇଁ ପ୍ରତ୍ୟେକଟି ବାକ୍ୟ ଅତି ଗୁରୁତ୍ୱ ଅଟେ । | ହିବ୍ରୁ କବିମାନେ ସମାନ୍ତରତା ବ୍ୟବହାର କରୁଥିଲେ । ଗୋଟିଏ ମତ ଦୁଇଟି ଭିନ୍ନପଥ ବିଷୟରେ କହେ । ଗୋଟିଏ ନୀତିବାକ୍ୟ ବିବୃତିର ଗୋଟିଏ ରୂପ ଅଟେ, ଯାହା ମଣିଷର ବ୍ୟବହାର ସହ ପ୍ରକୃତିକୁ ତୁଳନା କରାଯାଏ । ଉଦାହରଣ : ହିତୋପଦେଶ (୫ : ୩) ଉପଦେଶ ପୂର୍ଣ୍ଣ ଗଳ୍ପ ମାନବ ରଚନା ଧାରା ଅଟେ । ଯୀଶୁ ଭଲଭାବେ ଯେଉଁ ଭାବେ ବାକ୍ୟ ଶୁଣିବାକୁ ଚାହିଁଥିଲେ ସତ୍ୟ ବାକ୍ୟକୁ ଲୁଚାଇରଖି । |

ଭବିଷ୍ୟତ୍‌ବକ୍ତା ପ୍ରକାଶିତ ବାକ୍ୟ କହେ ପବିତ୍ର ମନୋନିବେଶିତ ଭବିଷ୍ୟତ ଏବଂ ବର୍ତ୍ତମାନ ଘଟଣାବଳୀ ପଢ଼ିବା ।

# ବ୍ୟକ୍ତିଗତ ବାଇବଲ ଅଧ୍ୟୟନ ତାଲିକା

ଅନୁବାଦ ପାଇଁ ଉପକରଣ ସେହି ତିନୋଟି ଧାରା ଅଟେ । ଯେଉଁମାନେ ପ୍ରକୃତରେ ଏହା ଶୁଣନ୍ତି ସେମାନଙ୍କ ପାଇଁ ଏହି ଲେଖାଂଶର ଉଦ୍ଦେଶ୍ୟ ନିର୍ଣ୍ଣୟ କରିବା ଏହାର ଉଦ୍ୟମ ।

ମୌଳିକ ଉପକରଣ : ଉଦ୍ଦେଶ୍ୟ ବ୍ୟାଖ୍ୟା ପାଇଁ

୧. ଲେଖକ ଏପରି ଲେଖିବାର ଅର୍ଥ କଣ ?

ଦେଖନ୍ତୁ

ଅନୁଭବ କରନ୍ତୁ

ଚିନ୍ତା କରନ୍ତୁ

୨. କାହିଁକି ସେ ଏପରି ଲେଖନ୍ତି ?

୩. ଯେଉଁମାନେ ବାଇବଲ ସମ୍ବନ୍ଧୀୟ ସମୟ ଏବଂ ସଂସ୍କୃତିରେ ଏହାକୁ ଶୁଣିଥିଲେ ସେମାନଙ୍କ ପାଇଁ ଏହାର ଅର୍ଥ କଣ ହୋଇଥିବ ?

ଏଠାରେ କେତେକ ଉପକରଣ ଦିଆଗଲା ଯାହାକି ଶିକ୍ଷାଦାନ ଏବଂ ପରାମର୍ଶଦାନ ଧାରା ପାଇଁ ଉତ୍ତମ ଅଟେ ।

କ) ଭାବନାର ଅଭିପ୍ରାୟ କଣ ?

ଖ) ଲେଖକ ଏହାକୁ ବ୍ୟବହାର କଲେ କାହିଁକି ?

ଗ) ସେ ଅନ୍ୟ କୌଣସି ବାକ୍ୟ ବ୍ୟବହାର କରି ପାରିଛନ୍ତି କି ?

ଘ) ଭାବନା ବା ମତର ଅର୍ଥ କଣ ?

ଙ) ପୂର୍ବେ ଦେଇଥିବା ମତ ସହ ଏହି ମତର ସଂପର୍କ କଣ ?

ଡ) ପୂର୍ବାପର ପ୍ରସଂଗ ଅତି ଗୁରୁତ୍ୱ ଅଟେ ।

ତିନୋଟି ଧାରା ପାଇଁ ଯାହା, ପ୍ରୟୋଗ ପାଇଁ ଉପକରଣ ମଧ୍ୟ ତାହା ଅଟେ ।

ମୌଳିକ ଉପକରଣ : ପ୍ରୟୋଗ ପାଇଁ

୧. ପବିତ୍ର ଆତ୍ମାଙ୍କୁ ଶିକ୍ଷାପାଇଁ ନିବେଦନ କରିବା । (୧ମ କରିନ୍ଥୀୟ ୨ : ୯ - ୧୬)

୨. ଆପଣଙ୍କ ଜୀବନକୁ ମୁଖ୍ୟ ବିଷୟ ପ୍ରୟୋଗ କରନ୍ତୁ, ଯେମିତିକି :

କୌଣସି ଉଦାହରଣ ଅଛି କି, ମୁଁ ଅନୁସରଣ କରିବା ଉଚିତ ?

ପାପ ଅଛି କି ଯାହା ତ୍ୟାଗ କରିବା ଉଚିତ ?

ଭୁଲ ଅଛି କି ଯାହା ଛାଡ଼ିବା ଉଚିତ ?

ପ୍ରତିଜ୍ଞା ଅଛି କି ଯାହା ଦାବୀ କରିବା ଉଚିତ ?

ଆଜ୍ଞା ଅଛି ଯାହା ମାନିବା ଉଚିତ ?

୩. ତେବେ କଣ ?

ଏହି ବିଷୟରେ ମୁଁ କ'ଣ ସ୍ଥିର କରେ ?

ମୋ ଜୀବନରେ ଏହା କି ପରିବର୍ତ୍ତନ ଆଣେ ?

କେଉଁ ବିଶେଷ ଯୋଜନା ମୁଁ କରିପାରେ ?

ଏକମନା ହୁଅନ୍ତୁ - ବ୍ୟବହାରିକ ଉଦାହରଣ ଦିଅନ୍ତୁ ।

# ଯିହୁଦାଙ୍କ ପତ୍ର

୧. ଯିହୁଦା, ଯୀଶୁଖ୍ରୀଷ୍ଟଙ୍କ ଜଣେ ଦାସ ଓ ଯାକୁବଙ୍କ ଭ୍ରାତା, ଯେଉଁମାନେ ଆହୂତ ଓ ପିତା ଈଶ୍ୱରଙ୍କ ପ୍ରିୟପାତ୍ର ପୁଣି ଖ୍ରୀଷ୍ଟଙ୍କ ନିମନ୍ତେ ସୁରକ୍ଷିତ ।

୨. ତୁମ୍ଭମାନଙ୍କ ପ୍ରତି ଦୟା, ଶାନ୍ତି ଓ ପ୍ରେମ ପ୍ରଚୁର ଭାବେ ହେଉ ।

୩. ହେ ପ୍ରିୟମାନେ, ମୁଁ ଆମ୍ଭମାନଙ୍କର ସାଧାରଣ ପରିତ୍ରାଣ ସମ୍ବନ୍ଧରେ ତୁମ୍ଭମାନଙ୍କ ନିକଟକୁ କିଛି ଲେଖିବାକୁ ବିଶେଷ ଯତ୍ନଶୀଳ ହୋଇ ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସ ସପକ୍ଷରେ ପ୍ରାଣପଣରେ ଯୁଦ୍ଧ କରିବା ପାଇଁ ତୁମ୍ଭମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଲେଖିବା ଆବଶ୍ୟକ ମନେ କଲି ।

୪. କାରଣ ପ୍ରାଚୀନ ଶାସ୍ତ୍ରମାନଙ୍କରେ ଦଣ୍ଡର ପାତ୍ର ବୋଲି ବର୍ଣ୍ଣିତ ହୋଇଥିବା କେତେକ ଲୋକ ତୁମ୍ଭମାନଙ୍କ ମଧ୍ୟରେ ଗୁପ୍ତରେ ପ୍ରବେଶ କରିଅଛନ୍ତି ; ସେମାନେ ଅଧାର୍ମିକ, ଆମ୍ଭମାନଙ୍କ ଈଶ୍ୱରଙ୍କ ଅନୁଗ୍ରହକୁ ବିପରୀତ ଭାବରେ କାମୁକତାରେ ବ୍ୟବହାର କରି ପରିଣତ କରନ୍ତି ପୁଣି ଆମ୍ଭମାନଙ୍କର ଏକମାତ୍ର କର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଅସ୍ୱୀକାର କରନ୍ତି ।

୫. ଯଦ୍ୟପି ତୁମ୍ଭେମାନେ ସମସ୍ତେ ବିଷୟ ସଂପୂର୍ଣ୍ଣରୂପେ ଜାଣିଅଛ, ତଥାପି ମୁଁ ତୁମ୍ଭମାନଙ୍କୁ ସ୍ମରଣ କରାଇବାକୁ ଇଚ୍ଛା କରେ ଯେ, ପ୍ରଭୁ ମିଶର ଦେଶରୁ ଲୋକମାନଙ୍କୁ ଉଦ୍ଧାର କଲେ, ଆଉ ଯେଉଁମାନେ ଅବିଶ୍ୱାସ କଲେ, ପରେ ସେମାନଙ୍କୁ ବିନାଶ କଲେ ।

୬. ପୁଣି ଯେଉଁ ଦୂତମାନେ ଆପଣା ଆପଣା ଉଚ୍ଚ ପଦ ନ ରଖି ନିଜ ନିଜ ବାସସ୍ଥାନ ପରିତ୍ୟାଗ କଲେ, ସେମାନଙ୍କୁ ସେ ମହା ବିଚାର ଦିନ ପର୍ଯ୍ୟନ୍ତ ଚିରସ୍ଥାୟୀ ବନ୍ଧନରେ ଆବଦ୍ଧ କରି ଅନ୍ଧକାରମୟ ସ୍ଥାନରେ ରଖିଅଛନ୍ତି ।

୭. ସେହିପରି ସଦୋମ ଓ ଗମୋରା ପୁଣି ସେମାନଙ୍କ ଚତୁର୍ଦ୍ଦିଗସ୍ଥ ନଗରବାସୀମାନେ ବ୍ୟଭିଚାର ଓ ଅସ୍ୱାଭାବିକ କାମୁକତାରେ ଆସକ୍ତ ହେବାରୁ ଅନନ୍ତ ଅଗ୍ନିରୂପ ଦଣ୍ଡ ଭୋଗ କରି ଦୃଷ୍ଟାନ୍ତ ସ୍ୱରୂପ ହୋଇ ଅଛନ୍ତି ।

୮. ତଥାପି ଏହି ସ୍ୱପ୍ନଦର୍ଶକମାନେ ମଧ୍ୟ ସେହିପରି ଶରୀରକୁ ଅଶୁଚି କରନ୍ତି, ପ୍ରଭୁତ୍ୱ ଅବଜ୍ଞା କରନ୍ତି ଓ ଅଲୌକିକ ଶକ୍ତିମାନଙ୍କର ନିନ୍ଦା କରନ୍ତି ।

୯. କିନ୍ତୁ ପ୍ରଧାନଦୂତ ମୀଖାୟେଲ ମୋଶାଙ୍କ ଶବ ବିଷୟରେ ଶୟତାନ ସହିତ ବାଦାନୁବାଦ କରିବା ସମୟରେ ନିନ୍ଦା କରି ତାହାର ବିଚାର କରିବାକୁ ସାହସୀ ହୋଇ ନ ଥିଲେ, କେବଳ ଏତିକି କହିଲେ, ପ୍ରଭୁ ତୁମ୍ଭକୁ ଧମକ ଦିଅନ୍ତୁ ।

୧୦. କିନ୍ତୁ ଏମାନେ ଯେଉଁ ସବୁ ବିଷୟ ଜାଣନ୍ତି ନାହିଁ, ସେହି ସବୁର ନିନ୍ଦା କରନ୍ତି, ପୁଣି ଅଜ୍ଞାନ ପଶୁ ପରି ଯାହା ଯାହା ଅସ୍ୱାଭାବିକ ଭାବରେ ବୁଝନ୍ତି, ସେସବୁ ଦ୍ୱାରା ବିନଷ୍ଟ ହୁଅନ୍ତି ।

୧୧. ହାୟ, ସେମାନେ ସନ୍ତାପର ପାତ୍ର ! କାରଣ ସେମାନେ ବିନଷ୍ଟ କୟିନର ପଥରେ ଚାଲିଯାଇଅଛନ୍ତି, ଅର୍ଥଲୋଭ ସକାଶେ ବିଲିୟୋମର ଭ୍ରାନ୍ତିରେ ପଡ଼ିଯାଇଅଛନ୍ତି ଓ କୋରହ ସଦୃଶ ବିଦ୍ରୋହ କରି ବିନଷ୍ଟ ହୋଇଅଛନ୍ତି ।

୧୨. ସେମାନେ ନିର୍ଭୟରେ ତୁମ୍ଭମାନଙ୍କ ସହିତ ଭୋଜନପାନ କରି ତୁମ୍ଭମାନଙ୍କ ପ୍ରେମ ଭୋଜିର କଳଙ୍କ ସ୍ୱରୂପ ଅଟନ୍ତି ; ସେମାନେ ଆପଣା ଆପଣା ଉଦର ପରିପୂର୍ଣ୍ଣ କରନ୍ତି ; ସେମାନେ ବାୟୁଚାଳିତ ଜଳଶୂନ୍ୟ ମେଘ ତୁଲ୍ୟ ; ସେମାନେ ଦୁଇଥର ମୃତ, ମୂଳରୁ ଉତ୍ପାଟିତ ହେମନ୍ତ କାଳର ଫଳଶୂନ୍ୟ ବୃକ୍ଷ ସଦୃଶ ;

୧୩. ସେମାନେ ଆପଣା ଆପଣା ଲଜ୍ଜାରୂପ ଫେଣ ଉଦ୍‌ଗାରକାରୀ ସମୁଦ୍ରର ଉତ୍ତାଳ ତରଙ୍ଗ ସଦୃଶ ; ସେମାନେ ଭ୍ରମଣକାରୀ କେତୁ ତୁଲ୍ୟ ; ସେମାନଙ୍କ ନିମନ୍ତେ ଘୋର ଅନ୍ଧକାର ଚିରକାଳ ରଖାଯାଇଛି ।

୧୪. ଆଦମଙ୍କଠାରୁ ସପ୍ତମ ପୁରୁଷ ଯେ ହନୋକ, ସେ ମଧ୍ୟ ସେମାନଙ୍କ ବିଷୟରେ ଭାବବାଣୀ ପ୍ରଚାର କରି କହିଥିଲେ, "ଦେଖ ପ୍ରଭୁ ଆପଣା ଅୟୁତ ଅୟୁତ ସାଧୁଙ୍କ ସହିତ ଆସୁଅଛନ୍ତି ।

୧୫. ସମସ୍ତଙ୍କର ବିଚାର କରିବା ନିମନ୍ତେ, ପୁଣି ଅଧାର୍ମିକ ଲୋକ ସମସ୍ତେ ନିଜ ନିଜ ଅଧାର୍ମିକତାରେ ଯେଉଁସବୁ ଅଧର୍ମ କର୍ମ କରିଅଛନ୍ତି ଓ ସବୁ କଟୁ କଥା କହି ଅଛନ୍ତି, ସେ ବିଷୟରେ ସେମାନଙ୍କୁ ଦୋଷୀ କରି ଦଣ୍ଡ ଦେବା ନିମନ୍ତେ ।"

୧୬. ସେମାନେ ବଚସାକାରୀ, ଆପଣା ଆପଣା ଅବସ୍ଥାରେ ଅସନ୍ତୁଷ୍ଟ ନିଜ ନିଜ କୁଅଭିଳାଷରେ ଚାଳିତ, ସେମାନଙ୍କ ମୁଖ ବଡ଼ ବଡ଼ କଥା କହେ ଓ ସ୍ୱାର୍ଥ ସିଦ୍ଧି ନିମନ୍ତେ ସେମାନେ ଲୋକଙ୍କ ମୁହଁ ଉପରେ ପ୍ରଶଂସା କରନ୍ତି ।

୧୭. କିନ୍ତୁ, ହେ ପ୍ରିୟମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତମାନେ ପୂର୍ବେ ଯେଉଁସବୁ କଥା କହିଅଛନ୍ତି, ସେହିସବୁ ସ୍ମରଣ କର ।

୧୮. ସେମାନେ କିପରି ତୁମ୍ଭମାନଙ୍କୁ କହୁଥିଲେ "ଶେଷକାଳରେ ଆପଣା ଆପଣା କୁଅଭିଳାଷାନୁସାରେ ଚାଳିତ ପରିହାସକ ଲୋକେ ଉପସ୍ଥିତ ହେବେ ।"

୧୯. ସେମାନେ ଦଳଭେଦ ସୃଷ୍ଟି କରନ୍ତି, ସେମାନେ ସାଂସାରିକମନା ଓ ଈଶ୍ୱରଙ୍କ ଆତ୍ମାବିହୀନ ।

୨୦. କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣମାନଙ୍କର ଧର୍ମଜୀବନ ରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର ।

୨୧. ପୁଣି ଅନନ୍ତ ଜୀବନ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦୟାର ଅପେକ୍ଷା କରି ଈଶ୍ୱରଙ୍କ ପ୍ରେମରେ ଆପଣମାନଙ୍କୁ ସ୍ଥିର କରି ରଖ ।

୨୨. ଯେଉଁମାନେ ସନ୍ଦେହରେ ପଡ଼ିଥାଆନ୍ତି, ଏପରି କେତେକଙ୍କୁ ଦୟା କର ।

୨୩. ଅନ୍ୟମାନଙ୍କୁ ଅଗ୍ନିରୁ କାଢ଼ିଲା ପରି ରକ୍ଷା କର, ଶାରୀରିକ ପାପକର୍ମରେ କଳଙ୍କିତ ବସ୍ତ୍ରକୁ ମଧ୍ୟ ଘୃଣା କରି ଭୟ ସହକାରେ ଆଉ କେତେକଙ୍କୁ ଦୟା କର ।

୨୪. ବର୍ତ୍ତମାନ ଯେ ତୁମ୍ଭମାନଙ୍କୁ ସ୍ଖଳନରୁ ରକ୍ଷା କରିବାକୁ ପୁଣି ଆପଣା ଗୌରବ ସମ୍ମୁଖରେ ମହାନନ୍ଦରେ ନିର୍ଦ୍ଦୋଷରୂପେ ଉପସ୍ଥିତ କରିବାକୁ ସକ୍ଷମ,

୨୫. ଯେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏକମାତ୍ର ଈଶ୍ୱର, ଗୌରବ, ପ୍ରତାପ, ପରାକ୍ରମ ଓ କର୍ତ୍ତାପଣ ଅନାଦିକାଳ, ବର୍ତ୍ତମାନ ଓ ଯୁଗେ ଯୁଗେ ତାହାଙ୍କର । ଆମେନ୍ ।

# ମାର୍କ ୨ : ୧ - ୧୨

୧. ଗଳ୍ପରେ ଦର୍ଶାଯାଇଥିବା ଲୋକମାନେ କିଏ ?

୨. ଗଳ୍ପରେ ଯୀଶୁ ସେହି ସମୟରେ କେଉଁଠି ଥିଲେ ?

୩. କଣ ହେଲା ? ନିଜ ମନରୁ ସଂପୂର୍ଣ୍ଣ ଗଳ୍ପ ବର୍ଣ୍ଣନା କର ।

୪. ଗୋଟିଏ ପକ୍ଷାଘାତୀୟର ଶାରୀରିକ ସମସ୍ୟା ସବୁ କଣ ?

୫. ଯୀଶୁଙ୍କୁ ପାଇବା ପାଇଁ ତାର କେତେ ଅସୁବିଧା ହୋଇଥିବ ?

୬. କ) ସେହି ଚାରିଜଣ ଲୋକ କିପରି ସ୍ୱଭାବର ଥିଲେ ?
   ଖ) ସେମାନେ କାହିଁକି ଏତେ ଜିଦ୍‌ଖୋର ଥିଲେ ?
   ଗ) ସେହି ସମୟରେ ଯୀଶୁ କାହାର ବିଶ୍ୱାସ ବିଷୟରେ କହୁଥିଲେ ?

୭. କ) ଯୀଶୁ କାହିଁକି କହିଲେ, "ବତ୍ସ, ତୁମର ପାପ ସବୁ କ୍ଷମା କରାଗଲା" ?
   ଖ) ଏଠାରେ ଏହା ଏକ ଭୁଲ ପ୍ରକାଶ ନୁହେଁ କି ?

୮. କ) ଯୀଶୁଙ୍କର ମତ ଉପରେ ଶାସ୍ତ୍ରୀମାନଙ୍କର ପ୍ରଶ୍ନ କ'ଣ ?
   ଖ) ଯୀଶୁଙ୍କୁ ସେମାନେ କିପରି ପ୍ରଶ୍ନ କଲେ ?

୯. ଯୀଶୁ କେତେବେଳେ ସେମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଆରମ୍ଭ କଲେ ?

୧୦. ୯ ପଦରୁ ୧୧ ପଦ ପର୍ଯ୍ୟନ୍ତ ପଢ଼ନ୍ତୁ । କ'ଣ କହିବା ଅତି ସହଜ ବା ସରଳ ? କାହିଁକି ?

୧୧. ପାପ ଏବଂ ପକ୍ଷାଘାତ ରୋଗ ମଧ୍ୟରେ ସମାନତା ସବୁ କ'ଣ ?

୧୨. ଜଣେ ପକ୍ଷାଘାତୀ ରୋଗୀ ପ୍ରକୃତରେ କିଭଳି ଥାଆନ୍ତି ?

୧୩. ପାପୀମାନଙ୍କ ପାଇଁ ଖ୍ରୀଷ୍ଟ କ'ଣ କରନ୍ତି ଆପଣ କୌଣସି ସଙ୍କେତ ପାଇଲେ କି ?

୧୪. କ) ଆତ୍ମିକ ଭାବରେ ପକ୍ଷାଘାତୀ ଜଣଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ବୋହିନେବାରେ ଆପଣ କ'ଣ ବିଶ୍ୱାସ କରନ୍ତି ?
   ଖ) ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାରେ ନିଜ ଅନୁଭୂତିରୁ କେତୋଟି ପ୍ରତିବନ୍ଧକ ଲେଖନ୍ତୁ । ଆପଣ କିପରି ସେମାନଙ୍କ ମନକୁ ଜୟ କଲେ ?

୧୫. କେତୋଟି ବ୍ୟବହାରିକ କାମର ତାଲିକା କରନ୍ତୁ ଯେପରିକି ଆପଣ ପାପୀମାନଙ୍କ ପାଇଁ ଯତ୍ନ କରନ୍ତି ବୋଲି ଦେଖାଇ ପାରିବେ ।

୧୬. ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାରେ ଅନ୍ୟମାନଙ୍କ ସହ ଆପଣ କିପରି କାର୍ଯ୍ୟ କରିପାରିବେ ?

# ଗୀତ ସଂହିତା ୧

୧. କେଡ଼େ ଧନ୍ୟ ସିଏ, ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ ।
୨. ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ ।
୩. ଯେଉଁ ବୃକ୍ଷ ଜଳ ସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ, ପୁଣି ସେ ଯାହା କରେ, ତାହା ସଫଳ ହେବ ।
୪. ଦୁଷ୍ଟମାନେ ସେପରି ନୁହନ୍ତି ; ମାତ୍ର ବାୟୁଦ୍ୱାରା ଚାଳିତ ତୁଷ ତୁଲ୍ୟ ଅଟନ୍ତି ।
୫. ଏହେତୁ ଦୁଷ୍ଟମାନେ ବିଚାର ସ୍ଥାନରେ, ଅବା ପାପୀମାନେ ଧାର୍ମିକମାନଙ୍କ ମଣ୍ଡଳୀରେ ଠିଆ ହେବେ ନାହିଁ ।
୬. କାରଣ ସଦାପ୍ରଭୁ ଧାର୍ମିକମାନଙ୍କ ପଥ ଜାଣନ୍ତି, ମାତ୍ର ଦୁଷ୍ଟମାନଙ୍କ ପଥ ବିନଷ୍ଟ ହେବ ।

# ଉପପାଦନୀୟ ବା ବ୍ୟାପ୍ତିମୂଳକ
# ବାଇବଲ ଅଧ୍ୟୟନ ପ୍ରଣାଳୀ

**ବାଇବଲ ଲେଖାଂଶର ରୂପରେଖ**

**ସାଧାରଣ ଲକ୍ଷ୍ୟ ବା ଉଦ୍ଦେଶ୍ୟ**

**ପତ୍ରର ରୂପରେଖ କରିବା**

**ଅନ୍ୟ ପ୍ରଣାଳୀଗୁଡ଼ିକର ରୂପରେଖ**

**ବାଇବଲ ଲେଖାଂଶ ଚିତ୍ରଣ**

**ସାଧାରଣ ଲକ୍ଷ୍ୟ**

**ଚିତ୍ର ଉଦାହରଣ**

**୧. ବ୍ୟାପ୍ତିମୂଳକ ବାଇବଲ ଅଧ୍ୟୟନ ପ୍ରଣାଳୀ**

(ଅବଲୋକନ - ବିଶଦ ବ୍ୟାଖ୍ୟା - ପ୍ରୟୋଗ)

ବ୍ୟାପ୍ତିମୂଳକ ବାଇବଲ ଅଧ୍ୟୟନ ପ୍ରଣାଳୀ ଅନେକ ଦିନ ହେଲା ବ୍ୟବହାର ହୋଇ ଆସୁଛି ଏବଂ ଫଳପ୍ରଦ ବୋଲି ପ୍ରମାଣିତ ହୋଇଛି । ଏହା ଅନ୍ୟ ମୂଳରଚନାରୁ ଅତି ବାସ୍ତବ ଏବଂ ସମଦର୍ଶୀ ମଧ୍ୟ । ଅନ୍ୟ ପକ୍ଷରେ ଅବରୋହ ପ୍ରଣାଳୀ ଯାହାକି ପୂର୍ବାଭାସ ସହ ଆରମ୍ଭ ହୁଏ ଏବଂ ବିଭିନ୍ନ ପ୍ରଧାନ ବା ମୂଳରଚନାରୁ ମତ ନେଇ ପ୍ରମାଣ କରେ । କିନ୍ତୁ ବ୍ୟାପ୍ତିମୂଳକ ପ୍ରଣାଳୀ କେବେ ପୂର୍ବାଭାସ ନେଇ ଆରମ୍ଭ କରେ ନାହିଁ । ଏହା ଶାସ୍ତ୍ର କ'ଣ କହେ ତାହା ଖୋଜି ବାହାର କରେ । ବ୍ୟାପ୍ତିମୂଳକ ପ୍ରଣାଳୀ ଅବଲୋକନ ଦ୍ୱାରା ଶାସ୍ତ୍ରର ସତ୍ୟତା ଖୋଜି ବାହାର କରିବାକୁ ଚେଷ୍ଟା କରେ ଓ ସତ୍ୟତାଗୁଡ଼ିକୁ ବିଶଦ ବ୍ୟାଖ୍ୟା କରି ଲେଖକଙ୍କର ଭାବନାକୁ ପ୍ରକାଶ କରେ । ତୃତୀୟ ପଦକ୍ଷେପ ହେଲା ପ୍ରୟୋଗ କରିବା, ପ୍ରଥମେ ସାଧାରଣରେ ଏବଂ ପରେ ନିଜ ବ୍ୟକ୍ତିଗତ ଜୀବନରେ ।

## ରୂପରେଖ କରିବା

ରୂପରେଖ କରିବାର ଉଦ୍ଦେଶ୍ୟ ଅତି ଯତ୍ନ ସହକାରେ ଶାସ୍ତ୍ରର ତଦାରଖ କରିବା । ଶାସ୍ତ୍ରର ରୂପରେଖ କରିବା ପାଇଁ ଅନେକ ଉପାୟ ଅଛି, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ଉପସ୍ଥାପନ କରିବା ବଦଳେ ଶାସ୍ତ୍ର ଲଂଘନ କରେ । ଶାସ୍ତ୍ର ଉପସ୍ଥାପନା କରୁଥିବା ଉଦ୍ଦେଶ୍ୟ ବା ଅର୍ଥ ଅଧିକ ଭଲ ଭାବରେ ବୁଝିବାକୁ ହେଲେ ପ୍ରତ୍ୟେକ ଉଦ୍ଦେଶ୍ୟକୁ ପୃଥକ କରିବା ଦରକାର ।

**କ) ପତ୍ର ରୂପରେଖ** : ଅନେକ ପତ୍ର ଏକ ସାଧାରଣ ପତ୍ର ଭଳି ଗୋଟିଏ ତର୍କଶାସ୍ତ୍ର ସମ୍ବନ୍ଧୀୟ ଅନୁକ୍ରମ ଅନୁସରଣ କର ।

୧. ପରିଚୟ : ଶାସ୍ତ୍ରର ପ୍ରଥମ କେତେକ ବାକ୍ୟ ପରିଚୟ ଦିଏ ଏବଂ ଶୁଭେଚ୍ଛା ଜଣାଏ ।

୨. ସଂକ୍ଷିପ୍ତ ବିବରଣ (ପତ୍ର ଲେଖିବାର କାରଣ) :

ପ୍ରାୟତଃ ଦୁଇ ତିନୋଟି ବାକ୍ୟରେ ଲେଖିବାର ଉଦ୍ଦେଶ୍ୟର ମନ୍ତବ୍ୟ ଖୋଜି ପାଇବେ । ସାଧାରଣତଃ ପରିଚୟ, ଶୁଭେଚ୍ଛା ଏବଂ ଧନ୍ୟବାଦ ଜ୍ଞାପନ ପରେ ହିଁ ଏହା ଆସେ । ପତ୍ରର ଉଦ୍ଦେଶ୍ୟ ଭଲ ଭାବେ ବୁଝି ନିଅନ୍ତୁ । ଏହି ପତ୍ର କାହିଁକି ଲିଖିତ ?

୩. ପ୍ରଧାନ ଶିକ୍ଷା :

ପତ୍ରର ହୃଦୟ ଏଠାରେ ଦେଖାଯାଏ । ଅନେକ ବାକ୍ୟ ଦ୍ୱାରା ବିକାଶ ହୋଇଥିବା ବିଭିନ୍ନ ବିଷୟ ଆପଣ ପାଇବେ । ଉଦାହରଣ ସ୍ୱରୂପ, ୫ ରୁ ୧୦ ପଦ ପ୍ରେମ ବିଷୟରେ କହେ, ୧୧ରୁ ୧୬ ପଦ ବିଚାର ବିଷୟରେ କହେ ଇତ୍ୟାଦି ।

୪. ଉପସଂହାର :

କେତୋଟି ସୂକ୍ଷ୍ମ ବାକ୍ୟ ନେଇ ପତ୍ରଟି ଶେଷ ହୁଏ । ପ୍ରାୟତଃ ଆମର ଗୀର୍ଜାରେ ଆଶୀର୍ବାଦ ପାଇଁ ଆମେ ଏହାକୁ ବ୍ୟବହାର କରୁ ।

**ଖ) ପତ୍ର ରୂପରେଖ ଉଦାହରଣ**

**ତିତସଙ୍କର ପୁସ୍ତକ**

| | | | |
|---|---|---|---|
| ୧. | ପରିଚୟ | ୧ : ୧ - ୪ | ପାଉଲ ତିତସଙ୍କୁ ଲେଖନ୍ତି |
| ୨. | ସଂକ୍ଷିପ୍ତ ବିବରଣ (ଲେଖିବାର କାରଣ) | ୧ : ୫ | (ଦୁଇ ଫର୍ଦ୍ଦ) ସେବା କାର୍ଯ୍ୟ ଗୀର୍ଜାରେ ଭଲଭାବେ ଚଳାଇବା ଏବଂ ବଡ଼ମାନଙ୍କୁ ନିଯୁକ୍ତି ଦେବା । |
| ୩. | ପ୍ରଧାନ ଶିକ୍ଷା | ୧ : ୬ - ୩ : ୧୪ | ପ୍ରାଚୀନମାନଙ୍କୁ ନିଯୁକ୍ତି ଦେବା ଏବଂ ଗୀର୍ଜାକୁ ଭଲ ଭାବେ ରଖିବା |

ତିନୋଟି ପ୍ରଧାନ ଲକ୍ଷ୍ୟ :

| | | |
|---|---|---|
| କ) | ୧ : ୬ - ୧୬ | ପ୍ରାଚୀନମାନଙ୍କ ଯୋଗ୍ୟତା ଏବଂ କାର୍ଯ୍ୟ |
| ଖ) | ୨ : ୧ - ୩ : ୧୧ | ଗୀର୍ଜାରେ ଖ୍ରୀଷ୍ଟିୟ କର୍ତ୍ତବ୍ୟ ଏବଂ ସୁସଂଗତ ମତ । |
| ଗ) | ୩ : ୧୨ - ୧୪ | ବ୍ୟକ୍ତିଗତ ସମ୍ବନ୍ଧ |

୪. ଉପସଂହାର : ୩ : ୧୫

**ଗ. ରୂପରେଖର ଦ୍ୱିତୀୟ ପ୍ରଣାଳୀ**

ବାଇବଲରେ ଯେ କୌଣସି ପୁସ୍ତକ ପାଇଁ ଦ୍ୱିତୀୟ ରୂପରେଖ ଧାରା ବା ପ୍ରଣାଳୀ ବ୍ୟବହାର କରାଯାଏ । ଆପଣ ଶାସ୍ତ୍ରରେ ଚାଲନ୍ତୁ ଏବଂ ଉପସ୍ଥାପିତ ଉଦ୍ଦେଶ୍ୟ ବୁଝନ୍ତୁ । ମନେ ରଖନ୍ତୁ ଯେ କେବଳ ପରିଚୟ, ସଂକ୍ଷିପ୍ତ ବିବରଣ, ପ୍ରଧାନ ଶିକ୍ଷା ଏବଂ ଉପସଂହାର ବିଶେଷ ନିୟମ ଅଛି । ଆପଣଙ୍କ ବାଇବଲ ଶାସ୍ତ୍ର ଏହି ନିୟମ ଆବଶ୍ୟକ ନାହିଁ, ତେଣୁ ଆପଣ ନିମ୍ନଲିଖିତ ଉଦାହରଣ ବ୍ୟବହାର କରନ୍ତୁ ।

ଯତ୍ନରେ ଶାସ୍ତ୍ର ପାଠ କରନ୍ତୁ, ଉଦ୍ଦେଶ୍ୟ ଜାଣିବା ପାଇଁ ପ୍ରଧାନ ବିଷୟକୁ ଖୋଜିବା ପାଇଁ ଚେଷ୍ଟା କରନ୍ତୁ ।
ଗୀତସଂହିତା ୧୨୮ ଉଦାହରଣ
ପ୍ରଭୁଙ୍କ ପ୍ରତି ଭୟ ହିଁ ଅତି ଭଲ ।

୧. ୧ - ୪ ପ୍ରଭୁଙ୍କୁ ଭୟ କରିବାର ଫଳ
୨. ୫ - ୬ ଚରବାରୀଆ ଫଳାଫଳ ।

# ୩. ଚିତ୍ରଣ କରିବା

ଥରେ ରୂପରେଖ କଲେ ଆପଣ ଚିତ୍ରଣ କରିବା ବଦଳେ ଶାସ୍ତ୍ର ଲଂଘନ କରିବାକୁ ପ୍ରସ୍ତୁତ ହେବେ । ଅବଲୋକନ, ବିଶଦ ବ୍ୟାଖ୍ୟା, ପ୍ରୟୋଗ ପ୍ରଣାଳୀ ଦ୍ୱାରା ଅତି ଯତ୍ନରେ ଚିତ୍ରଣ କରାଯାଏ ।

ଏହା କିପରି କାର୍ଯ୍ୟ କରେ ନିମ୍ନରେ ଉଦାହରଣ ସହ ଦର୍ଶାଇ ଦିଆଯାଇଛି ।

ଫିଲିପୀୟ ୧ : ୧ - ୬

(ଏହା ଏକ ଉଦାହରଣ ମାତ୍ର)

| ଅବଲୋକନ (ଶାସ୍ତ୍ରର ସତ୍ୟତା ପ୍ରକାଶ କରେ) | ବିଶଦ ବ୍ୟାଖ୍ୟା (ଅର୍ଥ ବର୍ଣ୍ଣନା କରେ) | ପ୍ରୟୋଗ (ସାଧାରଣ ଓ ବିଶେଷ ଭାବେ ପ୍ରୟୋଗ କରେ) |
|---|---|---|
| ୧. ଉଦ୍ଦେଶ୍ୟ ପଦ ୧-୨ ଏହି ବାକ୍ୟଗୁଡ଼ିକ ପୁସ୍ତକଗୁଡ଼ିକ ପୁସ୍ତକ ପରିଚୟ ଦିଏ । ୧ ପଦ - ପାଉଲ ଏବଂ ତିମଥି ଯୀଶୁଖ୍ରୀଷ୍ଟଙ୍କ ସେବକ ଯୀଶୁଖ୍ରୀଷ୍ଟଙ୍କଠାରେ ସାଧୁମାନଙ୍କୁ | ପ୍ରାୟତଃ ପ୍ରତ୍ୟେକ ପତ୍ରର ଗୋଟିଏ ଗୋଟିଏ ପରିଚୟ ଥାଏ । ପାଉଲ ଏହି ପତ୍ରର ଲେଖକ, କିନ୍ତୁ ତିମଥିଙ୍କ ନାମ ମଧ୍ୟ ସାମିଲ କରନ୍ତି । ପାଉଲ ଜାଣନ୍ତି ଯେ ସେ ଯୀଶୁଖ୍ରୀଷ୍ଟଙ୍କର ସେବା ପାଇଁ ଜୀବିତ । | ପ୍ରୟୋଗର କୌଣସି ଆବଶ୍ୟକତା ନାହିଁ । ମୁଁ ଯୀଶୁଖ୍ରୀଷ୍ଟଙ୍କ ସେବକ ହେବାକୁ ଚାହେଁ । କିମିତି ? ୧. ସେବକର ମନୋଭାବ ବିକାଶ କରନ୍ତୁ । |

| | | |
|---|---|---|
| ୨ ପଦ - ଅନଗ୍ରହ ଏବଂ ଶାନ୍ତି<br>୨) ଉଦ୍ଦେଶ୍ୟ ୩ - ୬ ପଦ ଏହି ବାକ୍ୟଗୁଡ଼ିକ ସଂକ୍ଷିପ୍ତ ବିବରଣ ଦିଏ ।<br>୪ ପଦ - ଆନନ୍ଦ ସହ ପ୍ରାର୍ଥନା । | ଗୋଟିଏ ସାଧୁ ପ୍ରତିମା ନୁହଁ କିନ୍ତୁ ଜଣେ ପୁନଃର୍ଜନ୍ମପ୍ରାପ୍ତ ବିଶ୍ୱାସୀ ।<br>ପରସ୍ପରକୁ ଅଭିବାଦନ ଜଣାଇବା ପଦ ଏବଂ ପାଉଲଙ୍କର ପତ୍ରର ପଣ୍ୟ ବିନିମୟ ବ୍ୟବହୃତ ହୋଇଛି ।<br>ଅନୁଗ୍ରହ - ଈଶ୍ୱରଙ୍କଠାରୁ ପ୍ରୀତିର ଚିହ୍ନ<br>ଶାନ୍ତି - ହୃଦୟରେ ଥିବା ଭୟ ଏବଂ ଦୁଶ୍ଚିନ୍ତାଠାରୁ ମୁକ୍ତି ।<br>ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ପାଉଲଙ୍କଠାରେ ମହାଆନନ୍ଦ ଅଛି ତା' ନୁହେଁ କିନ୍ତୁ ଖ୍ରୀଷ୍ଟଙ୍କ କାର୍ଯ୍ୟରେ ଲିପ୍ତଥିବା ଯୋଗୁଁ । | ୨. ସଣ୍ଡେ ସ୍କୁଲ ଶିକ୍ଷା ଦିଅନ୍ତୁ ।<br>୩. ଗୀର୍ଜାରେ ସ୍ୱେଚ୍ଛାସେବକ ଭାବେ କାମ କରନ୍ତୁ ।<br>ଯୀଶୁଙ୍କ ଦ୍ୱାରା ମୁଁ ଏକ ସାଧୁ ଅଟେ । ତେଣୁ ମୁଁ ଏକ ଖ୍ରୀଷ୍ଟଙ୍କ ପରି ପବିତ୍ର ଜୀବନ କଟାଇବି ।<br><br>ମୋ ଜୀବନରେ ଈଶ୍ୱରଙ୍କ ଅନୁଗ୍ରହ ଏବଂ ଶାନ୍ତି ଅଛି । ମୁଁ ଆଉ ଭୟରେ ଜୀବନ କାଟିବି ନାହିଁ । ତାଙ୍କର ଅନୁଗ୍ରହ ଏବଂ ଶାନ୍ତି ରୂପ ବା ମୋହର ମୋ ଜୀବନରେ ଅଛି ।<br><br>ଉଦାସୀନ ଅବସ୍ଥାରେ ମୁଁ ଆନନ୍ଦିତ, କାରଣ ଖ୍ରୀଷ୍ଟ ମୋ' ଠାରେ କାର୍ଯ୍ୟ କରନ୍ତି । |

## ମାର୍କ ୪ : ୩୫ - ୪୧

ଏହି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଘରେ କରିବା ଉଚିତ । ଅନ୍ୟମାନଙ୍କୁ ଅଧ୍ୟୟନ କରିବାରେ ପରିଚାଳନା ପାଇଁ ପ୍ରସ୍ତୁତ ହେବାବେଳେ ଆପଣଙ୍କର ନିଜର ପ୍ରଶ୍ନଗୁଡ଼ିକ ପାଇଁ ଏହା ଏକ ଉଦାହରଣ ।

୧. ଅନ୍ତର୍ଭୁକ୍ତ ଲୋକମାନେ କିଏ ?
୨. ତାହା ଦିନର କେଉଁ ସମୟ ?
୩. ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ କ'ଣ କହିଲେ ?
୪. ତାପରେ କ'ଣ ହେଲା ?
୫. ଝଡ଼ କେତେ ଗୁରୁତର ଥିଲା ?
୬. ଝଡ଼ ସମୟରେ ଯୀଶୁ କେଉଁଠାରେ ଥିଲେ ?
୭. ଶିଷ୍ୟମାନେ ଯୀଶୁଙ୍କୁ ପଚାରିଥିବା ପ୍ରଶ୍ନ କ'ଣ ଥିଲା ?
୮. ଯୀଶୁ ପ୍ରଶ୍ନଗୁଡ଼ିକର କିପରି ଉତ୍ତର ଦେଲେ ?
୯. ସେ ତାଙ୍କର ଶିଷ୍ୟମାନଙ୍କୁ କ'ଣ ପଚାରିଥିଲେ ?
୧୦. ସେମାନେ ଭୟଭୀତ କି ବୋଲି ସେ କାହିଁକି ପଚାରିଲେ ?
୧୧. ସେମାନଙ୍କର ବିଶ୍ୱାସ ବିଷୟରେ ସେ କାହିଁକି ପଚାରିଲେ ?
କେଉଁଥିରେ ବିଶ୍ୱାସ ?
୧୨. ଯଦି ଯୀଶୁ ତାଙ୍କର ବାକ୍ୟ ଦିଅନ୍ତି, ଆମେ ତାହା ବିଶ୍ୱାସ କରିପାରୁ କି ?
୧୩. ଯୀଶୁଙ୍କର ବାକ୍ୟଗୁଡ଼ିକ ଭୁଲିବାରେ ଶିଷମାନଙ୍କୁ କ'ଣ ସାହାଯ୍ୟ କଲା ?
୧୪. ଝଡ଼ ସମୟରେ ମଧ୍ୟ ତାଙ୍କ ପାଖକୁ ଆମେ କିପରି ଯିବା ପାଇଁ ଯୀଶୁ ଚାହାନ୍ତି ?
୧୫. ଆପଣ ଯୀଶୁଙ୍କ ବାକ୍ୟ ଶୀଘ୍ର ଭୁଲିଯାଆନ୍ତି କି ?
୧୬. ଝଡ଼ ପରେ ମଧ୍ୟ ଶିଷ୍ୟମାନେ କାହିଁକି ଜୀବିତ ଥିଲେ ?
୧୭. ଯୀଶୁଙ୍କର ବାକ୍ୟ ଆମ ପାଇଁ କ'ଣ କରେ ?
୧୮. ସେହି ପ୍ରଧାନ ବିଷୟ କ'ଣ, ଯାହା ଯୀଶୁ ଚାହାନ୍ତି ଶିଷ୍ୟମାନେ ଶିକ୍ଷା କରନ୍ତୁ ବୋଲି ?

# ଯୋହନ ୧୩ : ୧ - ୨୦

ଏହିସବୁ ଉଦାହରଣ କେବଳ ଗୃହେ ବ୍ୟବହାର ପାଇଁ । ଏହି ଲେଖା ସଭାରେ ବ୍ୟବହାର ହେବ ନାହିଁ ।

୧. ଏହି ଲେଖା ପଢ଼ନ୍ତୁ ଏବଂ ବାର ବାର ପଢ଼ନ୍ତୁ ।

୨. ଏହି ଗଳ୍ପରେ ପ୍ରଧାନ ବିଷୟ କ'ଣ ଅଛ ?

୩. ନିମ୍ନଲିଖିତ ଅବଲୋକନ, ବିଶଦ ବ୍ୟାଖ୍ୟା ଏବଂ ପ୍ରୟୋଗ ପଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

୧. କେଉଁ ଘଟଣା ଘଟିବାକୁ ଥିଲା ?

୨. ନିସ୍ତାର ପର୍ବର ଭୋଜିମାନେ କେଣ ?

୩. ୧ମ ପଦରେ ଦର୍ଶାଇଥିବା ବାକ୍ୟ ଅନୁଯାୟୀ ଯୀଶୁ ନିଜ ବିଷୟରେ କ'ଣ ଜାଣିଥିଲେ ?

୪. ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ କେତେ ବେଶି ଭଲ ପାଉଥିଲେ ?

୫. ଏହି ପ୍ରେମରେ ଯିହୁଦା ମଧ୍ୟ ଅନ୍ତର୍ଭୁକ୍ତ ଥିଲା କି ?

୬. ଜଣେ ବିଶ୍ୱାସଘାତକତା କରିବାକୁ ଯାଉଥିବା ଲୋକିକୁ ଯୀଶୁ କିଭଳି ପ୍ରେମ କରିବେ ?

୭. ୩ୟ ପଦ ଅନୁଯାୟୀ ଯୀଶୁ ନିଜ ବିଷୟରେ କ'ଣ କହନ୍ତି, ସେହି ସତ୍ୟଗୁଡ଼ିକର ତାଲିକା କରନ୍ତୁ ।

୮. ଯୀଶୁ କାହିଁକି ଶିଷ୍ୟମାନଙ୍କର ପାଦ ଧୋଇଲେ ?

୯. ସାଧାରଣତଃ ପାଦ ଧୋଇବା କାହାର କର୍ମ ?

୧୦. ପାଦ ଧୋଇବାରେ ପିତରଙ୍କର ଯୀଶୁଙ୍କ ପ୍ରତି ପ୍ରତିକ୍ରିୟା କ'ଣ ?

୧୧. ଯୀଶୁ ତାଙ୍କର ପାଦ ଧୋଇବେ, ସେ ଏ ବିଷୟ କାହିଁକି ଚାହାନ୍ତି ନି ?

୧୨. ୯ ପଦରେ ପିତର ଯୀଶୁଙ୍କର ଉତ୍ତରର କି ଜବାବ ଦିଅନ୍ତି ?

୧୩. ୧୦ ପଦରେ ଯୀଶୁ କ'ଣ କହନ୍ତି ବର୍ଣ୍ଣନା କରନ୍ତୁ ।

୧୪. ୧୨ ପଦରେ ଯୀଶୁଙ୍କର ପ୍ରଶ୍ନର ଆପଣ କିପରି ଉତ୍ତର ଦେବେ ?

୧୫. ଯୀଶୁ କାହିଁକି କହିଲେ ଯେ ଆମ୍ଭେମାନେ ପରସ୍ପରର ପାଦ ଧୋଇବା ଉଚିତ୍ ?

୧୬. ୧୬ ପଦରେ ଯୀଶୁଙ୍କର ଉକ୍ତି ଅନୁଯାୟୀ ତାହାର ଅର୍ଥ କ'ଣ ?

୧୭. ୧୭ ପଦରେ କେବଳ ବିଷୟ ଜାଣିବା ହିଁ ଯଥେଷ୍ଟ ନୁହେଁ, କାହିଁକି ?

୧୮. ୧୮ ପଦରେ ଯୀଶୁ କାହା ବିଷୟରେ କହନ୍ତି ?

୧୯. ଦୟାପୂର୍ବକ ୨୦ ପଦର ବ୍ୟାଖ୍ୟା କରନ୍ତୁ ।

୨୦. ଦୟାକରି ଏହି ଉପଦେଶର ମୁଖ୍ୟ ଶିକ୍ଷାରି ପ୍ରୟୋଗ କରନ୍ତୁ ।

କ) ଗୋଟିଏ ସାଧାରଣ ପ୍ରୟୋଗ କ'ଣ ହୋଇପାରେ ?

ଖ) କେଉଁ ବିଶେଷ ବିଷୟ ଗୁଡ଼ିକ ଆପଣ କରି ପାରନ୍ତି ?

# ମାର୍କ ୬ : ୪୫ - ୫୨

## (କେବଳ ଉଦାହରଣ ପ୍ରଶ୍ନମାଳା)

ନୀ ୧. କେଉଁ ଲୋକମାନେ ସଂପୃକ୍ତ ଅଟନ୍ତି ?

ଉତ୍ତର : ଯୀଶୁ, ଶିଷ୍ୟମାନେ, ଲୋକସମୂହ

ନୀ ୨. ଶିଷ୍ୟମାନେ କେଉଁଠି ଯାଉଥିଲେ ?

ଉତ୍ତର : ବେଥସାଇଦା

ନୀ ୩. କାହାଣୀଟିକୁ ବର୍ଣ୍ଣନା କର ।

ନିଜ ଭାଷାରେ କୁହ ।

ନୀ ୪. ଯୀଶୁ କେଉଁଠାରେ ପ୍ରାର୍ଥନା କରିବାକୁ ଗଲେ ?

ବ୍ୟା ୫. ସେ ଏପରି କାହିଁକି କରନ୍ତି ?

ପ୍ର ୬. ମୋ ନିମନ୍ତେ ପ୍ରାର୍ଥନା ମୁଖ୍ୟ ଅଟେ କି ?

ନୀ ୭. ହ୍ରଦ ମଝିରେ ଶିଷ୍ୟମାନଙ୍କର କ'ଣ ହେଲା ?

ବ୍ୟା ୮. ସେମାନେ କାହିଁକି ଖୁବ୍ ଜୋରରେ ଆହୁଲା ମାରୁଥିଲେ ?

ପ୍ର ୯. ଆପଣଙ୍କ ବିରୁଦ୍ଧରେ ଜୀବନରେ ଝଡ଼ଝଞ୍ଜା ଉଠୁଥିବା ଆପଣ କେବେ ଅନୁଭବ କରନ୍ତି କି ?

ନୀ ୧୦. ଏହା ରାତ୍ରୀର କେଉଁ ଘଡ଼ି ଥିଲା ?

ବ୍ୟା ୧୧. କେତେବେଳେ ରାତ୍ରୀର ଚତୁର୍ଥ ପ୍ରହର ହୁଏ ?

ନୀ ୧୨. ଶିଷ୍ୟମାନଙ୍କୁ ବିପଦରେ ପଡ଼ିଥିବା ଦେଖି ଯୀଶୁ କ'ଣ କଲେ ?

ବ୍ୟା ୧୩. ଯୀଶୁ ସେମାନଙ୍କ ପାଖକୁ କାହିଁକି ଚାଲିକରିଗଲେ ? ସେ କାହିଁକି ଗୋଟିଏ ନୌକାରେ ଗଲେ ନାହିଁ ?

ବ୍ୟା ୧୪. ସେମାନଙ୍କ ନିକଟକୁ ସିଧା ନ ଯାଇ ସେମାନଙ୍କ ପାର୍ଶ୍ୱ ଦେଇ ଆଗକୁ ଯିବାକୁ ଯୀଶୁ କାହିଁକି ଇଚ୍ଛା କଲେ ?

ନୀ ୧୫. ଶିଷ୍ୟମାନେ କ'ଣ ଦେଖିଲେ ?

ବ୍ୟା ୧୬. ସେମାନେ କାହିଁକି ଏତେ ଭୟଭୀତ ହୋଇଯାଇଥିଲେ ?

ନୀ ୧୭. ଯୀଶୁ ସେମାନଙ୍କୁ କ'ଣ କହିଲେ ?

ନୀ ୧୮. ସେ ଡଙ୍ଗାରେ ଚଢ଼ିଲା ପରେ କ'ଣ ହେଲା ?

ନୀ ୧୯. ଶୀଷ୍ୟମାନଙ୍କ ପ୍ରତିକ୍ରିୟା କ'ଣ ହେଲା ?

ବ୍ୟା ୨୦. ସେମାନେ କାହିଁକି ମନେ ମନେ ଅତ୍ୟନ୍ତ ଆଚମ୍ଭିତ ହୋଇଯାଇଥିଲେ ?

ବ୍ୟା ୨୧. ରୋଟୀର ଘଟଣାରେ ଶିଷ୍ୟମାନେ କ'ଣ ବୁଝି ପାରି ନ ଥିଲେ ?

ବ୍ୟା ୨୨. ସେମାନଙ୍କ ହୃଦୟ କାହିଁକି ଜଡ଼ ହୋଇ ଯାଇଥିଲା ?

ପ୍ର ୨୩. ଦୁଃଖ କଷ୍ଟ ବିପଦ ସମୟମାନଙ୍କରେ ମୋର ପ୍ରତିକ୍ରିୟା କିପରି ହେବା ଉଚିତ ?

ପ୍ର ୨୪. ମୋତେ ଉଦ୍ଧାର କରିବେ ବୋଲି ମୁଁ ପ୍ରକୃତରେ ଯୀଶୁଙ୍କଠାରେ ବିଶ୍ୱାସ କରେ କି ?

ପ୍ର ୨୫. ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ିକରେ ମୁଁ ଆଚମ୍ଭିତ ହେବା ଉଚିତ କି ?

# ଉତ୍ତର ଫର୍ଦ୍ଦ

ଫିଲୀମୋନ

**ବିଷୟ :** ଜଣେ ଭାଇକୁ ସହଭାଗିତା ମଧ୍ୟରେ ଫେରି ଗ୍ରହଣ କରିବା ।

**ରୂପରେଖ :**

| | | |
|---|---|---|
| ୧. | ପରିଚୟ କରଣ | ପଦ ୧ - ୩ |
| ୨. | ଧନ୍ୟବାଦ ଅର୍ପଣ | ପଦ ୪ - ୭ |
| ୩. | ସାରାଂଶ ବାକ୍ୟ | ପଦ ୮ - ୧୧ |
| ୪. | ଅନୁରୋଧ ଓ ନିବେଦନ | ପଦ ୧୨ - ୨୧ |
| ୫. | ସମାପ୍ତି | ପଦ ୨୨ - ୨୫ |

## ତାଲିକା

| ନିରୀକ୍ଷଣ | ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| ୧. ପରିଚୟକରଣ ପଦ ୧-୩ ରେ ଅଛି । | | |
| ପଦ ୧ ପାଉଲ ଖ୍ରୀଷ୍ଟ | ଲେଖକ | |
| ଯୀଶୁଙ୍କର ବନ୍ଦୀ | ସେ ରୋମର ଜଣେ ବନ୍ଦୀରୂପେ ନୁହେଁ ମାତ୍ର ଖ୍ରୀଷ୍ଟ ଯୀଶୁଙ୍କର ଜଣେ ବନ୍ଦୀରୂପେ ଆପଣାକୁ ଚିହ୍ନନ୍ତି । | ମୁଁ ଖ୍ରୀଷ୍ଟ ଯୀଶୁଙ୍କର ଜଣେ ବନ୍ଦୀ |
| ତୀମଥି | ପାଉଲ ଏହାଙ୍କୁ ଅନ୍ତର୍ଭୁକ୍ତ କରନ୍ତି କିନ୍ତୁ ସେ (ତୀମଥି) ଏହି ପତ୍ରର ଲେଖକ ନୁହନ୍ତି | |
| ଫିଲୀମୋନ | ଯାହାଙ୍କ ନିକଟକୁ ପତ୍ର ଲେଖାଯାଇଛି | |
| ପ୍ରିୟବନ୍ଧୁ ଓ ସହକର୍ମୀ ବୃନ୍ଦ | ସେମାନଙ୍କର କାର୍ଯ୍ୟ ସମ୍ବନ୍ଧୀୟ ଏବଂ ଅନ୍ତରଙ୍ଗ ସଂପର୍କ ଥିଲା, ପୁଣି ସେମାନେ ପରସ୍ପରକୁ ପ୍ରକୃତରେ ପ୍ରେମ କରୁଥିଲେ । | ସହଭାଗୀ ହୋଇପାରିବା ଭଳି ଅନ୍ତରଙ୍ଗ ବନ୍ଧୁମାନେ ମୋର ରହିବା ଉତ୍ତମ ଅଟେ । |
| ପଦ ୨ ଆମ୍ଭମାନଙ୍କ ଭଗ୍ନୀ ଆପ୍ପିୟା | ସମ୍ଭବତଃ ଫିଲୀମୋନଙ୍କ ସହଧର୍ମିଣୀ | |
| ଆମ୍ଭମାନଙ୍କ ସହସୈନିକ ଆର୍ଖିପ୍ପ | ଫିଲୀମୋନଙ୍କ ସହକାରୀ ସେବକ ଓ ସହକର୍ମୀ | |
| ପଦ ୩ ଅନୁଗ୍ରହ | ପ୍ରାପ୍ତ ହେବାକୁ ଅଯୋଗ୍ୟ ଦୟା | ଈଶ୍ୱରଙ୍କ ଅନୁଗ୍ରହ ଓ ଶାନ୍ତି ମୁଁ ପ୍ରାପ୍ତ ହୋଇଛି । |
| ଶାନ୍ତି | ଭୟ ଓ ବ୍ୟସ୍ତତାରୁ ମୁକ୍ତି | |
| ୨. ପଦ ୪ - ୭ ଧନ୍ୟବାଦ ଅର୍ପଣ ପାଉଲ ନିମନ୍ତେ ପ୍ରାର୍ଥନା କରନ୍ତି | ପରସ୍ପର ନିମନ୍ତେ ପ୍ରାର୍ଥନା କରିବାକୁ ମଣ୍ଡଳୀକୁ ଠିଆ ହେବାକୁ ହେବ । | ଭାଇମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ମୁଁ ଇଚ୍ଛା କରୁଥିବାକୁ ହେବ। |
| ଯୀଶୁଙ୍କଠାରେ ବିଶ୍ୱାସ | ସେମାନଙ୍କ ଦୃଢ଼ ବିଶ୍ୱାସ ରହିଥିଲା ଏବଂ ପାଉଲ ସେଥିପାଇଁ ଆନନ୍ଦ କରନ୍ତି । | ଆମ୍ଭମାନଙ୍କର ବିଶ୍ୱାସ ଦୃଢ଼ ହେବା ଉଚିତ । |
| ସମସ୍ତ ସାଧୁଙ୍କ ପ୍ରତି ପ୍ରେମ | ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ)ରେ ପ୍ରେମ ମୁଖ୍ୟ ଅଟେ । | ଯଦି ମୁଁ ବିଶ୍ୱାସରେ ଶିଥିଳ ହୋଇଯାଏ ତେବେ ବିପଦ ଅଛି । |

| ନିରୀକ୍ଷଣ | ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| ଯୀଶୁଖ୍ରୀଷ୍ଟଙ୍କଠାରେ ଥିବା ଆମ୍ଭମାନଙ୍କ ପ୍ରତ୍ୟେକ ଉତ୍ତମ ବିଷୟର ପୂର୍ଣ୍ଣଜ୍ଞାନ | ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ଠାରେ ଥିବା ଉତ୍ତମ ବିଷୟଗୁଡ଼ିକୁ ବୁଝିପାରିବେ ନାହିଁ । ଯଦି ସେମାନେ ଖୋଲା ହୃଦୟ ସହ ପରସ୍ପର ସହଭାଗୀ ହେବେ ନାହିଁ । | ପୂର୍ଣ୍ଣଜ୍ଞାନ ପାଇବା ପାଇଁ ଆମ୍ଭମାନଙ୍କୁ ଖୋଲା ହୃଦୟ ସହ ସହଭାଗୀ ହେବାକୁ ହେବ । |
| ତୁମ୍ଭ ପ୍ରେମ | ଏହା ମହା ଆନନ୍ଦ ଓ ଉତ୍ସାହ ଆଣି ଦିଏ । | ମୋର ପ୍ରେମ ଅନ୍ୟମାନଙ୍କ ଜୀବନକୁ ପରିବର୍ତ୍ତିତ କରିପାରେ । |
| ସାଧୁମାନଙ୍କ ଉତ୍ସାହ ପ୍ରାପ୍ତ ହୃଦୟ | ଉତ୍ସାହଦାନ କରୁଥିବା ବ୍ୟକ୍ତିମାନେ ମଣ୍ଡଳୀରେ ଥିବା ଉଚିତ । | ସାଧୁମାନଙ୍କ ହୃଦୟକୁ ଉତ୍ସାହ ଦେବା ପାଇଁ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହେବାକୁ ମୁଁ ଇଚ୍ଛା କରେ । |
| ୩. ପଦ ୮ - ୧୧ ସାରାଂଶ ବାକ୍ୟ | ଭାଇକୁ ଗ୍ରହଣ କରି ପୁନଃସ୍ଥାପିତ କରିବାକୁ ପାଉଲ କହନ୍ତି | |
| ଯାହା ଉପଯୁକ୍ତ ତାହା କରିବାକୁ ଆଦେଶ ଦିଆଯାଇ ପାରନ୍ତା | ପାଉଲଙ୍କ ଇଚ୍ଛାନୁଯାୟୀ ଫିଲୀମୋନଙ୍କୁ ଆଦେଶ ଦେଇ ପାରିଥାନ୍ତେ । | ଲୋକଙ୍କୁ ଆଦେଶ ଦେବା ଠିକ୍ ନୁହେଁ ବରଂ ସେମାନଙ୍କୁ ଅନୁରୋଧ କରିବା ଠିକ୍ ଅଟେ । |
| ପ୍ରେମ ଭିତ୍ତିକ ଅନୁରୋଧ | ସେବାକାର୍ଯ୍ୟ ସବୁବେଳେ ଦାବୀଭିତ୍ତିକ ନ ହୋଇ ବରଂ ପ୍ରେମଭିତ୍ତିକ ଅନୁରୋଧରେ ହେବା ଉଚିତ । | ଯେବେ ଆମେ ପ୍ରେମରେ ଅନୁରୋଧ କରୁ ତେବେ ଏହା ଲୋକଙ୍କୁ କର୍ତ୍ତବ୍ୟ ଦୃଷ୍ଟିରୁ ନୁହେଁ ମାତ୍ର ପ୍ରେମ ହେତୁ କରିବାକୁ ସୁଯୋଗ ଯୋଗାଇ ଥାଏ । |
| ୪. ପଦ ୧୨-୨୧ ଏହା ଶିକ୍ଷାର ମୁଖ୍ୟ ଅଂଶ ଅଟେ । | | |
| ତୁମ୍ଭ ନିମନ୍ତେ ଅକର୍ମଣ୍ୟ ଥିଲା । | ଅନସିମ ଜଣେ ପଳାୟନକାରୀ କ୍ରୀତଦାସ ଥିଲା ଯିଏ ଫିଲୀମୋନଙ୍କ ନିମନ୍ତେ ଅକର୍ମଣ୍ୟ ହୋଇଥିଲା କିନ୍ତୁ ବର୍ତ୍ତମାନ ସେ ଉପକାରୀ ହୋଇପାରିବ ଯଦି ତାକୁ ପୁନଃ ଗ୍ରହଣ କରାହେବ । | ଦିନେ ଈଶ୍ୱରଙ୍କ ନିମନ୍ତେ ଆମ୍ଭେମାନେ ଅକର୍ମଣ୍ୟ ଥିଲୁ କିନ୍ତୁ ବର୍ତ୍ତମାନ ବ୍ୟବହାରଯୋଗ୍ୟ ଅଟୁ । |
| ମୁଁ ତାକୁ ଫେରାଇ ପଠାଉଅଛି ଇତ୍ୟାଦି, ଇତ୍ୟାଦି । | ପାଉଲ ତାକୁ ନିଜ ପାଖରେ ରଖିବାକୁ ଇଚ୍ଛା କରିଥିଲେ । | ଆମ ସମସ୍ତଙ୍କୁ ଦ୍ୱିତୀୟ ସୁଯୋଗ ଦରକାର । |

# ଯିଶାୟ ୧ ପର୍ବ

(କେବଳ ଉଦାହରଣ ସମ୍ପୂର୍ଣ୍ଣ ନୁହେଁ)

ବିଷୟ : ଗୋଟିଏ ଜାତିର ବିଦ୍ରୋହାଚରଣ

ରୂପରେଖ :

| | | |
|---|---|---|
| ୧. | ପରିଚୟକରଣ | ପଦ ୧ |
| ୨. | ଇସ୍ରାୟେଲ ବିରୁଦ୍ଧରେ ଅଭିଯୋଗ | ପଦ ୨ - ୬ |
| ୩. | ବିଚାର | ପଦ ୭ - ୯ |
| ୪. | ବାହ୍ୟ ଧର୍ମ କର୍ମ | ପଦ ୧୦ - ୧୫ |
| ୫. | ମନ ପରିବର୍ତ୍ତନ କରିବାକୁ ଆହ୍ୱାନ | ପଦ ୧୬ - ୨୦ |
| ୬. | ବେଶ୍ୟା ଅବସ୍ଥା | ପଦ ୨୧ - ୨୩ |
| ୭. | ବିଚାର ଓ ପୁନରୁଦ୍ଧାର | ପଦ ୨୪ - ୩୧ |

| | ନିରୀକ୍ଷଣ | ବ୍ୟାଖ୍ୟା | ପ୍ରୟୋଗ |
|---|---|---|---|
| ଶିକ୍ଷା ସମ୍ବନ୍ଧୀୟ | ପଦ ୧ ଦର୍ଶନ | ଯିହୁଦା ଓ ଯିରୂଶାଲମ ସମ୍ବନ୍ଧୀୟ ଦର୍ଶନ | |
| | ଯିଶାୟ | ଆମୋସର ପୁତ୍ର | |
| | ପଦ ୨ - ୬ ହେ ଆକାଶ ମଣ୍ଡଳ - ଶୁଣ, ହେ ପୃଥିବୀ, କର୍ଣ୍ଣପାତ କର । | କାରଣ ସଦାପ୍ରଭୁ କହିଅଛନ୍ତି । | ମୁଁ ତାଙ୍କ ବାକ୍ୟ ଶୁଣିବା ଆବଶ୍ୟକ କରେ କି ? |
| | ଆମ୍ଭେମାନେ ସନ୍ତାନଗଣଙ୍କୁ ପ୍ରତିପାଳନ ଓ ଭରଣପୋଷଣ କରିଅଛୁ । | ଈଶ୍ୱର ସର୍ବଦା ତାଙ୍କ ସନ୍ତାନ ସନ୍ତତିମାନଙ୍କ ଯତ୍ନ ନେଇଛନ୍ତି । | ସେ ମୋ ନିମନ୍ତେ ଯତ୍ନ କରନ୍ତି । |
| | ସେମାନେ ଆମ୍ଭର ବିଦ୍ରୋହାଚରଣ କରିଅଛନ୍ତି । | ଇଶ୍ରାୟେଲ ସନ୍ତାନମାନେ ଅତି ବିଦ୍ରୋହୀ ଥିଲେ । | ବିଦ୍ରୋହ ନ କରିବାକୁ ମୁଁ ଯତ୍ନଶୀଳ ହେବି |
| | ଗୋରୁ ଓ ଗର୍ଦ୍ଦଭ | ସେମାନେ ନିଜ ୨ କର୍ତ୍ତାଙ୍କୁ ଚିହ୍ନନ୍ତି କିନ୍ତୁ ଇଶ୍ରାୟେଲ ଚିହ୍ନେ ନାହିଁ । | |
| | ପାପିଷ୍ଠ ଗୋଷ୍ଠୀ ଅଧର୍ମରେ ଭାରଗ୍ରସ୍ତ | ଇଶ୍ରାୟେଲ ସନ୍ତାନମାନଙ୍କ ଅନେକ ପାପଥିଲା । | ମୁଁ ଅଧର୍ମରୁ ମୁକ୍ତ ହେବାକୁ ଚାହେଁ । |
| | ଦୁଷ୍କର୍ମକାରୀମାନେ ଭ୍ରଷ୍ଟାଚାରୀ | ଅଧର୍ମରେ ଜୀବନ ବିତାଇଛନ୍ତି । | ମୁଁ କଳୁଷିତ ହୋଇପାରେ କି ? |
| | ସଦାପ୍ରଭୁଙ୍କୁ ପରିତ୍ୟାଗ କରିଛନ୍ତି । | ତାଙ୍କଠାରୁ ଦୂରକୁ ଚାଲିଯାଇଛନ୍ତି । | |
| | ଆହୁରି ଅଧିକ ପ୍ରହାରିତ ହୋଇଛନ୍ତି କି ? | ସେମାନଙ୍କ ପାପ ଶାସ୍ତି ଆଡ଼କୁ କଢ଼ାଇ ନେଲା | ମୋର ଭୁଲଗୁଡ଼ିକରୁ ମୁଁ ଆଶାପୂର୍ଣ୍ଣ ଭାବେ ଶିକ୍ଷା କରିପାରେ । ଆଉ ଅଧିକ ଶାସ୍ତିର ସମ୍ମୁଖୀନ ନ ହୁଏ । |
| | ବିଦ୍ରୋହରେ କାହିଁକି ଲାଗି ରହିଥିବ ? | ଚିନ୍ତାରେ କୌଣସି ଉତ୍ତମତା ନାହିଁ । | |
| ଭବିଷ୍ୟତ ବାଣୀ ସମ୍ବନ୍ଧୀୟ | ଦେଶ ଧ୍ୱଂସ ସ୍ଥାନ ହୋଇଅଛି । | ଶତ୍ରୁଦ୍ୱାରା ଇଶ୍ରାୟେଲ ପରାଜିତ ହେବା ସମ୍ବନ୍ଧୀୟ ଯିଶାୟଙ୍କ ଭାବବାଣୀ । | ତାଙ୍କ ଆଜ୍ଞାଧୀନ ହୋଇ ମୁଁ ଈଶ୍ୱରଙ୍କ ଶାସ୍ତିରୁ ବଞ୍ଚିତ ହେବି । |
| | ନଗରସବୁ ଅଗ୍ନିରେ ଦଗ୍ଧ ହୋଇଛି ଭୂମି ଗ୍ରାସିତ ହୋଇଛି । | | |

# ଉତ୍ତର ପର୍ବ

## ଯୋହନ ୧୩ : ୧ - ୨୦

**କାହାଣୀର ମୁଖ୍ୟ ପ୍ରସଙ୍ଗ : ସେବକତ୍ୱ**

ନିରୀକ୍ଷଣ, ବ୍ୟାଖ୍ୟା ଓ ପ୍ରୟୋଗ ପ୍ରଶ୍ନାବଳୀର ଉତ୍ତର :

୧. ନିକଟବର୍ତ୍ତୀ ହେଉଥିବା ଘଟଣା : ନିସ୍ତାର ପର୍ବ

୨. ନିସ୍ତାର ପର୍ବ ଭୋଜର ଅର୍ଥ : ମିଶର ଦେଶରୁ ଇଶ୍ରାୟେଲୀୟମାନଙ୍କ ମୁକ୍ତି ସ୍ମରଣ କରିବା

୩. ୧ ପଦରେ ତାଙ୍କ ସମୟ ଉପସ୍ଥିତ ବୋଲି ଯୀଶୁ ଜାଣିଲେ ।

୪. ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଶେଷ ପର୍ଯ୍ୟନ୍ତ ପ୍ରେମ କଲେ ।

୫. ଯୀହୁଦା ଏହି ପ୍ରେମର ଅନ୍ତର୍ଭୁକ୍ତ ଥିଲା ।

୬. ଯୀଶୁଙ୍କ ପ୍ରେମ ସର୍ତ୍ତହୀନ ଥିଲା ।

୭. ଯୀଶୁ ନିଜ ବିଷୟରେ ଜାଣିଥିବା ସତ୍ୟଗୁଡ଼ିକ ହେଲା :
   କ) ପିତା ତାଙ୍କୁ ସମସ୍ତ ଅଧିକାର ଦେଇଛନ୍ତି ;
   ଖ) ସେ ପିତାଙ୍କ ନିକଟରୁ ଆସିଛନ୍ତି ; ଏବଂ
   ଗ) ସେ ପିତାଙ୍କ ନିକଟକୁ ପୁନର୍ବାର ଫେରି ଯାଉଛନ୍ତି ।

୮. ସେବକତ୍ୱର ଗୋଟିଏ ଉଦାହରଣ ସ୍ୱରୂପ ଯୀଶୁ ଶିଷ୍ୟମାନଙ୍କର ପାଦ ଧୋଇଦେଇଥିଲେ ।

୯. ପାଦ ଧୁଆଇଦେବା ସାଧାରଣତଃ ଗୋଟିଏ ସେବକର କାର୍ଯ୍ୟ ଅଟେ ।

୧୦. ପିତର ତାଙ୍କ ପାଦ ଧୋଇ ଦେବାକୁ ଯୀଶୁଙ୍କୁ ମନା କରନ୍ତି ।

୧୧. ନେତୃତ୍ୱ ସଂପର୍କରେ ପିତରଙ୍କ ଏକ ଭୁଲ ଧାରଣା ଥିଲା ।

୧୨. "ମୋର ସବୁ ଧୋଇଦିଅ" ।

୧୩. ଯେତେବେଳେ ଆମ୍ଭେମାନେ ପରିତ୍ରାଣ ପାଉଁ, ସେତେବେଳେ ସଂପୂର୍ଣ୍ଣ ଧୋଇ ହୋଇଯାଉ, କିନ୍ତୁ ତଥାପି ପାପ ସ୍ୱୀକାର କରିବାର ପ୍ରୟୋଜନ ରହିଛି ।

୧୪. "ତୁମ ନିମନ୍ତେ ଯାହା କରିଅଛି ତାହା ତୁମେ ଜାଣ କି ?"

୧୫. ସେବାର ନିଦର୍ଶନ ସ୍ୱରୂପେ ଆମ୍ଭେମାନେ ପରସ୍ପରର ପାଦ ଧୋଇ ଦେଉ ଏହା ଯୀଶୁ ଇଚ୍ଛା କରିଥିଲେ । ସେ ଆକ୍ଷରିକ ଅର୍ଥ କରି ନ ଥିଲେ । ଏହା ସେ କାଳର ଗୋଟିଏ ସାଂସ୍କୃତିକ ରୀତି ଥିଲା ।

୧୬. ଦାସ କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ । ଯୀଶୁ ଜଣେ ସେବକ ସ୍ୱରୂପେ ଆସିଥିଲେ ।

୧୭. ଆମକୁ ସେବକତ୍ୱର କାର୍ଯ୍ୟ କରିବାକୁ ହେବ ନଚେତ୍ ଆମ୍ଭେମାନେ ଆଶୀର୍ବାଦ ପ୍ରାପ୍ତ ହେବୁ ନାହିଁ ।

୧୮. ଯିହୁଦା

୧୯. ଯେବେ ଲୋକମାନେ ଆପଣଙ୍କୁ ଗ୍ରହଣ କରୁଛନ୍ତି, ସେମାନେ କେବଳ ଆପଣଙ୍କୁ ଗ୍ରହଣ କରୁନାହାନ୍ତି ମାତ୍ର ଯୀଶୁଙ୍କୁ ଗ୍ରହଣ କରୁଛନ୍ତି, ପୁଣି ତତ୍ ସଙ୍ଗେ ୨ ପିତାଙ୍କୁ ମଧ୍ୟ ଗ୍ରହଣ କରୁଛନ୍ତି । ଠିକ୍ ସେହିପରି ଯଦି ସେମାନେ ଆପଣଙ୍କୁ ଉପେକ୍ଷା କରୁଛନ୍ତି । ତେବେ ସେଥି ସଙ୍ଗେ ୨ ଯୀଶୁଙ୍କୁ ଓ ପିତାଙ୍କୁ ମଧ୍ୟ ଉପେକ୍ଷା କରୁଛନ୍ତି । ଏହା ଆମ୍ଭମାନଙ୍କୁ ସେବା କରିବା ପାଇଁ ସ୍ୱାଧୀନତା ଆଣି ଦିଏ, କାରଣ ଏଠାରେ ଆମ୍ଭେମାନେ ଗୃହୀତ ବା ଉପେକ୍ଷିତ ହେଉନାହୁଁ ।

୨୦. ପ୍ରଭୁତ୍ୱ ବିସ୍ତାର ନ କରି ଆପଣ ସମସ୍ତଙ୍କର ଜଣେ ସେବକ ହୁଅନ୍ତି । କିନ୍ତୁ ଉପେକ୍ଷିତ ହେବାର ଭୟବିନା ସେବା କର ; କାରଣ ଆମ୍ଭେମାନେ କିଏ ତାହା ଆମ୍ଭେମାନେ ଆପେ ଆପେ ଜାଣୁ, ଯାହାକି ଆମ୍ଭମାନଙ୍କୁ ବିନା ସର୍ତ୍ତରେ ସେବା କରିବାକୁ ସ୍ୱଚ୍ଛନ୍ଦତା ଆଣି ଦିଏ ।

# ଗୀତ ସଂହିତା ୧୩୯
(ଉତ୍ତର ପର୍ବ)

ବିଷୟ : ଈଶ୍ୱରଙ୍କଠାରେ ନିରାପତ୍ତା
(କେବଳ ଉଦାହରଣ)

ରୂପରେଖ :

| | | |
|---|---|---|
| ୧. | ଈଶ୍ୱରଙ୍କ ସର୍ବଜ୍ଞତା (ମନୁଷ୍ୟର ସଂପୂର୍ଣ୍ଣ ବିଷୟରେ ଜ୍ଞାନ) | ପଦ ୧-୬ |
| ୨. | ଈଶ୍ୱରଙ୍କ ସର୍ବ ବ୍ୟାପିତା (ସବୁସ୍ଥାନରେ ଈଶ୍ୱରଙ୍କ ଉପସ୍ଥିତି) | ପଦ ୭ - ୧୨ |
| ୩. | ଈଶ୍ୱରଙ୍କ ସୃଷ୍ଟି | ପଦ ୧୩ - ୧୬ |
| ୪. | ଈଶ୍ୱରଙ୍କ ସଂକଳ୍ପ ସମୂହ | ପଦ ୧୭ - ୧୮ |
| ୫. | ପାପ ଓ ପାପୀ | ପଦ ୧୯ - ୨୨ |
| ୬. | ଈଶ୍ୱରଙ୍କ ନିକଟରେ ବିନତି | ପଦ ୨୩ - ୨୪ |

| ନିରୀକ୍ଷଣ | ବ୍ୟାଖ୍ୟା | ପ୍ରୟୋଗ |
|---|---|---|
| ୧. ମନୁଷ୍ୟର ସଂପୂର୍ଣ୍ଣ ବିଷୟରେ ଜ୍ଞାନ ପଦ ୧ - ୬ | | |
| ମୋର ଅନୁସନ୍ଧାନ କର ଓ ମୋର ପରିଚୟ ନିଅ । | ଈଶ୍ୱର ଆମ୍ଭମାନଙ୍କ ପ୍ରତ୍ୟେକ ବିଷୟ ଜାଣନ୍ତି । କୌଣସି ବିଷୟ ତାଙ୍କଠାରୁ ଗୁପ୍ତ ନୁହେଁ । | ମୋ ଜୀବନର କିଛି ବିଷୟ ଈଶ୍ୱର ଜାଣନ୍ତି ନାହିଁ ଭାବି ମୁଁ ଆପଣାକୁ କେବେ ମୂର୍ଖ କରିବି ନାହିଁ । |
| ବସିବାର ଓ ଉଠିବାର | ଈଶ୍ୱର ମୋର ସମସ୍ତ ଗନ୍ତବ୍ୟ ବିଷୟ ଜାଣନ୍ତି | ଈଶ୍ୱରଙ୍କ ଅଜ୍ଞାତ କୌଣସି ସ୍ଥାନର ମୁଁ ଯାଇପାରେ ନାହିଁ । |
| ମୋର ସମସ୍ତ ସଙ୍କଳ୍ପ ବୁଝନ୍ତି । ମୋର ସମସ୍ତ ଗନ୍ତବ୍ୟପଥ ସହ ଘନିଷ୍ଠ ଭାବେ ସେ ପରିଚିତ ଅଟନ୍ତି । | କୌଣସି ବିଷୟ ତାଙ୍କଠାରୁ ଗୁପ୍ତ ନୁହେଁ । | |
| ୨. ଈଶ୍ୱରଙ୍କ ସର୍ବବ୍ୟାପିତା ପଦ ୭ - ୧୨ | | |
| ୩. ଈଶ୍ୱରଙ୍କ ସୃଷ୍ଟି ପଦ ୧୩ - ୧୬ | | |
| ଏହାର ଭାବ ଏଠାରେ କହନ୍ତୁ । | ଏଠାରେ ଏହାର ଅର୍ଥ କ'ଣ ଅଟେ ? | ଏଠାରେ କିପରି ପ୍ରୟୋଗ କରିବାକୁ ହୁଏ ? |

ଉତ୍ତର ପର୍ବ

# ବୀଜ ବୁଣାଳୀର ଦୃଷ୍ଟାନ୍ତ

ମାର୍କ ୪ : ୧ - ୨୦

୧. ଦୃଷ୍ଟାନ୍ତର ରୂପରେଖ

| | | |
|---|---|---|
| କ. | ପରିଚୟକରଣ/ଦୃଷ୍ଟାନ୍ତ ପାଇଁ ପୂର୍ବାପର ସଂପର୍କ | ପଦ ୧ - ୨ |
| ଖ. | ଦୃଷ୍ଟାନ୍ତ | ପଦ ୩ - ୯ |
| ଗ. | ଦୃଷ୍ଟାନ୍ତଗୁଡ଼ିକୁ ବୁଝିବା ପାଇଁ ଚାବି | ପଦ ୧୦ - ୧୩ |
| ଘ. | ଦୃଷ୍ଟାନ୍ତର ବ୍ୟାଖ୍ୟା | ପଦ ୧୪ - ୨୦ |

୨. କେଉଁ ବିଷୟ ଉପରେ ଜୋର ଦିଆଯାଇଛି ? (କିପରି ସଫଳ ଓ ଉତ୍ପାଦନକ୍ଷମ ହେବେ)

୩. ଦୃଷ୍ଟାନ୍ତର ତାଲିକା

| | | |
|---|---|---|
| କ. ପଦ ୧ - ୨ ଦୃଷ୍ଟାନ୍ତ ପାଇଁ ପୂର୍ବାପର ସଂପର୍କ ।<br>ବୃହତ୍ ଜନତା ଏକତ୍ରିତ ହେଲେ । | ଯୀଶୁ ସମୁଦ୍ରକୂଳରେ ଗୋଟିଏ ଜନଗହଳକୁ ଆକର୍ଷଣ କରି ଶିକ୍ଷା ଦେବା ନିମନ୍ତେ ଗୋଟିଏ ନୌକା ଆବଶ୍ୟକ କଲେ । | |
| ଦୃଷ୍ଟାନ୍ତ | ଜୀବନ ଚିତ୍ରଗୁଡ଼ିକରୁ କେତେକ ନିର୍ଦ୍ଦିଷ୍ଟ ଶିକ୍ଷା ଦେବାକୁ ଯୀଶୁ ଦୃଷ୍ଟାନ୍ତ ବ୍ୟବହାର କରୁଥିଲେ । | ଦୃଷ୍ଟାନ୍ତରୁ ମୁଖ୍ୟ ସତଗୁଡ଼ିକୁ ମୁଁ ଶିକ୍ଷା କରିପାରେ କି ? |
| ଖ. ଦୃଷ୍ଟାନ୍ତ ପଦ ୩ - ୯<br>ବୀଜ ବୁଣାଳୀ | ପଦ ୧୪ - ୨୦ ଏହି ଦୃଷ୍ଟାନ୍ତକୁ ବୁଝାଇଦେବ ।<br>ଏହି ଦୃଷ୍ଟାନ୍ତରେ ଯୀଶୁ ନିଜେ ବୁଣାଳୀ ଅଟନ୍ତି - କେହିବି ବାକ୍ୟ ବୁଣିପାରନ୍ତି । | ମୁଁ ଈଶ୍ୱରଙ୍କ ବାକ୍ୟର ଜଣେ ବୁଣାଳୀ ହେବା ଆବଶ୍ୟକ । |
| କେତେକ ବୀଜ ପଡ଼ିଲା ? | ବୀଜ ଈଶ୍ୱରଙ୍କ ବାକ୍ୟ ଅଟେ ପଦ ୧୪ | ମୁଁ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ କରେ । |
| ୧. ବାଟ | ବାଟ ପାଖଭୂଇଁ କଠିଣ - ଏଠାରେ ବୀଜ ଭୂଇଁ ଭେଦ କରିପାରେ ନାହିଁ । | ମୁଁ କଠିଣ ହେବା ଉଚିତ ନୁହେଁ ନତୁବା ବାକ୍ୟ ମୋତେ ଭେଦ କରିବ ନାହିଁ । |
| ପକ୍ଷୀଗୁଡ଼ିକ | ଶୟତାନ ପଦ ୧୫ | |
| ୨. ପଥୁରିଆଭୂମି | ପଦ ୧୬ ମାଟି ଯାହାକି ବିଶୃଙ୍ଖଳିତ ଅଟେ, ଯେଉଁମାନେ ବାକ୍ୟ ଶୁଣନ୍ତି ଓ ଆନନ୍ଦରେ ଗ୍ରହଣ କରନ୍ତି । | |
| ପଦ ୫ ଅଧିକ ମାଟି ନ ଥିବା ଶୀଘ୍ର ଗଜା ହୁଏ । | ଚେର ଗଭୀର ଭାବେ ମାଡେ ନାହିଁ ।<br>କ୍ଷଣକାଳ ସ୍ଥାୟୀ ହେବ କ୍ଳେଶ ଓ ତାଡ଼ନା ଘଟିଲେ - ସେମାନେ ବିଘ୍ନ ପାଆନ୍ତି । | କ୍ଷଣକାଳ ସ୍ଥାୟୀ ହୋଇ ଚେର ନ ମାଡିବାକୁ ମୁଁ ପଥୁରିଆ ଭୂଇଁ ହେବି ନାହିଁ । |
| ୩. କଣ୍ଟକମୟ ଭୂମି | ପଦ ୧୯ = ଏଠାରେ ବୁଣା ଯାଇଥିବା ବାକ୍ୟ ପ୍ରତି ୩ଟି ବିଷୟ ଘଟେ ।<br>୧. ସାଂସରିକ ଚିନ୍ତା<br>୨. ଧନର ମାୟା<br>୩. ଅନ୍ୟ ସମସ୍ତ ବିଷୟର ଲାଳସା<br>ଏପରି ଭୂମିରେ ବାକ୍ୟ ଚାପି ହୋଇଯାଏ । | ସାଂସାରିକ ଚିନ୍ତା, ଧନ, ମୋହ ଏବଂ ଅନ୍ୟ ବିଷୟଗୁଡ଼ିକ ମୋ ଜୀବନରେ ପ୍ରବେଶ କରି ମୋତେ ଫଳହୀନ କରିପାରେ କି ? |
| | ପଦ ୨୦ ଯେଉଁମାନେ ବାକ୍ୟ ଶୁଣନ୍ତି ତାହା ଗ୍ରହଣ କରନ୍ତି ଏବଂ ତିରିଶି ଗୁଣ, ଷାଠିଏ ଗୁଣ ଓ ଶହେ ଗୁଣ ଫଳନ୍ତି, ସେମାନେ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ । | ମୋର ଜୀବନ ଉତ୍ତମ ଭୂମି ସଦୃଶ୍ୟ ହେବା ଉଚିତ ଯେଉଁଠାରେ ମୁଁ ବାକ୍ୟ ଶୁଣି ଗ୍ରହଣ କରେ ଏବଂ ଫଳ ଫଳେ । |

ଗ. ତାଲିକାରୁ ନିରୀକ୍ଷଣ, ବ୍ୟାଖ୍ୟା ଓ ପ୍ରୟୋଗ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ତିଆରି କରନ୍ତି ।

ଉଦାହରଣ :

୧. ଗୋଟିଏ ଦୃଷ୍ଟାନ୍ତ କାହାକୁ ବୁଝାଏ ?

୨. ଦୃଷ୍ଟାନ୍ତକୁ ବିଶଦ୍‌ଭାବେ ବର୍ଣ୍ଣନା କର ।

୩. ବୁଣାଳୀ କିଏ ଅଟନ୍ତି ?

୪. ବୀଜ କ'ଣ ଅଟେ ?

୫. ବୀଜ ପଡ଼ିଥିବା ଚାରି ପ୍ରକାର ଭୂମିର ନାମ ତାଲିକା କର ।

୬. ଭୂମି କାହାକୁ ବୁଝାଉଛି ?

୭. ଯୀଶୁ ଲୋକମାନଙ୍କୁ କେଉଁ ଦୁଇ ଭାଗରେ ବିଭକ୍ତ କଲେ ?

କ) ସେହି ଉଭୟ ଦଳର କ'ଣ ଅଛି ?

ଖ) ସେହି ଉଭୟ ଦଳ କ'ଣ କରନ୍ତି ?

୮. ଉତ୍ତମ ଭୂମି କ'ଣ କରେ ?

୯. ଏହି ଦୃଷ୍ଟାନ୍ତର କଳ୍ପିତ ଉଦ୍ଦେଶ୍ୟ କ'ଣ ଅଟେ ? ଲୋକଙ୍କ ଭିତରେ ମାଟି ସ୍ଥାୟୀ ଅବସ୍ଥାରେ ଥାଏ ନା ସେମାନଙ୍କ ହୃଦୟର ଅବସ୍ଥା ପରିବର୍ତ୍ତିତ ହୋଇପାରେ ?

(ଆବଶ୍ୟକ ନାହିଁ, ଅବସ୍ଥାଗୁଡ଼ିକ ହିଁ ବଦଳି ଯାଏ)

୧୦. ଉତ୍ପାଦନ କରିବାକୁ ଉତ୍ପାଦନକ୍ଷମ ହେବା କିପରି ସମ୍ଭବ ଅଟେ ?

୧୧. ପ୍ରତ୍ୟେକଙ୍କ ନିମନ୍ତେ ଅମଳ ସମାନ ହେବ କି ?

# ସୂଚୀପତ୍ର

**ଏହି ପ୍ୟାକେଟ୍‌ରେ ରହିଛି ................**


| | | ପୃଷ୍ଠା |
|---|---|---|
| ବିଶ୍ୱାସ ସ୍ୱୀକରଣ | ........................ | ୧ |
| ଶିକ୍ଷାଳୟ ଉପଦେଶାବଳୀ | ........................ | ୨ |
| ବ୍ୟକ୍ତିଗତ ବାଇବଲ୍ ଅଧ୍ୟୟନ ତାଲିକା | ........................ | ୩-୪ |
| ବକ୍ତୃତା ଟିପ୍ପଣୀ - ପର୍ଯ୍ୟାୟ ୧ | ........................ | ୫-୬ |

**ପାଠ**

| | | |
|---|---|---|
| ୧) ଯୋହନ ୧୩ | ........................ | ୬ |
| ୨) ମାର୍କ ୬ : ୪୫ - ୫୨ | ........................ | ୮ |
| ୩) ଫିଲୀମୋନ | ........................ | ୮-୯ |
| ୪) ଗୀତ ସଂହିତା ୧୩୯ | ........................ | ୯-୧୦ |
| ୫) ମାର୍କ ୪ : ୧ - ୨୦ | ........................ | ୧୦-୧୧ |
| ୬) ଯିଶାଇୟ ୧ | ........................ | ୧୧-୧୨ |
| ରୂପରେଖ, ଯୀଶାଇୟ ପୁସ୍ତକ | ........................ | ୧୨-୧୩ |
| ରୂପରେଖ, ଗୀତ ସଂହିତା ପୁସ୍ତକ | ........................ | ୧୪ |
| ଅତିରିକ୍ତ ଟିପ୍‌ପଣୀ : | | |
| ୧) ଭବିଷ୍ୟତ ବାଣୀ | ........................ | ୧୪-୧୫ |
| ୨) ଦୃଷ୍ଟାନ୍ତ ମାଳା | ........................ | ୧୫-୨୧ |
| ୩) ଏବ୍ରୀ କାବ୍ୟ କବିତା | ........................ | ୨୨ |

ଗୀତ ଫର୍ଦ୍ଦ

ଖାଲି କାଗଜ ଫର୍ଦ୍ଦ

(ଆଗ୍ରୋହକ୍ରମ ବାଇବଲ ଅଧ୍ୟୟନ) ପ୍ରାକ୍‌ଦୃଷ୍ଟି


**ଅନୁସରଣ ଶିକ୍ଷାଳୟ**

**ପାଳକ ଓ ଖ୍ରୀଷ୍ଟିୟ କାର୍ଯ୍ୟକାରୀମାନଙ୍କ ନିମନ୍ତେ,**

# ବିଶ୍ୱାସ ସ୍ୱୀକରଣ

## ବହୁଳ ସାହାଯ୍ୟ ସେବା ସଂସ୍ଥା ଏସିଆ

## (INTENSIVE CARE MINISTRIES ASIA)

୧. ଆମ୍ଭେମାନେ ବିଶ୍ୱାସ କରୁ ଯେ ସମଗ୍ର ମନୁଷ୍ୟ ଜାତି ନିମନ୍ତେ ଈଶ୍ୱରଙ୍କ ପ୍ରେମ ରହିଛି ; ପୁଣି ତାଙ୍କର ସେହି ପ୍ରେମ ସେ ଯୀଶୁଙ୍କୁ ମନୁଷ୍ୟର ପାପ ନିମନ୍ତେ କ୍ରୁଶରେ ମୃତ୍ୟୁ ଭୋଗ କରିବା ପାଇଁ ପ୍ରେରଣ କଲେ, ପୁଣି ସେ ତୃତୀୟ ଦିବସରେ ପୁନଃରୁଥିତ ହେଲେ ।

**ଅତଏବ :** ଆମ୍ଭେମାନେ ପାପକ୍ଷମା ଏବଂ ଜଣେ ପୁନରୁଥିତ ପ୍ରଭୁଙ୍କୁ ଘୋଷଣା କରୁ ।

୨. ଆମ୍ଭେମାନେ ବିଶ୍ୱାସ କରୁ ଯେ ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।

**ଅତଏବ :** ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବକୁ ଆମ୍ଭେମାନେ ଜୋର ଦେଉଁ ।

୩. ଆମ୍ଭେମାନେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ)କୁ ସୁସଜ୍ଜିତ କରିବା ନିମନ୍ତେ ଈଶ୍ୱର ଆତ୍ମିକ ଦାନ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଉଠାନ୍ତି ଯେପରି ମଣ୍ଡଳୀ ପୂର୍ଣ୍ଣବୟସ୍କ ପୁରୁଷ ହୁଏ ଏବଂ ଖ୍ରୀଷ୍ଟଙ୍କଠାରେ ବୃଦ୍ଧିପ୍ରାପ୍ତ ହୁଏ (ଏଫିସୀ ୪ : ୧୧ - ୧୬)

**ଅତଏବ :** ଆମ୍ଭେମାନେ ଆତ୍ମିକ ଦାନ ପ୍ରାପ୍ତ ଲୋକମାନଙ୍କୁ ଖୋଜି ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ନିମନ୍ତେ ସୁସଜ୍ଜିତ କରୁ ।

୪. ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଶୀଘ୍ର ଆଗମନରେ ବିଶ୍ୱାସ କରୁ ।

**ଅତଏବ :** ଆମ୍ଭେମାନେ ସମସ୍ତ ଜାତି ନିକଟକୁ ଯାଇ ପ୍ରସ୍ତୁତ କରୁ ।

୫. ଆମ୍ଭେମାନେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟଙ୍କ ଠାରେ କେବଳ ଗୋଟିଏ ମାତ୍ର ଶରୀର ଅଛି ଏବଂ ତାଙ୍କ ମଣ୍ଡଳୀରେ ଅନେକ ପ୍ରକାର ବିଭିନ୍ନତା ଥିଲେ ହେଁ, ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଦ୍ୱାରା ଆମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କ ଠାରେ ଏକ ଅଟୁ । (ଏଫିସୀ ୪ : ୪ - ୬)

**ଅତଏବ :** ଆତ୍ମାଙ୍କର ଐକ୍ୟ ରକ୍ଷା କରିବା ନିମନ୍ତେ ଆମ୍ଭେମାନେ ଯତ୍ନବାନ ଅଟୁ ।

# ଦର୍ଶନ ସ୍ୱୀକରଣ

ପ୍ରଚୁର ସାହାଯ୍ୟ ସେବା ସଂସ୍ଥା ଏସିଆ ଜାତୀୟ ପାଳକ ତଥା ଖ୍ରୀଷ୍ଟିୟ କାର୍ଯ୍ୟକାରୀମାନଙ୍କୁ ସେବା କାର୍ଯ୍ୟ ନିମନ୍ତେ ସଜ୍ଜିତ କରାଇବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଛି । ଆମ୍ଭମାନଙ୍କ ଉଦ୍ଦେଶ୍ୟ ଦୁଇ ପ୍ରକାର ଅଟେ : ଯଥା (୧) ଈଶ୍ୱରଙ୍କ ବାକ୍ୟ କିପରି ଅଧ୍ୟୟନ କରିବାକୁ ହେବ ଏହା ସେମାନଙ୍କୁ ଶିକ୍ଷା ଦେବା ଏବଂ (୨) ଧାରାବାହିକ ଭାବେ ବାଇବଲ ଅଧ୍ୟୟନ ଦ୍ୱାରା ସେମାନେ ଯେପରି ସେମାନଙ୍କ ଶ୍ରୋତାମାନଙ୍କୁ ଆତ୍ମିକ ଖାଦ୍ୟ ଯୋଗାଇ ପାରିବେ ଏଥିପାଇଁ ସେମାନଙ୍କୁ ପ୍ରବର୍ତ୍ତନା ଦେବା । ସମଗ୍ର ଏସିଆ ମହାଦେଶରେ ଏହି ତାଲିମ ଦେବା ଆମର ଦର୍ଶନ ଅଟେ । ବର୍ତ୍ତମାନ ଆମ କାର୍ଯ୍ୟର ଲକ୍ଷ୍ୟସ୍ଥଳ ହେଉଛି ଭାରତ ।

# ଉପଦେଶାବଳୀ

## ୨ୟ ସ୍ତର ଶିକ୍ଷାଳୟ

ଏହା ଚାରିଦିବସୀୟ ଅଧ୍ୟୟନ କାଳ ବେଶ୍ ଆନନ୍ଦଦାୟକ ହେବ । ବୋଧହୁଏ ପରିଚୟାତ୍ମକ ଶିକ୍ଷାଳୟ ତୁଳନାରେ ଏହା ଅଧିକ କଠିନ ହେବ । ଏଥିରେ ବହୁଳ ଅଧ୍ୟୟନ ସଂପୃକ୍ତ ରହିବ । କେହି କୌଣସି ଅଧିବେଶନକୁ ହରାନ୍ତୁ ନାହିଁ କାରଣ ଗୋଟିଏ ଅଧିବେଶନର ବିଷୟବସ୍ତୁ ଅନ୍ୟ ଅଧିବେଶନର ବିଷୟବସ୍ତୁକୁ ବୁଝିବାରେ ବିଶେଷ ସାହାଯ୍ୟ କରିବ ।

୧. ସମସ୍ତ ଯୋଗଦାନକାରୀମାନେ ଅଧିବେଶନ ଗୁଡ଼ିକରେ ପ୍ରସ୍ତୁତ ପୂର୍ବକ ଠିକ୍ ସମୟରେ ଆସିବା ଆବଶ୍ୟକ । ପୂର୍ବାହ୍ନ ୭.୪୫ ମି.ରେ ଉପସ୍ଥାନ ଗ୍ରହଣ କରାଯାଇ ଦିନର ସମୟରେ ମଧ୍ୟ ତନଖି କରାଯାଉଥିବ ।

୨. ଯୋଗଦାନକାରୀମାନେ ସେମାନଙ୍କ ଚିହ୍ନିତ ତଫସିଲ ଅନୁଯାୟୀ ଛଅଟି (୬) ଦତ୍ତ କାର୍ଯ୍ୟାବଳୀକୁ ଦାଖଲ କରିବାକୁ ହେବ । ଅଧ୍ୟୟନ ନିମନ୍ତେ ଆପଣଙ୍କୁ ଯଥେଷ୍ଟ ସମୟ ଦିଆଯିବ । ଏହାର ପୂର୍ଣ୍ଣ ଉପଯୋଗ କରନ୍ତୁ ଏବଂ ଅଭ୍ୟାସ ପ୍ରଶ୍ନାବଳୀରୁ ଉପକୃତ ହେବାକୁ ଥିଲେ କାର୍ଯ୍ୟାବଳୀ ଗୁଡ଼ିକରେ ଆପଣଙ୍କ ପ୍ରକୃତ ଚେଷ୍ଟା ଲଗାନ୍ତୁ । ଅବୁଝନୀୟ କୌଣସି ବିଷୟର ସ୍ପଷ୍ଟିକରଣ ନିମନ୍ତେ ଦୟାପୂର୍ବକ ପଚାରନ୍ତୁ ।

୩. ଯେଉଁ ଯୋଗଦାନକାରୀମାନେ <u>ସମସ୍ତ ଅଧିବେଶନ</u> ଗୁଡ଼ିକରେ ଉପସ୍ଥିତ ରହିଥିବେ ଏବଂ <u>ସମସ୍ତ</u> ଦତ୍ତ କାର୍ଯ୍ୟାବଳୀ ଦାଖଲ କରିଥିବେ ସେମାନେ ଗୋଟିଏ ଗୋଟିଏ ଯୋଗଦାନ ସାର୍ଟିଫିକେଟ୍ ପାଇବେ ଏବଂ ଆମର ୩ୟ ସ୍ତର ଶିକ୍ଷାଳୟକୁ ନିମନ୍ତ୍ରିତ ହେବେ ।

୪. ଶିକ୍ଷାଦାନ ସମୟରେ ଛୋଟ ପିଲାମାନେ ପିତାମାତାଙ୍କ ସହିତ ଆସିବା ନିଷେଧ ।

୫. ଯୋଗଦାନକାରୀମାନଙ୍କୁ ନିମ୍ନ ବିଷୟଗୁଡ଼ିକ ଯୋଗାଇ ଦିଆଯିବ ।

କ) **ମୌଳିକ ଖାଦ୍ୟ** : ଖାଦ୍ୟ ସାମଗ୍ରୀ ତାଲିକାର ପ୍ରସ୍ତୁତି ଏକ ରକ୍ଷଣଶୀଳ ବଜେଟ୍ ଅନୁଯାୟୀ ସଂସ୍ଥାଦ୍ୱାରା କରାଯାଇଥାଏ ।

ଖ) **ଶିକ୍ଷା ଉପକରଣ ଏବଂ ଅଧ୍ୟୟନ ସାମଗ୍ରୀଗୁଡ଼ିକ** ମାଗଣାରେ ଦିଆଯିବ ।

ଗ) **ଗୋଟିଏ ପଟର ଯାତ୍ରା ଖର୍ଚ୍ଚ** ।

୬. ରହିବା ବ୍ୟବସ୍ଥା ଆମର ଅତିଥିପାଳକ କିମ୍ବା ପ୍ରସ୍ତାବକ ସଂସ୍ଥାଦ୍ୱାରା କରାଯିବ । ଏ ବିଷୟରେ କାହାର କିଛି ଅସୁବିଧା ହେଲେ ଦୟାପୂର୍ବକ ସଂକୋଚ ନ ହୋଇ ଆମ ଷ୍ଟାଫ୍ ସହିତ ସାକ୍ଷାତ କରନ୍ତୁ, ଆମେ ଆପଣଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବୁ ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ବ୍ୟକ୍ତିଗତ ବାଇବଲ ଅଧ୍ୟୟନ ତାଲିକା

| ରୂପ | କାହାଣୀ ରୂପ (ବର୍ଣ୍ଣନାତ୍ମକ) | ଶିକ୍ଷାଦାୟୀ ଓ ଉତ୍ସାହଦାୟୀ ରୂପ (ପତ୍ରଗୁଡ଼ିକ) | କାବ୍ୟ, ଦୃଷ୍ଟାନ୍ତ, ଭବିଷ୍ୟତ ବାଣୀ ପ୍ରକାଶନ ସୂଚକ ରୂପ |
|---|---|---|---|
| ଉଦାହରଣ | ଘଟଣାବଳୀର ଐତିହାସିକ ବିବରଣ, ଯେପରି : ସୁସମାଚାର ଗୁଡ଼ିକ, ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ, ଆଦି ପୁସ୍ତକ, ଯାତ୍ରାପୁସ୍ତକ, ଗଣନା ପୁସ୍ତକ ଇତ୍ୟାଦି ଏବଂ ପୁରାତନ ନିୟମର ରାଜାମାନଙ୍କ ଲେଖା । | ବିଷୟର ଯୁକ୍ତିଯୁକ୍ତ ବିକାଶ ପାଉଲଙ୍କ - ଗାଲାତୀୟ, ରୋମୀୟ, ପିତର ପତ୍ର ଇତ୍ୟାଦି ପିତର, ଯୋହନ, ଯାକୁବଙ୍କ ଲେଖା ଓ ଯୀଶୁଙ୍କ ଶିକ୍ଷାର କେତେକ ବିବରଣୀ । | ଭାବଗୁଡ଼ିକୁ ବିଭିନ୍ନ ରୂପରେ ପ୍ରକାଶ କରିବାକୁ ଗୀତ ସଂହିତା, ପରମ ଗୀତ, ଯିଶାୟ, ଯିରିମୟ ଏବଂ ଯୀଶୁଙ୍କ ଦୃଷ୍ଟାନ୍ତଗୁଡ଼ିକ ଇତ୍ୟାଦି । |
| ରୂପଗୁଡ଼ିକର ମୁଖ୍ୟ ବୈଶିଷ୍ଟ୍ୟ | ଲୋକ, ସ୍ଥାନ, ଘଟଣା ଓ ଭାବପ୍ରବଣତା | ଭାବ, ଶବ୍ଦ, କ୍ରିୟା, ବିଷୟ, ଲକ୍ଷ୍ୟ ଓ ଶାସ୍ତ୍ରାଂଶ ଗୁଡ଼ିକର ସଜ୍ଜିକରଣ । | ସଙ୍କେତ, ସମାନ୍ତର ଓ ଉପମାଗୁଡ଼ିକ ଦେଖନ୍ତୁ । ଛବିଭାଷା |
| ଶାସ୍ତ୍ର | ପଚାରନ୍ତୁ :<br>କିଏ ?<br>କ'ଣ ?<br>କେତେବେଳେ ?<br>କେଉଁଠାରେ ?<br>କିପରି ?<br>ଘଟଣା ପୁଣିଥରେ କହନ୍ତୁ ।<br><br>ଚରିତ୍ର ଗୁଡ଼ିକରେ ଥିବା ସଂପର୍କ ବାହାର କରନ୍ତୁ । ଭାବପ୍ରବଣତା ଗୁଡ଼ିକୁ ଅନୁଭବ କରିବାକୁ ଚେଷ୍ଟା କରନ୍ତୁ ।<br><br>ପ୍ରତ୍ୟେକ ଚରିତ୍ରରେ ଆପଣାକୁ ରଖନ୍ତୁ ।<br><br>ଆପଣ କ'ଣ ଦେଖୁଛନ୍ତି ?<br>ଅନୁଭବ କରୁଛନ୍ତି ?<br>ଚିନ୍ତା କରୁଛନ୍ତି ? | ଶାସ୍ତ୍ରାଂଶ ଗୁଡ଼ିକରେ ଥିବା ଭାବ ଗୁଡ଼ିକର ବିକାଶକୁ ରୂପ ରେଖିତ କରନ୍ତୁ । ପୁନରୋକ୍ତି ହୋଇଥିବା ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରନ୍ତୁ । ଏଗୁଡ଼ିକ ପାଇଁ ଦେଖନ୍ତୁ :<br>ତୁଳନାତ୍ମକ ଶବ୍ଦ<br>ବିରୁଦ୍ଧାତ୍ମକ ଶବ୍ଦ<br>ସ୍ଥାନାନ୍ତର ଶବ୍ଦ<br>ଏଭଳି :<br>ସେଥିପାଇଁ<br>କାରଣ<br>ନିମନ୍ତେ<br>ଯେହେତୁ<br><br>ସଂପୂର୍ଣ୍ଣ ବିଷୟକୁ ବୁଝିବା ନିମନ୍ତେ ପ୍ରତ୍ୟେକ ଶବ୍ଦର ପ୍ରାଧାନ୍ୟତା ରହିଛି । | ଏବ୍ରୀ କବିମାନେ ସମାନ୍ତରାଳ ଗୁଡ଼ିକ ବ୍ୟବହାର କରୁଥିଲେ । ଗୋଟିଏ ଭାବ ଦୁଇ ପ୍ରକାର ଭିନ୍ନ ଅର୍ଥ ପ୍ରକାଶ କରୁଥିଲା ହିତୋପଦେଶରେ ମନୁଷ୍ୟର ଆଚରଣକୁ ପ୍ରକୃତିରେ ଥିବା କୌଣସି ବିଷୟ ସହ ତୁଳନା କରାଯାଏ ।<br>ଉଦାହରଣ ହିତୋ ୫ : ୩<br><br>ଦୃଷ୍ଟାନ୍ତ କଳାର ଏକ ରୂପ ଅଟେ ।<br><br>ଯେଉଁମାନେ ଶୁଣିବାକୁ ଅନିଚ୍ଛୁକ ଥିଲେ ସେମାନଙ୍କ ଠାରୁ ଯୀଶୁ ଜାଣିଶୁଣି ମୃତ୍ୟୁକୁ ଗୁପ୍ତ କରି ରଖୁଥିଲେ ।<br><br>ଭବିଷ୍ୟତବାଣୀ ସୂଚକ ପ୍ରକାଶନ ଈଶ୍ୱର ନିଃସୃତ ଭବିଷ୍ୟତ ଓ ବର୍ତ୍ତମାନ ଘଟଣା ସମ୍ବନ୍ଧୀୟ ପ୍ରକାଶନ ସମ୍ବନ୍ଧରେ କହେ । |

# ବ୍ୟକ୍ତିଗତ ବାଇବଲ ଅଧ୍ୟୟନ ତାଳିକା

**ପୂର୍ବ ପ୍ରଶ୍ନ ପରି ତିନି ପ୍ରକାର ରୂପର ବ୍ୟାଖ୍ୟା ନିମନ୍ତେ ସମାନ ପ୍ରକାର ସରଞ୍ଜାମ ଗୁଡ଼ିକ ବ୍ୟବହୃତ ହେବ ।**

ମୂଳ ଶ୍ରୋତା ନିମନ୍ତେ ଶାସ୍ତ୍ରାଂଶର ଶିକ୍ଷା କ'ଣ ଥିଲା ତାହା ନିର୍ଣ୍ଣୟ କରିବା ଏହାର ଉଦ୍ଦେଶ୍ୟ ଅଟେ ।

୧. ଏ ପ୍ରକାର ଲେଖିବାର ଲେଖକଙ୍କ ଉଦ୍ଦେଶ୍ୟ କ'ଣ ଅଟେ ?

ଦେଖନ୍ତୁ

ଅନୁଭବ କରନ୍ତୁ

ଚିନ୍ତା କରନ୍ତୁ

୨. ସେ କାହିଁକି ଏହା ଲେଖନ୍ତି ?

୩. ବାଇବଲ ସଂସ୍କୃତି ସମୟର ଶ୍ରୋତାମାନଙ୍କ ନିମନ୍ତେ ଏହାର ଅର୍ଥ କ'ଣ ହେବ ?

କ) ଏ ପ୍ରକାର ଚିନ୍ତାର କାରଣ କ'ଣ ଅଟେ ?

ଖ) ଲେଖକ କାହିଁକି ଏହା ବ୍ୟବହାର କରିଛନ୍ତି ?

ଗ) ସେ ଏହା ବଦଳେ ଅନ୍ୟ ଶବ୍ଦ ବ୍ୟବହାର କରିପାରିଥାନ୍ତେ କି ?

ଘ) ଭାବର ଅର୍ଥ କ'ଣ ଅଟେ ?

ଙ) ପୂର୍ବବର୍ତ୍ତୀ ଘଟଣାବଳୀର ଭାବ ସହ ଏହି ଭାବର ସମ୍ବନ୍ଧ କ'ଣ ?

ଚ) ଏଠାରେ ପୂର୍ବାପର ପ୍ରସଙ୍ଗ ମୁଖ୍ୟ ଅଟେ ।

---

**ତିନି ପ୍ରକାର ପ୍ରୟୋଗ ନିମନ୍ତେ ସମାନ ପ୍ରକାର ସରଞ୍ଜାମ ଗୁଡ଼ିକ ବ୍ୟବହୃତ ହେବ ।**

୧. ଶିକ୍ଷାପାଇଁ ପବିତ୍ର ଆତ୍ମାଙ୍କୁ ନିବେଦନ । ୧ମ କରି ୨ : ୯ - ୧୬ ।

୨. ମୁଖ୍ୟ ବିଷୟକୁ ଆପଣଙ୍କ ଜୀବନରେ ନିମ୍ନ ପ୍ରକାରେ ପ୍ରୟୋଗ କରନ୍ତୁ :

ମୁଁ / ଆମ୍ଭେମାନେ ଅନୁସରଣ କରିବା ନିମନ୍ତେ କୌଣସି ଉଦାହରଣ ରହିଛି କି ?

ମୁଁ / ଆମ୍ଭେମାନେ ପରିତ୍ୟାଗ କରିବା ନିମନ୍ତେ କୌଣସି ପାପ ରହିଛି କି ?

ମୁଁ / ଆମ୍ଭେମାନେ ଉପେକ୍ଷା କରିବା ନିମନ୍ତେ କୌଣସି ଭୁଲ ରହିଛି କି ?

ମୁଁ / ଆମ୍ଭେମାନେ ଦାବୀ ପାଳନ କରିବା ନିମନ୍ତେ କୌଣସି ପ୍ରତିଜ୍ଞା ରହିଛି କି ?

ମୁଁ / ଆମ୍ଭେମାନେ ପାଳନ କରିବା ନିମନ୍ତେ କୌଣସି ଆଦେଶ ରହିଛି କି ?

୩. ତେବେ କ'ଣ ?

ଏ ବିଷୟ କରିବା ନିମନ୍ତେ ମୁଁ କି ଯୋଜନା କରେ ?

ଏହା ମୋ ଜୀବନରେ କି ପରିବର୍ତ୍ତନ ଆଣିଦେବ ?

କେଉଁ ନିର୍ଦ୍ଦିଷ୍ଟ ଯୋଜନା ମୁଁ କରିପାରେ ? ନିର୍ଦ୍ଦିଷ୍ଟ ହୁଅନ୍ତୁ - ବ୍ୟବହାରିକ ଉଦାହରଣ ଦିଅନ୍ତୁ ।

# ବକ୍ତୃତା ଟିପ୍ପଣୀ ପର୍ଯ୍ୟାୟ - ୧

**ଆଗ୍ରୋହକ୍ରମ ବାଇବଲ ଅଧ୍ୟୟନ ପ୍ରଣାଳୀ**
**ବାଇବଲର ଏକ ଅଂଶକୁ ରୂପରେଖିତ କରିବା**
**ସାଧାରଣ ଭାବ**
**ଗୋଟିଏ ପତ୍ରକୁ ରୂପରେଖିତ କରିବା**
**ଅନ୍ୟ ରୂପଗୁଡ଼ିକୁ ରୂପରେଖିତ କରିବା**
**ବାଇବଲର ଏକ ଅଂଶକୁ ତାଲିକାକରଣ କରିବା**
**ସାଧାରଣଭାବ**
**ଏକ ତାଲିକାକରଣର ଏକ ଉଦାହରଣ**

## ୧. ଆଗ୍ରୋହକ୍ରମ ବାଇବଲ ଅଧ୍ୟୟନ ପ୍ରଣାଳୀ

(ନିରୀକ୍ଷଣ - ବ୍ୟାଖ୍ୟା - ପ୍ରୟୋଗ ପ୍ରଣାଳୀ ଭାବେ ମଧ୍ୟ ପରିଚିତ)

ଆଗ୍ରୋହକ୍ରମ ବାଇବଲ ଅଧ୍ୟୟନ ପ୍ରଣାଳୀ ଅନେକ ବର୍ଷ ଧରି ବ୍ୟବହୃତ ହୋଇଛି ଏବଂ ବହୁ ଫଳପ୍ରଦ ବୋଲି ପ୍ରମାଣିତ ହୋଇଛି । ଏହା ବସ୍ତୁମୂଳକ ଏବଂ କୌଣସି ବିଷୟ ବସ୍ତୁ ପ୍ରତି ନିରପେକ୍ଷ ଅଟେ । ଅବାରୋହକ୍ରମ ପ୍ରଣାଳୀ ସାଧାରଣତଃ ଭୂମିକାରୁ କିମ୍ବା କୌଣସି ଗୋଟିଏ ଭାବରୁ ଆରମ୍ଭ ହୋଇ ସେଥିରେ ଥିବା ଭାବକୁ ବିଭିନ୍ନ ବିଷୟ ଦ୍ୱାରା ପ୍ରମାଣ କରିବାକୁ ଗତି କରେ । କିନ୍ତୁ ଏହାର ବିପରୀତ ଭାବେ ଆରୋହକ୍ରମ ପ୍ରଣାଳୀ କେବେ ଭୂମିକା ବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ଆରମ୍ଭ ହୁଏ ନାହିଁ । ଏହା ସିଧାସଳଖ ପାଠମଧ୍ୟକୁ ଚାଲିଆସେ ସେଥିରେ କ'ଣ କୁହାଯାଇଛି ତାହା ଆବିଷ୍କାର କରେ । ଆରୋହକ୍ରମ ପ୍ରଣାଳୀ ଯତ୍ନପୂର୍ବକ ନିରୀକ୍ଷଣ ଦ୍ୱାରା ବିଷୟ ବସ୍ତୁରେ ଥିବା ସତ୍ୟକୁ ଆବିଷ୍କାର କରିବାକୁ ଚେଷ୍ଟା କରେ ଏବଂ ପରେ ଲେଖକଙ୍କ ଭାବ କ'ଣ ତାହା ବୁଝିବା ପାଇଁ ସେହି ସତ୍ୟଗୁଡ଼ିକର କେତେକ ବ୍ୟାଖ୍ୟା କରେ । ତୃତୀୟ ପଦକ୍ଷେପ ପ୍ରଥମେ ସାଧାରଣ ଭାବେ ପ୍ରୟୋଗ କରି ତାପରେ ବ୍ୟକ୍ତିଗତ ପ୍ରୟୋଗ ଆଡ଼କୁ ଗତି କରେ ।

## ୨. ରୂପରେଖ କରଣ

ରୂପରେଖ କରଣ ଉଦ୍ଦେଶ୍ୟ ହେଲା, ବିଷୟବସ୍ତୁକୁ ବହୁ ଯତ୍ନ ସହକାରେ ପରୀକ୍ଷା କରିବାକୁ ଆରମ୍ଭ କରିବା । ଗୋଟିଏ ବିଷୟ ବସ୍ତୁକୁ ରୂପରେଖ କରିବାକୁ ଅନେକ ଭିନ୍ନ ଭିନ୍ନ ପନ୍ଥା ଅଛି, କିନ୍ତୁ ଉପସ୍ଥାପିତ ହେଉଥିବା, ବିଷୟ ବସ୍ତୁର ଭାବ ଗୁଡ଼ିକୁ ଖଣ୍ଡ ଖଣ୍ଡ କରିବା ଏହାର ଉଦ୍ଦେଶ୍ୟ ଅଟେ । ବିଷୟ ବସ୍ତୁରେ ଉପସ୍ଥାପିତ ହୋଇଥିବା ପ୍ରତ୍ୟେକ ଭାବକୁ ସ୍ୱଚ୍ଛ ଭାବେ ବୁଝିବା ପାଇଁ ସେଗୁଡ଼ିକୁ ଅଲଗା ଅଲଗା କରିବାକୁ ପଡ଼ିବ ।

**କ) ପତ୍ର ରୂପରେଖ କରଣ** - ଗୋଟିଏ ଚିଠି ଭଳି ଅଧିକାଂଶ ପତ୍ର ଏକ ଯୌକ୍ତିକ କ୍ରମକୁ ଅନୁସରଣ କରିଥାନ୍ତି ।

୧. **ପରିଚୟକରଣ** - ପତ୍ରର ଅଳ୍ପ କେତେକ ପଦ ପରିଚୟକରଣ ତଥା ନମସ୍କାର ଜ୍ଞାପନ ସମ୍ବନ୍ଧୀୟ ହୋଇଥିବ ।

୨. **ସାରାଂଶ ଉକ୍ତି** - (ପତ୍ର ଲେଖିବାର କାରଣ) ଆପଣ ସବୁବେଳେ ଦେଖିବେ ଯେ, ଏକରୁ ତୃତୀୟ ପଦ ମଧ୍ୟରେ ଲିଖନର ଉଦ୍ଦେଶ୍ୟ ରହିଥିବ । ଏହା ପ୍ରାୟ ସବୁବେଳେ ପରିଚୟକରଣ, ନମସ୍କାର ଜ୍ଞାପନ ଓ ଧନ୍ୟବାଦ ଅର୍ପଣ ପରେ ହିଁ ଆସିଥାଏ । ପତ୍ରର ଉଦ୍ଦେଶ୍ୟ ପ୍ରତି ଧ୍ୟାନ ଦିଅନ୍ତି । ଏହି ପତ୍ର କାହିଁକି ଲେଖାଯାଉଛି ?

୩. **ମୁଖ୍ୟ ଶିକ୍ଷା** - ଏଠାରେ ପତ୍ରର କେନ୍ଦ୍ର ବିଷୟ ଦେଖିବାକୁ ମିଳେ । ଆପଣ ଗୁଡ଼ିଏ ପଦ ଗୁଡ଼ିକ ଦ୍ୱାରା ବିଭିନ୍ନ ପ୍ରସଙ୍ଗ ଗୁଡ଼ିକ ବିକଶିତ ହେଉଥିବା ଦେଖିବେ । ଉଦାହରଣ ସ୍ୱରୂପ, ପଦ ୫ - ୧୦ ପ୍ରେମ ବିଷୟରେ କୁହେ ଓ ପଦ ୧୧ - ୧୬ ବିଚାର ବିଷୟରେ କୁହେ, ଇତ୍ୟାଦି ।

୪. **ସମାପ୍ତି** - ବିଷୟ ବସ୍ତୁ ସବୁବେଳେ କେତେକ ଶେଷ ପଦ ସହ ସମାପ୍ତ ହୋଇଥାଏ । ବେଳେବେଳେ ଏଗୁଡ଼ିକୁ ଆମ୍ଭମାନଙ୍କ ମଣ୍ଡଳୀରେ ଆଶୀର୍ବାଦ ବାକ୍ୟଭାବେ ଆମ୍ଭେମାନେ ବ୍ୟବହାର କରିଥାଉ ।

**ଖ. ପତ୍ରରୂପରେଖ କରଣ**

ଉଦାହରଣ : ତିତସ ପତ୍ର

| | | | |
|---|---|---|---|
| ୧. | ପରିଚୟକରଣ | ପଦ ୧ : ୧ - ୪ | ପାଉଲ ତିତସଙ୍କୁ ଲେଖନ୍ତି |
| ୨. | ସାରାଂଶ ଉକ୍ତି (ଲେଖନ ଉଦ୍ଦେଶ୍ୟ) | ପଦ ୧ : ୧ - ୫ | (ଦୁଇ ପ୍ରକାର) ସେବା କାର୍ଯକୁ ଶୃଙ୍ଖଳିତ କରିବା ଓ ପ୍ରାଚୀନମାନଙ୍କୁ ନିଯୁକ୍ତ କରନ୍ତି । |
| ୩. | ମୁଖ୍ୟ ଶିକ୍ଷା | ପଦ ୧ : ୬ - ୩ : ୧୪ | ପ୍ରାଚୀନମାନଙ୍କୁ ନିଯୁକ୍ତି କରିବା ଓ ମଣ୍ଡଳୀକୁ ଶୃଙ୍ଖଳିତ କରିବା । |

ତିନୋଟି ମୁଖ୍ୟଭାବ :

କ) ପଦ ୧ : ୬ - ୧୬ ପ୍ରାଚୀନମାନଙ୍କ ଯୋଗ୍ୟତା ଓ କାର୍ଯ୍ୟ

ଖ) ପଦ ୨ : ୧ - ୩ : ୧୧ ମଣ୍ଡଳୀରେ ଖ୍ରୀଷ୍ଟିୟ କର୍ତ୍ତବ୍ୟ ଓ ଉତ୍ତମ ଧର୍ମ ଶିକ୍ଷା

ଗ) ପଦ ୩ : ୧୨ - ୧୪ ବ୍ୟକ୍ତିଗତ ଚିନ୍ତା

୪. ସମାପ୍ତି

**ଗ. ରୂପରେଖ କରଣର ଦ୍ୱିତୀୟ ପ୍ରଣାଳୀ**

ଦ୍ୱିତୀୟ ରୂପରେଖ କରଣ ପ୍ରଣାଳୀ ବାଇବଲର ଯେ କୌଣସି ପୁସ୍ତକ ନିମନ୍ତେ ବ୍ୟବହୃତ ହୋଇପାରେ । ଆପଣ କେବଳ ବିଷୟବସ୍ତୁକୁ ପଢ଼ିଯାଆନ୍ତୁ ଏବଂ ଭାବଗୁଡ଼ିକ ଉପସ୍ଥାପିତ ହେଉଥିବା ଲକ୍ଷ୍ୟ କରନ୍ତୁ । ମନେ ରଖନ୍ତୁ ଯେ କେବଳ ପତ୍ରଗୁଡ଼ିକରେ ହିଁ ପରିଚୟ କରଣ, ସଂକ୍ଷିପ୍ତ ସାରମର୍ମ ବିବରଣ, ମୁଖ୍ୟଶିକ୍ଷା ଓ ସମାପ୍ତି ରହିଥିବ । ଆପଣଙ୍କର ଅଧିକାଂଶ ବାଇବଲ ବିଷୟ ବସ୍ତୁ ଏହି ପ୍ରଣାଳୀ ଆବଶ୍ୟକ କରେ ନାହିଁ; ଏଣୁ ଆପଣ ନିମ୍ନ ପ୍ରଣାଳୀଟିକୁ ବ୍ୟବହାର କରିପାରନ୍ତି । ଯତ୍ନପୂର୍ବକ ବିଷୟ ବସ୍ତୁରୁ ଭାବ ଆହୋରଣ କରିବାକୁ ପଢ଼ିଯାଆନ୍ତୁ । ମୁଖ୍ୟ ପ୍ରସଙ୍ଗ ଆହୋରଣ କରିବାକୁ ଚେଷ୍ଟା କରନ୍ତୁ ।

ଉଦାହରଣ : ଗୀତ ସଂହିତା ୧୨୮ ପର୍ବ

ପ୍ରସଙ୍ଗ : ସଦା ପ୍ରଭୁ ବିଷୟକ ଭୟ ଉତ୍ତମ

୧. ପଦ ୧ - ୪ ଈଶ୍ୱରଙ୍କୁ ଭୟ କରିବାର ଫଳ

୨. ପଦ ୫ - ୬ ଚଞ୍ଚଳ ଫଳାଫଳ

# ୩. ତାଲିକାପ୍ରସ୍ତୁତି କରଣ

ପରେ ବିଷୟବସ୍ତୁକୁ ରୂପରେଖିତ କରିସାରିବା ପରେ ତାଲିକା ପ୍ରସ୍ତୁତି କରଣ ଦ୍ୱାରା ଆପଣ ତାକୁ ପୁଣି ପୃଥକ ୨ ଭାବେ ଖଣ୍ଡ କରିବା ପାଇଁ ପ୍ରସ୍ତୁତ ହୋଇଯିବେ । ଆମର ସମଗ୍ର ନିରୀକ୍ଷଣ - ବ୍ୟାଖ୍ୟା - ପ୍ରୟୋଗ ଧାରାରେ ବିଷୟବସ୍ତୁକୁ ଯତ୍ନପୂର୍ବକ ଖୋଜି ବାହାର କରିବାକୁ ତାଲିକା ପ୍ରସ୍ତୁତି କରଣ ବ୍ୟବହୃତ ହୋଇଥାଏ ।

ଏହା କିପରି କାର୍ଯ୍ୟ କରେ ତାହା ଦର୍ଶାଇବା ନିମନ୍ତେ ନିମ୍ନରେ ଗୋଟିଏ ଉଦାହରଣ ଦିଆଗଲା ।

**ଫିଲୀପୀୟ ୧ : ୧ - ୬**

(ଏହା କେବଳ ଗୋଟିଏ ଉଦାହରଣ ଅଟେ )

| ନିରୀକ୍ଷଣ (ବିଷୟବସ୍ତୁର ବାସ୍ତବତା ଲେଖନ୍ତୁ) | ବ୍ୟାଖ୍ୟା (ଏଠାରେ ଅର୍ଥ ବୁଝାଇ ଦିଅନ୍ତୁ) | ପ୍ରୟୋଗ (ସାଧାରଣ ତଥା ନିର୍ଦ୍ଦିଷ୍ଟ ପ୍ରୟୋଗ କରନ୍ତୁ) |
|---|---|---|
| ୧. ଭାବ ପଦ ୧ - ୨ ଏହି ପଦଗୁଡ଼ିକ ପତ୍ରର ପରିଚୟକରଣ ଅଟେ । | ପ୍ରାୟ ସମସ୍ତ ପତ୍ରରେ ଗୋଟିଏ ୨ ପରିଚୟକରଣ ଅଛି । | ଏଠାରେ କୌଣସି ପ୍ରୟୋଗର ପ୍ରୟୋଜନ ନାହିଁ । |
| ପଦ ୧ ପାଉଲ ଓ ତୀମଥି | ପାଉଲ ଏହି ପତ୍ରର ଲେଖକ, କିନ୍ତୁ ତୀମଥିଙ୍କ ନାମ ଅନ୍ତର୍ଭୁକ୍ତ କରନ୍ତି । | |
| ଯୀଶୁଖ୍ରୀଷ୍ଟଙ୍କ ଦାସ | ଯୀଶଙ୍କ ସେବା କରିବାକୁ ସେ ଜୀବିତ ଅଛନ୍ତି ବୋଲି ପାଉଲ ଚିହ୍ନନ୍ତି । | ମୁଁ / ଆମ୍ଭେମାନେ ଯୀଶୁଙ୍କ ସେବକ ହେବାକୁ ଇଚ୍ଛା କରୁ କିନ୍ତୁ କିପରି ? |

| ନିରୀକ୍ଷଣ (ବିଷୟବସ୍ତୁର ବାସ୍ତବତା ଲେଖନ୍ତୁ) | ବ୍ୟାଖ୍ୟା (ଏଠାରେ ଅର୍ଥ ବୁଝାଇ ଦିଅନ୍ତୁ) | ପ୍ରୟୋଗ (ସାଧାରଣ ତଥା ନିର୍ଦ୍ଦିଷ୍ଟ ପ୍ରୟୋଗ କରନ୍ତୁ) |
|---|---|---|
| ଖ୍ରୀଷ୍ଟଯୀଶୁଙ୍କଠାରେ ଥିବା ସାଧୁମାନେ | ପାଉଲ ବିଶ୍ୱାସୀମାନଙ୍କୁ ଲେଖୁଛନ୍ତି । ସାଧୁ ଗୋଟିଏ ମୂର୍ତ୍ତି ନୁହେଁ, ମାତ୍ର ପୁନର୍ଜନ୍ମ ପ୍ରାପ୍ତ ହୋଇଥିବା ଜଣେ ବ୍ୟକ୍ତି ଅଟେ । | ୧) ସେବକର ମନୋଭାବ ପୋଷଣ କରନ୍ତୁ । ୨) ସଣ୍ଡେ ସ୍କୁଲରେ ଶିକ୍ଷା ଦିଅନ୍ତୁ । ୩) ମଣ୍ଡଳୀର ସ୍ୱେଚ୍ଛାସେବକ ହୁଅନ୍ତୁ । ଯୀଶୁ ମୋ ଜୀବନରେ ଥିବା ହେତୁ ମୁଁ ଜଣେ ସାଧୁ ; ଏଣୁ ପବିତ୍ର ଓ ଖ୍ରୀଷ୍ଟଙ୍କ ପରି ଜୀବନ କାଟିବି । |
| ପଦ ୨ ଅନୁଗ୍ରହ ଓ ଶାନ୍ତି | ପରସ୍ପର ନମସ୍କାର ଜ୍ଞାପନ ନିମନ୍ତେ ବ୍ୟବହୃତ ପଦ ଏବଂ ପାଉଲଙ୍କ ପତ୍ରଗୁଡ଼ିକର ସ୍ୱତନ୍ତ୍ର ଚିହ୍ନ । ଅନୁଗ୍ରହ - ଈଶ୍ୱରଙ୍କଠାରୁ ଦୟା ଶାନ୍ତି - ଆମ ହୃଦୟ ଭୟ ଓ ଚିନ୍ତାରୁ ମୁକ୍ତି । | |
| ୨ ଭାବଯୁକ୍ତ ପଦ ୩ - ୬ ପତ୍ରର ଉଦ୍ଦେଶ୍ୟ ଜଣାଇବା ନିମନ୍ତେ ଏଗୁଡ଼ିକ ସଂକ୍ଷିପ୍ତ ସାରବାକ୍ୟ ଅଟେ । ପଦ ୪ ଆନନ୍ଦର ସହିତ ପ୍ରାର୍ଥନା । | ପରିସ୍ଥିତି ହେତୁ ନୁହେଁ, ମାତ୍ର ଜୀବନରେ ଖ୍ରୀଷ୍ଟଙ୍କ କାର୍ଯ୍ୟ ହେତୁ ପାଉଲ ଅତ୍ୟନ୍ତ ଆନନ୍ଦିତ ଥିଲେ । | ମୁଁ ଭୟରେ ଜୀବନ କାଟିବି ନାହିଁ । ତାଙ୍କ ଅନୁଗ୍ରହ ଓ ଶାନ୍ତି ମୋ ଜୀବନକୁ ଚିହ୍ନିତ କରିବ । ପରିସ୍ଥିତିକୁ ଖାତିରି ନ କରି ମୋ ଜୀବନରେ ଖ୍ରୀଷ୍ଟ କାର୍ଯ୍ୟ ରତ ଥିବାରୁ ମୁଁ ଆନନ୍ଦିତ ହୋଇ ରହିପାରେ । |

# ଯୋହନ ୧୩ : ୧ - ୨୦

୧. ବିଷୟବସ୍ତୁକୁ ବାରମ୍ବାର ପଢ଼ନ୍ତୁ ।
୨. ଏହି କାହାଣୀର ମୁଖ୍ୟ ବିଷୟବସ୍ତୁ କ'ଣ ଅଟେ ?
୩. ନିରୀକ୍ଷଣ, ବ୍ୟାଖ୍ୟା ଓ ପ୍ରୟୋଗ ସମ୍ବନ୍ଧୀୟ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**ପ୍ରଶ୍ନ**

୧. କି ଘଟଣା ଆଗକୁ ଘଟିବାକୁ ଥିଲା ?
୨. ନିସ୍ତାର ପର୍ବର ଭୋଜ କ'ଣ ଅଟେ ?
୩. ୧ ପଦ ଅନୁଯାୟୀ ଯୀଶୁ ନିଜ ବିଷୟରେ କ'ଣ ଜାଣିଥିଲେ ?
୪. ଯୀଶୁ ଶିଷ୍ୟମାନଙ୍କୁ କେତେ ପ୍ରେମ କରୁଥିଲେ ?
୫. ଯିହୂଦା କ'ଣ ଏହି ପ୍ରେମର ଅନ୍ତର୍ଭୁକ୍ତ ଥିଲା ?
୬. ଯିଏ ତାକୁ ବିଶ୍ୱାସଘାତକ ହେବାକୁ ଯାଉଥିଲା ତାକୁ ଯୀଶୁ କିପରି ପ୍ରେମ କରିପାରିଲେ ?
୭. ଯୀଶୁ ଆପଣା ବିଷୟରେ ଜାଣିଥିବା ସତ୍ୟଗୁଡ଼ିକର ଏକ ତାଲିକା କର ।
୮. ଯୀଶୁ କାହିଁକି ଶିଷ୍ୟମାନଙ୍କ ପାଦ ଧୋଇଦିଅନ୍ତି ?
୯. ପାଦ ଧୋଇଦେବା କାର୍ଯ୍ୟ ସାଧାରଣତଃ କାହାର ଅଟେ ?
୧୦. ଯୀଶୁ ପିତରଙ୍କ ପାଦ ଧୋଇ ଦେଉଥିବା ସମୟରେ ତାଙ୍କ ପ୍ରତିକ୍ରିୟା କ'ଣ ଥିଲା ?
୧୧. ଯୀଶୁ ତାଙ୍କ ପାଦ ଧୋଇ ନ ଦିଅନ୍ତି ବୋଲି ସେ କାହିଁକି ଇଚ୍ଛା କରନ୍ତି ?
୧୨. ପଦ ୯ରେ ଯୀଶୁଙ୍କ ଉତ୍ତରରେ ପିତରଙ୍କ ପ୍ରତିକ୍ରିୟା କ'ଣ ହେଲା ?
୧୩. ଯୀଶୁଙ୍କ ଅର୍ଥ କ'ଣ ଥିଲା, ତାହା ବର୍ଣ୍ଣନାରେ ପଦ ୧୦ ?
୧୪. ୧୨ ପଦର ଯୀଶୁଙ୍କ ପ୍ରଶ୍ନର ଉତ୍ତର ଆପଣ କିପରି ଦେବେ ?
୧୫. ପରସ୍ପରର ପାଦ ଧୋଇଦେବାକୁ ଉଚିତ ବୋଲି ଯୀଶୁ କାହିଁକି କହନ୍ତି ? ଆକ୍ଷରିକ ଭାବେ ଏହା କରିବାକୁ ସେ କହନ୍ତି କି ?
୧୬. ଯୀଶୁଙ୍କ ସେହି କଥାର ଅର୍ଥ କ'ଣ ଥିଲା ପଦ ୧୬ ?
୧୭. କେବଳ ବିଷୟଗୁଡ଼ିକୁ ଜାଣିବା ଯଥେଷ୍ଟ ନୁହେଁ କାହିଁକି ? (ପଦ ୧୭)
୧୮. କାହା ବିଷୟରେ ଯୀଶୁ କହୁଛନ୍ତି ? (ପଦ ୧୮)
୧୯. ଦୟାପୂର୍ବକ ବ୍ୟାଖ୍ୟା କରନ୍ତୁ ।
୨୦. ଏହି ପାଠର ମୁଖ୍ୟ ଶିକ୍ଷାଗୁଡ଼ିକ ଦୟାପୂର୍ବକ ପ୍ରୟୋଗ କରନ୍ତୁ ।
କ) ସାଧାରଣ ପ୍ରୟୋଗ କ'ଣ ହେବ ?
ଖ) କେଉଁ ନିର୍ଦ୍ଦିଷ୍ଟ ବିଷୟ ଆପଣ କରିପାରିବେ ?

# ମାର୍କ ୬ : ୪୫ - ୫୨

(ପାଠ)

୪୫. ସେହିକ୍ଷଣି ସେ ଆପଣା ଶିଷ୍ୟମାନଙ୍କୁ ନୌକାରେ ଚଢ଼ି ବେଥସାଇଦା ଆଡ଼କୁ ଅପରପାରିକି ଆଗରେ ଯିବାପାଇଁ ବଳାଇଲେ, ପୁଣି ସେ ଇତି ମଧ୍ୟରେ ଲୋକସମୂହକୁ ବିଦାୟ ଦେଲେ ।

୪୬. ସେମାନଙ୍କଠାରୁ ବିଦାୟ ନେଲା ଉତ୍ତାରେ ସେ ପ୍ରାର୍ଥନା କରିବା ନିମନ୍ତେ ପର୍ବତକୁ ଗଲେ ।

୪୭. ସନ୍ଧ୍ୟା ହେବା ପରେ ନୌକାଟି ସମୁଦ୍ରର ମଧ୍ୟ ଭାଗରେ ଥିଲା ଓ ସେ ସ୍ଥଳରେ ଏକାକୀ ଥିଲେ ।

୪୮. ପ୍ରତିକୂଳ ବାୟୁ ହେତୁ ସେମାନଙ୍କୁ ନୌକା ବାହିବାରେ କଷ୍ଟ ପାଉଥିବା ଦେଖି ସେ ପ୍ରାୟ ରାତ୍ରିର ଚତୁର୍ଥ ପ୍ରହରରେ ସମୁଦ୍ର ଉପରେ ଚାଲି ସେମାନଙ୍କ ପାଖକୁ ଆସିଲେ, ଆଉ ସେମାନଙ୍କ ପାଖ ଦେଇ ଆଗକୁ ଚାଲିବା ପାଇଁ ଉଦ୍ୟତ ଥିଲେ ।

୪୯. କିନ୍ତୁ ସେମାନେ ତାହାଙ୍କୁ ସମୁଦ୍ରଉପରେ ଚାଲିବା ଦେଖି ଭୂତ ବୋଲି ଭାବି ଚିତ୍କାର କଲେ,

୫୦. କାରଣ ସେମାନେ ତାହାଙ୍କୁ ଦେଖି ଉଦ୍‌ବିଗ୍ନ ହୋଇଥିଲେ । ମାତ୍ର ସେ ସେହିକ୍ଷଣି ସେମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କୁ କହିଲେ , ସାହସ ଧର, ଏତ ମୁଁ ଭୟ କର ନାହିଁ ।

୫୧. ପୁଣି ସେ ସେମାନଙ୍କ ନିକଟକୁ ଯାଇ ନୌକାରେ ଚଢ଼ିଲେ ଆଉ ପବନ ବନ୍ଦ ହେଲ । ସେଥିରେ ସେମାନେ ମନେ ମନେ ଆଚମ୍ବିତ ହେଲେ,

୫୨. କାରଣ ରୋଟୀର ଘଟଣାରେ ସେମାନଙ୍କର ଜ୍ଞାନ ଜନ୍ମି ନ ଥିଲା, ତେଣୁ ସେମାନଙ୍କ ହୃଦୟ ଜଡ଼ ହୋଇଥିଲା ।

# ଫିଲୀମୋନ

(ପାଠ)

୧. ପାଉଲ ଖ୍ରୀଷ୍ଟଯୀଶୁଙ୍କର ବନ୍ଦୀ, ଆଉ ଭ୍ରାତା ତୀମଥି ଆମ୍ଭମାନଙ୍କର ପ୍ରିୟପାତ୍ର ଓ ସହକର୍ମୀ ଫିଲୀମୋନ,

୨. ପୁଣି ଭଗ୍ନୀ ଆପ୍ପିୟା ଏବଂ ଆମ୍ଭମାନଙ୍କ ସହସୈନିକ ଆର୍ଖିପ୍ପ ଓ ତୁମ୍ଭ ଗୃହସ୍ଥିତ ମଣ୍ଡଳୀ ନିକଟକୁ ପତ୍ର ଲେଖୁଅଛୁଁ ;

୩. ଆମ୍ଭମାନଙ୍କ ପିତା ଈଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ ।

୪. ପ୍ରଭୁ ଯୀଶୁ ଓ ସମସ୍ତ ସାଧୁଙ୍କ ପ୍ରତି ତୁମ୍ଭର ପ୍ରେମ ଓ

୫. ବିଶ୍ୱାସ ବିଷୟ ଶୁଣି ମୁଁ ମୋର ପ୍ରାର୍ଥନାରେ ତୁମ୍ଭର ନାମ ଉଲ୍ଲେଖ କରି ସର୍ବଦା ମୋର ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି,

୬. ଯେପରି ତୁମ୍ଭ ବିଶ୍ୱାସର ସହଭାଗିତା ଆମ୍ଭମାନଙ୍କୁ ଦତ୍ତ ସମସ୍ତ ଉତ୍ତମ ବିଷୟ ସମ୍ବନ୍ଧୀୟ ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ପକ୍ଷରେ କାର୍ଯ୍ୟ ସାଧକ ହୁଏ ।

୭. କାରଣ, ହେ ଭାଇ, ସାଧୁମାନଙ୍କ ହୃଦୟ ତୁମ୍ଭ ଦ୍ୱାରା ଆଶ୍ୱାସପ୍ରାପ୍ତ ହୋଇଥିବାରୁ ମୁଁ ତୁମ୍ଭ ପ୍ରେମରୁ ବହୁତ ଆନନ୍ଦ ଓ ଉତ୍ସାହ ଲାଭ କଲି ।

୮. ଅତଏବ ଯାହା ଉପଯୁକ୍ତ, ସେ ସମ୍ବନ୍ଧରେ ତୁମ୍ଭକୁ ଆଦେଶ ଦେବା ପାଇଁ ଖ୍ରୀଷ୍ଟଙ୍କ ସେବକ ସ୍ୱରୂପେ ଯଦ୍ୟପି ମୋର ସମ୍ପୂର୍ଣ୍ଣ ସାହସ ଅଛି,

୯. ତଥାପି ମୁଁ ପ୍ରେମ ହେତୁ ବରଂ ତୁମ୍ଭକୁ ଅନୁରୋଧ କରୁଅଛି, ବୃଦ୍ଧ ପାଉଲ ଓ ଖ୍ରୀଷ୍ଟ ଯୀଶୁଙ୍କ ନିମନ୍ତେ ବର୍ତ୍ତମାନ ବନ୍ଦୀ ଯେ ମୁଁ,

୧୦. ମୋର ଏପରି ବନ୍ଧନ ଅବସ୍ଥାରେ ମୋଠାରୁ ଜାତ ମୋହ ବତ୍ସ ଅନୀସିମ ନିମନ୍ତେ ତୁମ୍ଭକୁ ଅନୁରୋଧ କରୁଅଛି ;

୧୧. ସେ ପୂର୍ବରେ ତୁମ୍ଭ ନିମନ୍ତେ ଅକର୍ମଣ୍ୟ ଥିଲା, କିନ୍ତୁ ଏବେ ତୁମ୍ଭର ଓ ମୋର ଉଭୟଙ୍କର ଉପକାରୀ ହୋଇଅଛି ;

୧୨. ସେ ତ ମୋର ହୃଦୟସ୍ୱରୂପ ; ମୁଁ ତାହାକୁ ତୁମ୍ଭ ନିକଟକୁ ଫେରାଇ ପଠାଉଅଛି ।

୧୩. ସୁସମାଚାର ନିମନ୍ତେ ବନ୍ଧନ ଅବସ୍ଥାରେ ତାହାକୁ ତୁମ୍ଭ ସ୍ଥାନରେ ମୋର ସେବା କରିବା ପାଇଁ ପାଖରେ ରଖିବାକୁ ମୋର ମନ ହେଉଥିଲା,

୧୪. କିନ୍ତୁ ତୁମ୍ଭର ସମ୍ମତି ନ ନେଇ ମୁଁ କିଛି କରିବାକୁ ଇଚ୍ଛା କଲି ନାହିଁ, ଯେପରି ତୁମ୍ଭର ଉତ୍ତମ କାର୍ଯ୍ୟ ବଳାତ୍କାରରେ କଲାପରି ନ ହୋଇ ସ୍ୱଚ୍ଛନ୍ଦ ମନରେ ହେବ ।

୧୫. କାରଣ ହୋଇପାରେ, ଯେପରି ତୁମ୍ଭେ ତାହାକୁ ଆଉ ଦାସ ସ୍ୱରୂପେ ନ ପାଇପାର, ଏଥିପାଇଁ ସେ କିଛି କାଳ ନିମନ୍ତେ ତୁମ୍ଭଠାରୁ ଅନ୍ତର ହୋଇଥିଲା,

୧୬. ବିଶେଷରେ ସେ ମୋର ଜଣେ ଭ୍ରାତା, ଅତଏବ ଶରୀରରେ ଓ ମଧ୍ୟ ପ୍ରଭୁଙ୍କଠାରେ ତୁମ୍ଭ ପ୍ରତି କେତେ ଅଧିକ ନ ହେବ ।
୧୭. ଏଣୁ ଯଦି ତୁମ୍ଭେ ମୋତେ ଜଣେ ସହଭାଗୀ ବୋଲି ମନେ କର, ତାହାହେଲେ ମୋତେ ଗ୍ରହଣ କଲାପରି ତାହାକୁ ଗ୍ରହଣ କର ।
୧୮. ଯଦି ସେ ତୁମ୍ଭପ୍ରତି କୌଣସି ଅନ୍ୟାୟ କରିଥାଏ ବା ତୁମ୍ଭଠାରେ ଋଣୀ ହୋଇଥାଏ, ତେବେ ତାହା ମୋ ହିସାବରେ ଲେଖ ।
୧୯. ମୁଁ ପାଉଲ ହସ୍ତରେ ଏହା ଲେଖି ଦେଉଅଛି, ମୁଁ ତାହା ପରିଶୋଧ କରିବି । ତୁମ୍ଭେ ନିଜେ ଯେ ମୋ ନିକଟରେ ଚିର ଋଣୀ, ଏ
ବିଷୟରେ ମୁଁ ଆଉ କହିବାକୁ ଇଚ୍ଛା କରୁନାହିଁ ।
୨୦. ହଁ, ଭାଇ, ପ୍ରଭୁଙ୍କ ସହଭାଗିତାରେ ତୁମ୍ଭଦ୍ୱାରା ମୋର ଲାଭ ହେଉ, ଖ୍ରୀଷ୍ଟଙ୍କଠାରେ ମୋର ହୃଦୟକୁ ଆଶ୍ୱାସ ଦିଅ ।
୨୧. ତୁମ୍ଭର ଆଜ୍ଞାବହତାରେ ମୋର ବିଶ୍ୱାସ ଥିବାରୁ ମୁଁ ତୁମ୍ଭକୁ ଲେଖୁଅଛି ; ମୁଁ ଜାଣେ ଯେ, ମୁଁ ଯାହା କହୁଛି, ତୁମ୍ଭେ ତାହାଠାରୁ ଅଧିକ
ମଧ୍ୟ କରିବ ।
୨୨. ସେଥି ସଙ୍ଗେ ସଙ୍ଗେ ମୋର ରହିବା ସ୍ଥାନ ମଧ୍ୟ ପ୍ରସ୍ତୁତ କରି ରଖ, କାରଣ ତୁମ୍ଭମାନଙ୍କ ପ୍ରାର୍ଥନା ଦ୍ୱାରା ତୁମ୍ଭେମାନେ ଯେ ମୋତେ
ଫେରିପାଇବ, ମୁଁ ଏହା ଆଶା କରୁଅଛି ।
୨୩. ଖ୍ରୀଷ୍ଟଯୀଶୁଙ୍କ ହେତୁ ମୋର ସହବନ୍ଦୀ ଏପାଫ୍ରା ଏବଂ ମୋର ସହକର୍ମୀମାନେ ଯେ ମାର୍କ, ଆରିଷ୍ଟାର୍ଖ, ଦୀମା ଓ ଲୂକ ତୁମ୍ଭକୁ
ନମସ୍କାର ଜଣାଉଅଛନ୍ତି ।
୨୪. ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭମାନଙ୍କ ଆତ୍ମାର ସହବର୍ତ୍ତୀ ହେଉ ।

# ଗୀତସଂହିତା ୧୩୯

୧. ହେ ସଦା ପ୍ରଭୁ, ତୁମ୍ଭେ ମୋର ଅନୁସନ୍ଧାନ କରିଅଛ ଓ ମୋର ପରିଚୟ ନେଇଅଛ ।
୨. ତୁମ୍ଭେ ମୋର ବସିବାର ଓ ଉଠିବାର ଜାଣୁଅଛ, ତୁମ୍ଭେ ଦୂରରୁ ମୋର ସଙ୍କଳ୍ପ ବୁଝୁଅଛ ।
୩. ତୁମ୍ଭେ ମୋର ଗମନ ଓ ଶୟନ ଅନୁସନ୍ଧାନ କରୁଅଛ ଓ ମୋର ସକଳ ଗତି ଜାଣୁଅଛ ।
୪. କାରଣ ହେ ସଦା ପ୍ରଭୋ, ଦେଖ, ଯାହା ତୁମ୍ଭକୁ ସମ୍ପୂର୍ଣ୍ଣ ଗୋଚର ନୁହେଁ, ଏପରି ଗୋଟିଏ କଥା ମୋ ଜିହ୍ୱାରେ ନାହିଁ ।
୫. ତୁମ୍ଭେ ମୋତେ ପଛରେ ଓ ଆଗରେ ଘେରିଅଛ ଓ ମୋ ଉପରେ ଆପଣା ହସ୍ତ ରଖିଅଛ ।
୬. ଏହି ପ୍ରକାର ଜ୍ଞାନ ମୋ ପ୍ରତି ଅତି ଆଶ୍ଚର୍ଯ୍ୟ ; ତାହା ଉଚ୍ଚ, ମୋ ବୋଧର ଅଗମ୍ୟ ।
୭. ତୁମ୍ଭ ଆତ୍ମାଠାରୁ ମୁଁ କେଉଁଠାକୁ ଯିବି ? ଅବା ତୁମ୍ଭ ସାକ୍ଷାତରୁ ମୁଁ କେଉଁଠାକୁ ପଳାଇବି ?
୮. ଯେବେ ମୁଁ ସ୍ୱର୍ଗକୁ ଆରୋହଣ କରେ, ତେବେ ତୁମ୍ଭେ ସେଠାରେ ; ଯେବେ ମୁଁ ପାତାଳରେ ବିଛଣାରେ କରେ, ତେବେ ଦେଖ, ତୁମ୍ଭେ
ସେଠାରେ ।
୯. ଯେବେ ମୁଁ ଅରୁଣର ପକ୍ଷ ଧରେଁ ଓ ସମୁଦ୍ରର ପ୍ରାନ୍ତ ସୀମାରେ ବାସ କରେଁ ;
୧୦. ସେଠାରେ ହେଁ ତୁମ୍ଭର ହସ୍ତ ମୋତେ ଚଳାଇବ ଓ ତୁମ୍ଭର ଦକ୍ଷିଣ ହସ୍ତ ମୋତେ ଧରିବ ।
୧୧. ଯେବେ ମୁଁ ବୋଲେ, ନିଶ୍ଚୟ ଅନ୍ଧକାର ମୋତେ ମଗ୍ନ କରିବ . ମୋ ଚତୁର୍ଦ୍ଦିଗସ୍ଥ ଆଲୁଅ ରାତ୍ରି ହେବ ;
୧୨. ତେବେ ଅନ୍ଧକାର ହିଁ ତୁମ୍ଭଠାରୁ ଲୁଚାଏ ନାହିଁ, ବରଞ୍ଚ ରାତ୍ରି ଦିବସ ପରି ଦୀପ୍ତିମାନ ହୁଏ, ତୁମ୍ଭ ପ୍ରତି ଅନ୍ଧାର ଓ ଆଲୁଅ ଦୁଇ
ସମାନ ।
୧୩. କାରଣ ତୁମ୍ଭେ ମୋର ମର୍ମ୍ମର କର୍ତ୍ତା : ତୁମ୍ଭେ ମୋତେ ମାତୃଗର୍ଭରେ ଆଚ୍ଛାଦନ କରିଅଛ ।
୧୪. ମୁଁ ତୁମ୍ଭକୁ ଧନ୍ୟବାଦ ଦେବି ; କାରଣ ମୁଁ ଭୟଙ୍କର ଆଶ୍ଚର୍ଯ୍ୟରୂପେ ନିର୍ମିତ ; ତୁମ୍ଭର କର୍ମ ସକଳ ଆଶ୍ଚର୍ଯ୍ୟ ; ଏହା ମୋ ପ୍ରାଣ
ଭଲରୂପେ ଜାଣେ ।
୧୫. ମୁଁ ଗୋପନରେ ନିର୍ମିତ ଓ ପୃଥିବୀର ଅଧଃସ୍ଥାନରେ ଶିଳ୍ପିତ ହେବା ସମୟରେ ମୋର ଅସ୍ଥି ପଞ୍ଜର ତୁମ୍ଭଠାରୁ ଗୁପ୍ତ ନ ଥିଲା ।
୧୬. ତୁମ୍ଭ ଚକ୍ଷୁ ମୋର ସେହି ଅସମ୍ପୂର୍ଣ୍ଣ ପିଣ୍ଡ ଦେଖିଲା ଓ ମୋର ଯେଉଁ ସବୁ ଅଙ୍ଗପ୍ରତ୍ୟଙ୍ଗ ଦିନକୁ ଦିନ ଗଠିତ ହେଲା ତନ୍ମଧ୍ୟରୁ ଗୋଟିଏ
ହେଲେ ନ ହେଉଣୁ ତାହାସବୁ ତୁମ୍ଭ ପୁସ୍ତକରେ ଲିଖିତ ଥିଲା ।
୧୭. ହେ ପରମେଶ୍ୱର, ଆହୁରି ତୁମ୍ଭର ସଙ୍କଳ୍ପ ସକଳ ମୋ ପ୍ରତି କେମନ୍ତ ବହୁମୂଲ୍ୟ ! ତହିଁର ସଂଖ୍ୟା କେମନ୍ତ ଅଧିକ !
୧୮. ମୁଁ ଯେଉଁ ସବୁ ଗଣନା କରିବାକୁ ଗଲେ ତାହା ସଂଖ୍ୟାରେ ବାଲୁକା ଅପେକ୍ଷା ଅଧିକ ; ଯେତେବେଳେ ମୁଁ ଜାଗ୍ରତ ହୁଏଁ,
ସେତେବେଳେ ହେଁ ମୁଁ ତୁମ୍ଭ ନିକଟରେ ଥାଏଁ ।

୧୯. ହେ ପରମେଶ୍ୱର, ତୁମ୍ଭେ ନିଶ୍ଚୟ ଦୁଷ୍ଟମାନଙ୍କୁ ବଧ କରିବ ; ଏହେତୁ ହେ ରକ୍ତ-ପିପାସୁ ଲୋକମାନେ, ତୁମ୍ଭେମାନେ ମୋ ନିକଟରୁ ଦୂର ହୁଅ ।
୨୦. କାରଣ ସେମାନେ ଦୁଷ୍ଟ ଭାବରେ ତୁମ୍ଭ ବିରୁଦ୍ଧରେ କଥା କହନ୍ତି ଓ ତୁମ୍ଭ ଶତ୍ରୁମାନେ ବ୍ୟର୍ଥରେ ତୁମ୍ଭ ନାମ ଧରନ୍ତି ।
୨୧. ହେ ସଦା ପ୍ରଭୋ, ତୁମ୍ଭ ଘୃଣାକାରୀମାନଙ୍କୁ ମୁଁ କ'ଣ ଘୃଣା କରୁନାହିଁ ? ଯେଉଁମାନେ ତୁମ୍ଭ ବିରୁଦ୍ଧରେ ଉଠନ୍ତି, ସେମାନଙ୍କ ପ୍ରତି ମୁଁ କଣ ବିରକ୍ତ ହେଉନାହିଁ ?
୨୨. ମୁଁ ସେମାନଙ୍କୁ ସମସ୍ତେ ଘୃଣାରେ ଘୃଣା କରେଁ ; ମୁଁ ସେମାନଙ୍କୁ ଆପଣା ଶତ୍ରୁ ବୋଲି ଜ୍ଞାନ କରେଁ ।
୨୩. ହେ ପରମେଶ୍ୱର, ମୋର ଅନୁସନ୍ଧାନ କର ଓ ମୋ ଅନ୍ତଃକରଣର ପରିଚୟ ନିଅ ; ମୋତେ ପରୀକ୍ଷା କର ଓ ମୋର ସଙ୍କଳ୍ପ ସବୁ ଜ୍ଞାତ ହୁଅ ;
୨୪. ଆଉ ମୋ ଅନ୍ତରରେ ଦୁଷ୍ଟତା କୌଣସି ମାର୍ଗ ଅଛି କି ନାହିଁ, ଏହା ଦେଖ, ପୁଣି ଅନନ୍ତ ପଥରେ ମୋତେ ଗମନ କରାଅ ।

# ମାର୍କ ୪ : ୧ - ୨୦

(ପାଠ)

୧. ସେ ସମୁଦ୍ର କୂଳରେ ପୁନର୍ବାର ଶିକ୍ଷା ଦେବାକୁ ଲାଗିଲେ, ଆଉ ଏତେ ଅଧିକ ସଂଖ୍ୟକ ଲୋକ ତାହାଙ୍କ ନିକଟରେ ଏକତ୍ର ହେଲେ ଯେ, ସେ ସମୁଦ୍ରରେ ଥିବା ଗୋଟିଏ ନୌକାରେ ଯାଇ ବସିଲେ ଓ ଲୋକ ସମୂହ ସମୁଦ୍ର ନିକଟବର୍ତ୍ତୀ ସ୍ଥଳରେ ରହିଲେ ।
୨. ସେତେବେଳେ ସେ ଦୃଷ୍ଟାନ୍ତରେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବକୁ ଲାଗିଲେ, ପୁଣି ଆପଣା ଶିକ୍ଷା ମଧ୍ୟରେ ସେମାନଙ୍କୁ କହିଲେ,
୩. ଶୁଣ ! ଦେଖ, ଜଣେ ବୁଣାଳି ବୁଣିବାକୁ ବାହାରିଲା ।
୪. ସେ ବୁଣୁ ବୁଣୁ କେତେକ ବିହନ ବାଟ ପାଖରେ ପଡ଼ିଲା, ପୁଣି ଚଢ଼େଇମାନେ ଆସି ସେଗୁଡ଼ିକୁ ଖାଇଗଲେ ।
୫. ଆଉ କେତେକ ଅଳ୍ପ ମାଟି ଥିବା ପଥୁରିଆ ଭୂଇଁରେ ପଡ଼ିଲା ଏବଂ ବେଶୀ ମାଟି ନ ଥିବାରୁ ଶୀଘ୍ର ଗଜା ହେଲା,
୬. କିନ୍ତୁ ସୂର୍ଯ୍ୟ ଉଠନ୍ତେ ଜଳି ପୋଡିଗଲା ଓ ଚେର ନ ଥିବାରୁ ଶୁଖିଗଲା ।
୭. ଆଉ କେତେକ କଣ୍ଟାଗଛଗୁଡ଼ାକ ମଧ୍ୟରେ ପଡ଼ିଲା, ପୁଣି କଣ୍ଟାଗଛଗୁଡ଼ାକ ଉଠି ବଢ଼ ହୋଇ ଚାପି ପକାଇଲା ଏବଂ କୌଣସି ଫଳ ଫଳିଲା ନାହିଁ ।
୮. ପୁଣି ଅନ୍ୟ କେତେକ ଭଲ ଭୂଇଁରେ ପଡ଼ିଲା, ଆଉ ଗଜା ହୋଇ ବଢ଼ି ଉଠି ତିରିଶ ଗୁଣ, ଷାଠିଏ ଗୁଣ ଓ ଶହେ ଗୁଣ ପର୍ଯ୍ୟନ୍ତ ଫଳିଲା ।
୯. ପୁଣି ସେ କହିଲେ, ଯାହାର ଶୁଣିବାକୁ କାନ ଅଛି, ସେ ଶୁଣୁ ।
୧୦. ସେ ଏକାକୀ ଥିବା ସମୟରେ ତାହାଙ୍କ ସଙ୍ଗୀମାନେ ଦ୍ୱାଦଶଙ୍କ ସହିତ ତାହାଙ୍କୁ ସେହି ଦୃଷ୍ଟାନ୍ତଗୁଡ଼ିକ ବିଷୟରେ ପଚାରିବାକୁ ଲାଗିଲେ ।
୧୧. ସେଥିରେ ସେ ସେମାନଙ୍କୁ କହିଲେ, ଈଶ୍ୱରଙ୍କ ରାଜ୍ୟରେ ନିଗୂଢ଼ ତତ୍ତ୍ୱ ଜାଣିବା ନିମନ୍ତେ ତୁମ୍ଭମାନଙ୍କୁ ଶକ୍ତି ଦିଆଯାଇଛି, କିନ୍ତୁ ସେହି ବାହାର ଲୋକମାନଙ୍କୁ ସମସ୍ତ ବିଷୟ ଦୃଷ୍ଟାନ୍ତରେ କୁହାଯାଉଅଛି,
୧୨. ଯେପରି ସେମାନେ ଦେଖୁ ଦେଖୁ ଜ୍ଞାତ ହୁଅନ୍ତି ନାହିଁ, ପୁଣି ଶୁଣୁ ଶୁଣୁ ବୁଝନ୍ତି ନାହିଁ, କାଳେ ସେମାନେ ଫେରିଆସନ୍ତି ଓ କ୍ଷମାପ୍ରାପ୍ତ ହୁଅନ୍ତି ।
୧୩. ସେ ପୁଣି ସେମାନଙ୍କୁ କହିଲେ, ତୁମ୍ଭେମାନେ କି ଏହି ଦୃଷ୍ଟାନ୍ତ ବୁଝୁନାହିଁ ? ତେବେ କିପରି ସମସ୍ତ ଦୃଷ୍ଟାନ୍ତ ବୁଝିବ ?
୧୪. ବୁଣାଳୀ ବାକ୍ୟ ବୁଣେ ।
୧୫. ଯେଉଁମାନେ ଶୁଣନ୍ତି, ପୁଣି ଶୁଣିବାକ୍ଷଣି ଶୟତାନ ଆସି ସେମାନଙ୍କଠାରେ ବୁଣାଯାଇଥିବା ବାକ୍ୟହରଣ କରି ନିଏ, ସେମାନେ ବାକ୍ୟ ବୁଣାଯାଇଥିବା ବାଟ ପାଖ ଭୂମି ସଦୃଶ ।
୧୬. ସେହିପରି ଯେଉଁମାନେ ବାକ୍ୟ ଶୁଣିବାକ୍ଷଣି ଆନନ୍ଦରେ ତାହା ଗ୍ରହଣ କରନ୍ତି,
୧୭. କିନ୍ତୁ ସେମାନଙ୍କଠାରେ ଚେର ନ ମାଡ଼ିବାରୁ କ୍ଷଣକାଳ ମାତ୍ର ସ୍ଥିର ରୁହନ୍ତି, ପରେ ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଆନ୍ତି, ସେମାନେ ବୁଣାଯାଇଥିବା ପଥୁରିଆ ଭୂମି ସଦୃଶ ।

୧୮. ଆଉ ଯେଉଁମାନେ ବାକ୍ୟ ଶୁଣନ୍ତି, ପୁଣି ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପି ପକାଏ ଓ ତାହା ଫଳହୀନ ହୁଏ,

୧୯. ସେହି ଅନ୍ୟ ପ୍ରକାର ଲୋକେ ବୁଣାଯାଇଥିବା କଣ୍ଟକମୟ ଭୂମି ସଦୃଶ ।

୨୦. ଆଉ ଯେଉଁମାନେ ବାକ୍ୟ ଶୁଣି ତାହା ଗ୍ରହଣ କରନ୍ତି ଏବଂ ତିରିଶ ଗୁଣ, ଷାଠିଏ ଗୁଣ ଓ ଶହେ ଗୁଣ ଫଳ ଫଳନ୍ତି, ସେମାନେ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ ।

# ଯୀଶାଇୟ ୧

(ପାଠ)

୧. ଆମୋସର ପୁତ୍ର ଯିଶାଇୟଙ୍କ ଦର୍ଶନ, ଯେ ଯିହୁଦା - ରାଜଗଣ ଉଷିୟ, ଯୋଥମ, ଆହସ ଓ ହିଜିକିୟର ଅଧିକାର ସମୟରେ ଯିହୁଦା ଯିରୂଶାଲମ ବିଷୟରେ ଏହି ଦର୍ଶନ ପାଇଲେ ।

୨. ହେ ଆକାଶମଣ୍ଡଳ, ଶୁଣ, ହେ ପୃଥିବୀ, କର୍ଣ୍ଣପାତ କର, କାରଣ ସଦାପ୍ରଭୁ କହିଅଛନ୍ତି ; ଆମ୍ଭେ ସନ୍ତାନଗଣକୁ ପ୍ରତିପାଳନ ଭରଣପୋଷଣ କରିଅଛୁ, ମାତ୍ର ସେମାନେ ଆମ୍ଭର ବିଦ୍ରୋହାଚରଣ କରିଅଛନ୍ତି ।

୩. ଗୋରୁ ଆପଣା ଖାଉନ୍ଦକୁ ଗର୍ଦ୍ଦଭ ଆପଣା କର୍ତ୍ତାର କୁଣ୍ଡକୁ ଚିହ୍ନଇ ; ମାତ୍ର ଇଶ୍ରାଏଲ ଜାଣେ ନାହିଁ, ଆମ୍ଭର ଲୋକମାନେ ବିବେଚନା କରନ୍ତି ନାହିଁ ।

୪. ଆହା ପାପିଷ୍ଠ ଗୋଷ୍ଠୀ, ଅଧର୍ମରେ ଭାରଗ୍ରସ୍ତ ଲୋକେ, ଦୁଷ୍କର୍ମକାରୀମାନଙ୍କ ବଂଶ, ଭ୍ରଷ୍ଟାଚାରୀ ସନ୍ତାନଗଣ ! ସେମାନେ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛନ୍ତି, ସେମାନେ ଇଶ୍ରାୟେଲର ଧର୍ମସ୍ୱରୂପଙ୍କୁ ଅବଜ୍ଞା କରିଅଛନ୍ତି, ସେମାନେ ବିମୁଖ ହୋଇ ପଛକୁ ଚାଲିଯାଇଅଛନ୍ତି ।

୫. ତୁମ୍ଭେମାନେ ଅଧିକ ୨ ବିଦ୍ରୋହାଚରଣ କରିବା ପାଇଁ କାହିଁକି ଆହୁରି ପ୍ରହାରିତ ହେବ ? ମସ୍ତକଯାକ ପୀଡ଼ିତ ଓ ସମୁଦାୟ ହୃଦୟ ଦୁର୍ବଳ ହୋଇଅଛି ।

୬. ପାଦର ତାଳୁଆଠାରୁ ମସ୍ତକ ପର୍ଯ୍ୟନ୍ତ କିଛି ସ୍ୱାସ୍ଥ୍ୟନାହିଁ ; କେବଳ କ୍ଷତ ଓ ଦାଗ ଓ ପୂଜପୂର୍ଣ୍ଣ ଘା ; ସେସବୁ ଚିପା କି ବନ୍ଧାଯାଇନାହିଁ କିଅବା ତୈଳଦ୍ୱାରା କୋମଳ କରାଯାଇନାହିଁ ।

୭. ତୁମ୍ଭମାନଙ୍କର ଦେଶ ଧ୍ୱଂସସ୍ଥାନ ; ତୁମ୍ଭମାନଙ୍କର ନଗରସବୁ ଅଗ୍ନିରେ ଦଗ୍ଧ ; ତୁମ୍ଭମାନଙ୍କର ଭୂମି ବିଦେଶୀମାନେ ତୁମ୍ଭମାନଙ୍କ ସାକ୍ଷାତରେ ଗ୍ରାସ କରନ୍ତି, ତାହା ବିଦେଶୀମାନଙ୍କ ଦ୍ୱାରା ବିନଷ୍ଟ ହେବା ତୁଲ୍ୟ ଧ୍ୱଂସସ୍ଥାନ ହୋଇଅଛି ।

୮. ପୁଣି ସିୟୋନର କନ୍ୟା ଦ୍ରାକ୍ଷାକ୍ଷେତ୍ରର କୁଟୀର, କାକୁଡ଼ି କ୍ଷେତ୍ରର ବସା, ଅବରୁଦ୍ଧ ନଗର ତୁଲ୍ୟ ହୋଇ ରହିଅଛି ।

୯. ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କ ପାଇଁ ଅତି ଅଳ୍ପ ଲୋକ ଅବଶିଷ୍ଟ ରଖି ନ ଥିଲେ, ଆମ୍ଭେମାନେ ସଦୋମର ତୁଲ୍ୟ ହୋଇଥାନ୍ତୁ, ଆମ୍ଭେମାନେ ହମୋରାର ତୁଲ୍ୟ ହୋଇଥାନ୍ତୁ ।

୧୦. ହେ ସେଦୋମର ଶାସନକର୍ତ୍ତାମାନେ, ସଦାପ୍ରଭୁଙ୍କର ବାକ୍ୟ ଶୁଣ, ହେ ହମୋରାର ଲୋକମାନେ, ତୁମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ବ୍ୟବସ୍ଥାରେ କର୍ଣ୍ଣପାତ କର ।

୧୧. ସଦାପ୍ରଭୁ କହନ୍ତି, ଆମ୍ଭ ଉଦ୍ଦେଶ୍ୟରେ ତୁମ୍ଭମାନଙ୍କ ଅପାର ବଳିଦାନର ଅଭିପ୍ରାୟ କଅଣ ? ଆମ୍ଭେ ଶେଷଗଣର ହୋମବଳିରେ ଓ ପୁଷ୍ଟ ପଶୁଗଣର ମେଦରେ ପୂର୍ଣ୍ଣ ହୋଇଅଛୁଁ ; ପୁଣି ବୃଷ କି ମେଷକ ଛାଗମାନଙ୍କ ରକ୍ତରେ ଆମ୍ଭର ତୁଷ୍ଟି ନାହିଁ ।

୧୨. ତୁମେମାନେ ଆମ୍ଭ ସମ୍ମୁଖରେ ଉପସ୍ଥିତ ହେବାବେଳେ ଆମ୍ଭର ପ୍ରାଙ୍ଗଣ ସକଳ ପଦତଳେ ଦଳିବା ପାଇଁ କିଏ ତୁମ୍ଭମାନଙ୍କଠାରୁ ଲୋଡ଼ିଅଛି ?

୧୩. ଅସାର ନୈବେଦ୍ୟ ଆଉ ଆଣ ନାହିଁ ; ଧୂପଦାହ ଆମ୍ଭର ଘୃଣିତ ; ଅମାବାସ୍ୟା ଓ ବିଶ୍ରାମବାର ସଭାର ଘୋଷଣା - ଏହି ଅଧର୍ମ ଓ ମହାସଭା ଆମ୍ଭେ ସହିପାରୁନାହୁଁ ।

୧୪. ଆମ୍ଭ ପ୍ରାଣ ତୁମ୍ଭମାନଙ୍କର ଅମାବାସ୍ୟା ଓ ନିରୂପିତ ପର୍ବସବୁ ଘୃଣା କରେ ; ସେହିସବୁ ଆମ୍ଭ ପ୍ରତି କ୍ଲେଶ କର ; ଆମ୍ଭେ ସେସବୁ ବହିବାକୁ କ୍ଲାନ୍ତ ହୋଇଅଛୁଁ ।

୧୫. ପୁଣି ତୁମ୍ଭେମାନେ ଆପଣାମାନଙ୍କର ହସ୍ତ ପ୍ରସାର କଲାବେଳେ ଆମ୍ଭେ ତୁମ୍ଭମାନଙ୍କଠାରୁ ଆପଣା ଚକ୍ଷୁ ଆଚ୍ଛାଦନ କରିବା ; ଆହୁରି ତୁମ୍ଭେମାନେ ଅନେକ ପ୍ରାର୍ଥନା କଲାବେଳେ ଆମ୍ଭେ ଶୁଣିବା ନାହିଁ । ତୁମ୍ଭମାନଙ୍କର ହସ୍ତ ରକ୍ତରେ ପରିପୂର୍ଣ୍ଣ ।

୧୬. ତୁମ୍ଭେମାନେ ଆପଣାମାନଙ୍କୁ ଧୌତ କର, ଆପଣାମାନଙ୍କୁ ଶୁଚି କର, ଆମ୍ଭ ଦୃଷ୍ଟିରୁ ଆପଣାମାନଙ୍କର କ୍ରିୟାର ମନ୍ଦତା ଦୂର କର ; କୁକ୍ରିୟା କରିବାରୁ ନିବୃତ୍ତ ହୁଅ ;

୧୭. ସୁକ୍ରିୟା କରିବାକୁ ଶିଖ ; ନ୍ୟାୟ ବିଚାର ଚେଷ୍ଟା କର, ପିତୃହୀନମାନଙ୍କର ନାୟ ବିଚାର କର, ବିଧବାମାନଙ୍କ ପକ୍ଷରେ ପ୍ରତିବାଦ କର ।

୧୮. ସଦାପ୍ରଭୁ କହନ୍ତି ଆସ, ଆମ୍ଭେମାନେ ଉତ୍ତର ପ୍ରତ୍ୟୁତ୍ତର କରୁଁ ; ତୁମ୍ଭମାନଙ୍କର ପାପସବୁ ସିନ୍ଦୁର ବର୍ଣ୍ଣ ପରି ହେଲେ ହେଁ ହିମପରି ଶୁକ୍ଳବର୍ଣ୍ଣ ହେବ ; ସେସବୁ ଲୋହିତ ବର୍ଣ୍ଣ ପରି ରଙ୍ଗ ହେଲେ ହେଁ ମେଷ ଲୋମପରି ହେବ ।

୧୯. ଯେବେ ତୁମ୍ଭେମାନେ ସମ୍ମତ ଓ ଆଜ୍ଞାବହ ହେବ, ତେବେ ଦେଶର ଉତ୍ତମ ଫଳ ଭୋଗ କରିବ ।

୨୦. ମାତ୍ର ଯେବେ ତୁମ୍ଭେମାନେ ଅସମ୍ମତ ଓ ବିରୁଦ୍ଧାଚାରୀ ହେବ, ତେବେ ଖଡ୍ଗଭୁକ୍ତ ହେବ ; କାରଣ ସଦା ପ୍ରଭୁଙ୍କ ମୁଖ ଏହା କହିଅଛି

୨୧. ସତୀ ନଗରୀ କେମନ୍ତ ବେଶ୍ୟା ହୋଇଅଛି ! ସେ ନ୍ୟାୟ ବିଚାରରେ ପୂର୍ଣ୍ଣ ଥିଲା । ଧର୍ମ ତାହା ମଧ୍ୟରେ ବାସ କଲା, ମାତ୍ର ଏବେ ହତ୍ୟାକାରୀମାନେ ଅଛନ୍ତି ।

୨୨. ତୁମ୍ଭର ରୂପା ଖାଦ ହୋଇଅଛି, ତୁମ୍ଭର ଦ୍ରାକ୍ଷାରସ ଜଳ ମିଶ୍ରିତ ହୋଇଅଛି ।

୨୩. ତୁମ୍ଭର ଅଧିପତିମାନେ ବିଦ୍ରୋହୀ ଓ ଚୋରମାନଙ୍କର ସଖା ; ପ୍ରତ୍ୟେକେ ଲାଞ୍ଚ ଭଲ ପାଆନ୍ତି ଓ ପରିତୋଷିକର ପଶ୍ଚାଦ୍‌ବର୍ତ୍ତୀ ହୁଅନ୍ତି ; ସେମାନେ ପିତୃହୀନମାନଙ୍କର ବିଚାର କରନ୍ତି ନାହିଁ, କିଅବା ବିଧବାର ଗୁହାରି ସେମାନଙ୍କ ନିକଟକୁ ଆସେ ନାହିଁ ।

୨୪. ଏହେତୁ ପ୍ରଭୁ, ସୈନ୍ୟାଧିପତି ସଦାପ୍ରଭୁ, ଇଶ୍ରାଯେଲର ବଳଦାତା କହନ୍ତି, ଆଃ ଆମ୍ଭେ ଆପଣା ବିଷମଗଣ ବିଷୟରେ ଆରାମ ପାଇବା ଓ ଆମ୍ଭେମାନେ ଆପଣା ଶତ୍ରୁଗଣଠାରୁ ପରିଶୋଧ ନେବା ;

୨୫. ପୁଣି ଆମ୍ଭେ ତୁମ୍ଭ ଆଡ଼େ ଆପଣା ହସ୍ତ ଫେରାଇ ତୁମ୍ଭର ଖାଦ୍ୟ ସମ୍ପୂର୍ଣ୍ଣ ରୂପେ ପରିଷ୍କାର କରିବା ଓ ତୁମ୍ଭର ସୀସାସବୁ କାଢ଼ିନେବା ;

୨୬. ଆଉ ଆମ୍ଭେ ପୂର୍ବକାଳ ପରି ତୁମ୍ଭର ବିଚାର କର୍ତ୍ତୃଗଣଙ୍କୁ ଓ ଆଦ୍ୟ ସମୟ ପରି ତୁମ୍ଭ ମନ୍ତ୍ରୀଗଣଙ୍କୁ ପୁନଃସ୍ଥାପନ କରିବା ; ତହିଁ ଉତ୍ତାରୁ ତୁମ୍ଭେ ଧର୍ମପୁରୀ ସତୀନଗରୀ ବୋଲି ବିଖ୍ୟାତ ହେବ ।

୨୭. ସିୟୋନ ନ୍ୟାୟ ବିଚାର ଦ୍ୱାରା ଓ ତାହାର ଫେରି ଆସିବା ଲୋକମାନେ ଧାର୍ମିକତା ଦ୍ୱାରା ମୁକ୍ତି ପାଇବେ ।

୨୮. ମାତ୍ର ଅଧର୍ମାଚାରୀ ଓ ପାପୀମାନେ ଏକତ୍ର ବିନଷ୍ଟ ହେବେ ଓ ଯେଉଁମାନେ ସଦା ପ୍ରଭୁଙ୍କୁ ପରିତ୍ୟାଗ କରନ୍ତି ସେମାନେ ସଂହାରିତ ହେବେ ।

୨୯. କାରଣ ସେମାନେ ତୁମ୍ଭମାନଙ୍କର ବାଞ୍ଛିତ ଅଲୋନବୃକ୍ଷ ବିଷୟରେ ଲଜ୍ଜିତ ହେବେ, ପୁଣି ତୁମ୍ଭେମାନେ ଆପଣାମାନଙ୍କର ମନୋନୀତ ଉଦ୍ୟାନ ସକଳର ବିଷୟରେ ହତାଶ ହେବ ।

୩୦. ଯେହେତୁ ତୁମ୍ଭେମାନେ ଶୁଷ୍କପତ୍ର ଅଲୋନବୃକ୍ଷ ଓ ନିର୍ଜଳ ଉଦ୍ୟାନ ତୁଲ୍ୟ ହେବ ।

୩୧. ପୁଣି ବଳବାନ ଲୋକ ଛଣପଟପରି ଓ ତାହାର କର୍ମ ଅଗ୍ନିକଣା ପରି ହେବ ; ସେ ଦୁଇ ଏକତ୍ର ଜଳିବ ଓ କେହି ତାହା ନିଭାଇବ ନାହିଁ ।

# ଯୀଶାଇୟ ପୁସ୍ତକ

## ରୂପରେଖ

ବିଚାର (ପଦ୍ୟ) ପର୍ବ ୧ - ୩୫

ସିଂହାସନର ସାର୍ବଭୌମତ୍ୱ ପ୍ରକାଶନ


କ. ବିଚାରଳୟରେ ଉପସ୍ଥିତ ହୋଇ ଇଶ୍ରାୟେଲ ଜାତି ବିରୁଦ୍ଧରେ ଈଶ୍ୱରଙ୍କ ଅଭିଯୋଗ ଶୁଣିବା ନିମନ୍ତେ ବିଶ୍ୱବ୍ରହ୍ମାଣ୍ଡକୁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ୧ ପର୍ବ

ଖ. ଯିହୁଦା ଓ ଯିରୁଶାଲେମର ଭବିଷ୍ୟତ ନିମନ୍ତେ ପୂର୍ବ ଦୃଷ୍ଟି, ୨ ପର୍ବ

ଗ. ଯିହୁଦା ଓ ଯିରୁଶାଲମ ନିମନ୍ତେ ବର୍ତ୍ତମାନ ଦୃଷ୍ଟି, ୩ ପର୍ବ

ଘ. ଭବିଷ୍ୟତର ଅନ୍ୟ ଏକ ପୂର୍ବ ଦୃଷ୍ଟି, ୪ ପର୍ବ

ଙ, ଦ୍ରାକ୍ଷାକ୍ଷେତ୍ରର ଦୃଷ୍ଟାନ୍ତ ଏବଂ ଇଶ୍ରୟେଲ ନିମନ୍ତେ ଭବିଷ୍ୟତ କ୍ରୋଧ ସମ୍ବନ୍ଧୀୟ ଭାବବାଣୀ, ୫ ପର୍ବ

ଚ. ଭବିଷ୍ୟତ ବକ୍ତାଭାବେ ଯିଶାୟଙ୍କ ବ୍ୟକ୍ତିଗତ ଆହ୍ୱାନ ଓ ନିଯୁକ୍ତି, ୬ ପର୍ବ

ଛ. ଆଗାମୀ ସ୍ଥାନୀୟ ଭବିଷ୍ୟତ ଘଟଣାବଳୀ ସମ୍ବନ୍ଧୀୟ ଭାବବାଣୀ, ୭ - ୧୦ ପର୍ବ
(ଆଗାମୀ ଶିଶୁଙ୍କଠାରେ ଭବିଷ୍ୟତ ଭରସା)
ଜ. ଏକ ସହସ୍ର ବର୍ଷ ରାଜ୍ୟ ୧୧ - ୧୨ ପର୍ବ
୫. ଚତୁର୍ଦ୍ଦିଗସ୍ଥିତ ଜାତିମାନଙ୍କ ନିମନ୍ତେ ଭାରୋକ୍ତି ୧୩ - ୨୩ ପର୍ବ
(ବ୍ୟାପକ ଭାବେ ସଫଳ ହୋଇଛି)
୧. ବାବିଲ ବିଷୟକ ଭାରୋକ୍ତି, ୧୩ - ୧୪ ପର୍ବ
୨. ମୟାବ ବିଷୟକ ଭାରୋକ୍ତି, ୧୫ - ୧୬ ପର୍ବ
୩. ଦମେସକ ବିଷୟକ ଭାରୋକ୍ତି, ୧୭ ପର୍ବ
୪. କୁଶ ଦେଶୀୟ ନଦୀଗଣର ସେପାରିସ୍ଥିତ ପକ୍ଷର
ଶବ୍ଦ ବିଶିଷ୍ଟ ଦେଶ ବିଷୟକ ଭାରୋକ୍ତି ୧୮ ପର୍ବ
୫. ମିଶର ବିଷୟକ ଭାରୋକ୍ତି, ୧୯ - ୨୦ ପର୍ବ
୬. ବାବିଲିୟ, ଦୂମା ଓ ଆରବ ବିଷୟକ ଭାରୋକ୍ତି ୨୧ ପର୍ବ
୭. ଦର୍ଶନ ଉପତ୍ୟକା ବିଷୟକ ଭାରୋକ୍ତି ୨୨ ପର୍ବ
୮. ସୋର ବିଷୟକ ଭାରୋକ୍ତି ୨୩ ପର୍ବ
ଞ. ରାଜ୍ୟ, କ୍ରମୋନ୍ନତି ଓ କାର୍ଯ୍ୟକ୍ରମ ଦ୍ୱାରା ପୃଥିବୀରେ ସ୍ଥାପିତ
ହୋଇଥିବା ସିଂହାସନ ୨୪ - ୩୪ ପର୍ବ
ଟ. ସହସ୍ର ବର୍ଷ ରାଜ୍ୟ ଓ ପାର୍ଥିବ ଆଶୀର୍ବାଦ ସମୂହ ୩୫ ପର୍ବ
୨. ଐତିହାସିକ ବିରାମ (ଗଦ୍ୟ) ୩୬ - ୩୯ ପର୍ବ
(ଏହି ବିଭାଗଟି ସମ୍ଭବତଃ ଗୋଟିଏ ଭବିଷ୍ୟତବାଣୀ ସୂଚକ ଚିତ୍ର ଅଟେ ଯହିଁରେ ଈଶ୍ୱର ମହାକ୍ଳେଶରୁ କିପରି ଆପଣା ଲୋକଙ୍କୁ ଉଦ୍ଧାର କରିବେ ତାହା ବର୍ଣ୍ଣିତ ହୋଇଛି) ଦେଖନ୍ତୁ ୨ୟ ରାଜାବଳୀ ୧୮ - ୧୯ ; ୨ୟ ବଂଶାବଳୀ ୨୯ - ୩୦)
କ. ହିଜକିୟ ରାଜା ଏବଂ ଅଶୁର ରାଜ୍ୟ ସେନା କିରୂବଙ୍କ ଆକ୍ରମଣ ୩୬ ପର୍ବ
ଖ. ହିଜକିୟ ରାଜାଙ୍କ ପ୍ରାର୍ଥନା ଓ ଅଶୂରୀୟ ସୈନ୍ୟବାହିନୀର ବିନାଶ ୩୭ ପର୍ବ
ଗ. ହିଜକିୟ ରାଜାଙ୍କ ପୀଡ଼ା, ପ୍ରାର୍ଥନା ଓ ସୁସ୍ଥତା ୩୮ ପର୍ବ
ଘ. ହିଜକିୟ ରାଜାଙ୍କ ମୂର୍ଖତା, ୩୯ ପର୍ବ
୩. ପରିତ୍ରାଣ (ପଦ୍ୟ) ୪୦ - ୬୬ ପର୍ବ
ଦୁଃଖଭୋଗ ସ୍ଥାନରେ ତ୍ରାଣକର୍ତ୍ତାଙ୍କ ପ୍ରକାଶନ (ତିନି ପ୍ରକାର ବିଭାଗ ରହିଛି ଏବଂ ପ୍ରତ୍ୟେକ ବିଭାଗର ଶେଷରେ ଏପରି ଚିନ୍ତା ପ୍ରକାଶିତ ହୋଇଛି, ଦୁଷ୍ଟର କୌଣସି ଶାନ୍ତି ନାହିଁ ,
କ. ସଦାପ୍ରଭୁଙ୍କ ସାନ୍ତ୍ୱନା ଯାହା ଦାସଙ୍କ ଦେଇଆସେ, ୪୦ - ୪୮ ପର୍ବ
(ପ୍ରତିମା ପୂଜା ବିରୁଦ୍ଧାତ୍ମକ ଚିନ୍ତା - କେବଳ ଦାସଙ୍କ ଦ୍ୱାରା ସାହାଯ୍ୟ ଓ ଭରସା ଆସେ)
ଖ. ସଦାପ୍ରଭୁଙ୍କ ପରିତ୍ରାଣ ଯାହା ଦୁଃଖଭୋଗୀ ଦାସଙ୍କ ଦ୍ୱାରା ଆସେ ୪୯ - ୫୭ ପର୍ବ
୧. ସଦାପ୍ରଭୁଙ୍କ ଦାସ ସର୍ବ ଜଗତର ତ୍ରାଣକର୍ତ୍ତା ୪୯ - ୫୨ : ୧୨ ପଦ
୨. ଈଶ୍ୱରଙ୍କ ମେଷ ଶାବକ ଦୁଃଖଭୋଗୀ ଦାସଙ୍କ ଦ୍ୱାରା ମୁକ୍ତି ୫୨ ପର୍ବ ୧୩ - ୫୩ ପଦ
୩. ଏକମାତ୍ର ତ୍ରାଣକର୍ତ୍ତାଙ୍କ ଦ୍ୱାରା ସାଧିତ ମୁକ୍ତିର ଫଳାଫଳ ୫୪ - ୫୭ ପର୍ବ
ଗ. ଦୁଃଖଭୋଗୀ ଦାସଙ୍କ ଦ୍ୱାରା ଈଶ୍ୱରଙ୍କ ଗୌରବ ଆସେ, ୫୮ - ୬୬ ପର୍ବ
୧. ପାପ ଈଶ୍ୱରଙ୍କ ଗୌରବ ପ୍ରକାଶନ ନିମନ୍ତେ ପ୍ରତିବନ୍ଧକ ଅଟେ, ୫୮ - ୫୯ ପର୍ବ
୨. ଶିୟୋନରେ ତ୍ରାଣକର୍ତ୍ତା ଆସୁଅଛନ୍ତି, ୬୦ - ୬୬ ପର୍ବ
(ଈଶ୍ୱରଙ୍କ ପ୍ରଗତିକୁ କେହି ବାଧା ଦେଇ ପାରିବେ ନାହିଁ - ସେ ପାପର ବିଚାର କରିବେ)

# ଗୀତ ସଂହିତା ପୁସ୍ତକ

## ରୂପରେଖ

୧. ଆଦିପୁସ୍ତକ ବିଭାଗ, ଗୀତ ୧ - ୪୧ ପର୍ବ

(ମନୁଷ୍ୟକୁ ଆଶୀର୍ବାଦ ପ୍ରାପ୍ତ, ପତିତ ଓ ପୁନଃ ସଂସ୍ଥାପିତ ଭାବେ ଦେଖାଯାଇଛି)

- କ. ସିଦ୍ଧ ମନୁଷ୍ୟ (ଶେଷ ଆଦମ) ଗୀତ ୧
- ଖ. ବିଦ୍ରୋହୀ ମନୁଷ୍ୟ, ଗୀତ ୨
- ଗ. ଅବଜ୍ଞାତ ସିଦ୍ଧ ମନୁଷ୍ୟ ଗୀତ ୩
- ଘ. ନାରୀର ବଂଶ ଓ ସର୍ପର ବଂଶ ମଧ୍ୟରେ ସଂଘର୍ଷ ଗୀତ ୪
- ଙ. ଶତ୍ରୁମାନଙ୍କ ମଧ୍ୟରେ ସିଦ୍ଧ ମନୁଷ୍ୟ, ଗୀତ ୫
- ଚ. ପ୍ରହାର ମଧ୍ୟରେ ସିଦ୍ଧ ମନୁଷ୍ୟ, (ଗୋଇଠିକୁ ଆଘାତ) ଗୀତ ୬
- ଛ. ମିଥ୍ୟା ସାକ୍ଷୀମାନଙ୍କ ମଧ୍ୟରେ ସିଦ୍ଧ ମନୁଷ୍ୟ, ଗୀତ ୭
- ଜ. ମନୁଷ୍ୟର ମରାମତି ମନୁଷ୍ୟଦ୍ୱାରା ହୁଏ (ମସ୍ତକକୁ ଆଘାତ) ଗୀତ ୮
- ଝ. ଶତ୍ରୁ ଓ ଭଣ୍ଡଖ୍ରୀଷ୍ଟ ସଂଘର୍ଷ, ଶେଷ ଉଦ୍ଧାର, ଗୀତ ୯ - ୧୫
- ଞ. ଈଶ୍ୱରଙ୍କ ନିମନ୍ତେ ପବିତ୍ର କରିବା ଉଦ୍ଦେଶ୍ୟରେ ଖ୍ରୀଷ୍ଟ ଆପଣା ଲୋକମାନଙ୍କ ମଧ୍ୟରେ, ଗୀତ ୧୬ - ୪୧

୨. ଯାତ୍ରାପୁସ୍ତକ ବିଭାଗ, ଗୀତ ୪୨ - ୭୨

ଧ୍ୱଂସ ଓ ଉଦ୍ଧାର (ଦୃଷ୍ଟିକୋଣରେ ଇଶ୍ରାୟେଲ)

- କ. ଇଶ୍ରାୟେଲର ଧ୍ୱଂସ, ଗୀତ ୪୨ - ୪୯
- ଖ. ଇଶ୍ରାୟେଲର ମୁକ୍ତିକର୍ତ୍ତା, ଗୀତ ୫୦ - ୬୦
- ଗ. ଇଶ୍ରାୟେଲର ମୁକ୍ତି, ଗୀତ ୬୧ - ୭୨

୩. ଲେବୀୟ ପୁସ୍ତକ ବିଭାଗ, ଗୀତ ୭୩ - ୮୯

ଅନ୍ଧକାର ଓ ପ୍ରତ୍ୟୁଷ (ଦୃଷ୍ଟିକୋଣରେ ପବିତ୍ର ସ୍ଥାନ) ଆବାସ ତମ୍ବୁ, ମନ୍ଦିର, ଗୃହ, ସମାଗମ ଏବଂ ମଣ୍ଡଳୀ ଏଗୁଡ଼ିକ ପ୍ରାୟ ପ୍ରତ୍ୟେକ ଗୀତରେ ଅଛି ।

୪. ଗଣନା ପୁସ୍ତକ ବିଭାଗ ଗୀତ ୯୦ - ୧୦୬

ବିପଦ ଓ ସୁରକ୍ଷା (ଦୃଷ୍ଟିକୋଣରେ ପୃଥିବୀ)

୫. ଦ୍ୱିତୀୟ ବିବରଣ ପୁସ୍ତକ ବିଭାଗ, ଗୀତ ୧୦୭ - ୧୫୦

ଈଶ୍ୱରଙ୍କ ବାକ୍ୟର ପ୍ରଶଂସା ଓ ସିଦ୍ଧତା

# ଭବିଷ୍ୟତ ବାଣୀ

ବାଇବଲର ଆଦିପୁସ୍ତକଠାରୁ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ ଭବିଷ୍ୟତ ବାଣୀଗୁଡ଼ିକ ଦେଖିବାକୁ ମିଳେ । ବାଇବଲ ଭବିଷ୍ୟତ ବାଣୀ ସମୂହରେ ପୂର୍ଣ୍ଣ ।

୧. ଦଉ ଭାବବାଣୀ କି ପ୍ରକାର ଅଟେ, ଏହା ଆବିଷ୍କାର କରିବା ଗୋଟିଏ ବାଇବଲ ଛାତ୍ର ନିମନ୍ତେ ପ୍ରଥମ ପଦକ୍ଷେପ ଅଟେ । ଦୁଇ ପ୍ରକାରର ଭବିଷ୍ୟତ ବାଣୀ ଅଛି ।

- କ. ଭବିଷ୍ୟତ ଘଟଣା ସମ୍ବନ୍ଧୀୟ - ଭବିଷ୍ୟତ ଘଟଣା କହିବା ଏବଂ
- ଖ. ଶିକ୍ଷା ସମ୍ବନ୍ଧୀୟ - ନୈତିକ କିମ୍ବା ଧର୍ମ ସଙ୍ଗତ ଶିକ୍ଷା ଦେବା ।

କେତେକ ଭାବବାଣୀ ଏହି ଦୁଇଟିର ମିଶ୍ରଣ ଅଟେ । ଯିଖରୀୟ ୧ : ୧ - ୬ ରେ ଏହା ଶିକ୍ଷା ସମ୍ବନ୍ଧୀୟ ଅଟେ । କିନ୍ତୁ ପରବର୍ତ୍ତୀ ଦର୍ଶନଟି ଭବିଷ୍ୟତ ଘଟଣା ସମ୍ବନ୍ଧୀୟ ଅଟେ ୧ : ୭ - ୨୧ । ଯିଖରିୟ ପୁସ୍ତକର ଅଧିକାଂଶ ଭାବବାଣୀ ଶିକ୍ଷା ସମ୍ବନ୍ଧୀୟ ଅଟେ । କିନ୍ତୁ ତାର ପୂର୍ବ ଓ ପରବର୍ତ୍ତୀ ବିଷୟଗୁଡ଼ିକ ଭବିଷ୍ୟତ ଘଟଣା ସମ୍ବନ୍ଧୀୟ ଅଟନ୍ତି । ଅଧିକାଂଶ ଭାବବାଣୀ ଭବିଷ୍ୟତ ଘଟଣା ସମ୍ବନ୍ଧୀୟ ଅଟନ୍ତି ।

ଘ. ବ୍ୟାକରଣ, ଉକ୍ତି ଓ ପୂର୍ବାପର ସଂପର୍କର ସାଧାରଣ ନିୟମଗୁଡ଼ିକୁ ଅନୁସରଣ କରି ସର୍ବଦା ଶାସ୍ତ୍ରକୁ ଆକ୍ଷରିକ ଭାବେ ବ୍ୟାଖ୍ୟା କରନ୍ତୁ । ଏଗୁଡ଼ିକ ବାଇବଲରେ ଦେଖାଯାନ୍ତୁ କିମ୍ବା ଧର୍ମ ନିରପେକ୍ଷ ସାହିତ୍ୟରେ ଦେଖାଯାନ୍ତୁ ଗୋଟିଏ ବିଶେଷ୍ୟ ଗୋଟିଏ ବିଶେଷ୍ୟହିଁ ହେବ ଓ ଗୋଟିଏ କ୍ରିୟା ସବୁବେଳେ ଗୋଟିଏ କ୍ରିୟା ହିଁ ହେବ । ଆକ୍ଷରିକ ଭାବେ କୌଣସି ଶାସ୍ତ୍ରାଂଶକୁ ବ୍ୟାଖ୍ୟା କରିବା ପାଇଁ ଏକ ମାତ୍ର ବ୍ୟତିକ୍ରମ ରହିଛି ଏବଂ ତାହା ହେଲା, ଯଦି ସେଥିରେ ଦୃଷ୍ଟାନ୍ତ, ରୂପକ କିମ୍ବା ଅନ୍ୟ ଅଳଙ୍କାରିକ ଉକ୍ତି ରହିଥିବ ।

୧. <u>ଦୃଷ୍ଟାନ୍ତ ବ୍ୟାଖ୍ୟା</u>

କ. ପ୍ରଥମେ ଦୃଷ୍ଟାନ୍ତଟିକୁ ଚିହ୍ନନ୍ତୁ । କୌଣସି ଦୃଷ୍ଟାନ୍ତ ଗୋଟିଏ ଛୋଟ କାହାଣୀ, ଯାହାକି ଦୈନନ୍ଦିନ ଜୀବନର କୌଣସି ଏକ ଶାରୀରିକ କିମ୍ବା ବ୍ୟବହାରିକ ଆଦର୍ଶକୁ ବ୍ୟବହାର କରି କୌଣସି ଗୋଟିଏ ଆତ୍ମିକ ସତ୍ୟତାକୁ ଉଦାହରଣ ଦ୍ୱାରା ବୁଝାଇ ଦିଏ (ମାଥି. ୧୩ : ୩ - ୯) ।

ଖ. ଆପଣଙ୍କ ନିମନ୍ତେ ଅନେକ ଦୃଷ୍ଟାନ୍ତକୁ ଲେଖକଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଛି
(ମାଥି. ୧୩ : ୩ - ୯, ୧୮ - ୨୩) (ଯିଶା. ୫ : ୧ - ୭)

ଗ. ଯଦି ଦୃଷ୍ଟାନ୍ତଗୁଡ଼ିକୁ ଆପଣଙ୍କ ନିମନ୍ତେ ବ୍ୟାଖ୍ୟା କରାଯାଇନାହିଁ, ତେବେ ସଠିକ୍ ବ୍ୟାଖା ନିମନ୍ତେ ସହାୟକ ହେବା ଭଳି କେତେକ ପ୍ରଣାଳୀ ନିମ୍ନରେ ଦଉ ହୋଇଛି ।

୧. ଦୃଷ୍ଟାନ୍ତ ଦ୍ୱାରା ଦିଆଯାଇଥିବା ଉଦାହରଣର ସତ୍ୟତାକୁ ନିର୍ଣ୍ଣୟ କରିବା ନିମନ୍ତେ ପ୍ରଥମେ ପୂର୍ବାପର ସଂପର୍କକୁ ପଢ଼ନ୍ତୁ ।

୨. ଦୃଷ୍ଟାନ୍ତ ଦ୍ୱାରା ଦିଆଯାଇଥିବା ଶିକ୍ଷାର ଗୋଟିଏ ମୁଖ୍ୟ ସତ୍ୟକୁ ଆବିଷ୍କାର କରିବାକୁ ଅନୁସନ୍ଧାନ କରନ୍ତୁ । ଦୃଷ୍ଟାନ୍ତର ପ୍ରତ୍ୟେକ ଭାଗକୁ ଖଣ୍ଡ ଖଣ୍ଡ କରି ବୁଝିବାକୁ ଯାଇ ସେଥିରେ ଉଦାହରଣ ଦ୍ୱାରା ଦିଆଯାଉଥିବା ମୁଖ୍ୟ ସତ୍ୟକୁ ହରାନ୍ତୁ ନାହିଁ ।

୩. ଯଦି ସେହି ସମାନ ଦୃଷ୍ଟାନ୍ତ ରୂପଗୁଡ଼ିକ ଶାସ୍ତ୍ରର ଅନ୍ୟ ଅଂଶଗୁଡ଼ିକରେ ବ୍ୟବହୃତ ହୋଇଛି, ତେବେ ସେଗୁଡ଼ିକର ଅନ୍ୟ ବ୍ୟବହାର ଓ ଅର୍ଥ ଭଲଭାବେ ବୁଝିବା ପାଇଁ ପଢ଼ନ୍ତୁ ।
<u>ଉଦାହରଣ</u> : ଖମୀରର ବ୍ୟବହାର ମନ୍ଦତା କିମ୍ବା ପାପକୁ ପ୍ରଦର୍ଶନ କରେ (ଯାତ୍ରା. ୧୨ : ୧୫ - ୧୯) (ଲୂକ. : ୧୨ : ୧) (ଗାଲାତୀ. ୧୫ : ୯) (୧ମ କରି. ୫ : ୬ - ୮) ।
ଈଶ୍ୱରଙ୍କ ଲୋକମାନଙ୍କୁ ବର୍ଣ୍ଣନା କରିବା ନିମନ୍ତେ ଗୁପ୍ତଧନ ରୂପକୁ ବର୍ଣ୍ଣନା କରାଯାଇଛି (ଯାତ୍ରା. ୧୯ : ୫) (ଯୀଶା. ୧୯ : ୨୫) (ମଲାଖି. ୩ : ୧୭) (ମାଥି. ୧୩ : ୪୪) ।

ଘ. ମନେ ରଖନ୍ତୁ ଯେ ଦୃଷ୍ଟାନ୍ତର କୌଣସି ବ୍ୟାଖ୍ୟା ଶାସ୍ତ୍ରର ସାଧାରଣ ଶିକ୍ଷାକୁ କେବେ ବିରୋଧ କରିବ ନାହିଁ ।

୨. ଆଳଙ୍କାରିକ ଭାଷା : ଅଣ ଆକ୍ଷରିକ ଭାବେ ପଦଗୁଡ଼ିକୁ ପ୍ରକାଶ କରି ଲେଖକଙ୍କ ଶିକ୍ଷାକୁ ସ୍ପଷ୍ଟ ଓ ସୌନ୍ଦର୍ଯ୍ୟ କରେ ।

କ. ଉପମା : ବିଭିନ୍ନ ଭାବ ବା ଉଦ୍ଦେଶ୍ୟଗୁଡ଼ିକୁ ସମ୍ବନ୍ଧିତ ଶବ୍ଦ ବ୍ୟବହାର କରି ତୁଳନା କରିବା । ସାଧାରଣତଃ ଏହି ସମ୍ବନ୍ଧିତ ଶବ୍ଦ 'ସଦୃଶ' କିମ୍ବା 'ପରି' ଭଳି ଅଟେ । ଦେଖନ୍ତୁ (ପ୍ରକାଶିତ. ୧ : ୧୩ - ୧୬) (ପ୍ରକାଶିତ. ୯ : ୩ , ୭ - ୧୦) (ପ୍ରକାଶିତ. ୧୦ - ୩)

ଖ. ରୂପକ : 'ସଦୃଶ୍ୟ' କିମ୍ବା 'ପରି' ଭଳି ଶବ୍ଦ ବ୍ୟବହାର ନ କରି ଦୁଇଟି ଭିନ୍ନ ଭିନ୍ନ ଭାବ କିମ୍ବା ବିଷୟକୁ ତୁଳନା କରିବା । ଗୋଟିଏ ରୂପକ କ୍ଷୁଦ୍ର କରାଯାଇଥିବା ଏକ ଉପମା ଅଟେ । ଦେଖନ୍ତୁ (ମାଥି. ୫ : ୧୩ - ୧୪), (ଲୂକ. ୨୨ : ୧୯ - ୨୦)

ଗ. ଅତିଶୟୋକ୍ତି : ଲେଖକଙ୍କ ଉଦ୍ଦେଶ୍ୟକୁ ଗଭୀର ଭାବେ ଅଙ୍କିତ କରିବାକୁ କିମ୍ବା ଜୋର ଦେବାକୁ ଏହା ବ୍ୟବହୃତ ହୁଏ ।

ଘ. ବ୍ୟଙ୍ଗୋକ୍ତି : ଲେଖକଙ୍କ ଭାବର ସଂପୂର୍ଣ୍ଣ ବିପରୀତ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ସମୂହ ।

ଙ. ବଦଳୋକ୍ତି : ଲେଖକ ଯେତେବେଳେ କୌଣସି ବିଷୟକୁ ବର୍ଣ୍ଣନା କରିବାକୁ ସେଥିରେ ଘନିଷ୍ଠ ଭାବେ ସମ୍ମିଳିତ ପଦ ବଦଳାଇ ଅନ୍ୟ ପଦ ବ୍ୟବହାର କରନ୍ତି ସେତେବେଳେ ଏହା ବ୍ୟବହୃତ ହୁଏ । ଆଦି ୩ : ୧୭ - ୧୯ ଦେଖନ୍ତୁ । "ତୁମ୍ଭ ମୁଖର ଝାଳରେ" ଏହା ଘନିଷ୍ଠ ଭାବେ ସମ୍ମିଳିତ ଥିବା "କଠିନ ପରିଶ୍ରମ ଓ କଷ୍ଟରେ" ବୋଲିବା ଅନୁରୂପ ଅଟେ ।

ନୂତନ ନିୟମ ପୁରାତନ ନିୟମ ଅପେକ୍ଷା ସର୍ବଦା ଅଗ୍ରଗଣ୍ୟ ଅଟେ ।

୧. ପୁରାତନ ନିୟମରେ ଚିହ୍ନିତ କରାଯାଇଥିବା ସମସ୍ତ ଧର୍ମ ତତ୍ତ୍ୱ, ଆଚରଣ ତଥା ବିଶ୍ୱାସ ବିଷୟଗୁଡ଼ିକ ନୂତନ ନିୟମରେ ସଫଳ ହୋଇଛି । ଯୀଶୁ କହିଲେ ଯେ ସେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ସଫଳ କରିବାକୁ ଆସିଛନ୍ତି (ମାଥି. ୫ : ୧୭) । ସେ ବ୍ୟବସ୍ଥାର ଧର୍ମ କର୍ମ ସାଧନ କଲେ ଏବଂ ସମସ୍ତଙ୍କ ପାଇଁ ଥିବା ବ୍ୟବସ୍ଥାର ଅଭିଶାପକୁ ବରଣ କଲେ (ମାଥି. ୩ : ୧୫) (ଗାଲା. ୩ : ୧୩) । ସେହିପରି ପୁରାତନ ନିୟମକୁ ସଫଳ କରି ସେ ତାକୁ ଅପ୍ରଚଳି କଲେ ଏବଂ ଗୋଟିଏ ନୂତନ ନିୟମ ସ୍ଥାପନ କଲେ (ଏବ୍ରୀ. ୮ : ୧୩) ।

୨. ତେଣୁ କରି ସମସ୍ତ ଶାସ୍ତ୍ରକୁ ନୂତନ ନିୟମର ଆଲୋକରେ ବ୍ୟାଖ୍ୟା କରିବାକୁ ପଡ଼ିବ । ପୁରାତନ ନିୟମ ଆଗାମୀ ବିଷୟର ଗୋଟିଏ ଛାୟା ଥିଲା । ଖ୍ରୀଷ୍ଟ ଏବଂ ତାଙ୍କ ଶିକ୍ଷା ବର୍ତ୍ତମାନ ଏହି ନିୟମର ସାର ବିଷୟବସ୍ତୁ ଅଟେ (୨ୟ କରି. ୨ : ୧୬ - ୧୭) ।

ଚ. **ଶାସ୍ତ୍ରରେ ସ୍ପଷ୍ଟ ଏବଂ ସୁବ୍ୟକ୍ତ ଭାବେ ଯାହା ଲେଖାଯାଇଛି ତାହା ସର୍ବଦା ଅନୁମତି କିମ୍ବା ସନ୍ଦେହଜନକ ବିଷୟଠାରୁ ଅଗ୍ରଗଣ୍ୟ ହେବାକୁ ପଡ଼ିବ ।**

ଈଶ୍ବରଙ୍କ ବାକ୍ୟର ସ୍ପଷ୍ଟ ଶିକ୍ଷାର ବିପରୀତ ହୋଇଥିଲେ ଶାସ୍ତ୍ରର କୌଣସି ଅଯୌକ୍ତିକ କିମ୍ବା ସନ୍ଦେହଜନକ ଅନୁଚ୍ଛେଦ ଆମ୍ଭମାନଙ୍କ ବିଶ୍ବାସ ଓ ଆଚରଣକୁ ଅନୁପ୍ରାଣିତ କରିପାରିବ ନାହିଁ ।

୧. ଉଦାହରଣ : ଯଦି ଆପଣ ୧ମ କରନ୍ଥିୟ ୭ମ ଅଧ୍ୟାୟରେ ବିବାହ ସମ୍ବନ୍ଧରେ ପାଉଲଙ୍କ ଦ୍ବାରା ଶିକ୍ଷା ଦିଆଯାଉଥିବା ବିଷୟକୁ କେବଳ ଚିନ୍ତା କରିବେ ତେବେ ଅନେକଙ୍କ ପରି ଆପଣ ମଧ୍ୟ ପାଉଲ ବିବାହର ବିରୋଧ୍ ଥିଲେ ବୋଲି ଗ୍ରହଣ କରିବେ । ତାଙ୍କର "ଆସନ୍ନ ଦୁର୍ଦ୍ଦଶା" ପଦର ଅର୍ଥ ସନ୍ଦେହଯୁକ୍ତ ଅଟେ (୧ମ କରି. ୭ : ୨୬) । ଏଠାରେ ତାଙ୍କ ପରାମର୍ଶ ବିଚାରକ୍ଷମ ହେବା ପରି ମନେ ହୁଏ । ତଥାପି ଅନ୍ୟ ଅନୁଚ୍ଛେଦ ଗୁଡ଼ିକରେ ଆପଣ ତାଙ୍କର ସ୍ପଷ୍ଟ ଶିକ୍ଷା ଏପରି ଭାବେ ଦେଖିବେ "ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ" ଏବଂ ବିବାହ ଖ୍ରୀଷ୍ଟ ଓ ମଣ୍ଡଳୀକୁ ଚିତ୍ରଣ କରେ (ଏବ୍ରୀ. ୧୩ : ୪), (ଏଫିସୀ. ୫ : ୩୨)

ଛ. <u>**ବାଇବଲର କାବ୍ୟ ପୁସ୍ତକଗୁଡ଼ିକୁ ବ୍ୟାଖ୍ୟା କରିବା ସମୟରେ ଏବ୍ରୀ ସମାନ୍ତରାଳ ଶବ୍ଦପୁଞ୍ଜକୁ ଦେଖନ୍ତୁ ।**</u>

ଏଥିରେ ଚିନ୍ତାଗୁଡ଼ିକର ପୁନୋରୁକ୍ତି ରହିଥିବ, ଯାହାକି କବିଙ୍କ ଲେଖାର ଅର୍ଥକୁ ସ୍ପଷ୍ଟ କରିବାରେ ସାହାଯ୍ୟ କରୁଥିବ । ମୌଳିକ ଭାବେ ତିନି ପ୍ରକାରର ସମାନ୍ତରାଳ ଶବ୍ଦପୁଞ୍ଜ ଅଛି । ସେଗୁଡ଼ିକ ହେଲା :

୧. ପ୍ରତିଶବ୍ଦାତ୍ମକ ସମାନ୍ତରାଳ ଶବ୍ଦପୁଞ୍ଜ : ଏଗୁଡ଼ିକ ସମାନ ପ୍ରକାର ଚିନ୍ତାର ପୁନୋରୁକ୍ତି ସହ ସଂପୃକ୍ତ ଅଟନ୍ତି (ହିତୋ. ୧୯ : ୫), (ଗୀତ. ୯୫ : ୬) ।

୨. ବିରୋଧାତ୍ମକ ସମାନ୍ତରାଳ ଶବ୍ଦପୁଞ୍ଜ : ଏଗୁଡ଼ିକ ଦୁଇ ବିରୋଧାତ୍ମକ ଚିନ୍ତା ସହ କାର୍ଯ୍ୟ କରନ୍ତି (ହିତୋ. ୧୩ : ୧, ୧୦ : ୪) ।

୩. ସଂଶ୍ଳେଷଣାତ୍ମକ ସମାନ୍ତରାଳ ଶବ୍ଦପୁଞ୍ଜ : ଗୋଟିଏ ଚିନ୍ତା ସହ ଅନ୍ୟ ଚିନ୍ତାକୁ ଯୋଗ କରି ଆପଣଙ୍କୁ ଗୋଟିଏ ସିଦ୍ଧାନ୍ତରେ ଉପନୀତ କରାଇବା ନିମନ୍ତେ ଏଗୁଡ଼ିକ 'ପ୍ରଗତିଶୀଳ ପାହାଚ' ଭଳି କାର୍ଯ୍ୟ କରନ୍ତି (ଗୀତ. ୯୨ : ୯, ୧ : ୧୨), (ମାଥି. ୫ : ୪୨, ୭ : ୭) ।

ବାଇବଲର ପଦ୍ୟଗୁଡ଼ିକୁ ବ୍ୟାଖ୍ୟା କରିବା ସମୟରେ ଆପଣଙ୍କ ପାଇଁ ଏହା ମୁଖ୍ୟ ଅଟେ ଯେ, ଆପଣ କାଳ୍ପନିକ, ସାଙ୍କେତିକ ତଥା ଛବିଳ ଭାଷା ଇତ୍ୟାଦିର ବ୍ୟବହାରଗୁଡ଼ିକୁ ସ୍ୱତନ୍ତ୍ର ଯତ୍ନ ସହକାରେ ଦେଖିବେ । କାବ୍ୟ ସାହିତ୍ୟରେ ଏଗୁଡ଼ିକ ଅଧିକ ମାତ୍ରାରେ ଥାଏ ।

ଜ. **ଭବିଷ୍ୟତବାଣୀ ବ୍ୟାଖ୍ୟା**

୧. ଦୁଇ ପ୍ରକାର ଭାବବାଣୀ ଅଛି ।

କ. ଶିକ୍ଷାଦାୟକ ଭାବବାଣୀ : ଶିକ୍ଷାଦାୟକର ଅର୍ଥ ଯାହା ଶିକ୍ଷା ଦିଏ । କିପରି ଜୀବନ କାଟିବାକୁ ହେବ ଏବଂ କିପରି ଈଶ୍ବରଙ୍କ ଆଜ୍ଞାଧୀନ ହେବାକୁ ହେବ ଏ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ଅନେକ ଭବିଷ୍ୟତ ବାଣୀ ସୂଚକ ଶାସ୍ତ୍ରାଂଶଗୁଡ଼ିକ ରହିଛି (ପ୍ରକା. ୨ : ୩), (ମଲାଖୀ , ୧ - ୩)

ଖ. ଭବିଷ୍ୟତ ଘଟଣା ସମ୍ବନ୍ଧୀୟ ଭାବବାଣୀ - ଏହା ଭବିଷ୍ୟତ ସମ୍ବନ୍ଧୀୟ ଘଟଣାକୁ ପୂର୍ବରୁ ପ୍ରକାଶ କରେ । ଲକ୍ଷ୍ୟ କରନ୍ତୁ ଯେ ପ୍ରେରିତ ଯୋହନ ଓ ମଲାଖି ଏ ଦୁହେଁ କିପରି ଶିକ୍ଷାଦାୟକ ଭାବବାଣୀଠାରୁ ବଦଳି ଭବିଷ୍ୟତ ଘଟଣା ସମ୍ବନ୍ଧୀୟ ଭାବବାଣୀ ଆଡ଼କୁ ଗତି କରନ୍ତି (ପ୍ରକାଶିତ. ୪ : ୨୨) (ମଲାଖୀ. ୧ : ୪) ।

୨. କେତେକ ଭାବବାଣୀଗୁଡ଼ିକୁ ଆପଣଙ୍କ ନିମନ୍ତେ ବ୍ୟାଖ୍ୟା କରାଯାଇଛି । ଯିହିଜିକଲ ୩୭ : ୧ - ୧୪ ଦେଖନ୍ତୁ । ୧ - ୧୦ ପଦ ମଧ୍ୟରେ ଶୁଷ୍କ ଅସ୍ଥି ସମ୍ବନ୍ଧୀୟ ଭାବବାଣୀ ଦିଆଯାଇଛି । ୧୧ - ୧୪ ପଦ ମଧ୍ୟରେ ଇଶ୍ରାୟେଲମାନଙ୍କୁ ସେମାନଙ୍କ ନିଜ ଦେଶକୁ ଫେରାଇ ଆଣିବା ବିଷୟରେ ବ୍ୟାଖ୍ୟା କରାଯାଇଛି ।

୩. କେତେକ ଭାବବାଣୀ ଦୁଇଥର ସଫଳ ହୁଏ । ଏହା ସେହି ପରିସ୍ଥଳରେ ଘଟେ ଯେଉଁଥିରେ କି ଶୀଘ୍ର ଘଟିବାକୁ ଯାଉଥିବା ଗୋଟିଏ ଭାବବାଣୀ ଜଣେ ବ୍ୟକ୍ତି କିମ୍ବା ଘଟଣା ବିଷୟରେ କହିବାକୁ ଆରମ୍ଭ କରିଦିଏ ଏବଂ ତତ୍‌ପରେ ବର୍ତ୍ତମାନ ପରିସ୍ଥିତିକୁ ଅତିକ୍ରମ କରି କୌଣସି ଏକ ଭବିଷ୍ୟତ ଘଟଣା ବା ବ୍ୟକ୍ତି ବିଶେଷଙ୍କ ଉପରେ ଡେଇଁପଡେ ।